

# ଓଡ଼ିଶା ଭାସ୍କର

ODISHA BHASKAR  ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



କେନ୍ଦ୍ର କ୍ୟାବିନେଟ୍‌ରେ ୬ଟି ପ୍ରସ୍ତାବକୁ ମୋହର | ୬

ଯୋଦ୍ଧା ଭୂମିକାରେ ରିଷଭ | ୮

RNI Regd. No.ORI ORI 2004/12956   Postal Regd. No. BN/294/21-232   Published Simultaneously from Bhubaneswar, Angul & Berhampur.   www.odishabhaskar.com

ଦ୍ୱାବିଂଶତମ ବର୍ଷ   ସଂଖ୍ୟା-୧୨୨   Vol. 22   No-122   1 AUGUST 2025 FRIDAY, BHUBANESWAR   ଶୁକ୍ରବାର, ୧ ଅଗଷ୍ଟ ୨୦୨୫   ପୃଷ୍ଠା-୮   ମୂଲ୍ୟ: ୭.୦୦







କଟକ(ଭାସ୍କର ନ୍ୟୁଜ): ରୋଜଭ୍ୟାଲି ଗ୍ରୁପ ଅଫ୍ କମ୍ପାନିଜ୍ ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି । ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି । ପୂର୍ବରୁ ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିବାବେଳେ ଆଜି ମାମଲାର ରାୟ ପ୍ରକାଶ ପାଇଛି । ଏହାକୁ ମିଶାଇ ଓଡିଶା ହାଇକୋର୍ଟରେ ତାଙ୍କର ଏକାଧିକବାର ଜାମିନ ଆବେଦନ ଖାରଜ ହୋଇଛି । ରୋଜଭ୍ୟାଲି ଚିଟ୍‌ଫଣ୍ଡ ସଂସ୍ଥା ବିରୋଧରେ ୧୭,୩୭୮ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି । ପ୍ରାଥମିକ ପର୍ଯ୍ୟାୟରେ ବିନିଯୋଗକାରୀମାନଙ୍କ ପକ୍ଷରୁ ୨୦୧୩ ମସିହାରେ ୩ଟି ମାମଲା ରୁଜୁ କରାଯାଇଥିଲା । ବୁଗୁଡ଼ା, ନୂଆପଡ଼ା ଓ ଜୟପୁର ସଦର ଥାନାରେ ଏହି ମାମଲା ରୁଜୁ ହୋଇଥିଲା । ମାମଲାର ଶୁଣାଣି କରୁଥିବା କୋର୍ଟ ଏହାର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ । ସିବିଆଇ ଏହିପରି ଆଉ ୪୪ଟି ମାମଲା ଓଡ଼ିଶାର ବିଭିନ୍ନ କମ୍ପାନୀର ଅର୍ଥ ଠକେଇ ନେଇ ରୁଜୁ କରିଥିଲା ।



# ସୁଭଦ୍ରା ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ 'ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା ସହ ଯୋଜନାର ଆଗାମୀ କାର୍ଯ୍ୟାନ୍ୱୟନ ଉପରେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ । ସୁଭଦ୍ରା ହିତାଧିକାରୀମାନେ ସରକାରଙ୍କ ଅନ୍ୟ ବିଭିନ୍ନ ଯୋଜନାରୁ ଲାଭ ଉଠାଇ କିପରି ସାମଗ୍ରିକ ଆର୍ଥିକ ସଶକ୍ତିକରଣ ହୋଇପାରିବେ, ସେ ସଂପର୍କରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଉପସ୍ଥାପନ କରି ଯୋଜନାରେ ଅବଲମ୍ବନ କରାଯାଇଥିବା ଉତ୍ତମ ଅଭ୍ୟାସ ଓ ଅଭିନବ ସମ୍ପର୍କରେ ଆଲୋଚନା କରିଥିଲେ । ଏଯାବତ ସୁଭଦ୍ରାରେ ୧ କୋଟି ୯ ଲକ୍ଷ ୮୭ ହଜାର ୮୯୪ ଆବେଦନ ପତ୍ର ପ୍ରାପ୍ତ ହୋଇଛି । ୧ କୋଟି ୨ ଲକ୍ଷ ୮୦ ହଜାର ୯୨ଜଣ ହିତାଧିକାରୀ ସୁଭଦ୍ରାର ପ୍ରଥମ କିସ୍ତି ପାଇଥିବା ବେଳେ ୧ କୋଟି ୯୭ ହଜାର ୩୦୭ ଜଣ ଦ୍ୱିତୀୟ କିସ୍ତି ପାଇଛନ୍ତି । ପରିବାରରେ ୪ ଚକିଆ ଯାନ ଥିବା, ୨୧ ବୟସରୁ କମ ଓ ୬୦ ବୟସରୁ ଅଧିକ, ପରିବାର ରୋଜଗାର ୨.୫ ଲକ୍ଷରୁ ଅଧିକ, ସରକାରୀ ଚାକିରି କରିଥିବା ଅବା ପେନସନ ପାଉଥିବା ପରିବାର ଓ ଏହି ଭଳି ବିଭିନ୍ନ ୧୫ଟି କାରଣରୁ ୫ ଲକ୍ଷ ୮୨ ହଜାର ୮୦୦ ଜଣ ମହିଳା ସୁଭଦ୍ରା ସହାୟତାରୁ ବାଦ ପଡିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ୬୦ ବୟସ ହୋଇଯାଇଥିବା ୯୩ ହଜାର ୭୯୨ ସୁଭଦ୍ରା ହିତାଧିକାରୀ ତୃତୀୟ କିସ୍ତିରୁ ବାଦ ପଡ଼ିଛନ୍ତି ବୋଲି ବିଭାଗୀୟ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି । ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ତାଲିକାକୁ ବାର୍ଦ୍ଧକ୍ୟ ଭତ୍ତାରେ ସାମିଲ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପ୍ରଦାନ କରିବା ପାଇଁ ଏହି ବୈଠକରେ ପ୍ରସ୍ତାବ ଦିଆଯାଇଛି । ଅପ୍ଟ ଆଉଟ କରିବାକୁ ଚାହୁଁଥିବା ହିତାଧାକାରୀମାନେ ସମ୍ପୃକ୍ତ ସିଡିପିଓ କାର୍ଯ୍ୟାଳୟରେ ଥିବା ହେଲ୍ପଡେ଼ସ୍କରେ ଲଗ ଇନ କରି ଅପ୍ଟ ଆଉଟ କରିପାରିବେ ବୋଲି ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି । ଏହା ସହ ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ଖର୍ଚ୍ଚ ବାବଦରେ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ, ଉଚ୍ଚ ଶିକ୍ଷା ବିଭାଗ ଓ ଆଇଆଇଏମ ସମ୍ବଲପୁରର ମିଳିତ ସହଭାଗିତାରେ ଆରମ୍ଭ ହୋଇଥିବା 'ସୁଭଦ୍ରା ସମୀକ୍ଷା' କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଏଯାବତ ମିଳିଥିବା ତଥ୍ୟର ମୂଲ୍ୟାୟନ ଅନୁଯାୟୀ ବହୁ ସଂଖ୍ୟାରେ ହିତାଧାକାରୀମାନେ ସୁଭଦ୍ରା ସହାୟତାକୁ ଉଦ୍ୟମିତା କ୍ଷେତ୍ରରେ ବିନିଯୋଗ କରୁଛନ୍ତି ବୋଲି ବୈଠକରେ ଉପସ୍ଥାପନ କରାଯାଇଥିଲା । ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସୁଭଦ୍ରା ପୋର୍ଟାଲରେ ଏଯାବତ ୩ ଲକ୍ଷ ୫୧ ହଜାର ୪୯୨ ଅଭିଯୋଗ ମଧ୍ୟରୁ ୧ ଲକ୍ଷ ୮୩ ହଜାର ୬୮୧ ଅଭିଯୋଗର ସମାଧାନ ହୋଇପାରିଛି । କେବଳ ମହିଳାଙ୍କ ଦ୍ୱାରା ଚାଲୁଥିବା 'କୁହ ସୁଭଦ୍ରା' ଅଭିଯୋଗ ସମାଧାନ କେନ୍ଦ୍ରରେ ଏଯାବତ ଏକ ଦିନରେ ହାରାହାରି ୨୦ ହଜାରରୁ ଅଧିକ କଲ ଗ୍ରହଣ କରାଯାଇ ସେମାନଙ୍କ ଉତ୍ତର ଦିଆଯାଇଥିବା ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଲ୍ଲେଖ କରିଥିଲେ ।

## ୯ରେ ଜୟପୁରରେ ସୁଭଦ୍ରା ତୃତୀୟ କିସ୍ତି ଅର୍ଥ ବାଣ୍ଟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜୟପୁରରେ ସୁଭଦ୍ରା ତୃତୀୟ କିସ୍ତି ଅର୍ଥ ବାଣ୍ଟିବେ ରାଜ୍ୟ ସରକାର । ରାକ୍ଷୀ ପୂର୍ଣ୍ଣିମାରେ ମହିଳା ମାନଙ୍କ ଆକାଉଣ୍ଟକୁ ଯିବ ୫୦୦୦ ଟଙ୍କା । ଯୋଗଦେବେ ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ମନ୍ତ୍ରୀ । କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକକାଳୀନ ଯିବ ସୁଭଦ୍ରା ଅର୍ଥାତ ୯ ତାରିଖରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି । ଏ ନେଇ ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ସୁଭଦ୍ରା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଷ୍ଟିଅରିଙ୍ଗ କମିଟି ବୈଠକରେ ଆଲୋଚନା ହୋଇଛି । ଆଗକୁ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ନୂଆ ଯୋଡାଯିବା ନେଇ ବି ବୈଠକରେ ଆଲୋଚନା ହୋଇଛି । ଲୋକଙ୍କ ଫିଡ ବ୍ୟାକ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର । ସୁଭଦ୍ରା ଅର୍ଥ ମହିଳା ମାନେ କିପରି ବ୍ୟବହାର କରୁଛନ୍ତି ଏହା ଉପରେ ମତାମତ ନେବାକୁ ଷ୍ଟିଅରିଙ୍ଗ କମିଟିରେ ନିଷ୍ପତି । ଏହା ସହ ୨୧ ବର୍ଷ ହେବା ପରେ ନୂଆ ସାମିଲ ହେବେ ଓ ମାର୍ଚ୍ଚ ୩୦ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିଲେ ଯୋଜନାରୁ ବାଦ ପଡ଼ିବେ ।

# ୨୧ରେ ଆରମ୍ଭ ହେବ ସମନ୍ୱିତ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କ୍ଷମତା ହବ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ୍ ଫାଇନାନ୍ସ୍ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ) ସହଭାଗିତାରେ ସମନ୍ୱିତ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କ୍ଷମତା ହବ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ୨୧ ଅଗଷ୍ଟରେ ଅନୁଷ୍ଠିତ ହେବ । ଏ ସଂପର୍କରେ କୃଷି ଭବନସ୍ଥିତ ଅଡ଼ିଟୋରିଅମରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଓଡ଼ିଶାର ଯୁବକଯୁବତୀମାନଙ୍କ ଦକ୍ଷତା ଯେତେ ବୃଦ୍ଧି ହେବ ଓଡ଼ିଶାର ଅର୍ଥନୀତି ସେତେ ସୁଦୃଢ ହେବ । ସେ କଥାକୁ ହୃଦୟଙ୍ଗମ କରି ଏନୟୁଏସ ସହଭାଗିତାରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି । ୧.୮ ଟ୍ରିଲିୟନ ଡଲାର କ୍ଷମତା ବିଶିଷ୍ଟ ବିଶ୍ୱ ଡିଜିଟାଲ୍ ଅର୍ଥନୀତିର ଏକ ଅଗ୍ରଣୀ ଅଂଶୀଦାର ହେବା ପାଇଁ ଆମେ ଆମ ଯୁବକଯୁବତୀଙ୍କୁ ପ୍ରସ୍ତୁତ କରୁଛୁ, ବିଶ୍ୱସ୍ତରରେ ଡିଜିଟାଲ୍ ପ୍ରତିଭା କେନ୍ଦ୍ର ଭାବରେ ଓଡ଼ିଶାର ଭୂମିକାକୁ ଏହି ଭବିତବ୍ୟ ପଦକ୍ଷେପ ସୁଦୃଢ଼ କରିବ ଏବଂ ଓଡିଶା ଜିଡିପି ସଶକ୍ତ ହେବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଆଶାବ୍ୟକ୍ତ କରିଛନ୍ତି । ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କାପାବିଲିଟି ହବ୍ ରେ ପିଲାମାନେ ବିଶ୍ୱସ୍ତରୀୟ ଶିକ୍ଷାଲାଭ ପାଇବେ ଯାହାଦ୍ୱାରା ତାଙ୍କର ଚାହିଦା ବିଶ୍ୱବଜାରରେ ଆଶାତୀତ ଭାବେ ବଢିବ ବୋଲି ସେ କହିଛନ୍ତି ।

## ବିଜେପି ଅଫିସରେ ପ୍ରୟାସକାନ୍ତି ସାମଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ପହଁଞ୍ଚିଛନ୍ତି । ପ୍ରୟାସ ବିଜେପି ଦଳରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । କିଛି ଦିନ ତଳେ ବିଜେଡି ଛାଡିଥିଲେ ପ୍ରୟାସକାନ୍ତି ।

## ସହକାରୀ ଯନ୍ତ୍ରୀଙ୍କ ଏକାଧିକ ଫ୍ଲାଟ୍ ଠାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତୃତୀୟ ଦିନରେ ଭୁବନେଶ୍ୱର ଆର ଆଣ୍ଡ ବି ଡିଭିଜନ -୩ର ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଘରେ ଭିଜିଲାନ୍ସ ମାରାଥନ ରେଡ କରୁଛି । ରେଡ ସମୟରେ ଅଶୋକ ପଣ୍ଡାଙ୍କ ବିଭିନ୍ନ ସ୍ଥାନରେ ଫ୍ଲାଟ ରହିଥିବା ଜାଣିବାକୁ ପାଇଛି ଭିଜିଲାନ୍ସ । ତା ମଧ୍ୟରେ ଖୋର୍ଦ୍ଧା ଜଟଣୀ ରୟାଲ ହାବିଟାଟରେ ରହିଛି ଫ୍ଲାଟ, ଡିଏଲଏଫରେ ରହିଛି ସଫିଂ ସ୍ପେସ ଏରିଆ, ଗ୍ରେସ ଆପାର୍ଟମେଣ୍ଟରେ ଫ୍ଲାଟ, କଟକ ଫୁଲନଖରା ଗ୍ରାଣ୍ଡ ଆୱାସରେ ଫ୍ଲାଟ, ଉତ୍କଳରେ ଫ୍ଲାଟ, ଭିପୁଲ ଗାର୍ଡେନରେ ଫ୍ଲାଟ ଏବଂ ଆଠଗଡରେ ପ୍ଲଟ ରହିଛି । ଏହାସହ କସମୋପଲିସରେ ବେନାମୀ ଫ୍ଲାଟ ଠାବ କରିଛି ଭିଜିଲାନ୍ସ । ଏସବୁ ସମ୍ପତି ତାଙ୍କ ସମ୍ପର୍କୀୟ ଏବଂ ତାଙ୍କ ନାଁରେ ରହିଛି । ଗତକାଲି ରେଡ ବେଳେ ଡୁମଡୁମାରେ ୪ ମହଲା ଘର, ଡୁମଡୁମା ହାଉସିଂ ବୋର୍ଡ କଲୋନୀରେ ଏକ ମହଲା ଘର, କସମୋପଲିସରେ ୪ ବିଏଚକେ ଫ୍ଲାଟ, ଉତ୍କଳ ଗ୍ୟାଲେରିଆରେ ଦୁଇଟି ଦୋକାନ, ସିମ୍ଫୋନି ମଲ ରେ ଗୋଟିଏ ଦୋକାନ, ପୁରୀ ଓ ଭୁବନେଶ୍ୱରରେ ୮ଟି ପ୍ଲଟ, ୧ଲକ୍ଷ ୩୩ହଜାର ୫୨୦ ନଗଦ ଟଙ୍କା, ୧୨୫.୩୩୦ଗ୍ରାମ ସୁନା, ୧୧୭.୧୦୦ଗ୍ରାମ ରୁପା, ୩୭.୯୭ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ଗୋଟିଏ ଚାରି ଚକିଆ ଗାଡି ଏବଂ ୨୧ଲକ୍ଷ ଟଙ୍କାର ଘର ସାମଗ୍ରୀ ମିଳିଥିଲା ।

## ବିସ୍ଥାପିତଙ୍କ ପାଇଁ କଂଗ୍ରେସ ଲଢିବ: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଂଗ୍ରେସ ଭବନରେ ଏଆଇସିସି ମାନବିଧିକାର ସଂଘଟନ ପକ୍ଷରୁ ପ୍ରାୟ ୧୫ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଓ ଶତାଧିକ ସ୍ୱେଚ୍ଛାସେବୀ ସଭାରେ ଯୋଗ ଦେଇଥିଲେ । ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏବଂ ଏଆଇସିସି ହ୍ୟୁମାନ ରାଇଟ୍ସ ଓଡିଶା ସଭାପତିଙ୍କ ଉପସ୍ଥିତିରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ହ୍ୟୁମାନ ରାଇଟ ସଙ୍ଘ ସଭାପତି ଶ୍ରୀ ଶତପଥୀ କର୍ମକର୍ତ୍ତାଙ୍କ ପରିଚୟ ପ୍ରଦାନ କରି ଆମ ସଙ୍ଘ, କଂଗ୍ରେସ ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱ ପ୍ରତି ଦୃଢ ଆସ୍ଥା ନେଇ ଆସିଛି । କଂଗ୍ରେସ ବିଚାରଧାରା ସହିତ ଆମେ ଲୋକଙ୍କ ଅଧିକାର ଏବଂ ସମସ୍ୟାର ସମାଧାନ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟକରିବୁ ବୋଲି ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପିସିସି ସଭାପତି ହ୍ୟୁମାନ ରାଇଟ୍ସର ସଭାକୁ ଉଦବୋଧନ ଦେଇ କହିଲେ ରାଜ୍ୟର ୨୦ ଲକ୍ଷ ହିତାଧିକାରୀ ପଟ୍ଟା ପାଇବା ପାଇଁ ହକଦାର ଅଛନ୍ତି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାର ସେମାନେ ପାଇନାହାନ୍ତି । ସରକାର ଲକ୍ଷ ଲକ୍ଷ ଏକର ଜମି କମ୍ପାନୀଙ୍କୁ ଦେଉଥିବା ବେଳେ ଆଦିବାସୀ, ଅଣଆଦିବାସୀଙ୍କୁ ନ୍ୟାଯ୍ୟ ଅଧିକାର ଦେଉନାହିଁ । ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି । ବେଆଇନ ବିସ୍ଥାପନ, ଉତ୍କଟ ବେକାରୀ ସମସ୍ୟା ଏବଂ ନାରୀ ନିର୍ଯାତନା ବିରୁଦ୍ଧରେ ଘୋର ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପଡ଼ିବ ବୋଲି ହ୍ୟୁମାନ ରାଇଟ୍ସ ସ୍ୱେଚ୍ଛାସେବୀଙ୍କୁ ପିସିସି ସଭାପତି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି । ଏହି ସଭା ମଞ୍ଚରେ ପିସିସି ସଭାପତିଙ୍କ ସହ ହ୍ୟୁମାନ ରାଇଟ ଓଡିଶା ସଭାପତି ସୁରେନ ଶତପଥୀ, ଉପସଭାପତି ଡକ୍ଟର ଯତୀନ ଦିଗାଲ ଓ ଦେବୀ ପ୍ରସାଦ ମିଶ୍ର, ସଂଯୋଜକ ରାଜକିଶୋର ସାହୁ, ଅମିତ ମହନ୍ତ, ବାବୁ ଦଳବେହେରା ମଞ୍ଚାସୀନ ଥିଲେ ।

## ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଦୁର୍ଘଟଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୟାପଲ୍ଲୀ ଓଭରବ୍ରିଜ ଉପରେ ଦୁର୍ଘଟଣା । ଦ୍ରୁତ ଗତିରେ ଆସି କାରକୁ ପଛରୁ ପିଟିଲା ହାଇୱା । ଦୁର୍ଘଟଣାରେ କୌଣସି କ୍ଷତି ହୋଇନାହିଁ । ଦୁର୍ଘଟଣା ପାଇଁ ଉପୁଜିଛି ଟ୍ରାଫିକ ଜାମ ପରିସ୍ଥିତି ।

## ଖୁବ୍‌ଶୀଘ୍ର ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମନ୍ତ୍ରୀ ଦେବେ ରିପୋର୍ଟ କାର୍ଡ । ଖୁବ୍‌ଶୀଘ୍ର ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ବର୍ଷକରେ କେଉଁ ମନ୍ତ୍ରୀ କଣ କାମ କରିଛନ୍ତି, ଲୋକଙ୍କ ନିକଟରେ କେତେ ଯୋଜନା ପହଞ୍ଚିଛି, କେତେ ଦାୟିତ୍ୱ ପାଳନ କରିଛନ୍ତି ଏ ବାବଦରେ ମନ୍ତ୍ରୀଙ୍କ ରିପୋର୍ଟ ନେବା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ । ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଦ୍ୱାରା ନିଜେ ନିଜକୁ ପରୀକ୍ଷା କରିବେ ମନ୍ତ୍ରୀ । ନିଜ କାମକୁ ନେଇ ସଚେତନ ହେବେ ।

### ୨୪ ଘଣ୍ଟା ବନ୍ଦ ରହିବ ଜଳ ଯୋଗାଣ

## ମରାମତି ହେବ ମୁଣ୍ଡଳି ମୁଖ୍ୟ ଜଳଯୋଗାଣ ପାଇପ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଣ୍ଡଳି ମୁଖ୍ୟ ଜଳ ଯୋଗାଣ ପାଇପ୍‌ର ଜରୁରୀକାଳୀନ ମରାମତି ପାଇଁ ୧ ତାରିଖ ଶୁକ୍ରବାର ଅପରାହ୍ନ ୧ ଘଟିକାରୁ ୨ ତାରିଖ ଶନିବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ଜଳ ଯୋଗାଣ ବନ୍ଦ ରହିବ । ତେଣୁ ଏଥିପ୍ରତି ସମସ୍ତେ ସଚେତନ ହୋଇ ଆବଶ୍ୟକ ଜଳ ସଂଗ୍ରହ କରି ରଖିବାକୁ ୱାଟକୋ ପକ୍ଷରୁ କୁହାଯାଇଛି । ଏଥିପାଇଁ ୱାଟକୋ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି ।

## ଓଟିଇଟି ପ୍ରଶ୍ନ ପତ୍ର ଲିକ୍ ଘଟଣାର ନିଆଯିବ ଦୃଢ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଟିଇଟି ପ୍ରଶ୍ନ ପତ୍ର ଲିକ ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ । ତଦନ୍ତର କିଛି ଲୋକଙ୍କୁ ଆରେଷ୍ଟ କରାଯାଇଛି । ଯିଏ ଏପରି କରିଛନ୍ତି ବା ଯିଏ ବି ସାମିଲ ଅଛନ୍ତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କ୍ୟୁଆର କୋଡ ଥିବା ସତ୍ତ୍ୱେ ଏଭଳି ଘଟଣା ଘଟିଛି । ତେଣୁ ଏ ଦିଗ ଉପରେ ମଧ୍ୟ ଧ୍ୟାନ ଦିଆଯିବ । ଆଗକୁ କିପରି ନହେବ ସେଥିପାଇଁ ବିଭାଗ ସଜାଗ ଅଛି । ବିଗତ ଦିନରେ କିଛି ଲୋକଙ୍କର ଅଭ୍ୟାସ ଥିଲା ତେଣୁ ଏବେ ସେ ଦିଗରେ ସ୍ୱଚ୍ଛତା ଆଣିବାକୁ ଆମେ ଚେଷ୍ଟା ଜାରି ରଖିଛୁ । ଯେଉଁମାନେ ଏଭଳି କାର୍ଯ୍ୟ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ଏବେ ତଦନ୍ତ ଚାଲିଛି । ତେଣୁ ଆଗକୁ ସ୍ୱଚ୍ଛତା ସହ କିପରି ପରୀକ୍ଷା ହେବ ସେଥିପାଇଁ ଯୋଜନା କରାଯାଉଛି । ଖୁବଶୀଘ୍ର ପୁଣି ଥରେ ପରୀକ୍ଷା ପାଇଁ ଆମେ ଚେଷ୍ଟା କରୁଛୁ । କିନ୍ତୁ ପ୍ରଥମେ କଠୋର କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ । ପରେ ପରୀକ୍ଷା ତାରିଖ ଘୋଷଣା ହେବ । ଯେଉଁମାନେ ସ୍ୱଚ୍ଛତାରେ ପରୀକ୍ଷା ଦେଇଥାନ୍ତେ ସେମାନଙ୍କ ପ୍ରତି ଅନ୍ୟାୟ ହୋଇଛି । ଏନସିଟି ଗାଇଡଲାଇନ ଅଛି ଏହି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ । ଗାଇଡଲାଇନ୍ ଅନୁସାରେ ପରୀକ୍ଷା ହେବାର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

### ୯ରେ ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ ସମାରୋହ

## ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ଦିଆଯିବ ଶ୍ରଦ୍ଧାଞ୍ଜଳି

**ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା କମିଟି**

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସ୍ୱାଧୀନତା ଆନ୍ଦୋଳନରେ ଅଗଷ୍ଟ ବିପ୍ଳବର ଭୂମିକା ଉଲ୍ଲେଖନୀୟ । ୧୯୪୨ ଅଗଷ୍ଟ ୯ରେ ମହାତ୍ମା ଗାନ୍ଧୀ ଇଂରେଜ ଶାସନକୁ ଭାରତ ଛାଡ଼ ଆହ୍ୱାନ ଦେଇଥିଲେ । ଭାରତବର୍ଷର ହଜାର ହଜାର ନାଗରିକ ଏହି ଆହ୍ୱାନରେ ଆନ୍ଦୋଳନରେ ଝାସ ସେଇ କାରାବରଣ କରିଥିଲେ ବା ଶହୀଦ ହୋଇଥିଲେ । ଭାରତ ଛାଡ଼ ଆନ୍ଦୋଳନର ସେହି ଦିବସକୁ କ୍ରାନ୍ତି ଦିବସ ଭାବେ ଦେଶ ପାଳନ କରିଆସୁଛି । ଆସନ୍ତା ଅଗଷ୍ଟ ୯ ତାରିଖରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଅଗଷ୍ଟ କ୍ରାନ୍ତିର ରାଜ୍ୟସ୍ତରୀୟ ସମାରୋହ ଆୟୋଜିତ ହେବ । ଶହୀଦ ଏବଂ ଦିବଂଗତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ସହ ଅଗଷ୍ଟ ବିପ୍ଳବର ସ୍ମୃତିଚାରଣ କରାଯିବ । କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ସମାଜର ସବୁ ବର୍ଗର ବ୍ୟକ୍ତିବିଶିଷ୍ଟଙ୍କୁ ନିମନ୍ତ୍ରଣ କରାଯାଇଛି । ଅଗଷ୍ଟ ୯ରେ ପୂର୍ବାହ୍ନ ୯ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ ପରେ ଶହୀଦ ସ୍ମାରକୀରେ ଶ୍ରଦ୍ଧାର୍ପଣ ଓ ରାମଧୂନ କରାଯିବ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାଲାଗି ସମସ୍ତ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ନିବେଦନ କରାଯାଇଛି । ଅଗଷ୍ଟ କ୍ରାନ୍ତିର ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେଇ ଅଗଷ୍ଟ ବିପ୍ଳବର ମହାନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି ଓ ସାଂସଦ ଭର୍ତ୍ତୃହରି ମହତାବ ଅନୁରୋଧ କରିଛନ୍ତି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଲାଗି ଗଠିତ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଉପାଧ୍ୟକ୍ଷ ଭାବେ ବିଧାୟକ ବାବୁ ସିଂଙ୍କୁ ମନୋନୀତ କରାଯାଇଥିବାବେଳେ ଉପେନ୍ଦ୍ର ପାଢ଼ୀ, ବିରୂପାକ୍ଷ ତ୍ରିପାଠୀ, ଅଭୟ ବଡ଼ଜେନା ସଂଯୋଜକ ଅଛନ୍ତି ।

## ବ୍ରଙ୍କୋସ୍କୋପି ବ୍ୟବସ୍ଥା ସାଜିଛି ଦେବଦୂତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କଟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁରୋଗ ସ୍ନାତକୋତର ପ୍ରତିଷ୍ଠାନରେ ଆରମ୍ଭ କରାଯାଇଥିବା ବ୍ରଙ୍କୋସ୍କୋପି ବ୍ୟବସ୍ଥା ନିରୀହ ଶିଶୁଙ୍କ ସଠିକ୍ ଚିକିତ୍ସା ଓ ଜୀବନ ରକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ୨୦୨୪ ସେପ୍ଟେମ୍ବରରୁ ନବୀକୃତ ଭାବେ କାର୍ଯ୍ୟକ୍ଷମ କରାଯାଇଥିବା ବ୍ୟବସ୍ଥା ଦ୍ୱାରା ୧୦ମାସରେ ୯୧ରୁ ଅଧିକ ସଙ୍କଟାପନ୍ନ ଶିଶୁଙ୍କ ଜୀବନ ରକ୍ଷା କରାଯାଇ ପାରିଛି ବୋଲି ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରଭାକର ମିଶ୍ର କହିଛନ୍ତି । କଟକ ଶିଶୁ ଭବନରେ ବ୍ରଙ୍କୋସ୍କୋପି ପଦ୍ଧତିକୁ ଆନୁଷ୍ଠାନିକରଣ କରାଯାଇଛି । ଦିନକୁ ଦିନ ଏହା ଅଧିକ ଅଧିକ ଉତ୍କୃଷ୍ଟ ଓ ଫଳପ୍ରସୁ ହେବ ବୋଲି ଅଧ୍ୟକ୍ଷ ପ୍ରଫେସର ମିଶ୍ର ଆଶା ପ୍ରକାଶ କରିଛନ୍ତି ।

## ବ୍ରିଜ୍ ମେଣ୍ଟେନାନ୍ସ ପଲିସି ଉପରେ ସରକାରଙ୍କ ଫୋକସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବ୍ରିଜ ମେଣ୍ଟେନାନ୍ସ ପଲିସି ଉପରେ ସରକାରଙ୍କ ଫୋକସ୍ ରହିଛି । ଆଜି ବିଭାଗ ସେ ଉପରେ ଆଜି ଆଲୋଚନା କରିଛି ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ନୂଆ ଓ ପୁରୁଣା ବ୍ରିଜ ଗୁଡିକର କିଭଳି ସମୟ ଅନୁସାରେ ମେଣ୍ଟେନ ହୋଇପାରିବ ଏ ସବୁକୁ ଦୃଷ୍ଟି ଦିଆଯିବ । ବ୍ରିଜ କଣ୍ଡିସନ କଣ ଅଛି, ସରଫେସ କଣ ଅଛି ସେ ବିଷୟରେ ବର୍ଷକୁ ରିଭିଉ କରାଯିବ । ଇଞ୍ଜିନିୟର ବ୍ରିଜ ଗୁଡିକ ଯାଇ ଦେଖିବେ, ପରେ ରିପୋର୍ଟ ଦେବେ କେତେ ସୁରକ୍ଷିତ ଅଛି । ବ୍ରିଜରେ ଯଦି ତ୍ରୁଟି ଥିବ ଏଜେନ୍ସିକୁ ଜଣାଯାଇ କାମ ହେବ । ନଚେତ ସରକାର ଉଦ୍ୟମ କରିବେ । ଅନ୍ୟ ରାଜ୍ୟରେ ଯେଉଁଭଳି ବ୍ରିଜ ଭୁଶୁଡି ପଡିବା, ଅସୁରକ୍ଷିତ ବ୍ରିଜ, ବ୍ରିଜ ଝୁଲି ପଡିବା ଘଟଣା ସାମ୍ନାକୁ ଆସୁଛି କମ ସେ କମ ସେ ସ୍ଥିତି ଓଡ଼ିଶା ପ୍ରଦେଶର ବ୍ରିଜ ନ ହେଉ ସେ ନେଇ ଏହି ବ୍ରିଜ ପଲିସି ପ୍ରସ୍ତୁତ ହୋଇଛି ।

## ଖୁବ୍‌ଶୀଘ୍ର ଆସିବ ରୋଡ଼ ମେଣ୍ଟେନାନ୍ସ ପଲିସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଖୁବଶୀଘ୍ର ଆସିବାକୁ ଯାଉଛି ରୋଡ଼ ମେଣ୍ଟେନାନ୍ସ ପଲିସି । ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ପଲିସି ଆସିଲେ ରାସ୍ତା ଗୁଡିକର ମରାମତି ପାଇଁ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ ହେବ । ଓଡିଶା ରାସ୍ତା ଦୀର୍ଘ୍ୟ ଦୃଷ୍ଟିରୁ ହେଉ କି ମେଣ୍ଟେନାନ୍ସ କ୍ଷେତ୍ରରେ କିଭଳି ସର୍ବ ଭାରତୀୟ ସ୍ତରକୁ ଯାଇପାରିବ ସେ ଉପରେ ସରକାର ଚିନ୍ତା କରିଛନ୍ତି ।

## ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କୁ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୋଲିସ୍ ଏତଲା ଗ୍ରହଣ ନ କରିବା ଉଦବେଗଜନକ ବୋଲି କହିଛି ବିଜୁ ଜନତା ଦଳ । ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି ଯେ, ବିଜେପି ସରକାରରେ ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି । ପ୍ରତିଦିନ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଓଡ଼ିଶା ଦେଶରେ ନିନ୍ଦିତ ହେଉଛି । ଦଳର ମୁଖପାତ୍ର ଇପ୍ସୀତା ସାହୁ କହିଥିଲେ ଯେ, ବିଜେପି ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତ୍ୟେକ ଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲ୍ଲାରେ ଏକ ଅଭାବନୀୟ ନାରୀ ନିର୍ଯାତନାର ଖବର ସାମ୍ନାକୁ ଆସିଛି । ବିଜେପି ସଂଖ୍ୟାଲଘୁ ସେଲ୍ର ସଭାପତିଙ୍କ ପତ୍ନୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ପୋଲିସ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୋଲିସ୍ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ । ସେହିପରି ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପାମାନିତ କରିଥିଲେ । ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଥିଲେ ଯେ, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ।

## ୧୬ରୁ ଭୁବନେଶ୍ୱର-ଝାରସୁଗୁଡା ବିମାନ ଉଡାଣ ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ଅଗଷ୍ଟ ୧୬ ତାରିଖ ଠାରୁ ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ସାଇଟ୍ ଏକ୍ସରେ ଏହି ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ 'ବି-ମାନ :ବିଲ୍ଡିଂ ମ୍ୟାନେଜମେଣ୍ଟ ଅଫ୍ ଆଭିଏସନ୍ ଆସେଟସ୍ ଆଣ୍ଡ ନେଟୱର୍କ ବ୍ୟବସ୍ଥା ଅନ୍ତର୍ଗତ ଏହି ବିମାନ ଚଳାଚଳ ସୁବିଧା ରାଜ୍ୟରେ ଯାତ୍ରୀ ପରିବହନ, ଶିଳ୍ପ ଅଭିବୃଦ୍ଧି, ପର୍ଯ୍ୟଟନ ବିକାଶ ସହ ଯୋଗାଯୋଗ କ୍ଷେତ୍ରରେ ଅପାର ସମ୍ଭାବନା ସୃଷ୍ଟି କରିବ ।

## କଲେଜ ଆଇଆଇସି କମିଟି ନ କଲେ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଲେଜ ଆଇଆଇସି କମିଟି ନକଲେ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ ବୋଲି ନିର୍ଦ୍ଦେଶ ରହିଛି । ମାସେ ଭିତରେ ସବୁ କଲେଜରେ ଆଇଆଇସି କମିଟି କରିବା ପାଇଁ ଟାର୍ଗେଟ ରଖିଛନ୍ତି ସରକାର । ଯେଉଁମାନେ ଭୁଲ ଅଭିଯୋଗ କରୁଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆକ୍ଟ ବାବଦରେ ଲୋକସେବା ଭବନରୁ ଆରମ୍ଭ ହୋଇଥିବା ସଚେତନ କାର୍ଯ୍ୟକ୍ରମ ଆଗକୁ ବ୍ଲକ୍ ସ୍ତରରେ ମଧ୍ୟ ହେବ ବୋଲି ପ୍ରଭାତି ପରିଡା କହିଛନ୍ତି ।

## ଖ୍ରୀଷ୍ଟ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




କଟକ(ଭାସ୍କର ନ୍ୟୁଜ): ଖ୍ରୀଷ୍ଟ କଲେଜ ପରିସର ମଧ୍ୟରେ କଲେଜର ଯୁବ ରେଡକ୍ରସ ଓ ରୋଟାରୀ କ୍ଲବ୍ କଟକ ମିଲେନିୟମ୍‌ର ମିଳିତ ସହଯୋଗରେ 'ଏକ୍ ପେଡ୍ ମା' କେ ନାମ୍ ଆହ୍ୱାନ କ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ରେଡ୍‌କ୍ରସର ଉପଦେଷ୍ଟା ଉପାଧ୍ୟକ୍ଷା ଡଃ କ୍ଷଣପ୍ରଭା ନନ୍ଦ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଟାଙ୍ଗୀସ୍ଥିତ ବିଶ୍ୱନାହାକାଣୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଃ ସଚ୍ଚିଦାନନ୍ଦ ପ୍ରଧାନ, ରୋଟାରୀ କ୍ଲବ୍ କଟକ ମିଲେନିୟମ୍‌ର ସଭାପତି ସୁଧୀର କୁମାର ରଥ, ଉକ୍ତ କ୍ଲବର ସମ୍ପାଦକ ସମ୍ବିଦ୍ କୁମାର ଲେଙ୍କା, ବୃକ୍ଷ ମଣିଷ ପ୍ରଭାସ ମଙ୍ଗରାଜ, ବୃକ୍ଷପ୍ରେମୀ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ସାମାଜିକ ମହତ୍ୱ ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଯୁବ ରେଡ୍‌କ୍ରସ କର୍ମକର୍ତ୍ତା ଡଃ ପ୍ରଦୀପ୍ତ କୁମାର ପତି, ଡଃ ସିତ୍ ବିଶ୍ୱାସ, ଡଃ ଶାଶ୍ୱତୀ ମିଶ୍ର, ଡଃ ମିତାଳୀ ଜେଠୀ, ଶିବାନନ୍ଦ ମହାନ୍ତି, ଆଦ୍ୟାଶା ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଅତିଥିଙ୍କୁ ସହଯୋଗ କରି ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ ରେଡ୍‌କ୍ରସ ସଦସ୍ୟା ଡଃ ସ୍ୱାତୀ ମହାନ୍ତି ।

## ଭାଇ-ଭଉଣୀଙ୍କ ପବିତ୍ର ବନ୍ଧନର ସାକ୍ଷୀ ଓରମାସ୍ ରାକ୍ଷୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟ ସଂସ୍କୃତିରେ ରକ୍ଷା ବନ୍ଧନର ସ୍ଥାନ ସ୍ୱତନ୍ତ୍ର । ଭାଇ- ଭଉଣୀଙ୍କ ପବିତ୍ର ସ୍ନେହର ବନ୍ଧନର ସାକ୍ଷୀ ହୋଇଥାଏ ରାକ୍ଷୀ । ଶ୍ରାବଣ ପୂର୍ଣ୍ଣିମାର ମହାର୍ଘ୍ୟ ଅବସରରେ ରକ୍ଷା କବଚ ସଦୃଶ ଭାଇର ହାତରେ ଭଉଣୀ ବାନ୍ଧିଥାଏ ରାକ୍ଷୀ । ଭାଇଭଉଣୀଙ୍କ ପବିତ୍ର ବନ୍ଧନକୁ ସମ୍ମାନ ଜଣାଇ ଓରମାସ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି ବିଭିନ୍ନ କିସମର ରାକ୍ଷୀ । ପରମ୍ପରା ସହ ପରିବେଶକୁ ଗୁରୁତ୍ୱ ଦେଇ ଓରମାସ୍ ଦ୍ୱାରା ପ୍ରସ୍ତୁତ ରାକ୍ଷୀ ସବୁ ୧ ଅଗଷ୍ଟରୁ ୯ ଅଗଷ୍ଟ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି ହେବ । ଚଳିତ ବର୍ଷ ରକ୍ଷକ୍ଷ ବନ୍ଧନ ଉପଲକ୍ଷେ ରାଜ୍ୟ ସରକାଙ୍କ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଓରମାସ ଦ୍ୱାରା ସହାୟତା ପ୍ରାପ୍ତ ଗୋଷ୍ଠୀ ଅନୁଷ୍ଠାନ ମାନଙ୍କ ଦ୍ୱାରା ପ୍ରସ୍ତୁତ ହାତତିଆରି ରାକ୍ଷୀ ଓଡିଶାର ବାଲେଶ୍ୱର, ବରଗଡ, ବୌଦ୍ଧ, କଟକ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା ଏବଂ ସମ୍ବଲପୁର ଜିଲ୍ଲାରେ ବିକ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଏଥିରେ ସବାଇ ଘାସ, କାଇଞ୍ଚ, ମାଟି, ନଡିଆ ଖୋଳପା, ଧାନ, ଚାଉଳ, ବିରି, ମୁଗ, କାଗଜ ମଣ୍ଡ, ସମ୍ବଲପୁରୀ କପଡା, ଝୋଟ, କିଆପତ୍ର, ଟସର ସୂତା, ଆପ୍ଲିକ ଓ ବାଉଁଶ ଇତ୍ୟାଦିରୁ ଗ୍ରାମାଞ୍ଚଳର ମହିଳା କାରିଗର ମାନଙ୍କ ଦ୍ୱାରା ପ୍ରାକୃତିକ ଓ ଜୈବିକ ତଥା ପରିବେଶ ଉପଯୋଗୀ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ କରାଯାଇଅଛି । ଓରମାସ୍ ଷ୍ଟଲରେ ଅତି ସୁଲଭ ମୂଲ୍ୟରେ ସୁନ୍ଦର ଓ କାରୁକାର୍ଯ୍ୟ ପୂର୍ଣ୍ଣ ରାକ୍ଷୀଗୁଡିକ ଉପଲବ୍ଧ କରାଯାଇ ସ୍ଥାନୀୟ ପରିବେଶପ୍ରେମୀ ଗ୍ରାହକମାନଙ୍କୁ ଆକୃଷ୍ଟ କରାଯିବା ସହ ଗ୍ରାମୀଣ କାରିଗରମାନଙ୍କର ଆର୍ଥିକ ଉନ୍ନତିରେ ସହାୟକ ହେବାର ସୁଯୋଗ ସୃଷ୍ଟି କରାଯାଇଅଛି । ଓରମାସ୍ ବିକ୍ରୟ କେନ୍ଦ୍ରମାନଙ୍କରେ ସ୍ଥାନୀୟ ଗ୍ରାହକମାନେ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ଭିନ୍ନ ଭିନ୍ନ ଡିଜାଇନର ସୁନ୍ଦର ରାକ୍ଷୀ ସବୁ କିଣିପାରିବେ । ଏହା ଗ୍ରାମୀଣ ହସ୍ତଶିଳ୍ପ ଉପରେ ଆଧାରିତ ପରିବେଶଧର୍ମୀ ପଦାର୍ଥ ପ୍ରଚାର ପାଇଁ ଏକ ଉତ୍କୃଷ୍ଟ ଉଦ୍ୟମ ରୂପେ ଦେଖାଯାଉଛି । ଓରମାସ ମାଧ୍ୟମରେ ଏହି ପଦକ୍ଷେପ ଗ୍ରାମାଞ୍ଚଳରେ ସ୍ୱାବଲମ୍ବନର ସୁଯୋଗ ସୃଷ୍ଟି ସହ, ଓଡ଼ିଆ ପାରମ୍ପରିକ କଳାର ପ୍ରଚାର ଓ ଭାରତୀୟ ସାଂସ୍କୃତିକ ବିଭବକୁ ଆଉପାଦେ ଆଗକୁ ନେଉଛି ।





ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୨ Vol. 22 No-122 1 AUGUST 2025 FRIDAY, BHUBANESWAR ଶୁକ୍ରବାର, ୧ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ଖୁବ୍‌ଶୀଘ୍ର ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ତାରିଖ ଘୋଷଣା

ନୂଆଦିଲ୍ଲୀ,୩୧।୭: ଆସନ୍ତା ସପ୍ତାହରେ ଆସିପାରେ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ତାରିଖ। ଏ ନେଇ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗୁରୁବାର ଇଲେକ୍ଟୋରାଲ କଲେଜ ଚୂଡ଼ାନ୍ତ ହୋଇଛି। ଲୋକସଭା ଏବଂ ରାଜ୍ୟସଭାର ନିର୍ବାଚିତ ଓ ମନୋନୀତ ସାଂସଦମାନେ ଭୋଟ୍ ଦେବେ। ଖୁବ୍‌ଶୀଘ୍ର ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ନିର୍ବାଚନ କମିଶନର ରାଜ୍ୟସଭାର ମହାସଚିବଙ୍କୁ ନିର୍ବାଚନ ଅଧିକାରୀଭାବେ ନିଯୁକ୍ତି ଦେଇଛନ୍ତି। ଗତ ୨୧ ତାରିଖରେ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ।

### ଜେଲରୁ ମୁକୁଳିଲେ ଆଇଏଏସ୍ ଧିମାନ ଚକମା

ଭବାନୀପାଟଣା,୩୧।୭(ଭାସ୍କର ନ୍ୟୁଜ): ଜଣେ କ୍ରସର ମାଲିକଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଦୀର୍ଘ ୪୦ ଦିନ ଜେଲରେ ରହିବା ପରେ ଗୁରୁବାର ମୁକୁଳିଛନ୍ତି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ପୂର୍ବତନ ଉପଜିଲ୍ଲାପାଳ ଧିମାନ ଚକମା। ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯିବା ପରେ ସେ ଜେଲରୁ ମୁକୁଳିଥିବା ସୂଚନା ମିଳିଛି।

## ମୋଦୀଙ୍କ ଜନ୍ମଦିନରେ ଲାଗିବ ୭୫ଲକ୍ଷ ଗଛ

# ବୃକ୍ଷରୋପଣରେ ଓଡ଼ିଶାର ସ୍ଥାନ ୪ର୍ଥ



- ଏକ୍ ପେଡ୍ ମା କେ ନାମ୍ ଏକ ଜନଆନ୍ଦୋଳନ
- ମୋଦୀଙ୍କୁ ଏହା ହେବ ଓଡ଼ିଶାବାସୀଙ୍କ ଉପହାର
- ବୃକ୍ଷଗୁଡ଼ିକର ସୁରକ୍ଷା ଓ ଯତ୍ନ ଉପରେ ଗୁରୁତ୍ୱ
- ପଞ୍ଚାୟତ ସ୍ତରରେ ପିଇଓଙ୍କୁ ଦିଆଯିବ ଦାୟିତ୍ୱ
- ଜଳବାୟୁ ଉପଯୋଗୀ ବୃକ୍ଷରୋପଣ ପରାମର୍ଶ

ଭୁବନେଶ୍ୱର,୩୧।୭(ଭାସ୍କର ନ୍ୟୁଜ): ଚଳିତ ବର୍ଷ ସେପଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୭୫ ବର୍ଷରେ ପ୍ରଦାର୍ପଣ କରିବାକୁ ଯାଉଛନ୍ତି। ଦେଶପ୍ରତି, ବିଶେଷକରି ଓଡିଶା ପ୍ରତି, ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡିଶା ଆସି ଆମର ମା ମାନଙ୍କ ସମ୍ମାନରେ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ। ଓଡିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ସେପ୍ଟେମ୍ବର ୧୭ ତାରିଖରେ ଓଡିଶାରେ ଗୋଟିଏ ଦିନରେ ଲାଗିବ ୭୫ ଲକ୍ଷ ଗଛ। ଏହା ହେବ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡିଶାବାସୀଙ୍କ ଉପହାର। ଗୁରୁବାର ଲୋକସେବା ଭବନରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ସୂଚନା ଯୋଗ୍ୟ ଯେ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ୍ ପେଡ ମା କେ ନାମ୍ ଅଭିଯାନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା କେ ନାମ୍ ୨.୦ ଚାଲିବ। ଦ୍ୱିତୀୟ ସଂସ୍କରଣରେ ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରା ରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡିଶା ତା'ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ଏକ ରେକର୍ଡ ହେବ ବୋଲି ସେ କହିଥିଲେ। • ପୃଷ୍ଠା ୫ ଦେଖନ୍ତୁ

## ଦିଲ୍ଲୀ-ମସ୍କୋ ବନ୍ଧୁତାକୁ ନେଇ ଟ୍ରମ୍ପଙ୍କ ତାଚ୍ଛଲ୍ୟ

# ଭାରତ-ରୁଷ୍‌ର ଅର୍ଥନୀତି ନିମ୍ନଗାମୀ



ନୂଆଦିଲ୍ଲୀ,୩୧।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ବିଶେଷକରି ଭାରତ ଓ ରୁଷର ବନ୍ଧୁତାକୁ ନେଇ ସେ ପ୍ରଚଣ୍ଡ କ୍ଷୁବ୍ଧ ହୋଇଛନ୍ତି। ଏପରିକି ଭାରତ ରୁଷଠାରୁ ତେଲ କିଣିବା ନେଇ ସେ କଟାକ୍ଷ କରିଛନ୍ତି। ଭାରତ ଉପରେ ୨୫ ପ୍ରତିଶତ ଟାରିଫ ଲାଗୁ ପରେ ଟ୍ରମ୍ପ ଭାରତକୁ କଟାକ୍ଷ କରି କହିଛନ୍ତି ଯେ ଭାରତ ରୁଷ୍ ସହ କ'ଣ କରୁଛି ସେଥିରେ ମୋତେ କିଛି ଫରକ ପଡ଼ିବନି। ମୁଁ କେବଳ ଚିନ୍ତା କରୁଛି ସେମାନେ ଏକାଠି ସେମାନଙ୍କ ମୃତ ଅର୍ଥନୀତିକୁ କିପରି ଆହୁରି ତଳକୁ ଆଣିପାରିବେ। ସେହିପରି ବ୍ରିକ୍ସ ସମ୍ମିଳନୀରେ ଭାରତର ଉପସ୍ଥିତିକୁ ନେଇ ମଧ୍ୟ ସେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଶୁଳ୍କ ଲାଗୁ କରିବାର କାରଣ ବୋଲି ଉଲ୍ଲେଖ କରିଛନ୍ତି। ଭାରତ ଏବଂ ରୁଷ ମଧ୍ୟରେ ଗଭୀର ବନ୍ଧୁତା ନେଇ ଟ୍ରମ୍ପଙ୍କ ବିରକ୍ତି ଭାବ ତାଙ୍କ ପୋଷ୍ଟଗୁଡ଼ିକରୁ ବାରିହୋଇ ପଡୁଛି। ସେ ପୋଷ୍ଟ କରିଛନ୍ତି ଯେ ଆମେ ଭାରତ ସହିତ ବହୁତ କମ୍ ବାଣିଜ୍ୟ କରିଛୁ। ସେମାନଙ୍କର ଶୁଳ୍କ ବହୁତ ଅଧିକ, ଯାହାକି ବିଶ୍ୱରେ ସର୍ବାଧିକ। ସେହିପରି ରୁଷ ସହ ଆମେରିକା ମଧ୍ୟ କୌଣସି ବାଣିଜ୍ୟ କାରବାର କରେ ନାହିଁ ବୋଲି ସେ ସୂଚାଇଥିଲେ। ଟ୍ରମ୍ପ ତାଙ୍କ ପୋଷ୍ଟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ • ପୃଷ୍ଠା ୫ ଦେଖନ୍ତୁ

### ବାଚାଳ ସମ୍ରାଟଙ୍କ ପାଗଳ ପ୍ରଳାପ:ପୀୟୁଷ



ନୂଆଦିଲ୍ଲୀ,୩୧।୭: ବିଶ୍ୱର ଚତୁର୍ଥ ଅର୍ଥନୀତିକୁ ମୃତ ଅର୍ଥନୀତି କହିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଏହା ବାଚାଳ ସମ୍ରାଟଙ୍କ ପାଗଳ ପ୍ରଳାପ ବୋଲି କହିଛନ୍ତି କେନ୍ଦ୍ର ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋଏଲ। ସେ କହିଛନ୍ତି, ଭାରତକୁ ବ୍ଲାକମେଲ କରିବା ପାଇଁ ଟ୍ରମ୍ପ ଏପରି ଚଳାଇଛନ୍ତି। ବିଗତ ୧୧ ବର୍ଷରେ ଭାରତରେ ରପ୍ତାନୀ ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ସେ ଆହୁରି କହିଥିଲେ ଯେ ଭାରତ ଏକ ମୃତ ଅର୍ଥନୀତି ନୁହେଁ, ବରଂ ଆମେରିକାଠାରୁ ଦୁଇଗୁଣ ଅଧିକ ଗତିରେ ବଢୁଥିବା ଅର୍ଥ ବ୍ୟବସ୍ଥା। ପ୍ରକୃତରେ ଭାରତର ଅର୍ଥନୀତି ମୃତ ହେବାଠାରୁ ବହୁ ଦୂରରେ ରହିଛି। ଚଳିତବର୍ଷ ଏହି ଅର୍ଥନୀତି ଆମେରିକା ତୁଳନାରେ ୩ ଗୁଣ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସେ କହିଥିଲେ।


ସତ୍ୟମେବ ଜୟତେ
ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୧୪ ଅଗଷ୍ଟକୁ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ


ପଞ୍ଜିକରଣର ଶେଷ ତାରିଖ
୧୪ ଅଗଷ୍ଟ ୨୦୨୫

DSPL - 188 ସମବାୟ ବିଭାଗ, ଓଡ଼ିଶା ସରକାର OIPR 39001/13/0031/2526



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# କ୍ଷୁବ୍ଧ ଟ୍ରମ୍ପ୍‌ଙ୍କ କଠୋର ପଦକ୍ଷେପ

## ଭାରତ ଉପରେ ଶୁଳ୍କ ବୋଝ

ଏକଦା ନିଜକୁ ଭାରତର ବନ୍ଧୁ ବୋଲି ଢ଼ୋଲ ପିଟୁଥିବା ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଅସଲ ମୁଖା ଖୋଲି ଯାଇଛି । ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ୨୫ ପ୍ରତିଶତ ଶୁଳ୍କ (ଟାରିଫ୍) ଲଗାଇବାକୁ ସେ ଘୋଷଣା କରିଛନ୍ତି । ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରେ ଶେଷ ହେଉଥିବାରୁ ସେହିଦିନ ଠାରୁ ଭାରତ ଉପରେ ବର୍ଦ୍ଧିତ ଶୁଳ୍କ ଲାଗୁ କରାଯିବ । ଆମେରିକା ରାଷ୍ଟ୍ରପତି ପ୍ରତିଶୋଧପରାୟଣ ମନୋଭାବ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଥିବାର ଜଣାପଡିଛି । ବିଶ୍ୱର ଅନ୍ୟତମ ବୃହତ ରାଷ୍ଟ୍ର ତଥା ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ରୁଷ୍ ସହିତ ଭାରତର ସୁସମ୍ପର୍କ ଏବଂ ସେଠାରୁ ଅଶୋଧିତ ତୈଳ ଓ ସାମରିକ ସରଞ୍ଜାମ ଆମଦାନି ଯୋଗୁଁ କ୍ରୋଧାନ୍ୱିତ ହୋଇ ଟ୍ରମ୍ପ୍ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାର କୁହାଯାଉଛି । କେବଳ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ନୁହେଁ, ରୁଷ୍ ସହ ସମ୍ପର୍କ ରଖିଥିବାରୁ ଭାରତକୁ ଅତିରିକ୍ତ ଜୋରିମାନା ଦଣ୍ଡ ଦିଆଯିବାକୁ ଟ୍ରମ୍ପ୍ ପ୍ରଶାସନ ନିଷ୍ପତ୍ତି ନେଇଛି । ଟ୍ରମ୍ପ୍‌ଙ୍କ ଏଭଳି ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ଆମେରିକାକୁ ଆମ ଦେଶର ରପ୍ତାନି ବାଣିଜ୍ୟ ଗୁରୁତର ଭାବରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି । କିଛିଦିନ ପୂର୍ବେ ଭାରତ ସହ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଆମେରିକା ଇଚ୍ଛା ପ୍ରକାଶ କରିଥିଲା । ମାତ୍ର କେତେକ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା । ଅନ୍ୟପକ୍ଷରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ରୁଷ୍ ସହ ଶକ୍ତି ଓ ସାମରିକ ଚୁକ୍ତି ସ୍ୱାକ୍ଷର କରିବା ଟ୍ରମ୍ପ୍‌ଙ୍କୁ କ୍ଷୁବ୍ଧ କଲା ଭଳି ମନେ ହେଉଛି । ବୁଧବାର ଏକ ସୋସିଆଲ୍ ମିଡିଆ ପୋଷ୍ଟରେ ସେ ଘୋଷଣା କରିଛନ୍ତି ଯେ ତାଙ୍କର 'ବନ୍ଧୁ' ଭାରତ ଅଗଷ୍ଟ ପହିଲାରୁ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଗଣିବାକୁ ପଡ଼ିବ । ଏହାସହ ସେ ଆହୁରି ଉଲ୍ଲେଖ କରିଥିଲେ ଯେ, ରୁଷ୍ ଠାରୁ ଶକ୍ତି ଓ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ଭାରତକୁ ଅତିରିକ୍ତ ଜୋରିମାନା ଦେବାକୁ ପଡ଼ିବ । ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ପରେ ଭାରତ ସରକାର ପ୍ରାଥମିକ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆମେରିକା ରାଷ୍ଟ୍ରପତିଙ୍କ ଘୋଷଣାର ପ୍ରଭାବକୁ ଅନୁଧ୍ୟାନ କରାଯାଉଛି । ଉଭୟ ଦେଶ ପାଇଁ ଲାଭଦାୟକ ହେଲା ଭଳି ଏକ ସନ୍ତୁଳିତ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷର ଲାଗି ଗତ କିଛିମାସ ଧରି ଆଲୋଚନା ଚାଲିଛି । ସେଥିପ୍ରତି ଭାରତ ଏବେ ମଧ୍ୟ ପ୍ରତିବଦ୍ଧ ରହିଛି । ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିକ୍ରିୟାରେ ସ୍ପଷ୍ଟ କରି ଦିଆଯାଇଛି । ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ରାଷ୍ଟ୍ରପତି ଟ୍ରମ୍ପ୍ ବିଭିନ୍ନ ଦେଶରୁ ସାମଗ୍ରୀ ଆମଦାନି ଉପରେ ବର୍ଦ୍ଧିତ ଶୁଳ୍କ ଧାର୍ଯ୍ୟ କରିଥିଲେ । ସେତେବେଳେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଯାଇଥିଲା, ଯାହା ଏପ୍ରିଲ ୯ରୁ କାର୍ଯ୍ୟକାରୀ ହୋଇଥାନ୍ତା । ମାତ୍ର ଶେଷ ମୁହୂର୍ତ୍ତରେ ଏହାକୁ ସ୍ଥଗିତ ରଖାଯାଇଥିଲା । ଆମେରିକା ସହ ବାଣିଜ୍ୟ ରାଜିନାମା କରିବାକୁ ଟ୍ରମ୍ପ୍ ବିଭିନ୍ନ ଦେଶକୁ ୯୦ଦିନ ସମୟ ଦେଇଥିଲେ । ତୁରନ୍ତ ଏହି ରାଜିନାମା କରିବାକୁ ଯେଉଁ ପାଞ୍ଚଟି ରାଜ୍ୟ ଆଗେଇ ଆସିଲେ, ସେମାନଙ୍କ ମଧ୍ୟରେ ଭାରତ ଅନ୍ତର୍ଭୁକ୍ତ ଥିଲା । ତେବେ ଦୁର୍ଭାଗ୍ୟବଶତଃ ନିର୍ଦ୍ଧାରିତ ସମୟ ସୀମା ଭିତରେ ଏହି ରାଜିନାମା ଚୁଡ଼ାନ୍ତ ହୋଇପାରିଲା ନାହିଁ, ଯାହାର ଫଳ ଆମେ ଏବେ ଭୋଗିବାକୁ ଯାଉଛୁ । ଟ୍ରମ୍ପ୍‌ଙ୍କ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ନିଷ୍ପତ୍ତିକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୋଦି ସରକାରଙ୍କୁ ସମାଲୋଚନା କରିବା ପାଇଁ ପଛାଇ ନାହାନ୍ତି ଓ ବନ୍ଧୁତାର ମୂଲ୍ୟ ଦେବାକୁ ପଡୁଛି ବୋଲି କହିଛନ୍ତି । ଆମେରିକାର ଏତାଦୃଶ ପଦକ୍ଷେପ ପରେ ବାଣିଜ୍ୟ ଓ ଅର୍ଥନୀତି କ୍ଷେତ୍ରରେ ଆମର ଯେଉଁ କ୍ଷତି ଘଟିବ, ତାକୁ ଭରଣା କରିବାକୁ ବିକଳ୍ପ ପନ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ।

## ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ
ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା
ମିଥ୍ୟାଚାରଃ ସ ଉଚ୍ୟତେ ॥

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଆଙ୍କ ବଳିଦାନ



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ଭାରତ ମାଟିରୁ ଇଂରେଜ ଶାସନର ଅବସାନ ପାଇଁ ପ୍ରାୟ ୩୦୦ ବର୍ଷ ଧରି ଚାଲିଥିଲା ସଶସ୍ତ୍ର ସଂଗ୍ରାମ ଏବଂ ମହାତ୍ମା ଗାନ୍ଧୀଙ୍କ ମାର୍ଗ ଦର୍ଶନରେ ସଂଗଠିତ ସତ୍ୟାଗ୍ରହ । ଏଥିରେ କେତେ ଯେ ମୁକ୍ତି ସଂଗ୍ରାମୀ ଶହୀଦ ହୋଇଛନ୍ତି ଓ ଆଉ କେତେ କାରା ନିର୍ଯାତନା ବରଣ କରିଛନ୍ତି ତାହାର ପୂର୍ଣ୍ଣାଙ୍ଗ ବିବରଣୀ ଏଯାବତ୍ ଇତିହାସରେ ଲିପିବଦ୍ଧ ହୋଇପାରି ନାହିଁ । ତେବେ ସମସ୍ତଙ୍କ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବା ପଛରେ ସବୁଠାରୁ ବଡ଼ ଭୂମିକା ଥିଲା ୧୯୪୨ ଭାରତ ଛାଡ଼ ଆନ୍ଦୋଳନର । ଦେଶ ମାତୃକାର ମୁକ୍ତି ପାଇଁ ସେତେବେଳେ ସତ୍ୟାଗ୍ରହ ସଂଗ୍ରାମର ସେନାପତି ଆହ୍ୱାନ ଦେଇଥିଲେ 'କର ବା ମର', 'ଇଂରେଜ ଭାରତ ଛାଡ଼' । ଇଂରେଜ ଶାସନର ଭାରତରୁ ଅବସାନ ଘଟିଥିଲେ ମଧ୍ୟ ଆମ ବ୍ୟବସ୍ଥା ସଂପୂର୍ଣ୍ଣ ସଂସ୍କାରିତ ହୋଇନଥିବାରୁ ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷରେ ଆମେ ସମସ୍ୟାର ଅଡୁଆ ଜାଲରେ ଛନ୍ଦି ହୋଇ ରହିଛୁ । ଆମ କଷ୍ଟଲବ୍ଧ ସ୍ୱାଧୀନତାକୁ ସମୃଦ୍ଧ କରିବା ପାଇଁ ଏବେ ବି ଗାନ୍ଧୀ, ସୁଭାଷ, ଗୋପବନ୍ଧୁ, ଭଗତ ସିଂହ, ଖୁଦିରାମ, ରମାଦେବୀ ଆଦିଙ୍କ ଅମର ଆତ୍ମା ଡାକିଡାକି କହୁଛି ।

ଭାରତଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନ ଆମ ସ୍ୱାଧୀନତା ଆନ୍ଦୋଳନର ଇତିହାସକୁ ନୂଆ ମୋଡ଼ ଦେଇଥିଲା । ପୂର୍ବରୁ ପ୍ରାୟ ୨୦୦ ବର୍ଷ ଧରି ବ୍ରିଟିଶ ବିରୋଧରେ ବିକ୍ଷିପ୍ତ ଭାବରେ ଚାଲିଥିବା ସଶସ୍ତ୍ର ସଂଗ୍ରାମ ଏବଂ ଗାନ୍ଧୀଙ୍କ ମାର୍ଗ ଦର୍ଶନରେ ହୋଇଥିବା ସଂଗଠିତ ସତ୍ୟାଗ୍ରହର ଭିତ୍ତିଭୂମିରେ ଦେଶ ମାତୃକାକୁ ବ୍ରିଟିଶ କବଳରୁ ଉଦ୍ଧାର କରିବା ଲାଗି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଲୋକେ ଏହି ଶେଷ ସଂଗ୍ରାମରେ ଝାସ ଦେଇଥିଲେ । ଏହି ସଂଗ୍ରାମ ଲାଗି ଦେଶବାସୀଙ୍କୁ ପ୍ରସ୍ତୁତ କରିବା ପାଇଁ ଆମ ରାଜ୍ୟ ଓ ଦେଶର ବହୁ ନେତା ବର୍ଷବର୍ଷ ଧରି ଯେଉଁ ଅଭିଯାନ ଚଳାଇଥିଲେ ତାହାର ପ୍ରତିଫଳନ ଏଥିରେ ଦେଖିବାକୁ ମିଳିଲା ।

୧୯୪୨ ଜୁଲାଇ ମାସରେ ଗାନ୍ଧୀଜୀଙ୍କ ଉପସ୍ଥିତିରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ବ୍ରିଟିଶ ଶାସନର ଅବସାନ ପାଇଁ ପ୍ରସ୍ତାବ ଗୃହୀତ ହେବା ପରେ ଅଗଷ୍ଟ ମାସରେ ଏହାର କାର୍ଯ୍ୟକାରିତା ପାଇଁ ବମ୍ବେରେ ଆୟୋଜିତ ହେଲା ଖୋଲା ଅଧିବେଶନ । ମୌଲାନା ଆଜାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଅଗଷ୍ଟ ୮ ରାତିରେ ଗାନ୍ଧୀଜୀ ଭାରତଛାଡ଼ ଆନ୍ଦୋଳନ ପାଇଁ ଦେଶବାସୀଙ୍କୁ ନିବେଦନ କରିବା ସହିତ କର ବା ମର ମନ୍ତ୍ରରେ ଅଭିମନ୍ତ୍ରିତ କଲେ । ତେବେ ଅଗଷ୍ଟ ୯ ତାରିଖରେ ପରବର୍ତ୍ତୀ କାର୍ଯ୍ୟକ୍ରମ ପୂର୍ବରୁ ଆତଙ୍କିତ ବ୍ରିଟିଶ ପ୍ରଶାସନ ଚଳାଇଲା ବ୍ୟାପକ ଗିରଫଦାରୀ । ଏମିତିକି ଅଗଷ୍ଟ ୯ ସୂର୍ଯ୍ୟୋଦୟ ପୂର୍ବରୁ ଗାନ୍ଧୀଜୀଙ୍କ ସମେତ ବହୁ ନେତାଙ୍କୁ ଗିରଫ କରି ନିଆଗଲା । ଏହି ଅଧିବେଶନରେ ପ୍ରତିନିଧିତ୍ୱ କରୁଥିଲେ ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ପ୍ରହ୍ଲାଦ ରାୟ ଲାଠ୍ ଓ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ଭଳି ଓଡ଼ିଶାର ୫ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ । ଅନ୍ୟମାନେ ଗିରଫ ହୋଇଯାଇଥିବା ବେଳେ ପୋଲିସ ଆଖିରେ ଧୂଳିଦେଇ ଛଦ୍ମବେଶରେ ଓଡ଼ିଶା ଆସି ଆନ୍ଦୋଳନକୁ ତୀବ୍ରତର କଲେ ମାଳତୀ ଦେବୀ ଓ ସୁରେନ୍ଦ୍ର ଦ୍ୱିବେଦୀ । ଏହା ପୂର୍ବରୁ ୧୯୨୧, ୧୯୨୫, ୧୯୨୭, ୧୯୨୮, ୧୯୩୪ ଓ ୧୯୩୮ରେ ଗାନ୍ଧୀଜୀଙ୍କ ବାରମ୍ବାର ଓଡ଼ିଶା ଗସ୍ତ ଏବଂ ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀଙ୍କ ଠାରୁ ସରଳା ଦେବୀ, ରମା ଦେବୀଙ୍କ ପର୍ଯ୍ୟନ୍ତ ଶହଶହ ନିଷ୍ପାପର ସଂଗଠକଙ୍କ ବର୍ଷବର୍ଷର ସ୍ୱରାଜ ସାଧନାର ମୂଳଦୁଆ ଉପରେ ଗଢ଼ି ଉଠିଲା ଭାରତଛାଡ଼ ଆନ୍ଦୋଳନ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ ସମେତ ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମର ପ୍ରଭାବ ଲୋକଙ୍କ ମନରେ ସତ୍ୟାଗ୍ରହ ଆନ୍ଦୋଳନ ପାଇଁ ସକରାତ୍ମକ ଭାବନା ଗଢ଼ି ତୋଳିଥିଲା ।

**ଗାନ୍ଧୀ ବିଚାର**

ସ୍ୱତଃସ୍ଫୂର୍ତ୍ତ ଭାବେ ଅନେକ ସରକାରୀ କର୍ମଚାରୀ ଚାକିରି ଛାଡ଼ି ସତ୍ୟାଗ୍ରହରେ ସାମିଲ ହେଲେ । ବହୁ ସଂଖ୍ୟକ ଛାତ୍ର ପାଠପଢ଼ା ଛାଡ଼ି ଜେଲ୍ ଗଲେ । ଏ କ୍ଷେତ୍ରରେ ଓଡ଼ିଶାର ମହିଳାମାନେ ବି ପଛରେ ନଥିଲେ । ସେମାନେ ବି ପରଦା ଆଢୁଆଳରୁ ବାହାରକୁ ଆସି ଦେଶ ମାତୃକାର ମୁକ୍ତି ଯଜ୍ଞରେ ନିଜକୁ ଓ ନିଜ ପରିବାରକୁ ବାଜି ଲଗାଇଲେ । ଓଡ଼ିଶାର ଗଡ଼ଜାତ ଅଞ୍ଚଳଗୁଡ଼ିକରେ ବି ମୁକ୍ତିର ମଶାଲ ଜଳି ଉଠିଲା ।

ସେତେବେଳେ ଓଡ଼ିଶାର ଥିଲା ୬ଟି ଜିଲ୍ଲା । ଏଥିରୁ କୋରପୁଟକୁ ଗାନ୍ଧୀଜୀ କେବେ ଆସିନଥିଲେ । ତେବେ ଗାନ୍ଧୀଜୀଙ୍କ ବାର୍ତ୍ତା ଏହି ଜିଲ୍ଲାର ବଣ ପାହାଡ଼ ଘେରା ଅଞ୍ଚଳରେ ଏତେ ବ୍ୟାପି ଯାଇଥିଲା ଯେ ଭାରତଛାଡ଼ ଆନ୍ଦୋଳନ କାଳରେ ଅବିଭକ୍ତ କୋରାପୁଟରେ ଲକ୍ଷ୍ମଣ ନାଏକଙ୍କ ସମେତ ଅନ୍ୟୂନ ୮୩ଜଣ ଶହୀଦ ହୋଇଥିଲେ । ବର୍ତ୍ତମାନର ମାଲକାନଗିରି ଅନ୍ତର୍ଗତ ମାଥିଲି ଠାରେ ୧୯୪୨ ଅଗଷ୍ଟ ୨୧ରେ ଯେଉଁ ଗୁଳିକାଣ୍ଡ ଘଟିଥିଲା ସେଥିରେ ୫ଜଣ ଶହୀଦ ହୋଇଥିଲେ । ଏ ସମସ୍ତେ ଥିଲେ ଆଦିବାସୀ । ମିଛ ମାମଲାରେ ଛନ୍ଦି ମାଥିଲି ଆନ୍ଦୋଳନର ନେତା ଲକ୍ଷ୍ମଣ ନାଏକଙ୍କୁ ବ୍ରହ୍ମପୁର ଜେଲରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା । ମାଥିଲି ଗୁଳିକାଣ୍ଡର ମାତ୍ର ୩ଦିନ ପରେ ବର୍ତ୍ତମାନର ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପାପଡ଼ାହାଣ୍ଡି ଠାରେ ଘଟିଥିବା ଗୁଳିକାଣ୍ଡରେ ଅନ୍ୟୂନ ୧୯ଜଣ ଆଦିବାସୀ ଦେଶ ପାଇଁ ଜୀବନ ଦାନ ଦେଲେ । ସେହି ମାସ ୨୬ ତାରିଖ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ବର୍ତ୍ତମାନର ଯାଜପୁର ଜିଲ୍ଲା ଅନ୍ତର୍ଗତ କାଇପଡ଼ା-କଳାମାଟିଆ ଗୁଳିକାଣ୍ଡରେ ୪ଜଣଙ୍କ ରକ୍ତରେ ସତେ ଯେମିତି ଭାରତମାତା ରାକ୍ଷୀ ପିନ୍ଧିଲା । ଭାରତଛାଡ଼ ଆନ୍ଦୋଳନ କାଳରେ ବର୍ତ୍ତମାନର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଲୁଣିଆ ଠାରେ ପୁଲିସ ଗୁଳିମାଡ଼ରେ ୯ଜଣ ସତ୍ୟାଗ୍ରହୀ ଶହୀଦ ହୋଇଥିଲେ । ଏହି ସ୍ଥାନକୁ ପରବର୍ତ୍ତୀ ସମୟରେ ନବକୃଷ୍ଣ ଚୌଧୁରୀ ଶହୀଦ ନଗର ଭାବେ ନାମିତ କରିଥିଲେ । ଲୁଣିଆ ଗୁଳିକାଣ୍ଡ ପରେ ପରେ ୧୯୪୨ ସେପ୍ଟେମ୍ବର ୨୮ ତାରିଖରେ ତୁଡ଼ିଗଡ଼ିଆ-ଖଇରାଡିହି ଗୁଳିକାଣ୍ଡରେ ୩ଜଣ ଓ ଇରମ୍ ଗୁଳିକାଣ୍ଡରେ ୨୯ଜଣ ଶହୀଦ ହୋଇଥିଲେ । ଇରମ୍‌ରେ ଜଣେ ମହିଳା ବି ଦେଶ ପାଇଁ ଜୀବନ ଦେଲେ । ଏହା ପୂର୍ବରୁ ପୁରୀ ଜିଲ୍ଲାର ନିମାପଡ଼ାରେ ଘଟିଥିବା ପୁଲିସ ଗୁଳିକାଣ୍ଡରେ ଜଣେ ଶହୀଦ ହୋଇଥିଲେ । ସେ ସମୟରେ ଓଡ଼ିଆ ଭାଷାଭାଷୀ ଗଡ଼ଜାତ ଅଞ୍ଚଳରେ ବି ଭାରତଛାଡ଼ ଆନ୍ଦୋଳନ ତୀବ୍ର ହୋଇଥିଲା । ଏହାକୁ ଦମନ କରିବାକୁ ଯାଇ କେଉଁଠି ଆକାଶ ମାର୍ଗରୁ ତ ଆଉ କେଉଁଠି ଗୁଳିଚାଳନା କରି ଏବଂ କେତେକ ସ୍ଥାନରେ ଫାଶୀ ଦଣ୍ଡାଦେଶ ସହ ଜେଲ୍ ଭିତରେ ପିଟିପିଟି ମୁକ୍ତି ପିପାସୁମାନଙ୍କୁ ହତ୍ୟା କରାଯାଇଥିଲା ।

ତାଳଚେର ଓ ନୀଳଗିରି ଗଡ଼ଜାତ ଅଞ୍ଚଳରେ ଆକାଶ ମାର୍ଗରୁ ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ ହୋଇଥିଲା । ତାଳଚେର ଗଡ଼ଜାତ ଅଞ୍ଚଳରେ ୬ଜଣ, ନୟାଗଡ଼ରେ ୪ଜଣ, ନୀଳଗିରିରେ ୨ଜଣ ଓ ଢେଙ୍କାନାଳରେ ୫ଜଣ ଶହୀଦ ହୋଇଥିଲେ । ଢେଙ୍କାନାଳରେ ଦୁଇଜଣ ପୁଲିସ ଗୁଳିରେ ଜୀବନ ଦେଇଥିବା ବେଳେ ଆଉ ୩ଜଣଙ୍କୁ ପ୍ରାଣ ଦଣ୍ଡାଦେଶ ହୋଇଥିଲା । ଏହାଛଡ଼ା ରାଜ୍ୟର ବହୁ ଅଞ୍ଚଳରେ ଲୋକେ ତାତି ଉଠି ଡାକଘର ଠାରୁ ଆରମ୍ଭ କରି ସରକାରୀ ଦପ୍ତର, ପୋଲ, ଟେଲିଗ୍ରାଫ୍ ଲାଇନ୍ ଆଦି ନଷ୍ଟ କରିଦେଇଥିଲେ । ଉତ୍ତର ପ୍ରଦେଶ, ମହୀଶୂର, ପାଟିଆଲା, ପାଟନା ସମେତ ଦେଶର ବିଭିନ୍ନ ସ୍ଥାନରେ ବ୍ରିଟିଶ ପୋଲିସ ଭାରତୀୟ ଦେଶପ୍ରେମୀଙ୍କ ରକ୍ତରେ ହୋଲି ଖେଳିଥିଲା । ଏହା ସତ୍ତ୍ୱେ ଲୋକେ ଦବି ନଥିଲେ । ସେ ସମୟରେ ବିଦେଶ ମାଟିରୁ ସଶସ୍ତ୍ର ମୁକ୍ତି ସଂଗ୍ରାମ ଆରମ୍ଭ କରିଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଗାନ୍ଧୀଜୀଙ୍କୁ ଜାତିର ଜନକ ବୋଲି ସମ୍ବୋଧନ କରିଥିଲେ ।

'କର ବା ମର' ଆହ୍ୱାନ ଦେବା ପରେ ଗାନ୍ଧୀଜୀ ଜାଣିଥିଲେ ଯେ ତାଙ୍କୁ ନିଶ୍ଚୟ ଗିରଫ କରାଯିବ । ସେଥିପାଇଁ ତାଙ୍କ ଅଗଷ୍ଟ ୮ର ଭାଷଣରେ ସେ କହିଥିଲେ ଯେ ସେଦିନ ରାତିରେ ଯଦି ଭାରତକୁ ସ୍ୱାଧୀନତା ମିଳିଯାଏ, ତେବେ ସେ ସବୁଠାରୁ ଅଧିକ ଖୁସି ହେବେ । ଅହିଂସାର ଶେଷ ସୋପାନକୁ ଛୁଇଁବା ପାଇଁ ଦାସତ୍ୱର ଶୃଙ୍ଖଳ ଛିଡ଼ାଇବା ଲାଗି ଆହ୍ୱାନ ଦେଇ ଗାନ୍ଧୀଜୀ କହିଥିଲେ, "ଦାସତ୍ୱର ଶୃଙ୍ଖଳ ସେହି ସମୟରୁ ଛିଡ଼ିଯାଏ ଯେତେବେଳେ ଦାସଟିଏ ନିଜକୁ ସ୍ୱାଧୀନ ବୋଲି ବିଚାର କରେ । ସ୍ୱାଧୀନତା ଘୋଷଣା କରିଥିବା ଦାସଟିକୁ ତା'ର ପୂର୍ବତନ ମାଲିକ ହତ୍ୟା କରିପାରେ, କିନ୍ତୁ ସେ ତାକୁ ସ୍ୱାଧୀନତାରୁ ବଞ୍ଚିତ କରିପାରିବ ନାହିଁ ।" ଗିରଫ ହେବା ବେଳେ ଏକ ଛିଣ୍ଡା କାଗଜରେ ଗାନ୍ଧୀଜୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ସଂକ୍ଷିପ୍ତ ବାର୍ତ୍ତା ଲେଖିଯାଇଥିଲେ । ଏଥିରେ ଉଲ୍ଲେଖ ଥିଲା, "ଅହିଂସାର ଶୀର୍ଷ ସ୍ଥାନକୁ ଯିବା ପାଇଁ ପ୍ରତ୍ୟେକ ଭାରତୀୟ ଏବେ ସ୍ୱାଧୀନ । ହରତାଳ ଓ ଅନ୍ୟ ଅହିଂସକ ଉପାୟରେ ସରକାରୀ କଳକୁ ଅଚଳ କରିଦେଇ ସତ୍ୟାଗ୍ରହୀମାନେ ମୃତ୍ୟୁର ମୁକାବିଲା କରନ୍ତୁ, ଜୀବନ ପ୍ରତି ଲୋଭ ରଖନ୍ତୁ ନାହିଁ । ଦେଶ ମାତୃକା ଲାଗି ସେମାନେ ମରିବାକୁ ପ୍ରସ୍ତୁତ ହୁଅନ୍ତୁ । ଯେତେବେଳେ ଲୋକେ ମରିବାକୁ ପ୍ରସ୍ତୁତ ହୋଇଯିବେ ସେତେବେଳେ ଦେଶ ବଞ୍ଚି ଉଠିବ ।" ପ୍ରତ୍ୟେକ ସତ୍ୟାଗ୍ରହୀ କାଗଜରେ 'କର ବା ମର' ଲେଖି ନିଜ ଛାତି ଉପରେ ସଦର୍ପେ ଝୁଲାଇବା ପାଇଁ ସେ ସମୟରେ ଗାନ୍ଧୀଜୀଙ୍କ ଉପଦେଶ ଥିଲା ଅତ୍ୟନ୍ତ ପ୍ରାସଙ୍ଗିକ ।

ଆଗା ଖାଁ ପ୍ୟାଲେସ୍ କ୍ୟାମ୍ପ ଜେଲ୍‌ରେ ଗାନ୍ଧୀଜୀଙ୍କ ସହବନ୍ଦୀ ଥିବା ତାଙ୍କ ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇ ୧୯୪୨ ଅଗଷ୍ଟ ୧୫ରେ ମୃତ୍ୟୁବରଣ କରିଥିବା ବେଳେ ଉପଯୁକ୍ତ ଚିକିତ୍ସା ନପାଇ ୧୯୪୪ ଫେବୃଆରୀ ୨୨ରେ ଗାନ୍ଧୀଙ୍କ ଉପସ୍ଥିତିରେ ସହଧର୍ମିଣୀ କସ୍ତୁରବାଙ୍କ ମୃତ୍ୟୁ ଘଟିଲା । ସେମାନଙ୍କ ମରଶରୀରକୁ ଦାହ କରିବା ପାଇଁ ପରିବାର ପରିଜନଙ୍କ ହାତରେ କର୍ତ୍ତୃପକ୍ଷ ବାହାରକୁ ଛାଡ଼ି ନଥିଲେ । ଗାନ୍ଧୀଜୀଙ୍କ ଉପସ୍ଥିତିରେ ଜେଲ୍ ଭିତରେ ଜଳିଥିଲା ଏ ଦୁଇ ସଂଗ୍ରାମୀଙ୍କ ଜୁଇ । କସ୍ତୁରବାଙ୍କ ମୃତ୍ୟୁକୁ ବ୍ରିଟିଶ ସରକାରର କାପୁରୁଷୋଚିତ ହତ୍ୟାକାଣ୍ଡ ବୋଲି ଉଲ୍ଲେଖ କରି ବିଦେଶ ମାଟିରୁ ନେତାଜୀ ସୁଭାଷ ତାଙ୍କ ବାର୍ତ୍ତାରେ ଏହି ହତ୍ୟାକାଣ୍ଡର ପ୍ରତିଶୋଧ ନେବା ଲାଗି ଭାରତରୁ ଶେଷ ଇଂରେଜକୁ ବିଦା ନକରିବା ପର୍ଯ୍ୟନ୍ତ ଭାରତୀୟମାନେ ନିର୍ଣ୍ଣାୟକ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଭାରତଛାଡ଼ ଆନ୍ଦୋଳନ କାଳରେ ଓଡ଼ିଶା ସମେତ ସାରା ଦେଶରେ ଯେତେ ଲୋକ ଶହୀଦ ହେଲେ ଏବଂ ଆଉ ଯେଉଁମାନେ କାରା ଓ ନିର୍ଯାତନା ବରଣ କଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଗରିବ, ଖଟିଖିଆ, ଚାଷୀ, ଛାତ୍ର, ଯୁବକ ଓ ମହିଳା । କୌଣସି ପ୍ରତ୍ୟାଶା ନରଖି ସେମାନେ ଆମ ପାଇଁ ସ୍ୱାଧୀନତାର ସୂର୍ଯ୍ୟୋଦୟ ଆଣିବା ଲାଗି ସର୍ବସ୍ୱ ତ୍ୟାଗ କରିଥିଲେ । ଏକ କୃତଜ୍ଞ ରାଷ୍ଟ୍ର ଐତିହାସିକ ଅଗଷ୍ଟ କ୍ରାନ୍ତିର ସ୍ମୃତିଚାରଣ କରୁଥିବା ବେଳେ ଆମ ଜାତୀୟ ପତାକା ଆମକୁ ଡାକିଡାକି ଚେତାଇ ଦେଉଛି 'କର ବା ମର' ଅଭିଯାନ ଲାଗି । ଦେଶର ରାଜନୈତିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ନୈତିକ ଜାଗରଣ ପାଇଁ ଏବେ ଏହା ଅଧିକ ପ୍ରାସଙ୍ଗିକ ମନେ ହେଉଛି । ଯେଉଁମାନେ ମାତୃଭୂମିର ମୁକ୍ତି ପାଇଁ ଜୀବନ ଦେଲେ, ଲଢ଼ିଲେ, କାରାବରଣ କଲେ ଓ ନିର୍ଯାତନା ଭୋଗିଲେ ସେ ସମସ୍ତେ ଅମର । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭାଷାରେ- "ଜିଇଁ ରହେନାହିଁ କେହି, ଧରାତଳେ ଯେହୁ କୀରତି ରଖଇ ସେହି ଏକା ଜିଇଁଥାଇ ।"

# ଜମିଦାରୀ ଦୁର୍ନୀତି ଗ୍ରସ୍ତ ବାବୁ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଏଥିରେ ଦ୍ୱିମତ ନାହିଁ ଯେ, ରାଜ୍ୟରେ ଦୁର୍ନୀତିର ଚେର ଏତେ ମଜଭୂତ ସ୍ଥିତିରେ ରହିଛି ଯେ, ଯେତେ ଖୋଳିଲେ ସେତେ ବାହାରୁଛି । ଦୁର୍ନୀତି ଗ୍ରସ୍ତଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଶୂନ ସହିଷ୍ଣୁତା ଯୋଗୁଁ ସେମାନଙ୍କ ସଂଖ୍ୟା ଦିନକୁ ଦିନ ବଢି ଚାଲିଛି । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଯେତେ ଚଢାଉ କରୁଛି, ସେମାନଙ୍କ ସଂଖ୍ୟା ସେତେ ଲମ୍ବି ଚାଲିଛି । କେବଳ ସେମାନଙ୍କ ସଂଖ୍ୟା ନୁହେଁ, ଆୟ ବହିର୍ଭୂତ ସମ୍ପତିର ପରିମାଣ ମଧ୍ୟ ତାଜୁବ କରିଦେଇଛି । କେଉଁ ଦୁର୍ନୀତି ଗ୍ରସ୍ତଙ୍କ ଘରୁ ସୁନା ବିସ୍କୁଟ ଜବତ ହେଲାଣି, କାହାର ଆଲିଶାନ୍ ଘର ସମସ୍ତଙ୍କୁ ବିସ୍ମିତ କରିଦେଲାଣି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ୩୦ରୁ ଊର୍ଦ୍ଧ୍ୱ ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ବନ୍ଧା ଗଲାଣି । ଯେଉଁମାନଙ୍କ ଠାରୁ ଗୋଟିଏ କି ଦୁଇଟି ନୁହେଁ, ଶହ ଶହ ପ୍ଲଟ(ଜମି) ଜବତ କରାଗଲାଣି । ସେମାନଙ୍କ ପ୍ଲଟ ସଂଖ୍ୟା ମିଶାଇଲେ ହୁଏତ ୬୦କୁ ଟପିଯିବ । ଯେଉଁମାନଙ୍କୁ ଏବେ ଜମିଦାର ବାବୁ ବୋଲି କୁହାଯାଉଛି । ସାଧାରଣ ତଳ ପାହିଆ ସରକାରୀ କର୍ମଚାରୀ ପିଅନ, କିରାଣୀଙ୍କ ଠାରୁ ଆରମ୍ଭ କରି ଜଙ୍ଗଲ, ଖଣି, ଅବକାରୀ, ଯୋଗାଣ, ପ୍ରଶାସନିକ ଓ ଉନ୍ନୟନ ତଥା ନିର୍ମାଣ ସହ ଜଡିତ ବିଭାଗର ଯନ୍ତ୍ରୀ ଦୁର୍ନୀତିଗ୍ରସ୍ତଙ୍କ ତାଲିକାରେ ଯୋଡି ହେଉଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ଗ୍ରସ୍ତ ବା ଜମିଦାର ବାବୁଙ୍କର ଯେଉଁ ଆୟ ବହିର୍ଭୂତ ସମ୍ପତିର ତାଲିକା ମିଳିଛି, ସେଥିରୁ ରାଜ୍ୟର ସବୁ ବିଭାଗରେ ଦୁର୍ନୀତିର ଚେର କିପରି କାୟା ବିସ୍ତାର କରିଛି, ତାହାର ସଂକେତ ପ୍ରଦାନ କରୁଛି । କେନ୍ଦୁଝରର ଜଣେ ଡିଏଫ୍ଓଙ୍କ ନିକଟରୁ କେବଳ ସୁନା, ରୂପା, ଅଳଙ୍କାର, ଅସ୍ତ୍ରଶସ୍ତ୍ର, ୪ଟି ଚାରିଚକିଆ ଗାଡି ଏବଂ ନଗଦ ପୁଳା ପୁଳା ଟଙ୍କା ସହ ୧୧୫ଟି ବାସୋପଯୋଗୀ ପ୍ଲଟ ଠାବ ହୋଇଛି । ସେହିପରି ମାଲକାନାଗିରିରେ ଭିଜିଲାନ୍ସ ଜାଲରେ ପଡିଥିବା ଜଣେ ଅଧିକାରୀଙ୍କର ୮୪ ଏକର ଜମିଥିବା ଜଣାଯାଇଛି । ଆହୁରି ମଧ୍ୟ ନିକଟରେ ଜୟପୁରର ବନାଞ୍ଚଳ ଅଧିକାରୀଙ୍କ ନିକଟରୁ ନଗଦ ୧କୋଟି ୪୩ଲକ୍ଷ ୩୪ହଜାର ଟଙ୍କା ସହ ୪କିଲୋ ସୁନା, ଅଧ କେଜିଏରୁ ଅଧିକ ରୁପା, କୋଟିଏ ୩୨ଲକ୍ଷ ଟଙ୍କାର ଜମା ସହ ଏକାଧିକ ସ୍ଥାନରେ ଘର ଓ ପ୍ଲଟ ଜବତ ହୋଇଛି । ନିକଟରେ ଭୁବନେଶ୍ୱର ମହାନଗର ନିଗମର ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରୁ ଏକାଧିକ ମୂଲ୍ୟବାନ ପ୍ଲଟ, ଫାର୍ମ ହାଉସ, ବନ୍ଧୁକ, ହରିଣ ଶିଙ୍ଗ, ରୁପାରେ ନିର୍ମିତ ୫୦୦, ୨୦୦୦ଟଙ୍କିଆ ନୋଟ, ସୁନା ଓ ବ୍ୟାଙ୍କ ଜମା ଜବତ ହୋଇଛି । ଯାହାକି ସେମାନଙ୍କ ପ୍ରକୃତ ଆୟଠାରୁ ଶହଶହ ଗୁଣରେ ଅଧିକ ଥିବା ଭିଜିଲାନ୍ସ ଆକଳନ କରିଛି । କେବଳ ପଦସ୍ଥ ଅଧିକାରୀ ନୁହଁନ୍ତି, ତଳିଆ କର୍ମଚାରୀଙ୍କ ବେଆଇନ ସମ୍ପତି ମଧ୍ୟ କିଛି କମ୍ ନୁହେଁ । ଠିକାରେ ନିଯୁକ୍ତି ଜଣେ ଜିଆର୍ଏସ୍‌ଙ୍କ ନିକଟରୁ ୫୮ଟି ମୂଲ୍ୟବାନ ପ୍ଲଟ ଜବତ ହେବା କିଛି ବର୍ଷ ତଳେ ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ସେହିଭଳି ପ୍ରତିଦିନ କେଉଁଠି ନା କେଉଁଠି ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଅଧିକାରୀ ଧରା ପଡୁଛନ୍ତି । ବନ୍ଧା ହେଉଛନ୍ତି, ଜେଲ୍ ଯାଉଛନ୍ତି । ନିକଟରେ ଭଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ ଦୁଇଜଣ ଅଧିକାରୀଙ୍କୁ ରାଜ୍ୟ ସରକାର ଚାକିରି ବରଖାସ୍ତ କରିଛନ୍ତି । ପୂର୍ବ ସରକାର ମଧ୍ୟ ଦୁର୍ନୀତି ଗ୍ରସ୍ତ ୧୫୮ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିଥିଲେ । କେତେକ ସମସ୍ତ ଅବସରକାଳୀନ ସହାୟତାକୁ ମଧ୍ୟ ବନ୍ଦ କରିଦେଇଥିଲେ । ତେବେ ଦୁର୍ନୀତି ବିରୁଦ୍ଧରେ ସରକାର ଯେତେ କଠୋର ହେଲେ ମଧ୍ୟ ଏହାର ପ୍ରଭାବ ଦୁର୍ନୀତି ଗ୍ରସ୍ତଙ୍କ ଉପରେ ପଡୁନାହିଁ । ଯାହାର ପରିଣତି ସ୍ୱରୂପ ସେମାନଙ୍କ ସଂଖ୍ୟା ବଢିଚାଲିଛି । ଏହା ନିଃସନ୍ଦେହ ଯେ, ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ କଠୋର ଆଇନ ସହ ଜେଲ୍, ଜୋରିମାନା, ସମ୍ପତି ବାଜ୍ୟାପ୍ତି ବ୍ୟବସ୍ଥା ରହିଛି । ଆହୁରି ମଧ୍ୟ ପ୍ରତିବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେଉଛି । କିନ୍ତୁ ଏହାର କୌଣସି ପ୍ରଭାବ ଦୁର୍ନୀତି ଗ୍ରସ୍ତଙ୍କ ଉପରେ ପଡୁନାହିଁ । ନିକଟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଦୁର୍ନୀତି ଗ୍ରସ୍ତ ତାଲିକାରେ ଭାରତର ସ୍ଥାନ ୧୮୦ଟି ରାଷ୍ଟ୍ରଙ୍କ ତାଲିକାରେ ୮୫ତମ ସ୍ଥାନରେ ରହିଥିଲା । ରିପୋର୍ଟରେ କୁହାଯାଇଥିଲା ଯେ, ବିନା ଲାଞ୍ଚରେ ଭାରତରେ କୌଣସି କାମ ହୁଏନାହିଁ । ଏପରିକି ସରକାରୀ ଅଧିକାରୀଙ୍କ ଟାଳଟୁଳ ନୀତି ଦେଖି ୭୫ଭାଗ କାମ ହାତେଇବା ପାଇଁ ଲାଞ୍ଚ ଦେବାକୁ ବାଧ୍ୟ ହୋଇଥାନ୍ତି । ଛୋଟ କାଟିଆ ଠିକା କାମ ଠାରୁ ଆରମ୍ଭ କରି କୋଟି କୋଟି ଟଙ୍କାର କାମରେ ପର୍ସେଣ୍ଟେଜ୍ (ପିସି) ନଦେଲେ କିଛି ହୁଏନାହିଁ । ଟଙ୍କା ବଦଳରେ ଖଣି, ଜଙ୍ଗଲ ବିକ୍ରୀ ଚାଲିଛି । କୋଟି କୋଟି ଟଙ୍କାରେ ମଦ ଲାଇସେନ୍ସ ବିକ୍ରୀ ହେଉଛି । ବାର୍ଦ୍ଧକ୍ୟ ଭତ୍ତା ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଭତ୍ତା ବିନା ଲାଞ୍ଚରେ ହିତାଧିକାରୀଙ୍କୁ ମିଳେନାହିଁ । ବିଦ୍ୟୁତ, ପାଣି ସଂଯୋଗ, ଜନ୍ମଗତ ପ୍ରମାଣପତ୍ର, ବାର୍ଷିକ ଆୟ ରିପୋର୍ଟ ପାଇବା ପାଇଁ ଲାଞ୍ଚ ଦେବା ଏକ ପରମ୍ପରାରେ ହୋଇଗଲାଣି । ଦେଶରେ ଦୁର୍ନୀତି, ବାଟ ମାରଣାର ଚେର ଏତେ ସୁଦୃଢ ବା ବ୍ୟାପକ ଯେ, କୌଣସି ଉନ୍ନୟନ ଅର୍ଥ ହିତାଧିକାରୀଙ୍କ ନିକଟରେ ପହଞ୍ଚିଲା ବେଳକୁ ମାତ୍ର ୧୫ପ୍ରତିଶତ ବଳକା ରହୁଛି, ୮୫ପ୍ରତିଶତ ହେରଫେର ହେଉଥିବା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ପାର୍ଲାମେଣ୍ଟରେ ସ୍ୱୀକାର କରିଥିଲେ । ଏହା ନିଃସନ୍ଦେହ ଯେ, ଆଇନ ଯେତେ କଠୋର ହେଉ, ଦଣ୍ଡବିଧାନ ଯେତେ କଠୋର ହେଉ, ବ୍ୟକ୍ତିର ମାନସିକତାରେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଦୁର୍ନୀତି ଥମିବ ନାହିଁ ।

# ସମ୍ବଲପୁରୀ ଭାଷା ଦିବସ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଓଡ଼ିଶା ଭୂଖଣ୍ଡର ପଶ୍ଚିମାଞ୍ଚଳର ଦଶଟି ଜିଲ୍ଲାକୁ ନେଇ ପଶ୍ଚିମ ଓଡିଶା ଗଠିତ । ଏହାକୁ ସମ୍ବଲପୁରୀ ଅଞ୍ଚଳ କୁହାଯାଏ । ଏହି ଅଞ୍ଚଳର ଭାଷା, ସଂସ୍କୃତି, କଳା ଏବଂ ଐତିହ୍ୟ ସ୍ୱତନ୍ତ୍ର । ଏହି ଅଞ୍ଚଳର ଭାଷା ଅତି ମଧୁର । କୋଶଳି ବା ସମ୍ବଲପୁରୀ ଭାଷା ସମ୍ପ୍ରତି ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଭାଷା । ପଶ୍ଚିମ ଓଡ଼ିଶାର ଲୋକେ ଏହି ଭାଷାରେ ହିଁ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥାନ୍ତି । ଏଠାକାର ହାତବୁଣା କପଡା, ନାଚ, ଗୀତ, ଖାଦ୍ୟପେୟ ସମଗ୍ର ଦୁନିଆରେ ସ୍ୱତନ୍ତ୍ର ପରିଚୟ ତିଆରି କରିଛି । ସମ୍ବଲପୁରୀ ଅଞ୍ଚଳର ଜୀବନଶୈଳୀରେ ଅନ୍ୟକୁ ଆପଣାଇବାର ଭାବନା ଅନାଦି କାଳରୁ ରହି ଆସିଛି । ପଶ୍ଚିମ ଓଡ଼ିଶାରେ ପାଳିତ ହେଉଥିବା ଗଣପର୍ବ ନୂଆଁଖାଇ ପୃଥିବୀର ପ୍ରାଚୀନତମ କୃଷିପର୍ବ । କେବଳ ନୂଆ ଅନ୍ନର ପର୍ବ ଏହା ନୁହେଁ, ଏହା ନୂଆ ଜୀବନ ଓ ନୂଆ ଆଶାର ପର୍ବ ।

ସମ୍ବଲପୁରୀ ଭାଷାର ରଙ୍ଗବତୀ ଗୀତ ଦିନେ ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଥିଲା । ଏହାକୁ ରଚନା କରିଥିବା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଏବଂ କଣ୍ଠଦାନ କରିଥିବା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ କ୍ରିଷ୍ଣା ପଟେଲଙ୍କୁ କେନ୍ଦ୍ର ସରକାର ସମ୍ମାନ ସୂଚକ ପଦ୍ମଶ୍ରୀ ପ୍ରଦାନ କରି ପଶ୍ଚିମ ଓଡ଼ିଶାର ସମ୍ମାନକୁ ବହୁଗୁଣିତ କରିଛନ୍ତି । ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିର ପୁରୋଧା ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷାର କବି, କଳାକାରମାନଙ୍କୁ ଏକଜୁଟ କରିବା ସହ ସମ୍ବଲପୁରୀ କଳା, ସଂସ୍କୃତି, ସାହିତ୍ୟ ଓ ପରମ୍ପରାକୁ ପ୍ରଚାର, ପ୍ରସାର କରିବା ପାଇଁ ସର୍ବଦା ଚେଷ୍ଟା କରିଥିଲେ । ପଶ୍ଚିମାଞ୍ଚଳ ଏକତା ମଞ୍ଚ ଗଠନ କରାଯାଇ ୨୦୧୩ ମସିହାରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମ ଶତବାର୍ଷିକୀ ପାଳନ କରାଯାଇଥିଲା । ତାଙ୍କ ଜନ୍ମତିଥି ଅଗଷ୍ଟ ୧ ତାରିଖକୁ ସମ୍ବଲପୁରୀ ଦିନ୍ ଭାବରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ସମ୍ବଲପୁରୀ ଦିନ ଚଳିତ ବର୍ଷ ୧୧ ବର୍ଷରେ ପଦାର୍ପଣ କରିଛି । ଏହି ସମ୍ବଲପୁରୀ ଦିନ୍ କ୍ରମେ ଏକ ସାଂସ୍କୃତିକ ଆନ୍ଦୋଳନରେ ପରିଣତ ହୋଇ ପଶ୍ଚିମ ଓଡ଼ିଶାବାସୀଙ୍କର ଅସ୍ମିତାର ଦିନ ଭାବେ ଗ୍ରହଣୀୟ ହୋଇଛି ।

ସମ୍ବଲପୁରିଆ ଭାବେ ଗର୍ବ ଅନୁଭବ କରୁଥିବା ପ୍ରତିଟି ମଣିଷ ସମ୍ବଲପୁରୀ ଦିନ୍ ଅବସରରେ ସମ୍ବଲପୁରୀ ବସ୍ତ୍ର ପିନ୍ଧନ୍ତି ଓ ସମ୍ବଲପୁରୀ ଖାଦ୍ୟ ଖାଆନ୍ତି । ସମ୍ବଲପୁରୀ ପୋଷାକ ଏବେ ଏକ ବ୍ରାଣ୍ଡରେ ପରିଣତ ହୋଇଛି । ଯୁବକଙ୍କ ଠାରୁ ବୟସ୍କ ଓ ମହିଳା ସମସ୍ତ ବର୍ଗଙ୍କ ମଧ୍ୟରେ ଏହାର ଚାହିଦା ଓ ଆଦୃତି ରହିଛି । ସମସ୍ତେ ସମ୍ବଲପୁରୀ ପୋଷାକ ପିନ୍ଧି ମା' ସମଲେଶ୍ୱରୀଙ୍କୁ ସ୍ମରଣ କରିଥାନ୍ତି । ପିଠା, ଫୁଲ ନୈବେଦ୍ୟ ଅର୍ପଣ କରି ଶୁଭ ମନାସୀଥାନ୍ତି । ପରସ୍ପର ମଧ୍ୟରେ ପିଠାପଣା ଆଦାନପ୍ରଦାନ ହୋଇଥାଏ । ସରସରିଆ, ମୁଢ଼ି ଲଡୁ ଠାରୁ ଆରମ୍ଭ କରି ରାଗଚଣା ଓ ସମ୍ବଲପୁରୀ ଲେଥାର ପ୍ରସ୍ତୁତ ହୁଏ । ପାରମ୍ପରିକ ଖାଦ୍ୟପାନୀୟ ସାଙ୍ଗକୁ ସମ୍ବଲପୁରୀ ନାଚଗୀତର ଆସର ଜମେ । ପାରମ୍ପରୀକ ରୀତିନୀତି ଭାବେ ପରସ୍ପରକୁ ଖାଦ୍ୟ ଖୁଆଇବା ସହିତ କନିଷ୍ଠମାନେ ପରିବାରର ଗୁରୁଜନମାନଙ୍କ ଆଶୀର୍ବାଦ ନେଇଥାନ୍ତି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । କେଉଁଠି କେଉଁଠି ସମ୍ବଲପୁରୀ ଭଜନ, ସମ୍ବଲପୁରୀ ଗୀତ, ସମ୍ବଲପୁରୀ ଫେସନ ଶୋ, କବିତା ଆସର ଓ ରଙ୍ଗୋଲୀ ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ସମ୍ବଲପୁରୀ ଗୀତ ଓ ନୃତ୍ୟର ଆଦର ବେଶୀ । ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ଯଥା- ଢୋଲ, ନିଶାଣ, ଏକତାରା, ବୀର କାହାଳୀ, ପଖୋଜ, ଘୁଲଘୁଲା, ଝାଞ୍ଜର ତାଳେତାଳେ ନାଚି ଉଠେ ପାଦ । ସମସ୍ତେ ମିଳିମିଶି ନୃତ୍ୟ କରିଥାନ୍ତି । ଗାଏ ମା' ସମ୍ବଲପୁରୀ, ନାଚ୍‌ମା ସମ୍ବଲପୁରୀ, ପିନ୍ଧିମା ସମ୍ବଲପୁରୀ ନାଁରେ କମ୍ପି ଉଠେ ସାରା ପଶ୍ଚିମ ଓଡ଼ିଶା । ସମ୍ବଲପୁରୀ ଗୀତ ସାଙ୍ଗକୁ ତାଲଖାଇ ଓ ରଙ୍ଗବତୀ ଗୀତର ମଜା ନିଅନ୍ତି । ଏହି ଦିବସ ପାଳନ ପଛରେ ଥାଏ ପଶ୍ଚିମ ଓଡ଼ିଶାର ସଂସ୍କୃତି, ଭାଷା, କଳା, ପୋଷାକ, ଖାଦ୍ୟପେୟ, ଲୋକକଳାକୁ ସଂରକ୍ଷିତ ରଖିବା ଓ ଏହାକୁ ବିଶ୍ୱବ୍ୟାପୀ କରିବା । ସମ୍ବଲପୁରୀ ଅଞ୍ଚଳର ଅନ୍ୟାନ୍ୟ ସଂସ୍କୃତିକୁ ଆଧାର କରି ଭାଇଚାରା ବଢାଇବା ପାଇଁ ସମ୍ବଲପୁରୀ ଦିନ୍ ବାର୍ତ୍ତା ଦେଉଛି । ନୂଆ ପିଢିର ଯୁବକଯୁବତୀମାନେ ଉତ୍ସାହର ସହ ଏହି ସାଂସ୍କୃତିକ ଭାବଧାରା ସହ ଯୋଡି ହେଉଛନ୍ତି ।

ସମ୍ବଲପୁରୀ ଦିନ୍ ପାଳନର ବିଶେଷତ୍ୱ ମଧ୍ୟରେ ସମ୍ବଲପୁରୀ ପୋଷାକ ପରିଧାନ ସବୁଠୁ ଅଧିକ ମହତ୍ତ୍ୱ ରଖିଆସିଛି । ପଶ୍ଚିମ ଓଡ଼ିଶାର ଗାଁଗହଳିରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ନିତ୍ୟ ବ୍ୟବହାର୍ଯ୍ୟ ପୋଷାକ ଭାବେ ସମ୍ବଲପୁରୀ କପଡା ଓ ଶାଢୀ ହିଁ ବ୍ୟବହାର ହୋଇ ଆସୁଛି । ସମ୍ବଲପୁରୀ ବସ୍ତ୍ର ବର୍ତ୍ତମାନ କେବଳ ପଶ୍ଚିମ ଓଡ଼ିଶା କି ଦେଶ ଭିତରେ ନୁହେଁ, ବରଂ ବିଦେଶ ମାଟିରେ ତା'ର ଚମକ ପ୍ରସାର କରିଛି । ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ହସ୍ତଶିଳ୍ପ ଲକ୍ଷଲକ୍ଷ ପରିବାରର ଦାନା ପାଣିର ସାହାରା ସାଜିଛି । ଅତି ସରୁ ସୂତାରେ ସୂକ୍ଷ୍ମ କାରିଗରୀ ଦ୍ୱାରା ଆକର୍ଷଣୀୟ ଭାବେ ସଜ୍ଜିତ ହେଉଥିବା ଶାଢୀ ତଥା ପୋଷାକ ଆଜି ସାରା ବିଶ୍ୱରେ ପରିଚିତ ହୋଇଛି । ମା' ସମଲେଶ୍ୱରୀଙ୍କ ନାମରୁ ସମ୍ବଲପୁର ଏବଂ ସମ୍ବଲପୁରୀ ନାମିତ ହୋଇଛି । କେବଳ ପଶ୍ଚିମ ଓଡ଼ିଶାବାସୀ ନୁହେଁ ପଶ୍ଚିମ ଓଡ଼ିଶାର ଆରାଧ୍ୟାଦେବୀ ମା' ସମଲେଶ୍ୱରୀ ସମ୍ବଲପୁରୀ ଦିନ୍ ଦିନ ସ୍ୱତନ୍ତ୍ର ପରିପାଟୀରେ ଦର୍ଶନ ଦେଇଥାନ୍ତି । ପ୍ରାୟତଃ ମା' ସମଲେଶ୍ୱରୀ ଭକ୍ତଙ୍କ ପ୍ରଦତ୍ତ ସମ୍ବଲପୁରୀ ବସ୍ତ୍ର ପ୍ରତିଦିନ ପରିଧାନ କରିଥାନ୍ତି । କିନ୍ତୁ ମା' ସମଲେଶ୍ୱରୀ ଓ ତାଙ୍କର ପାର୍ଶ୍ୱ ଦେବଦେବୀମାନେ ସମ୍ବଲପୁରୀ ଦିନ୍‌ରେ ସମ୍ବଲପୁରୀ ହସ୍ତତନ୍ତ ପ୍ରସ୍ତୁତ ସ୍ୱତନ୍ତ୍ର ବସ୍ତ୍ର ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ମା' ସମଲେଶ୍ୱରୀ ଓ ମା' ସିଦ୍ଧିଦାତ୍ରୀ ସମ୍ବଲପୁରୀ ଶାଢୀ, ଭୈରବ ଧଳା ସମ୍ବଲପୁରୀ ଗାମୁଛା, ବଜରଙ୍ଗବାଲୀ ଗେରୁଆ ସମ୍ବଲପୁରୀ ଲୁଗା, ମା' କାଳୀ ଓ ଅନ୍ୟ ପାର୍ଶ୍ୱ ଦେବୀ ଏବଂ ସିଂହବାହନ ପାଇଁ ସମ୍ବଲପୁରୀ କପଡାରେ ତିଆରି ପୋଷାକ ତଥା ମନ୍ଦିର ପରିସରରେ ଥିବା ସିଂହବାହନ ପାଇଁ ସମ୍ବଲପୁରୀ ସପ୍ତାଗାର ଲୁଗା ପ୍ରସ୍ତୁତ କରି ଅର୍ପଣ କରାଯାଇଥାଏ । ଗତବର୍ଷ ସମ୍ବଲପୁର ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକ୍ରମେ ସମ୍ବଲପୁରୀ ଦିନ୍ ଦିନ ସମସ୍ତ ସରକାରୀ, ଘରୋଇ ଅନୁଷ୍ଠାନମାନେ ସମ୍ବଲପୁରୀ ବସ୍ତ୍ର ଓ ପୋଷାକ ପିନ୍ଧି କାର୍ଯ୍ୟକ୍ଷେତ୍ରକୁ ଆସିଥିଲେ ।



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ଦୁଇ ଗୋଟି ଜୋନ୍‌ର ୧୨ଟି ପଂଚାୟତର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ମାଧବ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ରାସନ ଆବାସ ଗୃହ ଓ ମହିଳା ଏସଏଚଜିଙ୍କୁ ଋଣ ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ ୧୨୧ ଜଣ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ୍ କରାଯାଇଥିବା ବେଳେ ୩୧ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସେହିଭଳି ରାସନରେ ୨୧୨ ନୂତନ ହିତାଧିକାରୀଙ୍କ ମଧ୍ୟରୁ ୭୩ ଜଣଙ୍କୁ ରାସନ ବଣ୍ଟନ କରାଯାଇଥିଲା। ଅନ୍ତୋଦୟ ଆବାସ ଯୋଜନାରେ ୧୫୭ ହିତାଧିକାରୀଙ୍କ ମଧ୍ୟରୁ ୮୦ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ଏସଏଚଜି ମା'ମାନଙ୍କୁ ଋଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିଆଳି ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମ ରଂଜନ ପଣ୍ଡା ସହକାରୀ ନିର୍ବାହୀ ଯନ୍ତ୍ରୀ ରମାରଂଜନ ଭୂୟାଁ, ବ୍ଲକ୍ ପ୍ରକଳ୍ପ ସଂଯୋଜକ ସଦାନନ୍ଦ ରାଉତ, ନିଆଳି ବ୍ଲକ୍ ଯୋଗାଣ ବିଭାଗ ଅଧିକାରୀ ସସ୍ମିତା ସାହୁ, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରିଣୀ ସରିତା ବେହେରା, ମାଧବ ସରପଞ୍ଚ ବାବୁଲାଲ ମଲ୍ଲିକଙ୍କ ସମେତ ଅନ୍ୟ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ଲୋକ ପ୍ରତିନିଧି ଓ ବ୍ଲକ୍‌ର କର୍ମଚାରୀ ଉପସ୍ଥିତ ଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଉଷା ପାଢ଼ୀ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଗୁରୁବାର ଅପରାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। 'କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସଠିକ୍ ଯୋଜନା, ନୂତନ ତଥା ଉନ୍ନତ ଚିନ୍ତାଧାରାର ବିଶ୍ଳେଷଣ ଏବଂ ସର୍ବୋପରି ପ୍ରତ୍ୟେକସ୍ତରର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ', ଏପରି ଏକ ସକାରାତ୍ମକ ଅଭିବ୍ୟକ୍ତି ସହ ଶ୍ରୀମତୀ ପାଢ଼ୀ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମ୍ବୋଧନ କରି ସମୀକ୍ଷା ବୈଠକ ଆରମ୍ଭ କରିଥିଲେ। ଗତକାଲିଠାରୁ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ, ପୌରାଞ୍ଚଳ ତଥା ଅନୁଷ୍ଠାନ ପରିଦର୍ଶନ କରି ହିତାଧୀକାରୀ ଏବଂ ଅଧିବାସୀଙ୍କଠାରୁ ଶୁଣିଥିବା ସମସ୍ୟାକୁ ଗୋଟି ଗୋଟି କରି ବିଭାଗୀୟ ଅଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ। ପ୍ରଥମେ ଏଲଡିଏମ, ବ୍ୟାଙ୍କଙ୍କୁ ମହିଳା ଏଣ୍ଟରପ୍ରିନିଉଅର୍‌ଙ୍କୁ ସୁବିଧାରେ ଋଣ ଯୋଗାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ଏସ୍‌ଏଚଜି ଗ୍ରୁପ ବ୍ୟତୀତ ବ୍ୟକ୍ତିଗତ ଭାବେ ଯେଉଁମାନେ ଖୁବ୍ ଭଲ କାମ କରୁଛନ୍ତି, ସେପରି ମହିଳାଙ୍କୁ ନିଜସ୍ୱ ଅନୁଷ୍ଠାନ ଗଢ଼ିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଲୋନ, ସବ୍‌ସିଡି ଆଦି ଯୋଗାଇ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହିପରି ମହିଳା ମାନଙ୍କୁ ଚିହ୍ନଟ କରି ଗୋପାଳନ, ମତ୍ସ୍ୟଚାଷ, ପରିବା ଚାଷ ଆଦି ଲାଭଜନକ ବ୍ୟବସାୟ ପ୍ରତିଷ୍ଠାନ ନିମନ୍ତେ ସହାୟତା ଯୋଗାଇବ ପାଇଁ ଡିପିସି ମିଶନ ଶକ୍ତି, ଡିପିଏମ ଓ ଏଲ୍‌ଏମ୍‌ଙ୍କୁ ଉପଦେଶ ଦେଇଥିଲେ।ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି ବିଭାଗ, ସାମାଜିକ ସୁରକ୍ଷା, ଏସସି,ଏସଟି ଉନ୍ନତିକରଣ ଉପରେ ବିଷଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ଉପଲବ୍ଧ ସରକାରୀ ଜମିର ସଦୁପଯୋଗ କରି ମଲ୍ଟି ଷ୍ଟରେଡ ବିଲ୍ଡିଂ ତିଆରି ସହ ରାଜସ୍ୱ ଆଦାୟ ତଥା ରୋଜଗାର ସୃଷ୍ଟି ପାଇଁ ଅଭିନବ ଉପାୟ ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଉନ୍ନତି କରିବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୌର ଅଞ୍ଚଳର ଆବଶ୍ୟକତାକୁ ବୁଝି ଉପଯୁକ୍ତ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ କରିବା ପାଇଁ ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀ ଙ୍କୁ ଉପଦେଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀମତୀ ପାଢ଼ୀଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାରଙ୍କ ଯୋଜନାକୁ ଲୋକ ମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳଙ୍କୁ ପରମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନରେ ଶ୍ରୀମତୀ ପାଢ଼ୀ ପାରାଦ୍ୱୀପ ପୌରାଞ୍ଚଳ ବୁଲି ଲୋକଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ମାଧ୍ୟମରେ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଭୂତମୁଣ୍ଡାଇ ଟ୍ରକ ଟର୍ମିନାଲ ବୁଲି ଏହାର ଉନ୍ନୟନ ବିଷୟରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ଯୋଗଧାରି ଠାରେ ନୂତନ ଭାବେ ହେଉଥିବା ବସ ଷ୍ଟାଣ୍ଡ ବୁଲି ଦେଖିଥିଲେ।

# ଉତ୍କୃଷ୍ଟ ସୁରକ୍ଷା ପ୍ରଦର୍ଶନ ପାଇଁ ଟାଟା ଷ୍ଟିଲ୍ ମେରାମଣ୍ଡଳୀକୁ ଇସ୍ପାତ ସୁରକ୍ଷା ପୁରସ୍କାର



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସଏମ୍)କୁ ସୁରକ୍ଷାକ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୭୫ତମ ବାର୍ଷିକ ଇସ୍ପାତ ସୁରକ୍ଷା ପୁରସ୍କାର ମିଳିଛି। ଇସ୍ପାତ ଶିଳ୍ପର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ଯୁଗ୍ମ କମିଟି (ଜେସିଏସଏଚଇଆଇ) ବୈଠକରେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏ ପରିପ୍ରେକ୍ଷୀରେ ରାଞ୍ଚିର ଧୁର୍ୱାବର୍ଗୁଡ଼ିର ଜେଏସସିଏ ଷ୍ଟାଡିୟମ୍‌ରେ ଜୁଲାଇ ୨୫ ଓ ୨୬ରେ ଏକ ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ ଓ ଘରୋଇ ଏବଂ ଖଣି ଶିଳ୍ପର ପ୍ରମୁଖ ବ୍ୟକ୍ତିବିଶେଷମାନଙ୍କ ସହିତ ଟ୍ରେଡ୍ ୟୁନିୟନ ନେତୃବୃନ୍ଦ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ ବିଭିନ୍ନ କାର୍ଯ୍ୟକ୍ଷେତ୍ର ଏବଂ ଜୋନ୍ ଗୁଡ଼ିକରେ ଶୂନ୍ୟ ମୃତ୍ୟୁ ରେକର୍ଡ ବଜାୟ ରଖିଥିବା ଯୋଗୁ ବିଭିନ୍ନ ଜେସିଏସଏଚଇଆଇ ପୁରସ୍କାର ସ୍କିମ୍ ଅଧୀନରେ ଏକାଧିକ ସମ୍ମାନ ହାସଲ କରିଛି। ଟିଏସଏମ୍‌କୁ ନିମ୍ନଲିଖିତ ବର୍ଗଗୁଡ଼ିକରେ ପୁରସ୍କୃତ କରାଯାଇଛି: ସ୍କିମ୍-୧: ୨୦୨୪ କ୍ୟାଲେଣ୍ଡର୍ ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ କୌଣସି ମାରାତ୍ମକ ଦୁର୍ଘଟଣା ଘଟିନାହିଁ। ସ୍କିମ୍-୨ (ଗ୍ରୁପ୍-ଏ): ୨୦୨୨, ୨୦୨୩ ଏବଂ ୨୦୨୪ କ୍ୟାଲେଣ୍ଡର୍ ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ ବିଭିନ୍ନଜୋନ୍‌ରେ (କୋଇଲା, କୋକ୍ ଏବଂ ରସାୟନ, ବ୍ଲାଷ୍ଟ ଫର୍ଣ୍ଣେସ୍, ସ୍ଲାଗ୍ ଗ୍ରାନୁଲେସନ୍ ପ୍ଲାଣ୍ଟ, ସିଣ୍ଟର ପ୍ଲାଣ୍ଟ ଏବଂ କଂଚାମାଲ ବିଭାଗ, ଷ୍ଟିଲ୍ ମେଲ୍ଟିଂ ସପ୍, କଂଟିନିଓସ୍ କାଷ୍ଟିଂ ସପ୍, ରୋଲିଂ ମିଲ୍, ପ୍ରୋଜେକ୍ଟ) କୌଣସି ବଡ ଧରଣର ଦୁର୍ଘଟଣା ଘଟିନାହିଁ। ସ୍କିମ୍-୪ (ଗ୍ରୁପ୍ ଏ): ୨୦୨୪ କ୍ୟାଲେଣ୍ଡର ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ ଠିକାଦାରିଙ୍କ ଶ୍ରମିକଙ୍କ ସହିତ କୌଣସି ବଡ ଧରଣର ଦୁର୍ଘଟଣା ଘଟିନାହିଁ। ଟିଏସଏମ୍ ତରଫରୁ ସିଂଟର ପ୍ଲାଂଟ-୨ର ଅପରେସନ୍ ମୁଖ୍ୟ କୃଷ୍ଣନ୍ ଗୋପାଳନ୍, କୋକ୍ ପ୍ଲାଣ୍ଟର ଏମ୍‌ଏଚ୍‌ଏସ୍ ଓ ସିଡିକ୍ୟୁ ମୁଖ୍ୟ ଅଜିତ କୁମାର ସିଂହ, ଏସ୍‌ଏମ୍‌ଏସ୍ ଆଣ୍ଡ ଏଲ୍‌ସିପିର ସ୍ଲାଗ୍ କାଷ୍ଟର୍ ମୁଖ୍ୟ ଅପୂର୍ବ କୁମାର ଦେ, ସୁରକ୍ଷା ବିଭାଗର ବରିଷ୍ଠ ଏରିଆ ମ୍ୟାନେଜର ଅଜିତ କୁମାର ବଳବନ୍ତରାୟ, ସିଆଁଏମ୍‌ର ସିନିୟର ଏରିଆ ମ୍ୟାନେଜର କୁଲଦୀପ ଚୌହ୍ୱାନ, ସୁରକ୍ଷାର ସହକାରୀ ମ୍ୟାନେଜର ରଜତ କୁମାର ନାୟକ ଓ ସୁରକ୍ଷା ବିଭାଗର ସହକାରୀ ମ୍ୟାନେଜର ବିଭୂଦତ ବସନ୍ତିଆ ଏହି ପୁରସ୍କାରଗୁଡ଼ିକୁ ଗ୍ରହଣ କରିଥିଲେ।

# ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

ରଙ୍ଗେଇଲୁଣ୍ଡା(ଭାସ୍କର ନ୍ୟୁଜ): ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷ୍ଠି ହାଟ ସ୍ଥିତ ୧୬ ନଂ ଜାତୀୟ ରାଜପଥରେ ଟ୍ରକ ଧକ୍କା ଦେବା ଫଳରେ ଜଣେ ମୋଟର ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଶ୍ରୀକାକୁଲମ ଜିଲ୍ଲା ଇଚ୍ଛାପୁର ଥାନା ଅଧୀନ ପୁସ୍ତପୁରର ପି. ସନ୍ଦୀପ କୁମାର ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳ ୬ଟା ବେଳେ ସନ୍ଦୀପ କୁମାର ଓ ତି ଭେଙ୍କଟ ମିଶି ନିଜ ଗ୍ରାମରୁ ହୋଣ୍ଡା ସାଇନ ମୋଟର ସାଇକେଲ ନଂ ଏପି୪୦-ବିଏଫ୍-୮୦୨୦ ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ କନିଷ୍ଠି ହାଟ ଶିତଳା ଛକ ନିକଟରେ ପଛରୁ ଏକ ଟ୍ରକ ନଂ ଏପି୩୯ ଟିଡବ୍ଲ୍ୟୁ-୮୫୪୮ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମୋଟର ସାଇକେଲ ଉପରେ ଟ୍ରକ ଟି ଚଢି ଯାଇଥିଲା ଓ ସନ୍ଦୀପ ଟ୍ରକ ଚକ ତଳେ ଚାପି ହୋଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ। ମୋଟର ସାଇକେଲରେ ବସିଥିବା ଭେଙ୍କଟ ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରେ ଗୋଳନ୍ଥରା ପୋଲିସ ଓ ସ୍ଥାନୀୟ ଲୋକେ ଆହତ ଭେଙ୍କଟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ମୃତ ସନ୍ଦୀପଙ୍କ ଭାଇ ପି. ସୁରଜ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ଥାନା କେଶ ନଂ ୩୨୫/୨୫ରେ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ମୃତକଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ୨ରେ କେନ୍ଦ୍ରାପଡ଼ାରେ ଡାକ ସେବା ବନ୍ଦ




କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ମୁଖ୍ୟ ଡାକ ଘର ସମେତ ଏହାର ଅଧୀନରେ ଥିବା ସମସ୍ତ ଉପ ଡାକଘର ଓ ଶାଖା ଡାକ ଘର ଆସନ୍ତା ୨ ଅଗଷ୍ଟ ଶନିବାର ଦିନ ସମସ୍ତ ଡାକ ସେବା ବନ୍ଦ ରହିବ। କେନ୍ଦ୍ରାପଡ଼ା ଡାକ ମଣ୍ଡଳର ଡାକ ଅଧିକ୍ଷକ ଦେବ ପ୍ରସାଦ ଶତପଥୀଙ୍କ ସୂଚନା ମୁତାବକ, ପୂର୍ବରୁ ବ୍ୟବହାର କରାଯାଉଥିବା ସାପ ସଫ୍ଟୱେର ବଦଳରେ ଡାକ ବିଭାଗ ନିଜସ୍ୱ ଜ୍ଞାନକୌଶଳରେ ଆଇଟି ୨.୦ ସଫ୍ଟୱେର ପ୍ରଚଳନ କରିବାକୁ ଯାଉଛି। ଆସନ୍ତା ୪ ଅଗଷ୍ଟରେ ଏହି ସଫ୍ଟୱେର କେନ୍ଦ୍ରାପଡ଼ା ମୁଖ୍ୟ ଡାକଘର ସମେତ ଏହାର ଅନ୍ତର୍ଗତ ସମସ୍ତ ଉପ ଡାକଘର ଏବଂ ଶାଖା ଡାକଘରରେ ପ୍ରଚଳିତ କରିବାକୁ ବିଭାଗ ନିର୍ଦ୍ଦେଶନାମା ଜାରି କରିଛି। ଏ ନେଇ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ପକ୍ଷରୁ ସମସ୍ତ ପ୍ରାକ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୪ ଅଗଷ୍ଟରୁ ଆଇଟି ୨.୦ ସଫ୍ଟୱେର କାର୍ଯ୍ୟକ୍ଷମ ହେବ। ଏଣୁ ବିଭାଗର ନିର୍ଦ୍ଦେଶକ୍ରମେ ବୈଷୟିକ କାରଣରୁ ଆସନ୍ତା ୨ ଅଗଷ୍ଟ ଅର୍ଥାତ ଶନିବାର ଦିନ ଡାକ ସେବା ବନ୍ଦ ରହିବ। ଜନସାଧାରଣ ସମେତ ସମସ୍ତ ଗ୍ରାହକ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ସହଯୋଗ କରିବାକୁ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ତରଫରୁ ଅନୁରୋଧ କରାଯାଇଛି।

# ଦିନ ଦ୍ୱିପହରରେ ପୃଥକ୍ ଲୁଟ୍

ଜଳେଶ୍ୱର (ଭାସ୍କର ନ୍ୟୁଜ): ଘରେ କେହି ନଥିବାବେଳେ ଜଳେଶ୍ୱର ଥାନା ମହମ୍ମଦନଗରପାଟଣା ପଞ୍ଚାୟତର ସେକସରାଇ ଗାଁର ସତ୍ୟ ନାରାୟଣ ମହାନ୍ତିଙ୍କ ଘରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ନଗଦ ଏକ ଲକ୍ଷ ଟଙ୍କା ସହ ୯ ଲକ୍ଷ ଟଙ୍କାର ଅଳଙ୍କାର ଚୋରି କରି ନେଇଛନ୍ତି। ସତ୍ୟନାରାୟଣଙ୍କ ପତ୍ନୀ ରୀତାରାଣୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ଚାକିରିକୁ ଯାଇଥିବା ବେଳେ ଦୁଇ ପୁଅ ମଧ୍ୟ ବାଲେଶ୍ୱରରେ ରହନ୍ତି। ମଧ୍ୟାହ୍ନ ସମୟରେ ରୀତା ସେହି ଗାଁରେ ଥିବା ତାଙ୍କ ବାପାଙ୍କ ଘରକୁ ଦିନ ୧୧.୪୦ ରେ ଖାଇବାକୁ ଯାଇଥିଲେ। ଅପରାହ୍ନ ୪ଟା ସମୟରେ ଘରକୁ ଫେରି ଘରର ମୁଖ୍ୟ ଦ୍ୱାର ତଥା ଭିତରେ ଥିବା ଅନ୍ୟ ସମସ୍ତ କୋଠରୀର ତାଲା ଭାଙ୍ଗି ନଗଦ ଏକ ଲକ୍ଷ ଟଙ୍କା ଓ ୯ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇ ଯାଇଥିବା ଦେଖିଥିଲେ। ଏନେଇ ପୋଲିସ ୩୫୭ ନମ୍ବରର ମାମଲା ରୁଜୁ କରିଥିବା ବେଳେ ସନ୍ଧ୍ୟାରେ ସତ୍ୟ ନାରାୟଣଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି। ସେହିପରି ଜଳେଶ୍ୱର ଷ୍ଟେସନ ବଜାର ଅଞ୍ଚଳରୁ ଏକ ବାଇକ ଡିକି ଭାଙ୍ଗି ୪୯ ହଜାର ଟଙ୍କା ଲୁଟ୍ ହୋଇଛି। ଆରୁହା ପଞ୍ଚାୟତ ନିମପୁର ଗ୍ରାମର ଅନନ୍ତ ସାହୁ ଗତକାଲି ଜଳେଶ୍ୱର ସହରର ହାଟ ଛକରେ ଥିବା ୟୁକୋ ବ୍ୟାଙ୍କ ଶାଖାରୁ ୪୯ ହଜାର ଟଙ୍କା ଉଠାଇବା ପରେ ବ୍ୟାଙ୍କ ଖାତା ସହ ଟଙ୍କା ତାଙ୍କ ବାଇକ୍ ଡିକିରେ ରଖିଥିଲେ। ଏହା ପରେ ସେ ଷ୍ଟେସନ ବଜାର ଅଞ୍ଚଳକୁ ଯିବା ସହ ଏକ ଦୋକାନରୁ କେତେକ ଜିନିଷ କିଣୁଥିଲେ। ଏହି ସମୟରେ ତାଙ୍କ ଅଲକ୍ଷ୍ୟରେ ଜଣେ ଦୁର୍ବୃତ୍ତ ବାଇକ୍ ନିକଟକୁ ଆସି ଡିକି ଭାଙ୍ଗି ଟଙ୍କା ଓ ବ୍ୟାଙ୍କ ଖାତା ଲୁଟ୍ କରି କିଛି ଦୂରରେ ଅପେକ୍ଷା କରିଥିବା ଅନ୍ୟ ଜଣେ ଯୁବକଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ। ଜଳେଶ୍ୱର ଥାନା ଅଞ୍ଚଳରେ ନିୟମିତ ବ୍ୟବଧାନରେ ଚୋରି ଛିନତାଇ, ରାହାଜାନୀ, ଲୁଟ ଓ ବାଇକ ଚୋରି ଆଦି ଘଟଣା ଘଟୁଥିଲେ ମଧ୍ୟ ପୋଲିସ ଅପରାଧୀଙ୍କ ଟେର ପାଉନି କି ଅପରାଧିକ କାର୍ଯ୍ୟକଳାପକୁ ରୋକିବାରେ ଅସମର୍ଥ ହେଉଛି। ଯାହା ସାଧାରଣରେ ଅସନ୍ତୋଷର କାରଣ ହୋଇଛି।

# ଯାଜପୁର ବନ୍ୟା ପ୍ରଭାବିତ ଅଞ୍ଚଳରେ ପିସିସି ପ୍ରତିନିଧି ଦଳ



ଯାଜପୁର(ଭାସ୍କର ନ୍ୟୁଜ): ପ୍ରଦେଶ କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଯାଜପୁର ଜିଲ୍ଲା ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିଛନ୍ତି। ବାସୁଦେବପୁର ବିଧାୟକ ତଥା ବିଧାନସଭା ଗୃହରେ କଂଗ୍ରେସର ଉପନେତା ଅଶୋକ ଦାସଙ୍କ ସମେତ ପିସିସି ସଭାପତିଙ୍କ ପରାମର୍ଶଦାତା ସୁଧାଂଶୁ ଦେଓ ଜିଲ୍ଲାର ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ଅଂଚଳ ବୁଲିକି ସହ ସମସ୍ୟା ଭୋଗୁଥିବା ଲୋକଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ବ୍ରହ୍ମଣୀ ନଦୀର ପାରେଶରେ ବସବାସ କରୁଥିବା ଲୋକେ ବିଗତ ୨୫ ବର୍ଷର ବିଜେଡି ସରକାରଙ୍କ ଶାସନରେ ସାମାନ୍ୟ ସହଯୋଗ ପାଇନଥିବା ବେଳେ ବର୍ତ୍ତମାନର ସରକାର ମଧ୍ୟ ଅଂଚଳବାସୀଙ୍କ ସୁରକ୍ଷା ପାଇଁ ବନ୍ଧ ଉପରେ ଗୁରୁତ୍ୱ ଦେଉନଥିବାର ଅଭିଯୋଗ କରିଥିଲେ। ସେହିପରି କଂଟପଡା ଠାରେ ଚାରି ବର୍ଷ ତଳେ ହୋଇଥିବା ଘାଇକୁ ସଠିକ ମରାମତି କରାନଯିବା ଯୋଗୁ ପାଖ ଅଞ୍ଚଳ ଦଉପୁର, ପରାମାନନ୍ଦପୁରର ଚାଷ ଜମି ବାଲିଚର ହୋଇଯାଇଛି। ହାଜିନଗର ଠାରେ ୩ଟି ସ୍ଥାନରେ ଘଳିଆ ପଡିବା ଦ୍ୱାରା ସେଠାରେ ବସବାସ କରୁଥିବା ଲୋକେ ଉଦ୍‌ବାସ୍ତ ଅବସ୍ଥାରେ ଅଛନ୍ତି। ଏହି ଦଳ ଅନୁଧ୍ୟାନ କରୁଥିବା ସମୟରେ ସ୍ଥାନୀୟ ଲୋକ ଏଠାରେ ମାଟି ବଦଳରେ ବାଲିରେ ନଦୀ ବନ୍ଧ ନିର୍ମାଣ କରାଯାଉଥିବା ଅଭିଯୋଗ କରିଛନ୍ତି। ଏପରି ଗୁରୁତର ସମସ୍ୟାକୁ ବିଧାନସଭାରେ ପ୍ରଶ୍ନ କରାଯିବ ବୋଲି ବିଧାୟକ ଶ୍ରୀ ଦାସ କହିଛନ୍ତି। ଏହି ଟିମ ଅପରାହ୍ନରେ ଜିଲ୍ଲାପାଳ ଅମର କୁମାର କରଙ୍କୁ ଭେଟି ବନ୍ୟା ପ୍ରଭାବିତଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଲୋକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ, ବନ୍ୟାର ସ୍ଥାୟୀ ପ୍ରତିକାର, ଘେରି ବନ୍ଧ ନିର୍ମାଣ, ସଠିକ ସ୍ୱାସ୍ଥ୍ୟସେବା, ଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଗୃହପାଳିତ ପଶୁମାନଙ୍କୁ ଖାଦ୍ୟ ଯୋଗାଣ ଆଦି ଦିଗରେ ବିଶେଷ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ କର ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ଯଥା ସମ୍ଭବ ଜିଲ୍ଲା ପ୍ରଶାସନ ସଂପୃକ୍ତ ବିଭାଗ ଗୁଡ଼ିକ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁଧ୍ୟାନକାରୀ ଦଳଙ୍କ ସହ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, ତୁଷାରକାନ୍ତି ବେହେରା, ଚନ୍ଦ୍ର ଶେଖର ସାହୁ, ମାଗୁଣି ଜେନା, କନକଲତା ମଲ୍ଲିକ, ରାକେଶ ସାହୁ, କାଲୁଆ ରାଉତ, ସୁଶାନ୍ତ ମିଶ୍ର, ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ବିଭୂତି ମହାପାତ୍ର, ବିଜୟ ମହାପାତ୍ର, ନକୁଳଦେବ ସାହୁ, ଦେବକାନ୍ତ ପତି,ସାଗର ପରିଡା,ଏକାଦଶୀ ତ୍ରିପାଠୀ, ମହେନ୍ଦ୍ର ପଳାଇ, ଅନୁପମ ମଲ୍ଲିକ, ଅତୁଲ ମହାନ୍ତି, ଜନ୍ମେଜୟ ସାମଲ, ଦେବେନ୍ଦ୍ର ପ୍ରଧାନ, କୁମାର ଆଶୁତୋଷ, ସଂଗ୍ରାମ ସାହାଣୀ, ଦେବାଶିଷ ସାମନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ବାଜିରାଉତ କଲେଜ ଅଧକ୍ଷ ଓ କିରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ଅଧକ୍ଷ କେଶବ ଚନ୍ଦ୍ର ରାଉତରାୟ ଓ କନିଷ୍ଠ କିରାଣୀ ଶିଶିର କୁମାର ସାହୁ ଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ଅଧାପକ ପ୍ରଫୁଲ୍ଲ ଚନ୍ଦ୍ର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଧନା ସଭାରେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ବିଦାୟୀ ଅଧକ୍ଷ ଶ୍ରୀ ରାଉତରାୟ, କନିଷ୍ଠ କିରାଣୀ ଶ୍ରୀ ସାହୁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଉଭୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ମାନପତ୍ର ପଠନ କରିଥିଲେ। ମୂଖ୍ୟ କିରାଣୀ କୈଳାଶ ଚନ୍ଦ୍ର ବେହେରା ସ୍ୱରଚିତ କବିତା ମାଧ୍ୟମରେ ଅଧକ୍ଷ ଓ କନିଷ୍ଠ କିରାଣୀ ଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଇତିହାସ ବିଭାଗ ଅଧାପକ ପ୍ରଭାତ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପିକା କ୍ଷୀରାବ୍ଧି ତନୟା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଭୋଟର ତାଲିକା ସଂଶୋଧନ ନିମନ୍ତେ ବୈଠକ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଜିଲ୍ଲା କାର୍ଯ୍ୟାଳୟ ସହଭାବନା ସଭାଗୃହ ଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ପ୍ରମୂଖ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧.୧. ୨୦୨୬ ତାରିଖ ମଧ୍ୟରେ ଯୋଗ୍ୟ ଭୋଟର ନିଜକୁ ଅନ୍ତର୍ଭୁକ୍ତିକରଣ, ସଂଶୋଧନ କିମ୍ବା ତାଲିକାରୁ ବାଦ୍ ଦେଇପାରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା ଓ ସେଥିପାଇଁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ସମସ୍ତ ପ୍ରମୂଖ ରାଜନୈତିକ ଦଳ ପ୍ରତିନିଧିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଡେପୁଟୀ କଲେକ୍ଟର ଅଗ୍ନିଜା ଶିବଦତା ଏବଂ ଆସିଷ୍ଟାଣ୍ଟ କଲେକ୍ଟର ସୌରମ୍ୟ ରଂଜନ ପ୍ରଧାନ ଉପସ୍ଥିତ ଥିଲେ।

## ବଳଙ୍ଗା ପୀଡ଼ିତାଙ୍କ ୪ର୍ଥ ଥର ବୟାନ୍ ରେକର୍ଡ଼, ରହସ୍ୟ ଭେଦ କରିପାରୁନି ପୋଲିସ

# ପୀଡ଼ିତାଙ୍କ ବୟାନ୍ ଆଧାରରେ କ'ଣ ପାଇଁ ନିଆଯାଉନି ପଦକ୍ଷେପ



ନିମାପଡ଼ା, ୩୧୭ (ଭାସ୍କର ନ୍ୟୁଜ୍): ନିମାପଡ଼ା ବହୁ ଚର୍ଚ୍ଚିତ ବଳଙ୍ଗା ପୀଡ଼ିତାଙ୍କ ଚତୁର୍ଥ ଥର ବୟାନ୍ ରେକର୍ଡ଼ ହୋଇଥିବା ବେଳେ କୌଣସି ବୟାନ୍‌ରେ ତାଳମେଳ ରହୁ ନଥିବା କୁହାଯାଉଛି। ପୀଡ଼ିତାଙ୍କୁ କେହି ନିଆଁ ଲଗାଇ ନାହାନ୍ତି, ପୀଡ଼ିତା ନିଜେ ଆତ୍ମହୂତି ଦେବା ପାଇଁ ଉଦ୍ୟମ କରିଥିବା ଘଟଣାକୁ ନେଇ ଏବେ ସସ୍‌ପେନ୍ସ ବଢ଼ି ଚାଲିଛି। ପୋଲିସ ୧୩ ଦିନ ବିତି ଯାଇଥିଲେ ମଧ୍ୟ ପୀଡ଼ିତାଙ୍କ ପୋଡ଼ି ଘଟଣାରେ କେଉଁ କେଉଁମାନେ ସଂପୃକ୍ତ ତାହାକୁ ଲୋକ ଲୋଚନକୁ ଆଣିପାରି ନାହାନ୍ତି। ପୋଲିସର ଏପରି ଶୀତଳ ତଦନ୍ତ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। କ୍ରାଇମ୍ ବ୍ରାଂଚ ଟିମ୍ ଓ ଜିଲ୍ଲା ମୁଖ୍ୟାଳୟର ଜଣେ ଡ଼ିଏସ୍‌ପି ବଳଙ୍ଗା ଥାନାଧିକାରୀ ପୀଡ଼ିତାଙ୍କର ଚତୁର୍ଥ ପର୍ଯ୍ୟାୟ ବୟାନ୍ ରେକର୍ଡ଼ କରିଥିବା ବେଳେ ତାଙ୍କୁ କେହି ଉଠାଇ ନିଆଁ ଲଗାଇ ନାହାନ୍ତି ବୋଲି ଉଲ୍ଲେଖ ଥିବା କୁହାଯାଉଛି। ଏହି ଘଟଣାରେ ନାଟକ ରଚିଥିବା ପ୍ରତ୍ୟେକ୍ଷଦର୍ଶୀ ଦୁଃଖିଶ୍ୟାମ ସେନାପତିଙ୍କ ପ୍ରତି ସନ୍ଦେହ ବଢ଼ିଛି। ତଦନ୍ତ ଦିଗକୁ ଦୁଃଖିଶ୍ୟାମ ବାଟବଣା କରିଥିବା କୁହା ଯାଉଥିବା ବେଳେ ପୀଡ଼ିତା କେଉଁ କାରଣରୁ ନିଜ ଶରୀରରେ ନିଆଁ ଲଗାଇଲେ ତାଙ୍କୁ ନିଆଁ ଲଗାଇବା ପାଇଁ କିଏ ଧମକ ଦେଇଛି ଏପରି ଅନେକ ଘଟଣା ଉଙ୍କି ମାରୁଥିବା ବେଳେ ପୀଡ଼ିତାଙ୍କ ପରିବାର ଏହି ଘଟଣାରେ ସଂପୃକ୍ତ ନାହାନ୍ତି ତ, ନା ସଂପର୍କୀୟ ପିଉସୀଙ୍କ ସଂପୃକ୍ତିକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଛି। ଚତୁର୍ଥ ଥର ପୀଡ଼ିତାଙ୍କ ବୟାନ୍ ରେକର୍ଡ଼ କରାଯାଇଥିବା ବେଳେ ଦିଲ୍ଲୀ ସଫଦରଜଙ୍ଗ ଅଦାଲତର ମାଜିଷ୍ଟ୍ରେଟ୍ ଉପସ୍ଥିତ ଥିଲେ। ପୋଲିସ ରହସ୍ୟ ଉନ୍ମୋଚନ କରିବ ବୋଲି କୁହାଯାଉଥିବା ବେଳେ ତାହା ଉନ୍ମୋଚନ ହୋଇପାରୁ ନାହିଁ। ପ୍ରତ୍ୟେକ୍ଷଦର୍ଶୀ ଦୁଃଖିଶ୍ୟାମ ବୟାନକୁ ନେଇ ସନ୍ଦେହ ପ୍ରକଟ ହୋଇଛି। ପୀଡ଼ିତାଙ୍କ ବୟାନ୍ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁରୀ ଏସ୍‌ପି ପିନାକ ମିଶ୍ର କହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏହି ଘଟଣାରେ ଚାରିଜଣଙ୍କ ବୟାନ୍ ରେକର୍ଡ଼ ହୋଇଥିବା ବେଳେ ବୟାନ୍‌ରେ ମଧ୍ୟ ତାଳମେଳ ରହୁ ନାହିଁ। ଏହି ଘଟଣାରୁ ବାରି ହୋଇପଡୁଛି ନିଆଁ ଲଗାଇବା ପାଇଁ ପୀଡ଼ିତାଙ୍କୁ ଧମକ ଦିଆଯାଇଛି। ନିମାପଡ଼ା-ବଳଙ୍ଗା ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିବା ବେଳେ ଦିନକୁ ଦିନ ଏହି ଘଟଣାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ପୋଲିସ ବାରମ୍ବାର ପୀଡ଼ିତାଙ୍କ ବୟାନ୍ ରେକର୍ଡ଼ କରୁଥିବା ବେଳେ ବୟାନ୍ ଆଧରରେ କ'ଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ପ୍ରକାଶ ଥାଉକି, ନିମାପଡ଼ା ନୂଆଗୋପାଳପୁର ପୀଡ଼ିତା ଦିଲ୍ଲୀ ଏମ୍ସରେ ଚିକିତ୍ସା ହେଉଥିବା ବେଳେ ୧୩ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଏହି ରହସ୍ୟକୁ ଭେଦ କରିପାରୁ ନାହିଁ। ପୋଲିସ ମହାନିର୍ଦ୍ଦେଶଙ୍କ ଠାରୁ ଆରମ୍ଭ କରି ଆଇଜି, ଏସ୍‌ପି, ଡ଼ିଏସ୍‌ପି ସମେତ ଜିଲ୍ଲା ପୋଲିସ ଲାଗି ପଡ଼ିଥିଲେ ମଧ୍ୟ ରହସ୍ୟ ଉପରୁ ପରଦା ହଟୁ ନାହିଁ। ବଳଙ୍ଗା ଥାନା ପକ୍ଷରୁ ପୀଡ଼ିତାଙ୍କ ଘର ଆଗରେ ୨୪ ଘଂଟିଆ ସୁରକ୍ଷା ବଢ଼ାଇ ଦିଆଯାଇଛି। ପୀଡ଼ିତାଙ୍କ ପରିବାର ଲୋକଙ୍କୁ ପୋଲିସ ନଜରରେ ରଖିଛି।

# ଅଭିନବ ଉପାୟରେ ମହିଳାଙ୍କୁ ଠକେଇ

ଧାମନଗର(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳ ରେ ମହିଳାଙ୍କୁ ଏବେ ସାଇବର ଠକେଇରେ ଶିକାର ହେଉଛନ୍ତି, ମହିଳାମାନେ ଟଙ୍କା ଲୋଭ ରେ ସେମାନଙ୍କୁ ମୋବାଇଲ ନମ୍ବର ଲିଙ୍କ ଦେଉଛନ୍ତି ତା'ପରେ ସରଳ ଭାବରେ ମହିଳାମାନେ ଠକେଇରେ ଶିକାର ହେଉଛନ୍ତି। ସୂଚନା ଥାଉ କି ଗୁରୁବାର ୧୧.୩୦ ସମୟରେ ୭୪୮୪୮୧୫୩୬୭ ମୋବାଇଲ୍ ନମ୍ବରରେ ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତର ବିରୁହାର ଆଶା କର୍ମୀ ଅରୁଣୀ ପଣ୍ଡାଙ୍କୁ ଫୋନ ଆଶିଲା ତମ ଅଞ୍ଚଳ ଅଙ୍ଗନବାଡ଼ି କର୍ମୀଙ୍କ ନାମ ଓ ମୋବାଇଲ୍ ନମ୍ବର ଦିଅ, ମୁଁ ଭଦ୍ରକ ସ୍ୱାତ ଅଫିସରୁ କହୁଛି, ଆଶା କର୍ମୀ ଅଙ୍ଗନୱାଡି କର୍ମୀ ପ୍ରମିଳା ବାରିକଙ୍କ ନମ୍ବର ଦେବା ପରେ ଉକ୍ତ ଉକ୍ତ ଯୁବକ ପ୍ରମିଳାଙ୍କୁ କେତେ ଗର୍ଭବତୀ ମହିଳା ଅଛନ୍ତି ସେମାନଙ୍କୁ ଠିକ୍ ଭାବରେ ସରକାରୀ ସାହାଯ୍ୟ ଦିଆଯାଇଛି କି ନା କହି ବିଶ୍ୱାସ ଜମାଇ ଗର୍ଭବତିଙ୍କ ନମ୍ବର ଦିଅ ସେମାନେ ଠିକ୍ ଭାବରେ ସରକାରୀ ସାହାଯ୍ୟ ପାଉଛନ୍ତି କି ନା ସେମାନଙ୍କୁ ପଚରାଯିବ, ଉପରୁ ଅଫିସର କହୁଥିବା ନେଇ ଅଙ୍ଗନବାଡ଼ି କର୍ମୀ ଗର୍ଭବତୀ ମହିଳାଙ୍କ ନାମ କହିଥିଲେ। ଅଙ୍ଗନବାଡ଼ି କର୍ମୀଙ୍କୁ ଲାଇନିରେ ରଖି ଗର୍ଭବତି ମହିଳାଙ୍କ ସହ ଉକ୍ତ ଯୁବକ କଥା ହୋଇଥିଲେ। ପରେ ସେ ମହିଳା ଅର୍ଚ୍ଚନା ସାହୁ, କୁନି ଜେନା,ରଞ୍ଜୁଲତା ସାହୁ, ପାତୁନୁ ପଣ୍ଡାଙ୍କୁ ଉକ୍ତ ଯୁବକ ଫୋନ୍ କରି କହିଥିଲେ ଯେ ତମକୁ ସରକାରଙ୍କ ପକ୍ଷରୁ ୬ହଜାର ଟଙ୍କା ଅନ୍ ଲାଇନି ପେମେଣ୍ଟ କରାଯିବ ତମେ ୧୫୦୦ ଟଙ୍କା ଉକ୍ତ ନମ୍ବର୍ ରେ ପଠା ଓ ମୋବାଇଲ୍ ଲିଙ୍କ ଟା ଦିଅ।ମୋବାଇଲ୍ ଲିଙ୍କ ଦେବା ପରେ ମହିଳାଙ୍କ ଆକାଉଣ୍ଟରୁ ୨ ହଜାର ଲେଖାଏ କଟିଯାଇଚି। ପରେ ଉକ୍ତ ଗର୍ଭବତି ମହିଳା ମାନେ ଅଙ୍ଗନବାଡ଼ି କର୍ମି ପ୍ରମିଳା ବାରିକଙ୍କୁ କହିଲେ କିଏ ସେ ଅଫିସର ଆମେ ତାକୁ ମୋବାଇଲ୍ ଲିଙ୍କ ଦେଲାପରେ ଆମ ଆକାଉଣ୍ଟରୁ ଟଙ୍କା କଟିଯାଉଛି, ସଙ୍ଗେ ସଙ୍ଗେ ଅଙ୍ଗନବାଡ଼ି କର୍ମୀ ଉକ୍ତ ନମ୍ବରରେ ଫୋନ କଲାପରେ ଉକ୍ତ ନମ୍ବରଟି ସୁଇଚିଅଫ ରହିଛି। ଟ୍ରୁ କଲରରେ ସଂଜିବି କୁମାର, ବିହାର ନାମ ଆସୁଛି। ତେବେ ଯାହା ଜଣାପଡୁଛି ଏହା ସାଇବର ଠକ ବୋଲି ଅନୁମାନ କରା ଯାଉଛି। ତେବେ ସାଇବର ଠକ ମାନେ ଏବେ ଗର୍ଭବତି, ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀଙ୍କ ଉପରେ ନଜର ରଖି ଟଙ୍କା ଲୁଟୁଛନ୍ତି। ଏପଟେ ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ସାଇବର ଠକାଇ ପାଇଁ ସଚେତନ କରାଯାଉଥିଲେ ବି ମହିଳାମାନେ ସଚେତନ ନ ହୋଇ ଏପରି ଠକାଇରେ ଶିକାର ହେଉଛନ୍ତି। ତେବେ ଏ ନେଇ ଧାମନଗର ଥାନା ରେ ଅଭିଯୋଗ କରିବେ ବୋଲି ଠକାଇରେ ଶିକାର ହୋଇଥିବା ମହିଳାମାନେ କହିଛନ୍ତି।

# ନିୟମ ମାନୁନାହାନ୍ତି ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ନିୟମ ମାନୁନାହାନ୍ତି ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀ। ପମ୍ପରେ ଗ୍ରାହକଙ୍କୁ ମିଳୁନି ମୌଳିକ ସୁବିଧା। ବେଧଡକ ଭାବେ ଖୁଚୁରା ବିକ୍ରି ହେଉଛି ପେଟ୍ରୋଲ ଓ ଡିଜେଲ। ପେଟ୍ରୋଲ ପମ୍ପରେ ରହୁନି ସୁରକ୍ଷା ବ୍ୟବସ୍ଥା। ରୀତିମତ କରାଯାଉନି ଯାଞ୍ଚ। ଯାହା ଫଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଛି, ଅପରାଧ ବି ବଢୁଛି। ପେଟ୍ରୋଲ କିମ୍ବା ଡିଜେଲ ଖୋଲାରେ ବିକ୍ରିଲାଗି ନିୟମ ନାହିଁ। ଅଧିକ ଦୁଇ ପଇସା ଲାଭ ପାଇଁ ଖୋଲାରେ ବିକ୍ରି କରୁଛନ୍ତି ପେଟ୍ରୋଲ ପମ୍ପ ମାଲିକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଦୈନିକ ଶହ ଶହ ଲିଟର ପେଟ୍ରୋଲ ଓ ଡିଜେଲ ଖୋଲାରେ ବିକ୍ରି ହେଉଛି। ଅସ୍ତରଙ୍ଗ ଅଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ବୋତଲ ଓ ଜାରରେ ପେଟ୍ରୋଲ ଓ ଡିଜେଲ ନେଇ ଅପବ୍ୟବହାର କରାଯିବା ଦେଖାଯାଉଛି। ପେଟ୍ରୋଲ ପମ୍ପ ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ସବୁ ନିୟମକୁ ପଛରେ ପକାଇ ପେଟ୍ରୋଲ ପମ୍ପ ଚାଲିଛି। ପ୍ରେସର, ପିଇବା ପାଣି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ରଖିବା ବାଧ୍ୟତାମୂଳକ। କିଛି ପେଟ୍ରୋଲ ପମ୍ପରେ ନାହିଁ ମାଗଣା ପ୍ରେସର ସୁବିଧା। ଗ୍ରାହକଙ୍କୁ ମିଳୁନି ଅନେକ ସମୟରେ ବିଶୁଦ୍ଧ ପାଣି। ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଯେଉଁଠି ଅଛି ନିଆଁ ଲାଗିଲେ ନିୟନ୍ତ୍ରଣ କରିବା ଲାଗି ତାହା ପର୍ଯ୍ୟାପ୍ତ ନୁହେଁ, ଏହା ସହ ନିଆଁ ଲିଭାଇବା ପାଇଁ ତାଲିମପ୍ରାପ୍ତ କର୍ମଚାରୀ ମଧ୍ୟ ନାହିଁ। ନିୟମକୁ ଆଖିଠାର ନ୍ୟାୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଇଛି। ବାଲି ଭରା ବାଲ୍ଟି ରଖିବା ଜରୁରୀ। ହେଲେ ପେଟ୍ରୋଲ ପମ୍ପରେ ଏହା ଦେଖିବାକୁ ମିଳୁନି। ଏଥିପ୍ରତି ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ କୌଣସି ସଚେତନତା କରାଯାଉନି କିମ୍ବା ତାଗିଦ ମଧ୍ୟ କରାଯାଉନଥିବା ଅଭିଯୋଗ ହୋଇଛି। ଅଗ୍ନି ନିର୍ବାପକ ବିଭାଗ କିମ୍ବା ପେଟ୍ରୋଲିୟମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ସାଧାରଣ ଲୋକଙ୍କୁ ଅସୁରକ୍ଷିତ କରିଛି। ତୁରନ୍ତ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

# 'ଯୋଗାଣ ମନ୍ତ୍ରୀଙ୍କ ଗାଡି ଅଟକାଇବା ପ୍ରାୟୋଜିତ ଯୋଜନା'

ଢେଙ୍କାନାଳ(ଭାସ୍କର ନ୍ୟୁଜ): କିଛି ସମ୍ବାଦପତ୍ର, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଛି କି, ଗତ ବୁଧବାର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ଜନଶୁଣାଣି କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ନିହଳପ୍ରସାଦ ଅନ୍ତର୍ଗତ ବେଲମାଳିଆ ଗ୍ରାମ ନିକଟରେ ଗ୍ରାମବାସୀ ତାଙ୍କ ଗାଡିକୁ ଅଟକାଇ ମନ୍ତ୍ରୀ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ କିଛି କାମ ହେଉନାହିଁ, ଏଥିପାଇଁ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାମଧ୍ୟ ପ୍ରକାଶ ପାଇଛି ମନ୍ତ୍ରୀ ଉତ୍ୟକ୍ତ ହୋଇ ସେମାନଙ୍କୁ ପୋଲିସ୍ ଦ୍ୱାରା ଗିରଫ କରିବା ପାଇଁ ଧମକ ଦେଇଥିଲେ। ଏ ବାବଦରେ ଆଜି ଦଳ ତରଫରୁ ସ୍ପଷ୍ଟିକରଣ ଦିଆଯାଉଅଛି କି, ଶ୍ରୀ ପାତ୍ର ମନ୍ତ୍ରୀ ହେବା ପରେ ପ୍ରଶାସନ, ପୋଲିସ୍ ଓ ଖଣି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ ୨୪ ବର୍ଷ ଧରି ନିହଳପ୍ରସାଦର ଖଣି ଖାଦାନକୁ ଲୁଟ୍ କରିଥିବା ପଥର ମାଫିଆମାନଙ୍କ ଉପରେ ବାରମ୍ବାର ଚଢାଉ କରାଯାଇ ସେମାନଙ୍କୁ ଓ ସେମାନଙ୍କ ଲୋକଙ୍କୁ ବହୁବାର୍ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ବହୁ ସଂଖ୍ୟାରେ ଗାଡି ଜବତ କରାଯାଇଅଛି। ରାୟଗଡା ପାହାଡକୁ ପଥର ମାଫିଆଙ୍କ ଠାରୁ ବଂଚାଇବା ପାଇଁ ୧୬୩ ବିଏନ୍‌ଏସ୍‌ଏସ୍ ଧାରା ଲାଗୁ କରି ଦୀର୍ଘଦିନ ଧରି ନିଷିଦ୍ଧାଂଚଳ ଭାବେ ଘୋଷଣା କରାଯାଇଛି। ଯଦ୍ୱାରାକି ପଥର ମାଫିଆମାନେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ନିର୍ବାଚନ ମଣ୍ଡଳୀକୁ ପ୍ରାୟ ପ୍ରତି ସପ୍ତାହରେ ଗସ୍ତ କରି ଜନସାଧାରଣଙ୍କ ସହ ମିଶିବା ସହିତ ସେମାନଙ୍କ ସମସ୍ୟାରେ ଜଡିତ ରହି ସମାଧାନ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି ଓ ୧ବର୍ଷ ଭିତରେ ଅଂଚଳ ତଥା ନିର୍ବାଚନ ମଣ୍ଡଳୀର ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି, ଯାହାକି ୨୪ବର୍ଷ ଭିତରେ ହୋଇପାରିନଥିଲା। ଏବେ ପ୍ରତ୍ୟେକ ଗ୍ରାମପଂଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନେଇ ଗତ ବୁଧବାର ଦିନ ବେଗା ପଞ୍ଚାୟତର ପଞ୍ଚକେନ୍ଦୁ ଗ୍ରାମରେ ଏକ ଜନଶୁଣାଣି କରି ଅନେକ ଲୋକଙ୍କ ସମସ୍ୟା ସମାଧାନ କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଏତାଦୃଶ ଲୋକପ୍ରିୟତାକୁ ସହି ନପାରି ଜନୈକ ପୂର୍ବତନ ବିଧାୟକ ପଥର ମାଫିଆଙ୍କ ସହ ହାତ ମିଳାଇ ଷଡଯନ୍ତ୍ର ରଚନା କରି ରାସ୍ତାରେ ପଥର ରଖି ୬/୭ଜଣ ନୀରିହ ଲୋକଙ୍କୁ ରାସ୍ତାରେ ଛିଡା କରାଇ ମନ୍ତ୍ରୀ ଜନଶୁଣାଣି ସାରି ଫେରୁଥିବା ସମୟରେ ତାଙ୍କ ଗାଡିକୁ ଅଟକାଇଥିଲେ। ମନ୍ତ୍ରୀ ସେମାନଙ୍କର ପ୍ରଶ୍ନର ଉତର ସଠିକ୍ ଭାବେ ଦେବା ସହ ତାଙ୍କର ଅଭିଯୋଗ ଶୁଣିଥିଲେ ଓ ସେମାନଙ୍କୁ ବୁଝାଇ ବିଦାୟ କରିଥିଲେ। ସେମାନଙ୍କୁ ପୋଲିସ୍ ଦ୍ୱାରା ଗିରଫ କରିବା ପାଇଁ ଧମକ ଦେବା ମିଥ୍ୟା, କପୋଳକଳ୍ପିତ ଓ ଅତିରିତ। ବିରୋଧି ଯେତେ ଷଡଯନ୍ତ୍ର କଲେ ବି ସଫଳ ହୋଇପାରିବେ ନାହିଁ କି ମନ୍ତ୍ରୀଙ୍କ ଲୋକପ୍ରିୟତା ହ୍ରାସ କରିପାରିବେ ନାହିଁ। ଖଣି ଖାଦାନ, ପାହାଡ ଓ ଜଙ୍ଗଲ ସରକାରଙ୍କ ସମ୍ପତି, ତାହାକୁ ସୁରକ୍ଷା ଦେବା ଲୋକ ପ୍ରତିନିଧି ଭାବେ ମନ୍ତ୍ରୀଙ୍କ ଏହା ହେଉଛି ପ୍ରାଥମିକତା। ଏଣୁ କୌଣସି ପରିସ୍ଥିତିରେ ବିରୋଧି ଓ ମାଫିଆଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରକାଶଥାଉକି, ୪/୫ ଦିନ ପୂର୍ବରୁ ମନ୍ତ୍ରୀ ଶ୍ରୀ ପାତ୍ର ସେହି ରାସ୍ତା ଦେଇ ଯାଇଥିଲେ ଓ ସେହି ଗ୍ରାମର କିଛି ଲୋକଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଫୁଲନଖରା, (ଭାସ୍କର ନ୍ୟୁଜ୍) : ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଜୟର ଶାସନ ସ୍ଥିତ ପଞ୍ଚବଟୀ ଉଚ୍ଚ ବିଦ୍ୟାଳୟ ପରିସରରେ ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସବୁଦିନ ଟିଭି ଟ୍ରଷ୍ଟର ପ୍ରତିଷ୍ଠାତା ସନାତନ ପରିଜାଙ୍କ ତତ୍ୱାବୋଧନରେ ଆୟୋଜିତ କାର୍ଯ୍ୟକ୍ରମରେ ସବୁଦିନ ଟିଭି ଟ୍ରଷ୍ଟର ସମ୍ପାଦକ ସାମ୍ବାଦିକ ଡ଼ଃ ଭବାନୀ ଶଙ୍କର ପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ବନ୍ଧୁତା ଦିବସରେ ମୁଖ୍ୟ ଅତିଥିଭାବେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତୀତଭାବେ ଓଡ଼ିଶାର ସୁନାମଧନ୍ୟ ପାଲା ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ବାଲିଅନ୍ତା ବ୍ଲକ ଷୋହଳ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ସବୁଦିନ ଟିଭି ଟ୍ରଷ୍ଟ ର ଉପଦେଷ୍ଟା ସମାଜସେବୀ ରବୀନ୍ଦ୍ର କୁମାର ସାହୁ, ସନ୍ତୋଷ ସାହୁ, ସବୁଦିନ ଟିଭିର ଚେୟାରମ୍ୟାନ ହୃଦାନନ୍ଦ ସାହୁ, ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ବାବଦରେ ଆଲୋଚନା କରିଥିଲେ । କିଭଳି ଜଣେ ଜଣକୁ ଭଲ ବନ୍ଧୁଭାବେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ପ୍ରତିପାଦିତ କରିପାରିବ ସେ ବାବଦରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ । ପରିଶେଷରେ ସମସ୍ତ ଛାତ୍ରଛାତ୍ରୀ ନିଜ ନିଜ ଭିତରେ ହାତକୁ ହାତ ମିଳେଇ ବନ୍ଧୁତା ଭଳି ପବିତ୍ର ସମ୍ପର୍କକୁ ବଜାୟ ରଖିବାପାଇଁ ଅଭିନେତା ତଥା ସବୁଦିନ ଟିଭିର ସଂସ୍କୃତିକ ନିର୍ଦ୍ଦେଶକ ରୁଦ୍ରମନ ଶପଥ ପାଠ କରିଥିଲେ ।

## ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କଲେ ସୋନାଲି




ବାରିପଦା, (ଭାସ୍କର ନ୍ୟୁଜ୍): ବଡ଼ସାହି ବ୍ଲକ୍ ଅଧିନ ବିଦ୍ୟାଳୟ ସ୍ତରୀୟ ଜୁନିୟର ରେଡ଼କ୍ରସ ଆନୁକୂଲ୍ୟରେ ଏଡ଼ସ ସଚେତନତା ସମ୍ପର୍କିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବାଲିଯୋଡ଼ା ଗ୍ରାମସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ସୋନାଲି ମାର୍ଣ୍ଡି ପ୍ରଥମ ହୋଇ ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି । ଜୁଲାଇ ମାସ ୩୧ ତାରିଖରେ ବାରିପଦା ସ୍ଥିତ ମେଡିକାଲ କଲେଜ ସମ୍ମିଳନୀ କକ୍ଷଠାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ଏହି ସଫଳତା ପାଇଁ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ପାର୍ବତୀ ମୁର୍ମୁ, ଜେଆର୍‌ସି ଶିକ୍ଷକ ଦୀପକ ରାମ, ପିଇଟି ପାର୍ଥସାରଥୀ ଜେନା, ଶିକ୍ଷୟତ୍ରୀ ରୋଜାଲିକା ଗିରି, ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ, ମେଟ୍ରୋନ ସୁକାନ୍ତୀ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଜଣେଇବା ସହ ଜିଲ୍ଲାସ୍ତରରେ ସଫଳତା କାମନା କରିଛନ୍ତି ।

## ଆଦିବାସୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲା ଗୋନାସିକା ଗ୍ରାମ ପଞ୍ଚାୟତର ଜନ୍ତାରୀ ଗ୍ରାମ ଠାରେ ସୋମଗିରି ସ୍ଥିତ ଆଦିବାସୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ଆୟୋଜନ ଉସ୍ଥି ଫାଉଣ୍ଡେସନ ତରଫରୁ କରାଯାଇ ଗୋନାସିକା, ବାରହାଗଡ ପଞ୍ଚାୟତର ୨୦୨ ଜଣ ଲୋକ ବିଭିନ୍ନ ପ୍ରକାର ଚର୍ମ ରୋଗ, ଜ୍ୱର, ଥଣ୍ଡା, କାଶ, ଆଖି ସମ୍ବନ୍ଧୀୟ ଚିକିତ୍ସିତ ହୋଇଥିଲେ । ଆଦିବାସୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବି ନାୟକ, ଡାକ୍ତର ଏସ ବେହେରା, ଡାକ୍ତର ପି ମହାନ୍ତ, ଫାର୍ମାସିଷ୍ଟ ଅଲିଭା ଚକ୍ରବର୍ତ୍ତୀଙ୍କ ଦ୍ୱାରା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରି ଔଷଧ ଯୋଗାଇ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକର୍ମୀ ଜ୍ୟୋତ୍ସ୍ନାରାଣୀ ଚକ୍ରବର୍ତ୍ତୀ, ଅଶୋକ ମହାନ୍ତ, ଲିତା ମହାନ୍ତ, ପଦ୍ମିନୀ ମୁଣ୍ଡା, ନମିତା ମହାନ୍ତ ଓ ରାଜେଶ ମହାରଣା ସହଯୋଗ କରିଥିଲେ । ଆଦିବାସୀ ବହୁଳ ଅଞ୍ଚଳରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କରି ରୋଗୀ ସେବା ଯୋଗାଇ ଥିବାରୁ ଜନ୍ତାରୀ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି ।

## ବଣ୍ଡାଘାଟିର ଦୁଃଖ । । । । । ।
## ବିପଦସଙ୍କୁଳ ଅବସ୍ଥାରେ ଟ୍ରାକ୍ଟରରେ ଯାତ୍ରା



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ବଣ୍ଡାଘାଟି ଅଞ୍ଚଳ ଅନ୍ତର୍ଗତ ଅଣ୍ଡରାହାଲ ପଞ୍ଚାୟତର ସିନ୍ଧିଗୁଡ଼ା ଗ୍ରାମର ଅବସ୍ଥା ଦେଖି ମନ ଥମି ଯାଏ । ଏଠି ଲୋକେ ଏପରି ଅବସ୍ଥାରେ ଜୀବନ ଯାପନ କରୁଛନ୍ତି, ଯାହା ଆଜିର ଏତେ ବିକାଶ ହୋଇଥିବା ଦେଶ ପାଇଁ ଏକ ଲଜ୍ଜାର ବିଷୟ । ଏହି ଗ୍ରାମର ଲୋକମାନେ ଦୂର ସ୍ଥାନକୁ ଯିବା ପାଇଁ ଟ୍ରାକ୍ଟରରେ ଅର୍ଥାତ ମାଲ ବୋଝାଯିବା ସ୍ଥାନରେ ବସି ଯାତ୍ରା କରୁଛନ୍ତି । ଏଠି ବସ ସେବା ନାହିଁ, ପିଚୁ ରୋଡ଼ ନାହିଁ, ଚାରିପାଖେ କେବଳ ଜଙ୍ଗଲ ଓ ମାଟି ରାସ୍ତା ତାହା ବି ପାହାଡିଆ । ବର୍ଷା ହେଲେ ଏହି ରାସ୍ତା ଦୁର୍ଗମ ହୋଇଯାଏ । ଏହି ଭଳି ବିପଦପୂର୍ଣ୍ଣ ଘାଟି ରାସ୍ତାରେ ଲୋକମାନେ ନିଜ ଜୀବନକୁ ବାଜି ଲଗାଇ ଦୈନିକ ଟ୍ରାକ୍ଟରରେ ଯାତ୍ରା କରୁଛନ୍ତି । ଗାଁରେ ପ୍ରାୟ ୫୦ରୁ ଅଧିକ ପରିବାର ବସବାସ କରୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଏଠିକୁ ଏକ ଭଲ ରାସ୍ତା ସଂଯୋଗ ହୋଇପାରୁନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କିଛି ବୋଲି କିଛି ନାହି ଏଠାରେ । ସ୍କୁଲ ଅଛି ହେଲେ ସ୍କୁଲର ନିଜସ୍ୱ ଗୃହ ନାହିଁ । ଜିଲ୍ଲାର ସୀମାନ୍ତରେ ଥିବା ଏହି ଗ୍ରାମ ଦେଖି ଲାଗେ ଯେ ଏହା ବିକାଶର ମୁଖ୍ୟ ଧାରାରୁ କେବଳ ବଞ୍ଚିତ ତାହା ନୁହେଁ, ଅଣଦେଖା ହୋଇଯାଇଛି । ଗ୍ରାମବାସୀମାନେ ଅନେକଥର ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ନେତାଙ୍କ ନିକଟକୁ ଅନୁରୋଧ ଜଣାଇଥିଲେ ମଧ୍ୟ କେବେ ଗୁରୁତ୍ୱ ଦିଆଯାଇନାହିଁ । ଏଥିରେ ପ୍ରଶ୍ନ ଉଠୁଛି, ଏମିତି ଗ୍ରାମ ମାନଙ୍କୁ କେବେ ସରକାର ବିକାଶର ଧାରାକୁ ଆଣିବ ସିନ୍ଧିଗୁଡ଼ା ଗ୍ରାମର ଏହି ଦୁଃଖଦ ଅବସ୍ଥା ସଂପୂର୍ଣ୍ଣ ଗଣତନ୍ତ୍ରକୁ ପ୍ରଶ୍ନ କରୁଛି । ଏହାକୁ ଶୀଘ୍ର ଗମ୍ଭୀରତା ସହ ନେଇ ସମାଧାନ ନ କରାଗଲେ, ଏମାନଙ୍କ ଜୀବନ ଓ ଭବିଷ୍ୟତ ଦୁହେଁ ଅନ୍ଧକାରରେ ରହିଯିବ । ଏ ବାବଦରେ ଜିଲ୍ଲା ସରପଞ୍ଚ ସଂଘର ସଭାପତି ଶ୍ରୀନିବାସ ମୁଦୁଲିଙ୍କୁ ପଚାରିବାରୁ ସେ ଏ ବାବଦରେ ଜିଲ୍ଲା ପ୍ରଶାସନଙ୍କୁ ସେ ଗାଁ ସରପଞ୍ଚ ଜଣାଇଛନ୍ତି କିନ୍ତୁ ସରପଞ୍ଚ ମାନଙ୍କ କଥାକୁ ଜିଲ୍ଲାପ୍ରଶାସନ କର୍ଣ୍ଣପାତ କରୁନଥିବା ପାଲଟା ଅଭିଯୋଗ ଆଣିଛନ୍ତି ।

## ଖରାପ ରାସ୍ତା ତିଆରିର ଦାୟିତ୍ୱ ନେଲେ ବିଧାୟକ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲା ମାଟାପାକା ପଞ୍ଚାୟତର ଆକାରପଲ୍ଲୀ ଗାଁ ମୁଖ୍ୟ ରାସ୍ତା କଦର୍ଯ୍ୟ ହୋଇପଡିଛି । ରାସ୍ତା ଖରାପ ଯୋଗୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରାପ ହେବା ଯୋଗୁ ଅତ୍ୟାବଶ୍ୟକ ସେବା ଏବଂ ପିଲାମାନେ ସ୍କୁଲ ଯିବାରେ ଅସୁବିଧା ଭୋଗୁଛନ୍ତି । ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପାଇଲା ପରେ ବିଧାୟକ ନରସିଂହ ମାଡକମି ଘଟଣାସ୍ଥଳକୁ ଯାଇ ତଦାରଖ କରିଥିଲେ । ପରେ ଏ ବିଷୟରେ ମାଲକାନଗିରି ବିଡିଓ ତପନ କୁମାର ସେନାପତିଙ୍କ ସହ ଆଲୋଚନା କରିଛନ୍ତି । ବିଧାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଡିଓ ଶ୍ରୀ ସେନାପତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁବାଷ କବିରାଜ, ସ୍ଥାନୀୟ ସରପଞ୍ଚ ଆକରପଲ୍ଲୀ ଗାଁରେ ପହଞ୍ଚି ରାସ୍ତା ସ୍ଥିତି ତଦାରଖ କରିଛନ୍ତି । ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଧାୟକ ଶ୍ରୀ ମାଡ଼କାମି ପ୍ରତିଶ୍ରୁତି ଦେଇଛନ୍ତି ଯେ ରାସ୍ତା ମରାମତି ଓ ପୁନର୍ନିର୍ମାଣ ପାଇଁ ୬ ଲକ୍ଷ ଟଙ୍କାର ପ୍ରସ୍ତାବ କରାଯାଇଛି । ଶୀଘ୍ର ଏହା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକର ଉପରମୁଣ୍ଡରେ ପ୍ରବଳ ବର୍ଷା ହେତୁ ମହାନଦୀ ଓ ବ୍ରାହ୍ମଣୀ ବନ୍ୟା ଆସି ବ୍ରାହ୍ମଣୀର ଶାଖା ନଦୀ କେଲୁଅ ଓ ମହାନଦୀର ଶାଖା ନଦୀ ବିରୂପାରେ ପ୍ରବଳ ବନ୍ୟା ଆସି ବଡ଼ଚଣା ନିର୍ବାଚନ ମଣ୍ଡଳୀର ବଡବାଲିକୁଦା, ନିଆଳି, ସାଉଡିଆ, ବରପଦା, ବଣିଆରୀ, ରଇପୁର, ଜନକ, ବାଲିକୁଦା, ଚଣ୍ଡିଆ, ମଝି ପଡା, ଗୋପାଳପୁର, କଳାଶ୍ରୀ, ଅଣକା, ମାଣ୍ଡୁକା, ଚାରିନଙ୍ଗଳ, ବାହାଦୁରନଗର, ଶାନ୍ତିପୁର, ବେଣାପୁର ଆଦି ପଞ୍ଚାୟତ ଓ ଗ୍ରାମମାନଙ୍କରେ ବନ୍ୟା ଜଳ ପଶିଯାଇ ହଜାର ହଜାର ଚାଷ ଜମି ଜଳମଗ୍ନ ହେବା ସହିତ ଚାଷୀ କୁଳଙ୍କର ପ୍ରଭୁତ କ୍ଷତି ଘଟାଇଛି । ଏପର୍ଯ୍ୟନ୍ତ ଚାଷ ଜମି ଏବଂ ପାଟ ସାରା ବନ୍ୟା ଜଳ କମି ଯାଇଥିଲେ ମଧ୍ୟ ପାଣି ଭର୍ତ୍ତି ହୋଇ ରହିଛି । ଚାଷ କରିବାକୁ ଉପଯୁକ୍ତ ସମୟ ଥିଲେ ମଧ୍ୟ ଭର୍ତ୍ତି ହୋଇ ଥିବା ବନ୍ୟା ଜଳ ଯୋଗୁ ବହୁ କ୍ଷୟକ୍ଷତି ହୋଇଛି । ଏଭଳି ଲାଗି ରହିଲେ ଚାଷୀ ମାନେ ଚାଷ କରିବା କଷ୍ଟକର ହେବ । ଯେଉଁ ବନ୍ୟା ଜଳ ପସିବା ପୂର୍ବରୁ ପନିପରିବା ତଳି, ବେଉଷଣ ବ୍ୟାପକ ଫସଲ କରିଥିଲେ ତାହା ସମଗ୍ର ନଷ୍ଟ ହୋଇଯାଇଛି । ଚାଷୀ ମାନଙ୍କ କ୍ଷୟକ୍ଷତି ପୂରଣ ପାଇଁ ସରକାର ବନ୍ୟା ପ୍ଲାବିତ ଅଞ୍ଚଳକୁ ସହାୟତା ଘୋଷଣା କରାଯାଇ ବ୍ୟାପକ ଫସଲ ହାନି ହୋଇଥିବା ଗ୍ରାମର ଜମି ଗୁଡ଼ିକୁ ତୁରନ୍ତ ସରକାରଙ୍କ ପକ୍ଷରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ କ୍ଷତି ପୂରଣ ଦେବାକୁ ଦାବି ହୋଇଛି ।

## ଦୁଇ ଅସହାୟଙ୍କୁ ଆର୍ଥିକ ସହାୟତା





କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ସାହାବାଦପୁର ଗ୍ରାମର କର୍କଟ ରୋଗରେ ପୀଡିତ ଅନୁରାଗ ବେହେରା ଏବଂ ଇଷାଣୀ ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ସାଧୁସାହି ଗ୍ରାମର ପକ୍ଷାଘାତ ରୋଗରେ ପୀଡିତା କୁନି ଦାସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ଅନୁରାଗ ଜଣେ ଗରିବ ଶ୍ରେଣୀର ପିଲା । ଗତ କିଛି ମାସ ହେବ ସେ କର୍କଟ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ସ୍ଥିତ ଏମ୍ସରେ ବର୍ତ୍ତମାନ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।ବାପା ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ପୁଅର ଚିକିତ୍ସା କରାଇ ପାରୁନାହାନ୍ତି । ସେହିପରି କୁନି ଜଣେ ପକ୍ଷାଘାତ ରୋଗୀ । ସ୍ୱାମୀ ଜଣେ ରାଜମିସ୍ତ୍ରୀ । ପୁଅ ସଡ଼କ ଦୁର୍ଘଟଣାରେ ଆରପାରିରେ, ଝିଅ ବିବାହ କରି ଶାଶୁ ଘରେ । ପାଖରେ କେହି ନଥିବାରୁ ସ୍ୱାମୀ କାମକୁ ନ ଯାଇ କୁନିଙ୍କର ସେବା କରୁଛନ୍ତି । କାମ କରିବାକୁ ଯାଇପାରିନାହାନ୍ତି ।ତେଣୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ । ଅର୍ଥାଭାବରୁ ଏହି ଦୁଇ ବ୍ୟକ୍ତିଙ୍କର ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ପରାମର୍ଶଦାତା ସରୋଜ କୁମାର ବେହେରା, ସଂଯୋଜକ ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ବାବାଜୀ ରାଉତ ଓ ହରେକୃଷ୍ଣ ବେହେରା ପ୍ରମୁଖ ଅନୁରାଗଙ୍କ ବାସଭବନରେ ପହଞ୍ଚି ତାଙ୍କ ବାପାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ସେହିପରି କୁନିଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ଅନୁରାଗଙ୍କ ପରିବାର ଏବଂ କୁନିଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।

## ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ଚାରାରୋପଣ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତର କନ୍ଧଗୁଡା ଗ୍ରାମରେ ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି ଆନୁକୂଲ୍ୟରେ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ବିଡ଼ିଓ ଅମୂଲ୍ୟ କୁମାର ସାହୁ ଯୋଗ ଦେଇଥିଲେ । ଏଥିସମେତ ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ଉପଦେଷ୍ଟା ରବୀନ୍ଦ୍ର ନାଥ ରାୟ ଓ ବାଲିମେଳା ଶାଖାର ପରିଚାଳକ ବିଜୟ ପ୍ରଧାନ, ବ୍ଲକ ସଂଯୋଜକ ମନତ କୁମାର ବେହେରା, ଯୁବ ବିଜେପି ନେତା ସୁଧାଂଶୁ ଶେଖର ପାଢ଼ି ସମେତ ଶତାଧିକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ । ଉପାନ୍ତ ଅଞ୍ଚଳରେ ଫଳ ଚାରାରୋପଣ ଓ ଚାରା ବଣ୍ଟନ ଦ୍ୱାରା ଗରିବ ଜନସାଧାରଣଙ୍କ ସାମାଜିକ ସ୍ଥିତିରେ ସୁଧାର ଆସିବା ସହ ଶାରୀରିକ ସମୃଦ୍ଧି ସମ୍ଭବ ହେବା ଏବଂ ଗ୍ଲୋବାଲ ୱାର୍ମିଙ୍ଗରୁ ମୁକ୍ତି ମିଳିପାରିବ ବୋଲି କହିଥିଲେ କୋରୁକୋଣ୍ଡା ବିଡ଼ିଓ ଶ୍ରୀ ସାହୁ । କାର୍ଯ୍ୟକ୍ରମ ରେ କନ୍ଧଗୁଡ଼ା ଗ୍ରାମରେ ୬୦ଟି ଆମ୍ବ ସମେତ ନଡ଼ିଆ ଗଛ ରୋପଣ କରାଯାଇଥିବା ବେଳେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଫଳନ୍ତି ଚାରା ଉପସ୍ଥିତ ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା ।

## ଯୌନ ଉତ୍ପୀଡନର ତଥା ପେସା ଆଇନ ସମ୍ପର୍କରେ ସେମିନାର

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅଧୀନରେ ଥିବା ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଏବଂ 'ଅତୀତର ପ୍ରତିଧ୍ୱନି: କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନର ଐତିହାସିକ ଦିଗନ୍ତ ଏବଂ ପେସା ଆଇନ ୨୦୧୩' ସେମିନାର କଲେଜ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଲୁଖି ଟୁଡୁ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଏବଂ ସେମିନାର ବିଷୟରେ ଅଭିଭାଷଣ ରଖିଥିଲେ । ଉକ୍ତ ସଭାରେ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅଧ୍ୟକ୍ଷ ମହୋଦୟ ସ୍ୱାଗତ ଏବଂ ସେମିନାର ଉପରେ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ । ଉକ୍ତ କଲେଜ ଇତିହାସ ବିଭାଗର ମୁଖ୍ୟ ଡା.ମାନସ୍ କୁମାର ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ପିଲାମାନଙ୍କୁ 'ଅତୀତର ପ୍ରତିଧ୍ୱନି: କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନର ଐତିହାସିକ ଦିଗନ୍ତ ଏବଂ ପୋସ ଆଇନ ୨୦୧୩' ସେମିନାର ଉପରେ କାର୍ଯ୍ୟ ସ୍ଥଳରେ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଅଧିକାର, ଆଇନ ଧାରା ୨୦୧୩ ଏବଂ ନ୍ୟାୟ ସମ୍ବନ୍ଧରେ ଅଭିଭାଷଣ ସଭାରେ ରଖିଥିଲେ । ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ସେମିନାର ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରତିକାନ୍ତ ମିଶ୍ର ସ୍ୱାଗତ ଜଣାଇଥିଲେ ଏବଂ ପିଲାଙ୍କ ଭବିଷ୍ୟତ ନେଇ ମତ ରଖିଥିଲେ ଓ ସମସ୍ତ କ୍ଷେତ୍ରେ ସତ୍ୟ ଓ ନିଷ୍ଠା ବଜାଇ ରଖିବାକୁ ଉପଦେଶ ଦେଇଥିଲେ । ଶେଷରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସାଗର ମୁର୍ମୁ ପିଲାଙ୍କୁ ସ୍ୱାଗତ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ-ସ୍କୁଟି ମୁହାଁ ମୁହିଁ : ଯୁବତୀଙ୍କ ସମେତ ୩ ଗୁରୁତର

କଲମପୁର, (ଭାସ୍କର ନ୍ୟୁଜ୍) : ଗୁରୁବାର କଲମପୁର ଥୁଆମୁଳ ରାମପୁର ମୁଖ୍ୟ ରାସ୍ତାର କଲମପୁର ଲଖିରାମ ଫୁଏଲସ ନିକଟରେ ଘଟିଛି ଏକ ଦୁର୍ଘଟଣା । ଏକ ବାଇକ ସହ ସ୍କୁଟିର ମୁହାଁ ମୁହିଁ ଧକ୍କା ହେବା ଯୋଗୁଁ ସ୍କୁଟିରେ ଥିବା ଦାସିଗାଁର ଯୁବକ ପ୍ରଭାସ ଦାସିଗାଁ ଡାକ ବିଭାଗରେ କାର୍ଯ୍ୟରତ ଅଞ୍ଜଳୀ ତରାଇ ନାମକ ଜନୈକ ଯୁବତୀଙ୍କ ସମେତ ବାଇକରେ ଥିବା ପଣ୍ଡିଗାଁର ରୁପେଶ ମାଝୀ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରବର୍ତ୍ତୀ ସମୟରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ସନ୍ଥ କବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଅଖଣ୍ଡ ଦୀପ ସଂଯୋଗ




ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ଭୀମ ଭୋଇ ଛକ ଠାରେ ଥିବା ସନ୍ଥ କବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଏକ ଅଖଣ୍ଡ ଦୀପ ଲଗାଯାଇଛି । ଏହି ଅଖଣ୍ଡ ଦୀପଟି ବିଜ୍ଞାପିତଅଞ୍ଚଳ ପରିଷଦ ପକ୍ଷରୁ ଲଗାଯାଥିବା ବେଳେ ଏହି ମହାଦୀପ ସବୁ ସମୟରେ ଲାଗିବ ବୋଲି ଉଲ୍ଲେଖ କରାଯାଇଛି । ଏହି ମହାଦୀପ ଆନନ୍ଦ ବାବା ଲଗାଇବା ଥିଲେ । ସ୍ଥାନୀୟ ପ୍ରଶାସନ ପକ୍ଷରୁ ତହସିଲଦାର ପ୍ରଭାତ କୁମାର ବିଶ୍ୱାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ପଞ୍ଚାୟତ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ମହିମା ସାଧୁ ସନ୍ଥ ଓ ଭକ୍ତ, ସ୍ଥାନୀୟ ଜନ ସାଧାରଣ ମହାଦୀପ ଲଗାଇବା ସମୟରେ ଉପସ୍ଥିତ ଥିଲେ ।

## ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଲେ ବିଧାୟକ

ଝରିଗାଁ, (ଭାସ୍କର ନ୍ୟୁଜ୍) : ଆଜି ଝରିଗାଁ ବିଧାୟକ ନରସିଂ ଭତରା ଝରିଗାଁ ନିର୍ବାଚନ ମଣ୍ଡଳୀର ପାଲିଆ ପଞ୍ଚାୟତ ଗସ୍ତ କରିଛନ୍ତି । ବିଧାୟକ ଶ୍ରୀ ଭତରା ପ୍ରଥମେ ବଡ଼ନୀ ଗ୍ରାମକୁ ଯାଇ ବଡ଼ନୀ ହାଟପଦା, ହାଟପଦା ତଥା ଆଶ୍ରମ ବିଦ୍ୟାଳୟ ରାସ୍ତା ଦେଖି ସାରିବା ପରେ ଆଶ୍ରମ ବିଦ୍ୟାଳୟରେ ପ୍ରବେଶ କରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ସହିତ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କରିଥିଲେ ଓ ବେଲଝରୀ, ଡୁମରପଦର ଓ ଦିଉଡୁଗୁଡ଼ା ଗ୍ରାମ ଅଭିମୁଖେ ଯାଇଥିଲେ । ବେଲଝରୀ -ଦିଉଡୁଗୁଡ଼ା ରାସ୍ତାର ଅବସ୍ଥା ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସେଠାରୁ ଫେରି ସାନରାମସା ଗ୍ରାମର ବାଇକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଖଗପତି ପୂଜାରୀଙ୍କ ପରିବାର ସହିତ ସାକ୍ଷାତ କରି ସୁଖଦୁଃଖ ପଚାରି ବୁଝିବା ପରେ କୁରୁଙ୍ଗାବେଡା ଗ୍ରାମକୁ ଗସ୍ତ କରିଥିଲେ । କୁରୁଙ୍ଗାବେଡା-ବଡାଯୋଡି ରାସ୍ତାର ଅବସ୍ଥା ଦେଖିସାରିବା ପରେ ତାମିଲନାଡୁ ଦାଦନ ଯାଇ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ସ୍ୱର୍ଗତ ଚୈତୁ ମାଝୀଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣେଇବା ସହ ପରିବାରର ଅନ୍ୟାନ୍ୟ ସମସ୍ୟା ବିଷୟରେ ପଚାରି ବୁଝିଥିଲେ ଓ ସମସ୍ୟା ସବୁର ଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେଠାରେ ଉପସ୍ଥିତ ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଯଥାଶୀଘ୍ର ସମସ୍ୟା ସବୁର ସମାଧାନ କରାଯିବ ବୋଲି କହି ସେଠାରୁ ବିଦାୟ ନେଇଥିଲେ । ବିଧାୟକଙ୍କ ଏହି ଗସ୍ତ ସମୟରେ ତାଙ୍କ ସହିତ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୁଦନ ମାଝୀ, ପ୍ରଫୁଲ୍ଲ ପ୍ରତିନିଧି, ଧୋଡ୍ରା ପୂର୍ବତନ ମଣ୍ଡଳ ସଭାପତି ମନିରାମ ମାଝୀ, ଚଚା ମଣ୍ଡଳ ସାଧାରଣ ସମ୍ପାଦକ ପ୍ରତାପ ଦୁରିଆ, ଏସଟି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ମାଝୀ, ଆତ୍ମା ଚେୟାରମ୍ୟାନ ଚିତ୍ର ପ୍ରସାଦ ତିୱାରୀ, ଝରିଗାଁ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଗିରି ପାଣ୍ଡେ, ବନୁଆଗୁଡ଼ା ପଂଚାୟତ ସଭାପତି ପୁସ୍ତମ ଗଣ୍ଡ ପ୍ରମୁଖ ସାଙ୍ଗରେ ରହିଥିଲେ ।

## ପାଣିରେ ଭାସି ଯାଇଥିବା ୩ ଯୁବକ ନିଖୋଜ

ବାମରା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରାର ତିନି ଜଣ ଯୁବକ ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା, ବାଲିଶଙ୍କରା ବ୍ଲକ୍ ଘୋଘର ନିକଟସ୍ଥ କନାକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ବୁଲିବା ପାଇଁ ଯାଇଥିଲେ । ସୂଚନା ଅନୁସାରେ, ବାମରା ମୁଣ୍ଡାଡିପାର ଜୟନାରାୟଣ ପାତ୍ର (୨୨) ,ଆକାଶ ସାହୁ (୨୩) ଓ ଗୋବିନ୍ଦପୁର ନିଉ କୋଲୋନୀର ରୋଶନ ପାଶୱାନ (୨୦) ତିନି ଜଣ ଯୁବକ ସୁନ୍ଦରଗଡ଼କୁ କୌଣସି କାମରେ ଯାଇଥିଲେ । ସେଠାରୁ ସେମାନେ ପ୍ରାୟ ୧୨.୩୦ ପରେ ସେମାନେ ତଳସରା ଥାନା ଅନ୍ତର୍ଗତ କନାକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ପହଞ୍ଚିଥିଲେ । ସେଠାରେ ପହଞ୍ଚିବା ପରେ ଗାଧୋଇବା ପାଇଁ ପାଣି ଭିତରକୁ ପଶିଥିଲେ । ଜୟନାରାୟଣ ପାତ୍ର ରୋଶନ ପାଶୱାନ ହାତ ଧରାଧରି ହୋଇ ଗାଧୋଉ ଥିବା ବେଳେ ଗଭୀର ପାଣି ଭିତରକୁ ପଶିଯାଇ ପାଣି ସ୍ରୋତରେ ଭାସି ଯାଇଥିଲେ । ସେମାନଙ୍କୁ ଆକାଶ ସାହୁ ଉଦ୍ଧାର ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ପରେ ସେ ଘର ଲୋକଙ୍କୁ ଏ ସମ୍ପର୍କରେ ଖବର ଦେଇଥିଲେ । ଖବର ପାଇ, ତଳସରା ପୋଲିସ ଓ ବାଲିଶଙ୍କରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ । ତେବେ ରାତି ପ୍ରାୟ ୮ ଟା ପର୍ଯ୍ୟନ୍ତ ଉଭୟଙ୍କୁ ନ ମିଳିବା ଓ ରାତ୍ରିରେ ଖୋଜିବା ଅସୁବିଧା ହେତୁ ସର୍ଚ୍ଚ ଅପରେସନକୁ ସ୍ଥଗିତ ରଖାଯାଇଥିଲା ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ବେତନଟୀ ବ୍ଲକ୍‌ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏମପିସି ହାଇସ୍କୁଲ ସଭାଗୃହ ରେ ଆୟୋଜିତ ସଭାରେ କମିଟିର ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭରେ ସାଧାରଣତନ୍ତ୍ର ଦିବସ ପାଳନର ଆୟ ଓ ବ୍ୟୟର ବିବରଣୀ ଉପସ୍ଥାପନ କରାଯାଇଥିଲା । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବେତନଟୀ ବ୍ଲକର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଅଗଷ୍ଟ ୮ରେ ଏମପିସି ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଓ ଅଗଷ୍ଟ ୧୨ ଓ ୧୩ ପ୍ୟାରେଡ ଅଭ୍ୟାସ କରାଯିବାର ସ୍ଥିର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏମପିସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ସହ ସମ୍ପାଦକ ମନୋଜ କୁମାର ପଣ୍ଡା, ଉପଦେଷ୍ଟା ଜନମୋନ ବେହେରା, ସୁଶାନ୍ତ ବଳା, ଅନୁପ କୁମାର ଦଣ୍ଡପାଟ, ପ୍ରଭାତୀ ମହାନ୍ତି, କୋଷାଧ୍ୟକ୍ଷ ଉଦିତ ପରିଡ଼ା, ଯୁବ ନେତା ସଂଜୀବ ଜେନା, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ସାମ୍ବାଦିକ ହରିଶ ଚନ୍ଦ୍ର ସାମଲ, ଶିକ୍ଷକ ସଂଜୟ ମଲୁଆଳ, ପ୍ରଶାନ୍ତ ନାଥ, ସମାଜସେବୀ ପ୍ରକାଶ ବେହେରା , ଅରୁପ ଲେଙ୍କା, ରଞ୍ଜିତା କର ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକର ସମସ୍ତ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଶେଷରେ କମିଟି ର ସମ୍ପାଦକ ଚନ୍ଦ୍ର ଶେଖର ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଶୁ ଚିକିତ୍ସାଳୟ ପାଇଁ ସଂରକ୍ଷିତ ଜମି ଦଖଲ
## ଅଞ୍ଚଳବାସୀ ଲୋଡ଼ିଲେ ପ୍ରଶାସନର ହସ୍ତକ୍ଷେପ



ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ତହସିଲ ଅନ୍ତର୍ଗତ ବଡମାଧପୁର ମୌଜାର ସରକାରୀ ଖାତା ନଂ. ୧୩୯୬ ଓ ପ୍ଲଟ ନଂ. ୧୯୭୬, ଯାହା ପଶୁ ଚିକିତ୍ସାଳୟ ପାଇଁ ସଂରକ୍ଷିତ ଜମି । ବଡମାଧପୁର ଗ୍ରାମରେ ଦୁଇ ଜଣ ଭାଇ ସରକାରୀ କର୍ମଚାରୀ ହୋଇ ସରକାରୀ ଜମି ମାଡ଼ି ବସି ଅବାଧରେ ଗୃହ ନିର୍ମାଣ କରୁଛନ୍ତି, ଅଥଚ କାର୍ଯ୍ୟାନୁଷ୍ଠାନ ଶୂନ । ସୂଚନାଯୋଗ୍ୟ ଗତ କିଛି ଦିନ ତଳେ ଭାରପ୍ରାପ୍ତ ତହସିଲଦାର ଓ ପୋଟଲାମପୁର ରାଜସ୍ୱ ନୀରିକ୍ଷକ ଅଧିକାରୀ ଆସି ବଡମାଧପୁର ଅଙ୍ଗନୱାଡ଼ି କେନ୍ଦ୍ର ୮ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଜମି ଚିହ୍ନଟ ପାଇଁ ଆସିଥିଲେ । ଉକ୍ତ ଜାଗା ଉପଯୁକ୍ତ ବୋଲି ଚିହ୍ନଟ କରି ପରବର୍ତ୍ତୀ ପ୍ରକ୍ରିୟାକରଣ କରିବା ପାଇଁ ତହସିଲଦାର ମହୋଦୟ ରାଜସ୍ୱ ନୀରିକ୍ଷକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହାର ଦୁଇ ଦିନ ପରେ ବେଆଇନ ଗୃହ ନିର୍ମାଣ ପାଇଁ କାର୍ଯ୍ୟାରମ୍ଭ ହେଉଥିବା ଦେଖିବାକୁ ମିଳିଛି । ବଡମାଧପୁର ଗ୍ରାମର ଦୁଇ ଭାଇ ଜଣେ ଶିକ୍ଷକ ରଘୁନାଥ ବେହେରା ଓ ଅନ୍ୟ ଭାଇ ପଶୁ ଚିକିତ୍ସା ବିଭାଗର କର୍ମଚାରୀ ବସନ୍ତ ବେହେରା, ତାଙ୍କର ସରକାରୀ ପଦବୀକୁ ଦୁର୍ବ୍ୟବହାର କରି ଅବୈଧ ଭାବେ ଘର ତିଆରି କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ଅଞ୍ଚଳବାସୀଙ୍କ କହିବା ପ୍ରକାରେ, ସରକାରୀ ଜମି ଦଖଲ ଓ ଅନଧିକୃତ ନିର୍ମାଣ ମାଧ୍ୟମରେ ସେମାନେ ପଶୁ ଚିକିତ୍ସାଳୟ ପାଇଁ ସଂରକ୍ଷିତ ସଂପତ୍ତିକୁ ହାଡ଼ିଖାଇବା ଚେଷ୍ଟା କରୁଛନ୍ତି । ଏହି ମାମଲା ବିରୋଧରେ ତହସିଲ କାର୍ଯ୍ୟାଳୟର ନଜରକୁ ନିଆଯାଇଛି , ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ନିଆଯାଇନି । ଉକ୍ତ ବିଷୟ ନେଇ ପୋଟଲାମପୁର ରାଜସ୍ୱ ନୀରିକ୍ଷକ ଅଧିକାରୀଙ୍କୁ ପଚାରିବାରୁ ଗୃହ ନିର୍ମାଣ ନ କରିବାକୁ ତାଗିଦ୍ କରାଯାଇଛି । ଯଦି ଜବରଦସ୍ତ କରୁଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଅଞ୍ଚଳବାସୀ ଏହି ବିଷୟରେ ତହସିଲ ଅଧିକାରୀଙ୍କ ତତ୍କାଳ ହସ୍ତକ୍ଷେପ ଓ ଅବୈଧ ଘର ଅପସାରଣ ପାଇଁ ଦାବି କରୁଛନ୍ତି ଏବଂ ଦୁର୍ନୀତି କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ବୈଧ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

## ପ୍ରମୁଖ ସଚିବଙ୍କ ବୟନଗ୍ରାମ ଓ ଅମୃତ ଡାଏରୀ ପରିଦର୍ଶନ



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗୃହନିର୍ମାଣ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢ଼ୀ ବୁଧବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଇପୁର ସ୍ଥିତ ବୟନ ଗ୍ରାମ ଓ ପୂରଣ ଓଡ଼ପଡ଼ା ଅମୃତ ଡାଏରୀ ପରିଦର୍ଶନରେ ଆସି ଫେରିଛନ୍ତି । ବୟନ ଗ୍ରାମରେ ବୁଣାକାର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଶାଢୀ, ସାଲ, ଓଢଣି ଓ ଅନ୍ୟାନ୍ୟ ସାମଗ୍ରୀ ଦେଖି ତାରିଫ କରିବା ସହ ସେମାନଙ୍କ ଅଧିକ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ଏହାଛଡ଼ା ମହିଳାଙ୍କ ବୁଣିବା ପ୍ରଣାଳୀ ଦେଖିବା ସହ ଏହାର ମାର୍କେଟିଂ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରସ୍ତୁତ ସାମଗ୍ରୀର ବର୍ତ୍ତମାନ ଥିବା ଦର ଠାରୁ ୨୦ ପ୍ରତିଶତ ଅଧିକ ଦରରେ ବିକ୍ରି କରାଗଲେ ବୁଣାକାର ମହିଳାମାନେ ଅଧିକ ରୋଜଗାର ପ୍ରାପ୍ତ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ । ମହିଳାମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଅଧିକ ତାଲିମ ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ସ୍ୱତନ୍ତ୍ର ବ୍ରାଣ୍ଡ ପାଇଁ ଉପସ୍ଥିତ ଓରମାସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । କୋଟପଡା, ମାଣିଆ ବନ୍ଧ ପରି ଜଗତସିଂହପୁର ବ୍ରାଣ୍ଡର ହସ୍ତତନ୍ତ ଶାଢୀ ଓ ଅନ୍ୟାନ୍ୟ ସାମଗ୍ରୀ ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ ବୋଲି ପ୍ରମୁଖ ସଚିବ ପାଢୀ ପ୍ରକାଶ କରିଥିଲେ । ଏହାଛଡ଼ା ବୟନ ଗ୍ରାମରେ ସୋଲାର ଇନଭୋଟର ସିଷ୍ଟମ ସହ ଉତ୍ତମ ପାନୀୟଜଳର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଜେ ସୋନାଲଙ୍କ ସହ ଆଲୋଚନା କରିଥିଲେ । ଏଥିପାଇଁ ଓରମାସ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ନେବାକୁ ପ୍ରମୁଖ ସଚିବ ପାଢୀ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସେ ହସ୍ତତନ୍ତ ସାମଗ୍ରୀର ବିକ୍ରୟ କେନ୍ଦ୍ର ଓ କାଫେ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ । ହସ୍ତତନ୍ତ ଯୁଗ୍ମ ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ବୟନ ଗ୍ରାମର ବିଭିନ୍ନ ପ୍ରକାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପ୍ରମୁଖ ସଚିବ ପାଢୀଙ୍କୁ ଅବଗତ କରିଥିଲେ । ସେହିପରି ଓରମାସ ଡେପୁଟି ସିଓ ଆଶିଷ ରାଉଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ଦାସ ଅନଲାଇନ ମାର୍କେଟିଙ୍ଗ ଜରିଆରେ କିପରି ପ୍ରସ୍ତୁତ ସାମଗ୍ରୀ ବିକ୍ରୟ ହେଉଛି ସେ ସମ୍ପର୍କରେ ତଥ୍ୟ ରଖିଥିଲେ । ପ୍ରଥମେ ପ୍ରମୁଖ ସଚିବ ପାଢୀ ପୂରଣ ଓଡ଼ପଡ଼ା ସ୍ଥିତ ଅମୃତ ଡାଏରୀରେ ପହଞ୍ଚି ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଘିଅ ଓ ପେଡାର ଚାହିଦା ସମ୍ପର୍କରେ ବୁଝିଥିଲେ । ପ୍ରସ୍ତୁତ ସାମଗ୍ରୀର ଉତ୍ପାଦନ ବଢାଇ ଅଧିକ ରୋଜଗାର କ୍ଷମ ହେବାପାଇଁ ପରାମର୍ଶ ଦେଇଥିଲେ । ଏହି ଗସ୍ତ ସମୟରେ ଏଡିଏମ ସମ୍ବିତ ରାଉତ, ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲ୍ଲାପରିଷଦ ରବିନାରାୟଣ ଯେଠି,ଡିପିସି ମୋନାଲିସା ଭଞ୍ଜ, ଡିପିଏମ ସୌମ୍ୟରଞ୍ଜନ ବିଶ୍ୱାଳ, ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ବିପିସି ଶଶାଙ୍କ ଶେଖର ସ୍ୱାଇଁ ଓ ବିପିଏମ ଲିପିକା ଷଡଙ୍ଗୀଙ୍କ ସହ ଅନ୍ୟ ଅଧିକାରୀ ମାନେ ସାମିଲ ଥିଲେ ।



ଫୁଲନଖରା (ଭାସ୍କର ନ୍ୟୁଜ୍) : ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଜୟର ଶାସନ ସ୍ଥିତ ପଞ୍ଚବଟୀ ଉଚ୍ଚ ବିଦ୍ୟାଳୟ ପରିସରରେ ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସବୁଦିନ ଟିଭି ଟ୍ରଷ୍ଟର ପ୍ରତିଷ୍ଠାତା ସନାତନ ପରିଜାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସବୁଦିନ ଟିଭି ଟ୍ରଷ୍ଟର ସମ୍ପାଦକ ସାମ୍ବାଦିକ ଡ. ଭବାନୀ ଶଙ୍କର ପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବନ୍ଧୁତା ଦିବସରେ ମୁଖ୍ୟ ଅତିଥିଭାବେ ପାହାଳ ଥାନା ଅଧିକାରୀ ଅଶ୍ୱନୀ କୁମାର ଜେନା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ସୁନାମଧନ୍ୟ ପାଲା ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ବାଲିଅନ୍ତା ବ୍ଲକ ଷୋଳ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ସମାଜସେବୀ ରବୀନ୍ଦ୍ର କୁମାର ସାହୁ, ସନ୍ତୋଷ ସାହୁ, ହୃଦାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ଉପରେ ଆଲୋଚନା କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ନିଜ ନିଜ ଭିତରେ ହାତକୁ ହାତ ମିଳେଇ ବନ୍ଧୁତା ଭଳି ପବିତ୍ର ସମ୍ପର୍କକୁ ବଜାୟ ରଖିବା ପାଇଁ ଅଭିନେତା ତଥା ସବୁଦିନ ଟିଭିର ସଂସ୍କୃତିକ ନିର୍ଦ୍ଦେଶକ ରୁଦ୍ରମନ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସବୁଦିନ ଟିଭିର ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସାମ୍ବାଦିକ ଧୀରେନ୍ଦ୍ର ସାହୁ, ନିର୍ମଳ ବେହେରା, ପବିତ୍ର କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହି ଏହି ବନ୍ଧୁତ୍ୱ ଦିବସକୁ ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅତସୀ ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଦବିଲାଣି ବୈତରଣୀ ପୋଲ

## ତଦନ୍ତରେ ଅଟକିଛି ମରାମତି କାର୍ଯ୍ୟ



ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ଦେଶ ସ୍ୱାଧୀନ ହେବାର ଦୀର୍ଘଦିନ ପରେ ଅର୍ଥାତ ଗତ ୨୦୦୮ ମସିହାରେ ଭଦ୍ରକରୁ କେନ୍ଦ୍ରାପଡା ଜିଲ୍ଲାକୁ ସଡ଼କ ପଥରେ ଯାତାୟତ କରିବା ନିମନ୍ତେ ଏକ ପୋଲ ନିର୍ମାଣ କରାଯାଇଥିଲା। ଖୋଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୋଲର ଶୁଭ ଉଦ୍ଘାଟନ କରିଥିଲେ। ଦୀର୍ଘ ୧୭ବର୍ଷ ବିତିଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଲର ବେରିଂ ପ୍ରାୟ ୧ ଫୁଟ୍‌ରୁ ଉର୍ଦ୍ଧ୍ୱ ଦବି ଯାଇଥିଲେ ମଧ୍ୟ ମରାମତି କରିବା ନାଁ ଧରୁନି ପ୍ରଶାସନ। ୨୫୦ ମିଟର ଲମ୍ବ ବିଶିଷ୍ଟ ଏହି ପୋଲ ପାଇଁ ୫୦କୋଟି ଟଙ୍କା ବ୍ୟୟ କରାଯାଇଥିଲା । କେବଳ ଆରଏଣ୍ଡବି ବିଭାଗର ଏକ ଏକ୍ସପର୍ଟ ଟିମ୍ ପକ୍ଷରୁ କ୍ଷେତ୍ରୀୟ ତଦନ୍ତ କରାଯାଇ ତଦନ୍ତରେ ସୀମିତ ରଖାଯାଇଛି ଏହି ପୋଲ ମରାମତି କାର୍ଯ୍ୟ। ସବୁଠୁ ଆଶ୍ଚର୍ଯ୍ୟର କଥା ତଦନ୍ତକାରୀ ଦଳ ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କୁ ପୋଲର ମରାମତି ହେବାର ନିହାତି ଆବଶ୍ୟକତା ରହିଥିବା କଥା ସ୍ପଷ୍ଟ ଭାବେ କହିଥିଲେ ମଧ୍ୟ ଦୀର୍ଘଦିନ ହେବ ତଦନ୍ତ ପରେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ଏହି ପୋଲଟିର ଅବସ୍ଥା ଏମିତି ହୋଇଛି ଯାହାକୁ ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ଏହାର ମରାମତି କରିବାକୁ ନେଇ ଶାସକ ଦଳ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବେଳେ ବିରୋଧୀଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ଜଳିବା ଆରମ୍ଭ ହୋଇଯାଇଛି। ପୋଲଟିର ଏମିତି ପରିସ୍ଥିତି ହୋଇଛି ଯାହା କୌଣସି ନା କୌଣସି ମୁହୂର୍ତ୍ତରେ ଭୁଶୁଡି ପଡିବା ସହ ଧନଜୀବନ ହାନି ହେବା ଏବଂ ସବୁଦିନ ପାଇଁ ଯାତାୟତ ଠପ୍ ହେବା ଭଳି ସଙ୍ଗୀନ ପରିସ୍ଥିତି ନଉପୁଜିବ ତାହା ମଧ୍ୟ କେହି କହିପାରିବେ ନାହିଁ।

# ୧୨ ରାଜ୍ୟ ପାଇଁ ମୟୂରଭଞ୍ଜରେ ହେବ ଅଗ୍ନିବୀରବାୟୁ ନିଯୁକ୍ତି ରାଲି




ବାରିପଦା (ଭାସ୍କର ନ୍ୟୁଜ୍) : ଭାରତୀୟ ବାୟୁସେନା ତରଫରୁ ଚଳିତ ବର୍ଷ ଆଗାମୀ ଅଗଷ୍ଟ ୨୭ ତାରିଖରୁ ସେପ୍ଟେମ୍ବର ୪ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ଠାରେ ବାୟୁସେନାରେ ଅଗ୍ନିବୀରବାୟୁ ନିମନ୍ତେ ନିଯୁକ୍ତି ରାଲି ଆୟୋଜିତ ହେବ। ଆୟୋଜିତ ହେବାକୁ ଥିବା ଉକ୍ତ ନିଯୁକ୍ତି ରାଲି ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ଗ୍ରୁପ କ୍ୟାପଟେନ ସଞ୍ଜୟ ପଟ୍ଟନାୟକ ତଥା ସମାଦେଶ ଅଧିକାରୀ ନବମ ବାୟୁସେନା ଚୟନ କେନ୍ଦ୍ର ଭୁବନେଶ୍ୱର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଯୋଗ ଦେଇଥିବା ବେଳେ ବାରିପଦା ଉପଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ଥାନାର ଆଇଆଇସି, ସମସ୍ତ ପିଏ ଆଇଟିଡିଏ, ସହକାରୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ତହସିଲଦାର ବାରିପଦା, ଏସ୍‌ଡିପିଓ ବାରିପଦା, ଡିଏସ୍‌ପି ଡି ଆଇ ବି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାରିପଦା ପୌର ପାଳିକା, ଡେପୁଟି କଲେକ୍ଟର ନିଜାରତ ଓ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ନିଯୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଆଶିଷ ବସନ୍ତିଆ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଗ୍ରୁପ କ୍ୟାପଟେନ ସଞ୍ଜୟ ପଟ୍ଟନାୟକ ବାରିପଦା ଠାରେ ଉକ୍ତ ମେଗା ନିଯୁକ୍ତି ରାଲିକୁ କିପରି ବ୍ୟବସ୍ଥିତ ତଥା ଶୃଙ୍ଖଳିତ ଭାବରେ ସଫଳତାର ସହିତ ଆୟୋଜିତ ହେବ ସେ ବିଷୟରେ ସବିଶେଷ ପ୍ରକ୍ରିୟା ଓ ଚୂଡାନ୍ତ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏହି ନିଯୁକ୍ତି ରାଲି କେବଳ ନିଯୁକ୍ତିରେ ସୀମିତ ରହିବ ନାହିଁ ବରଂ ଯୁବପିଢ଼ିଙ୍କ ପାଇଁ ଭବିଷ୍ୟତର ପ୍ରେରଣାର ଉତ୍ସ ହେବ। ଏଠାରେ ଉଲ୍ଲେଖ ଯୋଗ୍ୟ କି ଆସନ୍ତା ତା ୨୭-୦୮-୨୦୨୫ ରିଖ ଠାରୁ ତା ୦୪-୦୯-୨୦୨୫ ରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ଠାରେ ଭାରତୀୟ ବାୟୁ ସେନାରେ ଅଗ୍ନିବୀରବାୟୁ ପଦବୀ ପାଇଁ ଉଭୟ ପୁରୁଷ ଓ ମହିଳା ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନିମନ୍ତେ ୩ଟି ପର୍ଯ୍ୟାୟରେ ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଉକ୍ତ ନିଯୁକ୍ତି ରାଲିରେ ଭାରତର ୧୨ ଗୋଟି ରାଜ୍ୟ ଯଥା ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମେଘାଳୟ, ମଣିପୁର, ମିଜୋରାମ, ନାଗାଲ୍ୟାଣ୍ଡ, ସିକ୍କିମ, ପଶ୍ଚିମ ବଙ୍ଗ, ଛତିଶଗଡ ଓ ଝାରଖଣ୍ଡ ସମେତ ଓଡ଼ିଶାର ସମସ୍ତ ଜିଲ୍ଲାର ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ (ଯେଉଁମାନଙ୍କ ବୟସ ସାଢେ ୧୭ବର୍ଷରୁ ୨୧ବର୍ଷ ଭିତରେ ହୋଇଥିବ, ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ କିମ୍ବା ଆଇଟିଆଇ/ଡିପ୍ଲୋମାରେ ଉତ୍ତୀର୍ଣ୍ଣ ହୋଇଥିବେ ମାତ୍ର ଇଂରାଜୀରେ ସର୍ବନିମ୍ନ ୫୦ ପ୍ରତିଶତ ସହିତ ଏଗ୍ରିଗେଟରେ ୫୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ) ନିଯୁକ୍ତି ନିମନ୍ତେ ନିର୍ଦ୍ଧାରିତ ମାନଦଣ୍ଡ ଯଥା ଶିକ୍ଷାଗତ ଯୋଗ୍ୟତା, ଶାରୀରିକ ଗଠନ ଇତ୍ୟାଦି ଭିତ୍ତିରେ ନିଯୁକ୍ତି ପାଇଁ ଅଂଶଗ୍ରହଣ କରିପାରିବେ। ଏହି ନିଯୁକ୍ତିରେ ଅଂଶଗ୍ରହଣ କରିବା ପାଇଁ ପୂର୍ବରୁ କୌଣସି ପଞ୍ଜିକରଣର ଆବଶ୍ୟକତା ନାହିଁ। ନିଯୁକ୍ତି ରାଲି ପାଇଁ ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନରେ ଆସି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ସିଧା ସଳଖ ଅଂଶଗ୍ରହଣ କରିପାରିବେ। ଏହାକୁ ସଫଳତାର ସହ ଆୟୋଜନ କରିବା ପାଇଁ ଶ୍ରୀ ପଟ୍ଟନାୟକ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ମୟୂରଭଞ୍ଜ ଜିଲ୍ଲାକୁ ଏହି ଏହି ମେଗା ନିଯୁକ୍ତି ରାଲି ପାଇଁ ଚୟନ କରାଯାଇଥିବାରୁ ଏହା ଆମ ଜିଲ୍ଲା ପାଇଁ ଏକ ଗର୍ବର ବିଷୟ ଏଥିପାଇଁ ଜିଲ୍ଲାପାଳ ଭାରତୀୟ ବାୟୁସେନାକୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ଏହାକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ।

# ‘ଭାଷା ସୁରକ୍ଷା କ୍ଷେତ୍ରରେ ସାହିତ୍ୟ ପତ୍ରିକାର ଅବଦାନ ଗୁରୁତ୍ୱପୂର୍ଣ୍ଣ’




କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଆଦିକବି ସାରଳା ଦାସ ଓଡ଼ିଆ ଭାଷାକୁ ସାହିତ୍ୟ ସର୍ଜନା ମାଧ୍ୟମରେ ଲିପିବଦ୍ଧ କରି ଓଡ଼ିଆ ଜାତିକୁ ବିଶ୍ୱରେ ପରିଚୟ ଦେବା ସହିତ ଯେଉଁ ମହାନତା ପ୍ରଦର୍ଶନ କରି ଯାଇଛନ୍ତି, ଆଜି ଇଂରାଜୀର ବହୁଳ ବ୍ୟବହାର ଯୋଗୁ ଓଡ଼ିଆ ଭାଷା ଅସୁରକ୍ଷିତ ହୋଇ ପଡିଛି ବୋଲି ସାହିତ୍ୟ ପତ୍ରିକା ଉନ୍ମୋଚନ ଉତ୍ସବରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ କରତୁଠା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଡ. କେଶବଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଗୀତା ଦାସଙ୍କ ସମ୍ପାଦନାରେ ପ୍ରକାଶିତ ତ୍ରୈମାସିକ ସାହିତ୍ୟ ପତ୍ରିକା ‘ଭାଇ ଭଉଣୀ’ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ମାତୃଭାଷା ଯେଉଁ ସଙ୍କଟଜନକ ଅବସ୍ଥାରେ ଗତି କରୁଛି, ଏହା ଶୁଭ ସୂଚନା ନୁହେଁ। ଏ କ୍ଷେତ୍ରରେ ସାହିତ୍ୟ ପତ୍ରପତ୍ରିକା ଆଶ୍ୱାସନାର ବିଷୟ ବୋଲି କହିଥିଲେ। ଭାଷା ସୁରକ୍ଷା କ୍ଷେତ୍ରରେ ସାହିତ୍ୟ ପତ୍ରିକାର ଅବଦାନ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଭାବେ ପ୍ରିୟବନ୍ଧୁ ଅଧ୍ୟକ୍ଷ ଡ. ରଘୁନାଥ ସାହୁ ପାରାଦ୍ୱୀପରେ ଗଢି ଉଠିଥିବା ଶିଳ୍ପ ଅନୁଷ୍ଠାନ ଗୁଡିକ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ନିରୁତ୍ସାହିତ ମନୋଭାବ ପୋଷଣ କରୁଥିବାରୁ କୁଜଙ୍ଗରୁ ସାହିତ୍ୟ ପତ୍ରିକା ପ୍ରକାଶ ପାଇବା ସମ୍ଭବ ହେଉନଥିବା ବେଳେ ଗୀତା ଦାସଙ୍କ ଏକକ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବେ ଗାଳ୍ପିକ ଡ. ସନ୍ତୋଷ ସାମଲ, ଦୀପ୍ତି ଖଣ୍ଡୁଆଳ, କବି ପ୍ରଭାତୀ ମାଝୀ ପ୍ରମୁଖ ଓଡ଼ିଆ ପତ୍ର ପତ୍ରିକା ସମ୍ପର୍କରେ ମତ ରଖିଥିଲେ। ପତ୍ରିକାର ଉପଦେଷ୍ଟା ବିଭୁତିଭୂଷଣ ଦାସ ପ୍ରାରମ୍ଭରେ ସଭାର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଡେରାବିଶ ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ ନବାଗତଙ୍କୁ ସ୍ୱାଗତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟ ଅର୍ଥନୀତି ସମ୍ମାନ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ଅଧ୍ୟାପକ ସଂଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ସେମାନେ ମନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୋଷଣ କରି ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ଅନବରତ ଉଦ୍ୟମ ଜାରି ରଖିଲେ ଭବିଷ୍ୟତରେ ନିଶ୍ଚିତ ସଫଳତା ପ୍ରାପ୍ତି ହୋଇପାରିବେ। ଆତ୍ମସଂଯମ, ଶୃଙ୍ଖଳା ଜ୍ଞାନ ଓ ଅନ୍ୟପ୍ରତି ସମ୍ମାନବୋଧ ରହିଲେ ଜଣେ ସମସ୍ତଙ୍କର ହୃଦୟ ଜିଣିପାରିବ ବୋଲି ଶ୍ରୀ ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ଗୁରୁଚରଣ ସେଠୀ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ସଫଳତା ପ୍ରାପ୍ତି ପୂର୍ବକ ନିଜ କ୍ୟାରିଅରକୁ କିପରି ଉଜ୍ଜ୍ୱଳ କରିପାରିବେ ସେ ସମ୍ପର୍କରେ ନିଜ ମତ ରଖିଥିଲେ। ଅଧ୍ୟାପିକା ବନିତା ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା ସହ ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ପ୍ରଗାଢ଼ ଗୁରୁ ଭକ୍ତିରୁ ଶିଷ୍ୟଙ୍କୁ ମିଳେ ଅଲୌକିକ ଶକ୍ତି’



ଡେଲାଙ୍ଗ (ଭାସ୍କର ନ୍ୟୁଜ୍) : ଭକ୍ତି ବିନା ଶକ୍ତି ନାହିଁ । ପ୍ରଗାଢ଼ ଗୁରୁ ଭକ୍ତିରୁ ଶିଷ୍ୟ ଶିଷ୍ୟାମାନେ ପ୍ରତିବନ୍ଧକ ପାହାଡ଼ ଅତିକ୍ରମ କରି ସଫଳତା ଆଡକୁ ଅଗ୍ରସର ହୋଇଥାନ୍ତି। ଗୁରୁଙ୍କ ଆଶୀର୍ବାଦରୁ ସଫଳତା ପ୍ରାପ୍ତି ପାଇଁ ଶିଷ୍ୟଙ୍କୁ ଅଲୌକିକ ଶକ୍ତି ମିଳିଥାଏ। ପ୍ରତ୍ୟେକ ଶିଷ୍ୟ ଗୁରୁ ଗୁରୁଜନମାନଙ୍କୁ ଯଥୋଚିତ ଭକ୍ତି, ସମ୍ମାନ ପ୍ରଦର୍ଶନ କରିବା ବାଞ୍ଛନୀୟ ବୋଲି ଡେ଼ଲାଙ୍ଗ ବ୍ଲକ୍ ଗୋଡିପୁଟ ମାଟିଆପଡା ଗ୍ରାମ ପଞ୍ଚାୟତ ଅଧୀନ ହରିପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ବେବୀ ପଟ୍ଟନାୟକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଶିକ୍ଷା ପ୍ରଶାସକ, ଶିକ୍ଷାବିତ୍, ସମାଜସେବୀ, ପଣ୍ଡିତ, ରାଜନୈତିକ ବ୍ୟକ୍ତି ଓ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିମାନେ ସେମାନଙ୍କ ଦୀକ୍ଷାନ୍ତ ଅଭିଭାଷଣରେ ଅଭିହିତ କରିଛନ୍ତି। ଶିକ୍ଷାବିତ୍ ପ୍ରହଲ୍ଲାଦ ସ୍ୱାଇଁ ଆୟୋଜିତ ଉତ୍ସବରେ ସଭାପତିତ୍ୱ କରି ସମାଜରେ ଗୁରୁକୁଳର ଗୁରୁତ୍ୱ, ମହତ୍ୱ, ଶ୍ରେଷ୍ଠତ୍ୱ ଓ ଏକତ୍ୱ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଡେ଼ଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ମୁଖ୍ୟ ବକ୍ତା ପଣ୍ଡିତ ରମାକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ପ୍ରାକ୍ତନ ପିପିଲି ବିଇଓ ପ୍ରମୋଦ କୁମାର ପରିଡ଼ା, ବର୍ତ୍ତମାନର ଡେ଼ଲାଙ୍ଗ ବିଇଓ ଶତୃଘ୍ନ ବେହେରା, ଏବିଇଓ ସୁଷମା ଦାଶ, ପୂର୍ବତନ ଶିକ୍ଷକ ସଂଘ ନେତା ପ୍ରମୋଦ କୁମାର ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ମଳୟ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷା ଅନୁନୀରିକ୍ଷକ ହରିହର ସାହୁ, ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ, ଗୋପାଳ ମହାପାତ୍ର, ସୁବାସ ଦାଶ, ସମାଜସେବୀ ପ୍ରଦୀପ ଜେନା, ସିଆରସିସି ମନୋଜ ମହାରଣା, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଜେନା, ଚନ୍ଦ୍ର ଶେଖର ରାୟ, ଗୁଣନିଧି ବଳିୟାର ସିଂହ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କ୍ଷିରୋଦିନୀ ଶତପଥୀ, କଳ୍ପନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବେବୀ ପଟ୍ଟନାୟକଙ୍କ ୩୭ ବର୍ଷର ସଫଳ ଶୈକ୍ଷିକ ଜୀବନ ପାଇଁ ସେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ମହଲରେ ସବୁଦିନ ମନେରହିବେ ବୋଲି ଅତିଥିବୃନ୍ଦ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରି ପ୍ରକୃତ ଗୁରୁଭକ୍ତିରୁ ଶିଷ୍ୟ ଶିଷ୍ୟାଙ୍କୁ ଆପେ ଆପେ ଅଲୌକିକ ଶକ୍ତି ମିଳିଥାଏ ବୋଲି କହିଥିଲେ। ପ୍ରଧାନଶିକ୍ଷକ ମଙ୍ଗୁଳି ପରିଡ଼ା ଓ ହରିପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଭଦ୍ରା ପୃଷ୍ଟି ମଞ୍ଚ ସଂଯୋଜନା କରିଥିଲେ। ଏଥିରେ ପ୍ରଧାନଶିକ୍ଷକ କୁନ୍ତଳୁ ଧବଳେଶ୍ୱର, ସନ୍ତୋଷ ରଥ, ବିଜୟା ଭାରତୀ ମିଶ୍ର, କୁମୁଦ ମଣି ସାହୁ, ସବିତା ରଥ, ପ୍ରାକ୍ତନ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ପ୍ରଧାନଶିକ୍ଷକ ବାଳାନିଧି ସାହୁ, ପ୍ରଭାକର ସେଠୀ, ପ୍ରଧାନଶିକ୍ଷୟିତ୍ରୀ ଶରଳା ଦଳାଇ, ଶିକ୍ଷକ ଆଶୀଷ ମଲ୍ଲିକ, ମଞ୍ଜୁଲତା ବେହେରା, ବିଷ୍ଣୁପ୍ରିୟା ମହାପାତ୍ର, ସମାଜସେବୀ ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ବେବୀ ପଟ୍ଟନାୟକଙ୍କ ସୁଗୁଣ ଗାନ କରି ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷକ ସଂଘ ନେତା ପ୍ରଶାନ୍ତ ଦାସ, ସୂର୍ଯ୍ୟ ନାରାୟଣ ସେଠୀ, ସୁରେନ୍ଦ୍ର ନାୟକ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ହରିପୁର ବିଦ୍ୟାଳୟ ଓ ଅନ୍ୟାନ୍ୟ ବିଦ୍ୟାଳୟ ତରଫରୁ ତାଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଭୟ ଚରଣ ସାହୁ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଆବେଗପୂର୍ଣ୍ଣ ବିଦାୟ ସଙ୍ଗୀତ ଗାନ କରିଥିଲେ। ସ୍ୱେଚ୍ଛାସେବୀ ଅନିମା ମହାନ୍ତି, ପ୍ରଜ୍ଞା ବେହେରା, ପ୍ରତୀକ୍ଷା ବେହେରା, ଛାତ୍ରଛାତ୍ରୀ, କମିଟି ଅଧ୍ୟକ୍ଷ, ସଭ୍ୟସଭ୍ୟା, ହରିପୁର ଗ୍ରାମବାସୀ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ଜାତୀୟ ସେବା ଯୋଜନା ତରଫରୁ ରକ୍ତଦାନ ଶିବିର




ଫୁଲନଖରା (ଭାସ୍କର ନ୍ୟୁଜ୍) : ଏକ ସଚେତନତାମୂଳକ ଇନହାଉସ ବ୍ଲଡ୍ ଡୋନେସନ କ୍ୟାମ୍ପ କଟକରେ ଆୟୋଜିତ ହେଇଯାଇଛି। ଯେଉଁଥିରେ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଉପସ୍ଥିତ ହୋଇ ଦାନ ଓ ସେବା ଆନ୍ଦୋଳନରେ ନୂତନ ଉତ୍ସାହ ଭରି ଦେଇଥିଲେ। ଏହି କ୍ୟାମ୍ପ ଏସିବି ବ୍ଲଡ୍ ବ୍ୟାଙ୍କ କଟକରେ ଆୟୋଜିତ ହୋଇଥିଲା, ଯାହା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ତରଫରୁ ଜାତୀୟ ସେବା ଯୋଜନାର କଟକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତୀବାଳା ପରିଜାଙ୍କ ସୁପରାନ୍ୟୁଏସନ ଅବସରରେ ବିଶେଷ ଭାବରେ ଅନୁଷ୍ଠିତ ହୋଇଥିଲା । କ୍ୟାମ୍ପରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଯୁବ ଅଧିକାରୀ ଅଜିତ କୁମାର, ଏସିବି ମେଡିକାଲ ଆଣ୍ଡ କଲେଜ ବ୍ଲଡ୍ ସେଣ୍ଟରର ଅଧ୍ୟକ୍ଷା ଓ ବିଭାଗ ମୁଖ୍ୟ ପ୍ରଫେସର ଡ଼ା.ସ୍ମିତା ମହାପାତ୍ର, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡାକ୍ତର ବି.ଏମ୍. ଜେନା ଏବଂ ସାମାଜିକ କର୍ମୀ ଶିକ୍ଷାବିତ୍ ଡା. ଏସ୍.କେ କଲିମୁଲ୍ଲା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଯୁବପିଢିଙ୍କୁ ସେବା ଓ ମାନବତାର ଦିଗରେ ଆଗେଇ ଆସିବାକୁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମର ସଭାପତି ଓ ଜାତୀୟ ସେବା ଯୋଜନାର କଟକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତୀବାଳା ପରିଜା ଉପସ୍ଥାପନା କରି ରକ୍ତଦାନ ଆନ୍ଦୋଳନକୁ ଏକ ଦୈନିକ ଅଭ୍ୟାସ ରୂପେ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ ।


# ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଖଣ୍ଡଦେଉଳି ଠାରେ ଗ୍ରାସିମ୍ ଇଣ୍ଡଷ୍ଟ୍ରି ତରଫରୁ ଏକ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସୌମ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ଜଣ ଯକ୍ଷ୍ମା ରୋଗୀଙ୍କୁ ଶୁଷ୍କ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଛି। ଗ୍ରାସିମ୍ ଇଣ୍ଡଷ୍ଟ୍ରିର ସିଏସ୍‌ଆର୍ ମୁଖ୍ୟ ସସ୍ମିତା ବେହେରା, ସିଭିଲ ହେଡ୍ ମନମୋହନ ଦାସ, ଡିପିସି ବିଦେଶୀ ଜେନା, ସରୋଜ ମହାନ୍ତି, ସଂଯୁକ୍ତାରାଣୀ ଜେନା ଏବଂ ବରିଷ୍ଠ ଯକ୍ଷ୍ମା ପରିଦର୍ଶକ ପ୍ରଭୁଦତ୍ତ ଶତପଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଡାକ୍ତର ସୌମ୍ୟକାନ୍ତ ମହାପାତ୍ର ଏବଂ ବିଦେଶୀ ଜେନା ସମସ୍ତଙ୍କୁ ଏହି ଅଭିଯାନରେ ସାମିଲ ହୋଇ ଗ୍ରାମପଞ୍ଚାୟତଗୁଡ଼ିକୁ ଯକ୍ଷ୍ମା ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ବ୍ୟକ୍ତିମାନେ ଯକ୍ଷ୍ମା ନିରାକରଣ ପାଇଁ ସମାଜରେ ସଚେତନତା ବୃଦ୍ଧି ଏବଂ ରୋଗୀଙ୍କ ପାଇଁ ସମର୍ଥନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଯକ୍ଷ୍ମା ବିରୋଧୀ ଲଢ଼େଇକୁ ଆହୁରି ଜୋରଦାର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଶାନ୍ତିପୂର୍ଣ୍ଣ ଧାରଣା ଚତୁର୍ଥ ଦିନରେ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ବ୍ୟାସନଗର ପୌର ପରିଷଦରେ କାଉନସିଲର ମାନେ ଗତ ସୋମବାର ଠାରୁ ଦେଇଥିବା ଶାନ୍ତିପୂର୍ଣ୍ଣ ଧାରଣା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ସହରର ବିକାଶ କାର୍ଯ୍ୟରେ ନିର୍ବାହୀ ଅଧିକାରୀ ଅନ୍ୟଥା ବାଧକ ସାଜୁଥିବା ଅଭିଯୋଗ କରିଛନ୍ତି। ଏନେଇ ଧାରଣାକାରୀ ମାନେ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା ଆଲୋଚନା ପାଇଁ ଧାରଣାସ୍ଥଳରେ କୌଣସି ଜିଲ୍ଲା ପ୍ରଶାସନିକ ଅଧିକାରୀ ପହଞ୍ଚି ନାହାନ୍ତି। ପ୍ରଶାସନିକ ସ୍ତରରେ ଅଦ୍ୟାବଧି କୌଣସି ଆଲୋଚନା ନହେବା ଦ୍ୱାରା ନିଷ୍କର୍ଷ ବାହାରି ପାରିନାହିଁ। ଏଭଳି କ୍ଷେତ୍ରରେ ଧାରଣା କାରୀଙ୍କ ସପକ୍ଷରେ ସହରର ବିଭିନ୍ନ ସଂଗଠନ ପକ୍ଷରୁ ସମର୍ଥନ ମିଳିବା ସହ କେତେକ ନେତୃ ବୃନ୍ଦ ଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ସବିତା ରାଉତ, ନଗର ସଭାପତି ମହେଶ ଧଳ, ସିପିଆଇ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ଓ ଭ୍ରମରବର ରାଉତ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି କାଉନସିଲର ମାନଙ୍କର ନାଯ୍ୟଦାବି ଓ ଏହାକୁ ରାଜିନୀତି କରଣ କରାଯାଇ ସହରର ବିକାଶକୁ ବାଟବଣା କରାଯାଉଥିବା କହିଛନ୍ତି । ସହରର ବିକାଶ ପାଇଁ ଜନସାଧାରଣ ଆଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି କହିଛନ୍ତି। ଏହି ଶାନ୍ତି ପୂର୍ଣ୍ଣ ଧାରଣାରେ ବିଜେଡି ଓ କଂଗ୍ରେସ ପାରିଷଦ ମାନେ ସାମିଲ ହୋଇଛନ୍ତି। ଦାବି ପୂରଣ ନହେବା ଯାଏ ଧାରଣା ଜାରି ରହିବ ବୋଲି ପାରିଷଦ ମାନେ ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।


# ଯଅଁରାବାରିମୂଳରେ ‘ଆମ ଗାଁରେ ତହସିଲ କାର୍ଯ୍ୟାଳୟ’ କାର୍ଯ୍ୟକ୍ରମ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ‘ଆମ ଗାଁରେ ତହସିଲ କାର୍ଯ୍ୟାଳୟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ଯୋଗାଇ ଦେବ। ଏହି ଉପଲକ୍ଷେ ଆଜି ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ଯଅଁରାବାରିମୂଳ ରାଜସ୍ୱ ନିରୀକ୍ଷକ ଇପ୍‌ସିତା ପରିଜା ଉପସ୍ଥିତ ରହି ଯଅଁରାବାରିମୂଳ ରଜସ୍ୱ ସର୍କଲ ଅନ୍ତର୍ଗତ ୨୦୦ଜଣ ହିତାଧିକାରୀଙ୍କୁ ଓ୍ୱାରସ ସଂଶୋଧନ ହୋଇଥିବା ପଟ୍ଟା ବଣ୍ଟନ କରିଥିଲେ। ଏଥିସହିତ ୧୩ ଜଣଙ୍କୁ ତତ୍କାଳ ଅନୁସୂଚିତ ଜାତି ପ୍ରମାଣପତ୍ର, ୧୩ ଜଣଙ୍କୁ ଉତ୍ତରାଧିକାରୀ ପ୍ରମାଣପତ୍ର ଓ ଅନ୍ୟ ୧୮ ଜଣଙ୍କୁ ରେସିଡେଣ୍ଟ, ଏସ୍‌ଇବିସି ଇତ୍ୟାଦି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଉପସ୍ଥିତ ରହି ସେମାନଙ୍କୁ ପୂର୍ବରୁ ମିଳିଥିବା ପଟ୍ଟାର ସଂଶୋଧନ, ବିଭିନ୍ନ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ। ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗ ଗୁଡ଼ିକର ତତ୍କାଳ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକ ମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ରଜତ ବଳ, କୈଳାସ ପରିଡ଼ା, ବନବିହାରୀ ରାଉତ, ନିମାଇଁ ଚରଣ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ରାଶିଫଳ

**ଶୁକ୍ରବାର, ୦୧ ଅଗଷ୍ଟ ୨୦୨୫**



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।




**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଦିନଟି ଭଲ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ।




**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ। ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଚିନ୍ତିତ ରହିବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**ସିଂହ:** ମାନସିକ ଟେନ୍‌ସନ୍ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ।




**କନ୍ୟା:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



**ତୁଳା:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। କାର୍ଯ୍ୟ ସହିତ କଠିନ ପରିଶ୍ରମ ପରେ ଭଲ ଫଳାଫଳ ହାସଲ ହେବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ।




**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ। ଆପଣଙ୍କ ପ୍ରିୟ କିଛି ବିଷୟରେ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି।



ପ୍ରସ୍ତୁତି କରିଛନ୍ତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନିଜକୁ ଓ ପରିବାରକୁ ଭୁଲି ମାନବ ସମାଜକୁ ବଞ୍ଚେଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ମାନବ ସମାଜକୁ ରକ୍ତଦାନ କରି ମାନବ ଦେବତା ସାଜିଛନ୍ତି ବୃନ୍ଦାବନ ତାଣ୍ଡି । ବୁଥାରୁ ବୟସ୍କ ଲୋକଙ୍କୁ ରକ୍ତ ଦେଇ ବହୁ ଲୋକଙ୍କ ଜୀବନ ବଞ୍ଚାଉଛନ୍ତି ବୃନ୍ଦାବନ। ଗାଁ, ପଡା, ବ୍ଲକ, ଜିଲ୍ଲା ଓଡିଶା ରାଜ୍ୟ ପାଇଁ ରକ୍ତଦାତା ସାଜିଛନ୍ତି ବୃନ୍ଦାବନ। ୩୨ ବର୍ଷିଆ ବୃନ୍ଦାବନ ତାଣ୍ଡି, ପିତା ଦୁଃଖିଶ୍ୟାମ ତାଣ୍ଡି ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେସ୍କୁଡ଼ ଗ୍ରାମପଞ୍ଚାୟତ ଝୋଲା ପଥର ଗାଁ ର ବାସିନ୍ଦା। ତାଙ୍କୁ ଜଣେ ମହାନ ସମାଜର ରକ୍ତଦାତା କହିଲେ ଅତ୍ୟୁକ୍ତି ହେବନାହିଁ। ରକ୍ତ ଦାନ କରି ମହିଳା, ପୁରୁଷ, ଯୁବକ, ଯୁବତୀ ଜୀବନ ବଞ୍ଚାଉଛନ୍ତି। ସେ ପ୍ରଥମେ ଛାତ୍ର ଜୀବନରେ ପାଠ ପଢୁଥିବା ସମୟରେ ୨୦୧୭ ମସିହା ରାୟଗଡା ଠାରେ ଜଣେ ଗର୍ଭବତୀ ମହିଳାଙ୍କୁ ରକ୍ତଦାନ କରିଥିଲେ ପରେ ନୂଆପଡା ଜିଲ୍ଲା ହସ୍ପିଟାଲରେ ୫ଥର ଓ ଖଡ଼ିଆଳ ମିସନ ହସ୍ପିଟାଲରେ ଦୁଇ ଥର ରାୟପୁର ହସ୍ପିଟାଲରେ ତିନିଥର ସମୁଦାୟ ୧୨ ଥର ରକ୍ତଦାନ କରିଛନ୍ତି। ଯେତେବେଳେ ଯେ କୌଣସି ହସ୍ପିଟାଲ ହେଉ ଯେତେ ଦୂର ହେଉ ଫୋନ୍ କଲେ ନିଜେ ନିଜର ଖର୍ଚ୍ଚରେ ଯାଇ ରକ୍ତ ଦାନ କରି ଆସୁଥିବା କହିଛନ୍ତି। ମାନବ ସମାଜ ପାଇଁ ଏକ ଗୌରବ ର କଥା। ବର୍ତ୍ତମାନ ପର୍ଯ୍ୟନ୍ତ ସେ ସାଂସାରିକ ଜୀବନ କରିନାହାନ୍ତି। ମୁଁ ସାଂସାରିକ ଜୀବନ କରି କଣ କରିବି। ମୋର ଏହ ଦୁନିଆରେ ଯେତେ ବି ଲୋକ ଅଛନ୍ତି ସେମାନେ ମୋର ପରିବାର ଓ ସେହି ମାନଙ୍କୁ ରକ୍ତଦେଇ ମୁଁ ଶାନ୍ତିରେ ବଞ୍ଚିବି ବୋଲି ଗର୍ବ ଅନୁଭବ କରୁଛନ୍ତି।



# ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ରାୟଗଡ଼ା (ଭାସ୍କର ନ୍ୟୁଜ୍): ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ରାୟଗଡ଼ା ଜିଲ୍ଲା ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇପାରିଲା ନାହିଁ, ତେଣୁ ଦାବି ଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ନେହା ସିଂହ ଓ ପଦ୍ମା ସେନାପତି ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଣୀ ଭି . ସରୋଜିନୀଙ୍କୁ ଦଶ ଦଫା ଦାବିପତ୍ର ପ୍ରଦାନ କରିବା ସହ ଅନୁରୋଧ କରିଥିଲେ। ଯଦି ଏହାର କୌଣସି ସମାଧାନ କରାନଯାଏ ତେବେ ସଂଘ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ, ଏଥିରେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାଶ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ଉପସଭାପତି ଦୁର୍ଗା ମାଧବ ଘୋଷ, କୋଷାଧ୍ୟକ୍ଷ ଉଷାରାଣୀ ଦାସ, ଯୋଗଦେଇ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ କାର୍ଯ୍ୟରତ ସମସ୍ତେ ଆଶା କର୍ମୀ ଯୋଗ ଦେଇଥିବାବେଳେ କାମିନି କାରୁଆ, କଲ୍ୟାଣୀ ଦାଶ, ସବିତା ନିହାଲ, ମଞ୍ଜୁଳା କୌଶଲ୍ୟା ପରିଚାଳନା କରିଥିଲେ । ଦାବି ମଧ୍ୟରେ ଆଶାକର୍ମୀ ମାନଙ୍କର ମାସିକ ପ୍ରୋତ୍ସାହନ ରାଶି ପ୍ରତି ମାସରେ ଏବଂ ଠିକ ସମୟ ପ୍ରଦାନ କରିବା । ଏଚବିଏନସି କିଟ୍ ତୁରନ୍ତ ପ୍ରଦାନ କରିବା । ମଶାରୀ ବଣ୍ଟନ ହୋଇ ଆଜିକୁ ୫/୬ ମାସ ହେଲାଣି ମଶାରୀ ବାବଦରେ ମିଳିବା ରାଶି ବର୍ତ୍ତମାନ ସୁଦ୍ଧା ମିଳିନାହିଁ ତାହା ତୁରନ୍ତ ପ୍ରଦାନ କରିବା। ଫାଇଲେରିଆ ନିରାକରଣ ପାଇଁ ପ୍ରୋଗ୍ରାମ ଆଜିକୁ ୬ ମାସ ହେଲାଣି ଏହି ରାଶି ଆଜି ପର୍ଯ୍ୟନ୍ତ ମିଳିନାହିଁ । ତୁରନ୍ତ ତାହା ପ୍ରଦାନ କରିବା । ୧ ବର୍ଷ ହେଲା ଆଭା ଆଇଡି କାମର ରାଶି ତୁରନ୍ତ ପ୍ରଦାନ କରିବା ଆମର ଦାବି, ମ୍ୟାଲେରିଆ, ଟିବି ଏବଂ ଲେପ୍ରସି ବାବଦରେ ମିଳିବା ରାଶି ତୁରନ୍ତ ପ୍ରଦାନ କରିବା। ସିକିଲି ସେଲ ଟେଷ୍ଟ କାମ ରାଶି ତୁରନ୍ତ ପ୍ରଦାନ କରିବା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଶା ଦିଦିମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତୁରନ୍ତ ତାର ସମାଧାନ କରି ଆଶା ଦିଦି ମାନଙ୍କୁ ଉଚିତ୍ ସମ୍ମାନ ଦେବା

## ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବଣ୍ଟନ

କନ୍ଧମାଳ(ଭାସ୍କର ନ୍ୟୁଜ୍): ସମଗ୍ର ଶିକ୍ଷା ବୌଦ୍ଧ ଆନୁକୂଲ୍ୟରେ କନ୍ଧମାଳ ଉଚ୍ଚ ବିଦ୍ୟାଳୟ ଠାରେ ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବିତରଣ ଓ ଭିନ୍ନକ୍ଷମତା ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ରଞ୍ଜନ ମାଳି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମଣି ପଣ୍ଡା ଓ କନ୍ଧମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ଆଲିମକୋ, ଭୁବନେଶ୍ୱର, ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ଓ ଡିଇଆଇସି ବୌଦ୍ଧର ବିଶେଷଜ୍ଞମାନେ ଆସି ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଚଳନ ବାଧିତ, ମାନସିକ ନ୍ୟୁନତା, ଶ୍ରବଣବାଧିତ ଓ ଦୃଷ୍ଟିବାଧିତ ବର୍ଗର ୩୧ ଜଣ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇ ଥିବାବେଳେ ୧୬୩ ଜଣ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଉକ୍ତ ଶିବିରକୁ କନ୍ଧମାଳ ଗୋଷ୍ଠୀ ସମ୍ବଳ ସଂଯୋଜକ ଦୁର୍ଗା ପ୍ରସାଦ ପ୍ରଧାନ, ଗୋଷ୍ଠୀ ସମ୍ବଳ କର୍ମୀ ରାଜ କିଶୋର ସା, ସତ୍ୟବାନ ପ୍ରଧାନ ଓ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ ।



## ମର୍କେଲଗୁଡ଼ା କନ୍ୟାଶ୍ରମରେ 'ସଚେତନତାର ଦିନଟିଏ'



ମାଲକାନଗିରି (ଭାସ୍କର ନ୍ୟୁଜ୍): ଟାଗୋର ସୋସାଇଟୀ, ମାଲକାନଗିରି ଦ୍ୱାରା ପରିଚାଳିତ ମର୍କେଲଗୁଡା ଆବାସିକ ଆଦିବାସୀ କନ୍ୟାଆଶ୍ରମରେ 'ସଚେତନତାର ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫଳ ଫୁଲ ଗଛ ଲଗାଇବା, ପରିବେଶ ସଚେତନ କାର୍ଡ୍ ଖେଳ, ସାପ ଓ ସିଡି ଖେଳ ମାଧ୍ୟମରେ ପରିବେଶ ତଥା ଚିତ୍ରାଙ୍କନ କାର୍ଯ୍ୟକ୍ରମମାନ ଏହି କାର୍ଯ୍ୟକ୍ରମର ବିଭିନ୍ନ ସୋପାନ ଥିଲା । ସ୍ଥାନୀୟ ବନବିଭାଗ ନର୍ସରୀରୁ କିଛି ଗଛ ଓ ସଂଗୃହୀତ। ୧୫ରୁ ଅଧିକ ବିଭିନ୍ନ ପ୍ରକାରର ଔଷଧୀୟ ଏବଂ ଫୁଲ ଫଳ ଗଛ ବିଦ୍ୟାଳୟ ପରିସରରେ ଲଗାଯାଇଛି। ଯେମିତିକି ପିଜୁଳି, ଆତ, ଜାମୁକୋଳି, ଗଙ୍ଗଶିଉଳି, ଅଁଳା ଆଦି ଅନ୍ୟତମ ଅଟେ। ଆମ ଆଖପାଖ ପରିବେଶ ଏବଂ ଜଙ୍ଗଲରେ ଦେଖା ଯାଉଥିବା ପଶୁ, ପକ୍ଷୀ ଏବଂ ସରୀସୃପମାନଙ୍କ ଚିତ୍ର ଥିବା କାର୍ଡ ମାଧ୍ୟମରେ ପିଲାମାନେ ସେଇ ଜୀବଜନ୍ତୁ ଏବଂ ଆମ ପରିବେଶ ପ୍ରତି ସେମାନଙ୍କ ଅବଦାନ ବିଷୟରେ ଚର୍ଚ୍ଚା କଲେ। ସାପ ସିଡି ଖେଳ ମାଧ୍ୟମରେ ଆମ ପରିବେଶ ପ୍ରତି କେଉଁ ଜିନିଷ ଗୁଡିକ କ୍ଷତିକାରକ ଏବଂ କେଉଁ କେଉଁ ଉପାୟରେ ଆମେ ଆମ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିପାରିବା ସେ ବିଷୟରେ ପିଲାମାନେ ଶିଖିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଲାମାନେ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିଲେ ଓ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟ ଦୀପାରାଣୀ ନାୟକ ପରିବେଶବିତ୍, ସସ୍ମିତା ସାମଲ୍ (ପ୍ରଧାନ ଶିକ୍ଷକ), ମିନତି ବେହେରା, ଦେବେ ମାଡକାମି, ସୁସ୍ମିତା ସୋଡି, ବିନତି ପଡିଆମି ଓ ରିତା ଦୁରୁଆ ପ୍ରମୁଖ ସହକାରୀ ଶିକ୍ଷକ ମାନଙ୍କ ଉପସ୍ଥିତିରେ ସମ୍ପାଦନା ହୋଇଥିଲା ।

## ସ୍ୱତନ୍ତ୍ର ବିଦ୍ୟାଳୟ ଆଶା କିରଣକୁ ପରିଦର୍ଶନ କଲେ ଜିଲ୍ଲାପାଳ



ନବରଙ୍ଗପୁର(ଭାସ୍କର ନ୍ୟୁଜ୍):'ଆଶା କିରଣ' ସ୍ୱତନ୍ତ୍ର ବିଦ୍ୟାଳୟକୁ ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ, ପରିଦର୍ଶନ କରିଥଲେ। ସ୍ୱତନ୍ତ୍ର ବିଦ୍ୟାଳୟର ପିଲାଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ କଥାବାର୍ତ୍ତା ହୋଇଥିଲେ। ସେମାନଙ୍କ ପାଠ,ସେମାନଙ୍କ ପୁନଃ ଥଇଥାନ ବିଷୟ ରେ ପଚାରିଥିଲେ। କର୍ମଚାରୀଙ୍କ ସମସ୍ତ ସମସ୍ୟା ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଭୁବନେଶ୍ୱର ଓଡ଼ିଶାଙ୍କ ଦୃଷ୍ଟି ଗୋଚରକୁ ନେଇ କମ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କହିଥିଲେ। ଏହି ସମୟରେ ପିଲାଙ୍କ ହଷ୍ଟେଲ,ଶ୍ରେଣୀ ଗୃହ, ବୈଷୟିକ କକ୍ଷ ମଧ୍ୟ ପରିଦର୍ଶନ କରି ଏହାର ରକ୍ଷଣା ବେକ୍ଷଣ କଥା ବୁଝି ଥିଲେ। ପିଲାଙ୍କ ଦ୍ୱାରା ତିଆରି ହୋଇଥିବା ମହମବତୀ,ଫିନାଇଲ ଏବଂ କାଗଜ ତିଆରି ଫୁଲତୋଡା ଦେଖି ଖୁସି ବ୍ୟକ୍ତ କରିଥିଲେ। ପିଲାଙ୍କ ଦ୍ୱାରା ତିଆରି କାଗଜ ଫୁଲତୋଡ଼ା କୁ ଜିଲ୍ଲାରେ ହେବାକୁ ଥିବା ଅଫିସିଆଲ୍ ପ୍ରୋଗ୍ରାମ ଗୁଡିକରେ ଦିଆଯିବା ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଆଗାମୀ ଦିନ ଗୁଡ଼ିକ ରେ ମୁଁ ପିଲାଙ୍କ କ୍ଲାସ ନେବି ବୋଲି କହିଥିଲେ । ପିଲାଙ୍କୁ କଦଳି ବିସ୍କୁଟ ଏବଂ ମିଠା ପ୍ରଦାନ କରିଥିଲେ। ପିଲାଙ୍କ ନିମନ୍ତେ ତିଆରି ହୋଇଥିବା ସ୍କୁଲ ଡ୍ରେସ୍ ବଣ୍ଟନ କରିଥିଲେ । ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗରୋଡା ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏ ଧନଞ୍ଜୟ ରାଓଙ୍କ ସମେତ ଅନେକ ଅଧିକାରୀ ଯୋଗ ଦେଇଥିଲେ ।ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ସମେତ ଆଶା କିରଣର ସମସ୍ତ କର୍ମଚାରୀ ତଥା ସନ୍ଧ୍ୟାରାଣି ବେହେରା, ଶାନ୍ତି ପଣ୍ଡା, ରୀଙ୍କୁରାଜ୍ ବେହେରା,ରଶ୍ମିତା ପ୍ରଧାନ, ପାର୍ବତୀ ଜାନୀ,ଈଶ୍ୱର ବାଞ୍ଜରା ,ଏବଂ ରଶ୍ମିତ୍ ଧାନଫୁଲ ଉପସ୍ଥିତ ରହିଥିଲେ।

## ଶଙ୍କୁରୀ ବନ୍ଧ ପୁନରୁଦ୍ଧାର କାର୍ଯ୍ୟକ୍ରମର ସମୀକ୍ଷା କଲେ ବିଧାୟକ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡିର ମୁଖ୍ୟସ୍ଥଳ ନୂଆ ବସ୍ ଷ୍ଟାଣ୍ଡ ନିକଟ ଶଙ୍କୁରୀ ବନ୍ଧର ପୁନରୁଦ୍ଧାର କାର୍ଯ୍ୟକୁ ପାରଳା ଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ସମୀକ୍ଷା କରିଥିଲେ। ୭୦ ଲକ୍ଷ ଟଂକା ଅଟକଳରେ ନିର୍ମିତ ଏହି ବନ୍ଧର ନିର୍ମାଣ କାର୍ଯ୍ୟକୁ ଗୁଣାତ୍ମକ କରିବାକୁ ପରାମର୍ଶ ଦେଇଥିଲେ। ବନ୍ଧର ଚାରିପଟେ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାକୁ କହିଥିଲେ। ସାରା ସହରରେ ଚର୍ଚ୍ଚାରେ ଥିବା ଏହି ଶଙ୍କୁରି ବନ୍ଧର ଚାରିପାର୍ଶ୍ୱ ସୌନ୍ଦର୍ଯ୍ୟ କରଣ କରିବା ସହ ଲାଗିରହିଥିବା ନାଳଟି ମଜଭୁତ ଭାବେ କରିବାକୁ ବିଧାୟକ କହିଥିଲେ। ଏହି ବନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି।

# ସମାଜସେବୀ ଜୟମଙ୍ଗଳି ପରିବାରଙ୍କୁ ସମବେଦନା ଜଣାଇଲେ ବିଧାୟକ

ଝରିଗାଁ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଧୋଡ୍ରା ଗାଁରେ ଜୟ ମଙ୍ଗଳିଙ୍କ ଗତ ୨୭ ତାରିଖ ଦିନ ହୃଦଘାତରେ ପରଲୋକ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଖବର ପାଇ ଝରିଗାଁ ବିଧାୟକ ନରସିଂ ଭତ୍ରାଙ୍କ ସହ ବିଜେପି ଦଳର ବହୁ କର୍ମକର୍ତ୍ତା ଗାଁରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଜୟ ମଙ୍ଗଳି ବିଜେଡି ଦଳର ଜଣେ ଆଗଧାଡିର କର୍ମୀ ସହ ଯୁବ ସମାଜସେବୀ ଭାବରେ ତାଙ୍କର ବିଶେଷ ପରିଚୟ ଥିଲା। ସୂଚନାଯୋଗ୍ୟ ଗତ ୨୭ ତାରିଖ ସକାଳୁ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ, କିନ୍ତୁ ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏହି ଖବର ପାଇ ବିଧାୟକ ନରସିଂହ ଭତ୍ରାଙ୍କ ସହ ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ ,ଶ୍ୟାମଲାଲ ବିଶ୍ୱାସ,ସୁଜନ ଭକ୍ତ ,ଧୋଡ୍ରା ପଞ୍ଚାୟତ ସଭାପତି ସୁବାସ ପନକା , ବଟକୃଷ୍ଣ ବିଷୋୟୀ ,ଅର୍ଜୁନ ଭତ୍ରା, ସୁଦର, ରାଜେଶ ଗୁପ୍ତା, ସଦା ପୂଜାରୀ ,କମଳୁ ହରିଜନ, ଦୁର୍ଯ୍ୟୋ ପନକା ତ୍ରିନାଥ ପୂଜାରୀ, ସୁତମ ହରିଜନ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ। ଜୟଙ୍କ ପରିବାରରେ ସ୍ତ୍ରୀ ଭଗବତୀ ଓ ୩ ପୁଅ ୨ ଝିଅ ଥିବାବେଳେ ଚାଷ ବାସ ଏବଂ ତାଙ୍କର ଛଅପ୍ରାଣୀଙ୍କୁ କୁଟୁମ୍ବ ଚଳାଇବା ଏବେ କଷ୍ଟ ସାଧ ହୋଇ ପଡିଛି। ଜୟ ମଙ୍ଗଳିଙ୍କ ପରଲୋକ ପରେ ପୁଅ ଝିଅ କିପରି ପାଠ ପଢ଼ିବେ ମୃତକଙ୍କ ପତ୍ନୀ ଚିନ୍ତିତ ଥିବାବେଳେ ପୁଅ ଓ ଝିଅମାନଙ୍କର ପାଠ ପଢ଼ାଇବା ବ୍ୟବସ୍ଥା କରିବା ବୋଲି ପରିବାରଙ୍କୁ ଆଶ୍ୱାସନା ଦେବା ସହ ସମବେଦନା ଜଣାଇଥିଲେ । ସାହିର ସମସ୍ୟା ଉପରେ ଆଲୋଚନା କରି ରାସ୍ତା ଓ ଡ୍ରେନର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ପିଲାଙ୍କ ବସ୍ତାନୀ ଯାଞ୍ଚ



ମାଲକାନଗିରି(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ପତ୍ର ସଂଖ୍ୟା ୮୧୪୪/୨୪/୦୭/୨୦୨୫ ଅନୁସାରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ଲକସ୍ତରୀୟ ଯାଞ୍ଚ କମିଟି ଓ ଜିଲ୍ଲାସ୍ତରରେ ଜିଲ୍ଲାସ୍ତରୀୟ ଯାଞ୍ଚ କମିଟି ଗଠନ କରାଯାଇଅଛି। ଏହି କ୍ରମରେ ଆଜି ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରକଳ୍ପ ସଂଯୋଜକ ଚିତ୍ତରଂଜନ ପାଣିଗ୍ରାହୀ ପିଲାମାନଙ୍କ ବସ୍ତାନୀ ବୋଝ ଯାଞ୍ଚ କରିବା ପାଇଁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ମଡର୍ଣ୍ଣ ଇଂଲିସ ମିଡିୟମ ସ୍କୁଲ ପରିଦର୍ଶନ କରି ପିଲାଙ୍କ ବସ୍ତାନୀର ଓଜନ ଓ ପିଲାଙ୍କର ଓଜନ ଯାଞ୍ଚ କରିଥିଲେ । ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଜିଲ୍ଲାଶିକ୍ଷାଧିକାରୀଙ୍କ ସହ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଯୋଜନା ସଂଯୋଜିକା ବିଜୟଲକ୍ଷ୍ମୀ ଚୌଧୁରୀ ଓ ଜିଲ୍ଲା ଶିକ୍ଷା ସଂଯୋଜକ ଶେଷଶଙ୍କର ମହାଳିକ ଉପସ୍ଥିତ ଥିଲେ ।

## ନିଯୁକ୍ତିଭିତ୍ତିକ ଚୁକ୍ତି ସ୍ୱାକ୍ଷରୀତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ ଓ ଆଦିତ୍ୟ ଏଜୁକେସନାଲ ସୋସାଇଟି ମଧ୍ୟରେ ନିଯୁକ୍ତିଭିତ୍ତିକ ତାଲିମ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି । ଏଥିରେ ଜିଲ୍ଲା ତଥା ରାଜ୍ୟର ୨୪୦ ଜଣ +୨ ପାସ୍ କିମ୍ବା ଫେଲ୍ ହୋଇଥିବା ଯୁବକ, ଯୁବତୀଙ୍କୁ ମାଗଣା ଆବାସିକ ତାଲିମ୍ ତଥା ନିଯୁକ୍ତିର ସୁଯୋଗ ଯୋଗାଇ ଦିଆଯିବ । ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଓ ଆଦିତ୍ୟ ଏଜୁକେସନାଲ ସୋସାଇଟି ଶ୍ରୀକାକୁଲମ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ନାଗେଶ୍ୱର ରାଓ ଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି । ଏହା ଦ୍ୱାରା ୨୪୦ ଜଣ ଯୁବକ ଯୁବତୀ ଙ୍କୁ Associate Store Pharma ଓ Patient Relation Associate tradeରେ ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ମିଆଦି ତାଲିମ୍ ପ୍ରଦାନ କରାଯିବ

# ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ




ବଲାଙ୍ଗୀର (ଭାସ୍କର ନ୍ୟୁଜ୍):କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ବଲାଙ୍ଗିରରେ ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ ହୋଇଯାଇଛି । ସଭାରେ ବ୍ଲକ କୃଷି ଅଧିକାରୀ ତଥା ବ୍ଲକ ବୈଷୟିକ ଆବାହକ ବିଶ୍ୱଜିତ ପାଟଯୋଷି ସଭାପତିତ୍ୱ କରିଥିଲେ । ସଭାରେ ସହକାରୀ କୃଷି ଅଧିକାରୀ ବଲାଙ୍ଗିର ସୁଜାତା ଛତ୍ରିଆ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ସଭ୍ୟସଭ୍ୟାମାନଙ୍କୁ ସ୍ୱାଗତ କରି ଉପସ୍ଥାପନ କରିଥିଲେ । ଏଥିରେ ପଶୁ ସମ୍ପଦ ବିଭାଗ ସ୍ୱର୍ଣ୍ଣପ୍ରଭା ଶତପଥି ସରକାରୀ ପ୍ରାଣୀ ଚିକିତ୍ସକ ଅଧିକାରୀ, ମତ୍ସ୍ୟ ବିଭାଗର ପ୍ରକାଶ କୁମାର ଶତପଥି, ସହକାରୀ ଶସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ସୁଚିସ୍ମିତା ମେହେର ସହକାରୀ ଉଦ୍ୟାନ ଅଧିକାରୀ, ଶିଶୁ ଉନ୍ନୟନ ଅଧିକାର ବିଭାଗର ଶୁଭଶ୍ରୀ ପାଢି, ସହକାରୀ ବୈଷୟିକ ପରିଚାଳକ ଗୁଣାକାର ବାରିକ, ଅକ୍ଷୟ କୁମାର ଘିବେଲା, ନମିତା ବାରିକ ଉପସ୍ଥିତ ଥିଲେ । ନରହରି ରାଉଳଙ୍କୁ ସର୍ବ ସମ୍ମତିକ୍ରମେ ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟିର ଅଧ୍ୟକ୍ଷ ମନୋନିତ କରାଗଲା । ସଭ୍ୟ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ବାଳକୃଷ୍ଣ ବେହେରା, ଜୟକୃଷ୍ଣ ମିଶ୍ର, ଉଦୟ ନାଏକ, ବୃନ୍ଦାବନ ନାଏକ, ସଭ୍ୟ ପଲ୍ଲବି ପଧାନ, ମମତା ନାଏକ, ରୁଚିତା ଅର୍ଚ୍ଚନା ନେଗୀ, ପ୍ରମିଳା ରାଉତ, ରିନା ଭରାସାଗର, ଶୋଭାମତୀ ଜାଲ, ଖେଳନା ନନ୍ଦ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ପଲ୍ଲବି ପଧାନଙ୍କୁ ଜିଲ୍ଲା ସ୍ତରୀୟ ଉପଦେଷ୍ଟା କମିଟିର ସାଧାରଣ ବର୍ଗ ମହିଳା ବିଭାଗ ସଭ୍ୟା ହେବାପାଇଁ ସର୍ବସମ୍ମତି କ୍ରମେ ମନୋନୀତ କରାଗଲା । ସଭା ଶେଷରେ ନୂତନ ଭାବେ କମିଟି ଅଧ୍ୟକ୍ଷ ନରହରି ରାଉତ ଓ ସଭ୍ୟା ପଲ୍ଲବି ପଧାନଙ୍କୁ ପୁଷ୍ପମାଳ ଦେଇ ସମସ୍ତ ସଭ୍ୟ, ସଭ୍ୟାମାନଙ୍କୁ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରାଗଲା ।

# ପାଞ୍ଚ ମାସ ହେଲା ବୃଦ୍ଧାଙ୍କୁ ମିଳୁନି ଭତ୍ତା



ବୌଦ୍ଧ(ଭାସ୍କର ନ୍ୟୁଜ୍): ରାଜ୍ୟ ଓ କେନ୍ଦ୍ର ସରକାର ବୃଦ୍ଧ ବୃଦ୍ଧା, ଶାରୀରିକ ଅକ୍ଷମମାନଙ୍କୁ ପ୍ରତ୍ୟେକ ମାସର ୧୫ ତାରିଖରେ ଭତ୍ତା ପ୍ରଦାନ କରୁଛନ୍ତି। ଏହାଦ୍ୱାରା ବୃଦ୍ଧବୃଦ୍ଧା ଓ ଶାରୀରିକ ଅକ୍ଷମ ତାଙ୍କର ଅଭାବ ଅସୁବିଧାକୁ ଦୂର କରିବା ସହାୟକ ହୋଇଥାଏ। କିନ୍ତୁ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜେମା ନାଏକ (୯୨)ଙ୍କୁ ପାଞ୍ଚ ମାସ ହେଲା ଭତ୍ତା ମିଳୁନଥିବାରୁ ଅତି କଷ୍ଟରେ ଜୀବନ ଯାପନ କରୁଛନ୍ତି। ସେ ଜଣେ ରୋଗୀ ହୋଇ ଥିବାରୁ ହାତରେ କିଛି ଟଙ୍କା ନଥିବାରୁ ନିୟମିତ ଔଷଧ କିଣି ଖାଇ ପାରୁନାହାନ୍ତି। ବୟସାଧିକ ହେତୁ କାହିଁକି ଭତ୍ତା ବନ୍ଦ ହୋଇଛି କାହାକୁ ବୁଝିବାକୁ ଯାଇ ପାରୁନାହାନ୍ତି। ଏନେଇ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ସାନନ୍ଦ ସାହୁଙ୍କୁ ଯୋଗାଯୋଗ କରିବାରୁ ଜାନୁଆରୀ ମାସରେ ମଞ୍ଜୁର ନହୋଇ ତାଙ୍କ ଏକାଉଣ୍ଟକୁ ବର୍ଦ୍ଧିତ ଭତ୍ତା ୩୫ ଶହ ଟଙ୍କା ଯାଇଛି। ସେଥିପାଇଁ ତାଙ୍କର ଭତ୍ତା ହୋଲଡ଼୍ କରାଯାଇଛି । ତେବେ ଆବଶ୍ୟକ କାଗଜପତ୍ର ଦେଲେ ଭତ୍ତା ରିଲିଜ କରାଯିବ ବୋଲି କହିଥିଲେ। ହିତାଧିକାରୀ ଜେମା ନାଏକଙ୍କୁ ପଚାରିବାରୁ ମୁଁ କେବେ ୩୫ ଶହ ଟଙ୍କା ପାଇନାହିଁ ବୋଲି କହିଥିଲେ। ବ୍ଲକ ପ୍ରଶାସନର ଭୁଲ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଏହି ଅସହାୟ ବୃଦ୍ଧା। କେବଳ ଜେମା ନୁହଁନ୍ତି ପଞ୍ଚାୟତର ଅନେକ ବୃଦ୍ଧ ବୃଦ୍ଧା ଓ ଭିନ୍ନକ୍ଷମ ଦୀର୍ଘ ୫ ମାସ ହେଲା ଭତ୍ତା ପାଉନାହାନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହେଉଛି।

## ଆମ ପୋଲିସ ସମିତିର ସଚେତନତା କାର୍ଯ୍ୟକ୍ରମ

କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଟେମ୍ରା ଠାରେ କୋଷାଗୁମୁଡା ପୋଲିସ ପ୍ରଶାସନପକ୍ଷରୁ ଆମ ପୋଲିସ ସମିତିର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଷାଗୁମୁଡା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏସଆଇ - ଲଳିତ କୁମାର ପଣ୍ଡା,ଏସଆଇ-ପର୍ଶୁରାମ ଛତ୍ରିଆ,ଏଏସଆଇ- ରାମଚନ୍ଦ୍ର କୋଣ୍ଡୋଗୋରୀ,ହାବିଲଦାର- ବିଦ୍ୟୁତ କୀର୍ତନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ତଥା ଛୋଟଛୋଟ ପିଲାମାନଙ୍କୁ ଯାନବାହାନ ନ ଦେବା,ଟ୍ରାଫିକ ନିୟମ ପାଳନ କରିବା,ମଦ୍ୟପାନ କରି ଯାନବାହାନ ନଚଳେଇବା ,ମୋଟର ସାଇକେଲ ଚଳାଇଲା ବେଳେ ହେଲମେଟ ପିନ୍ଧିବା, ବୁଲାଣି ରାସ୍ତାରେ ହର୍ଣ୍ଣ ବଜେଇବା ସହ ଇଣ୍ଡିକେଟର ଜଳେଇ ଗାଡିର ଗତି କମେଇବା, ହିଂସା ଛାଡି ଅହିଂସା ପଥରେ ଚାଲିବା, ସୁସ୍ଥ, ସୁରକ୍ଷିତ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ପୋଲିସ ସହ ସୁସମ୍ପର୍କ ରଖିବା ଓ ପୋଲିସକୁ ସହଯୋଗ କରିବା, ସାମୂହିକ ବିକାଶ ପାଇଁ ନୈତିକ ଦାୟିତ୍ୱ ନିର୍ବାହ କରିବା,ବାଲ୍ୟ ବିବାହ ଓ ଯୌତୁକ ରୋକିବା,ପୁଅଝିଅ ମାନଙ୍କୁ ଉଚ୍ଚ ଶିକ୍ଷିତ କରିବା , ଯୁବବର୍ଗଙ୍କୁ ବ୍ୟାପକ ସଚେତନ କରିବା, ଅନ୍ଧ ବିଶ୍ୱାସ ଉପରେ ଉପସ୍ଥିତି ଲୋକମାନଙ୍କୁ ସଚେତନ କରିଥିଲେ। ସେହିପରି ସାଇବର କ୍ରାଇମ ଓ ନୂଆ ନିୟମ ଧାରା ଉପରେ ସଚେତନତା କରିଥିଲେ। ବିଶେଷ କରି ଅଶ୍ଳୀଳ ଭିଡିଓକୁ ଟଚ୍ ନକରିବା ଓ ଅଜଣା ନମ୍ବରରୁ କଲ ଆସିଲେ ତାକୁ ନଉଠେଇବା, ନିଜ ଓଟିପି ଅନ୍ୟ କାହାରିକୁ ପ୍ରଦାନ ନକରିବା ପାଇଁ ପରାମର୍ଶ ଦେବା ସହ ସାଇବର କ୍ରାଇମରେ ସମସ୍ୟାର ସମ୍ମୁଖିନ ହୋଇଥିବା କିଛି ଲୋକଙ୍କ ଉଦାହରଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟେମ୍ରା ପଞ୍ଚାୟତର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଭଦ୍ରବ୍ୟକ୍ତି ଓ ସାଧାରଣ ଜନସାଧାରଣ ଉପସ୍ଥିତ ରହିଥିଲେ ।

# ପୋଷ୍ ଆଇନ ସଚେତନତା କାର୍ଯ୍ୟକ୍ରମ




ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବରାହଗୁଡା, ବରଗଡ଼ସ୍ଥିତ କ୍ରୀଷ୍ଣା ବିକାଶ ଅନୁଷ୍ଠାନରେ ପୋଷ ଆଇନ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବରାହଗୋଡା ଆଇ.ଆଇ.ସି ଶର୍ମିଷ୍ଠା ପ୍ରଧାନ, ବରଗଡ଼ ଆଇ.ଆଇ.ସି ସୁରେନ୍ଦ୍ର ଛତର, ପ୍ରମୁଖ ଯୋଗଦେଇ ପୋଷ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପୋଷ ଆଇନ ସଂପର୍କରେ ସମ୍ୟକ୍ ସୂଚନା ଦେଇଥିଲେ । ବରଗଡ଼ ବିଇଓ ସୁରେନ୍ଦ୍ର ସାହୁ ଇଣ୍ଟର୍ନାଲ୍ କମ୍ପ୍ଲେଣ୍ଟ କମିଟି ବିଷୟରେ ମତବ୍ୟକ୍ତ କରିଥିଲେ। କ୍ରୀଷ୍ଣା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ସମରେନ୍ଦ୍ରନାଥ ପଣ୍ଡା ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଦ୍ୱାରା ଆମେ କିପରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛେ ସେ ସଂପର୍କରେ ଆଲୋଚନା କରିଥିଲେ। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀଯୁକ୍ତ ଶିଶିର ପ୍ରସାଦ ରାଉଳ ଆଇନ ଶୃଙ୍ଖଳା ପରିସ୍ଥିତି ରୋକିବାରେ ଛାତ୍ରଛାତ୍ରୀଙ୍କର ଭୂମିକା ସଂପର୍କରେ କହିଥିବାବେଳେ ସିନିଅର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍.କାନ୍ତା ରାଓ , କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲା।

## ପୋଖରୀରେ ବୁଡି ଜଣେ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ପୋଖରୀରେ ବୁଡି ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ବ୍ୟକ୍ତି ଜଣକ ହେଲେ ଝରିଗାଁ ବ୍ଲକ ନିରୁଣ୍ଡି ଗ୍ରାମର ବନ୍ଧୁ ଭତ୍ରା(୪୩)। ମିଳିଥିବା ସୂଚନା ଅନୁସାରେ ବନ୍ଧୁ ଗତକାଲି ସକାଳ ୧୦ ଘଟିକା ସମୟରେ ଗାଁ ରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ଅସାବଧାନତା ଯୋଗୁଁ ଗୋଡ ଖସିଯିବାରୁ ଗଭୀର ପାଣି ଭିତରକୁ ଚାଲିଯାଇ ଥିଲେ। ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ଅପରାହ୍ନ ସମୟରେ ବନ୍ଧୁଙ୍କ ଶବ ଭାସୁଥିବା ଦେଖି ପରିବାର ଲୋକେ ଏନେଇ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏଏସଆଇ ପୁଷ୍ପଲତା ସୁନାନି ସମ୍ଭାଳିଛନ୍ତି।



କନ୍ଧମାଳ (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ଭଶରୀ ପଞ୍ଚାୟତ ଅନ୍ତର୍ଗତ ଟୁରିଦେଉଳ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ବହୁ ଅବ୍ୟବସ୍ଥା ଘେରରେ ପଡି ରହିଛି । କୋମଳମତି ଶିଶୁଙ୍କ ପାଇଁ ଆନୁଷଙ୍ଗିକ ଭିତ୍ତିଭୂମି ନ ଥିବା ଦେଖିବାକୁ ମିଳିଛି ।ଅଙ୍ଗନୱାଡ଼ି ଗୃହଟି ଦୀର୍ଘ ବର୍ଷ ହେବ ମରାମତି ଅଭାବରୁ ଛାତରୁ ସିମେଣ୍ଟ ଖସି ପଡୁଛି ।କାନ୍ଥରେ ବଡ ବଡ଼ ଫାଟ ଦେଖା ଦେଇଥିବା ବେଳେ କାନ୍ଥ ସବୁ ଫାଟି ଆଁ କଲାଣି ।କେତେ ବେଳେ ଢଳି ପଡିବ ସେ କଥା କିଏ କହିବ ।ଅନ୍ୟପଟେ ବର୍ଷା ଦିନେ ଛାତରୁ ପାଣି ଗଳୁଥିବା ବେଳେ କୁନି କୁନି ଶିଶୁ ମାନେ ବିପଦସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି ।ଯାହା ଫଳରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନେ ମଧ୍ୟ କାର୍ଯ୍ୟାଳୟ ଭିତରକୁ ଯିବା ସୁରକ୍ଷିତ ମଣୁ ନାହାନ୍ତି । ବର୍ଷା ଦିନେ କାର୍ଯ୍ୟାଳୟ ଭିତରକୁ ପାଣି ପଡି ପିଲାଙ୍କ ପାଠ୍ୟ ଉପକରଣ , ଚାଉଳ ଆଦି ଅନେକ ଜିନିଷପତ୍ର ନଷ୍ଟ ହେଉଛି । ଅନ୍ୟପଟେ ରୋଷେଇ ଘର ନ ଥିବାରୁ ବାରଣ୍ଡାରେ ରୋଷେଇ କରିବାକୁ ବାଧ ହେଉଛନ୍ତି । କେନ୍ଦ୍ର ବିପଦସଂକୁଳ ଥିବାରୁ ନିକଟ ବିଦ୍ୟାଳୟରେ କୁନି ଶିଶୁଙ୍କୁ ପାଠ ପଢା ଚାଲିଛି ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଥିଲେ ମଧ୍ୟ କେହି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଗ୍ରାମବାସୀ କହିଛନ୍ତି । ସରକାର ଶିଶୁଙ୍କ ଶାରୀରିକ,ମାନସିକ ଓ ଶିକ୍ଷାର ବିକାଶ ଉଦ୍ଦେଶ୍ୟ ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ର ଅଭାବ ଯୋଗୁଁ ଯୋଜନାର ସୁଫଳ ରୁ କୋମଳମତି ଶିଶୁ ମାନେ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି । ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ଅଭିଭାବକ ମାନେ ଦାବି କରିଛନ୍ତି । ଏ ସମ୍ପର୍କରେ କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ରଙ୍କୁ ପଚାରିବାରୁ କେନ୍ଦ୍ର ବିପଦସଂକୁଳ ଥିବାରୁ ବିଦ୍ୟାଳୟରେ ପାଠ ପଢା ଚାଲିଛି ।ଉକ୍ତ କେନ୍ଦ୍ରକୁ ବିପଦସଂକୁଳ ଘୋଷଣା କରାଯାଇ ଖୁବ ଶୀଘ୍ର ନୂତନ କେନ୍ଦ୍ର ନିର୍ମାଣ କରାଯିବ ବୋଲି କହିଛନ୍ତି ।




## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL- JJKR-483, ତା. 24.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ଯାଜପୁର କେନ୍ଦୁଝର ରୋଡ଼୍ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 49,69,490.03, EMD (ଟଙ୍କାରେ) : 99,400/-।

ବିଡ୍ ଆରମ୍ଭ ହେବା ତାରିଖ : ତା.04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼୍

PR-418/Q/25-26



## ଦକ୍ଷିଣ ପୂର୍ବ ରେଳପଥ – ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର:ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ ୨୯.୦୭.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥର ବରିଷ୍ଠ ବିଭାଗୀୟ ଯାନ୍ତ୍ରିକ ଇଞ୍ଜିନିୟର, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। **କାର୍ଯ୍ୟର ନାମ:** ତିନିବର୍ଷ ସମୟାବଧି ପାଇଁ ରାଞ୍ଚି ଷ୍ଟେସନରେ ରାଉଣ୍ଡ ଟ୍ରିପ୍ ଟ୍ରେନଗୁଡ଼ିକର ଭିତର ସଫା କରିବା, ୱାଶିଂ ଲାଇନ/ହାଟିଆ, ହାଟିଆ ଷ୍ଟେସନ ଏବଂ ରାଞ୍ଚି ଷ୍ଟେସନରେ କୋଚଗୁଡ଼ିକୁ ପାଣି ଦେବା ଏବଂ ଲକ୍ / ଅନଲକ୍ କରିବା, ଏବଂ ଡିପୋ ପରିସରର ଯାନ୍ତ୍ରିକ ସଫା କରିବା, କୋଚିଂ ଡିପୋ/ହାଟିଆରେ, ଟ୍ରେନ୍ ନମ୍ବର ୨୨୩୫୦/୪୯ରେ ୧୪ ମିନିଟର ଚମତ୍କାର ସଫା କରିବା ଏବଂ ସିଟିଏସ୍ ଆଟେନ୍‌ସନ୍। **କାମର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ଟ.୨୧,୦୮,୨୫,୩୦୮.୭୧। **ସର୍ବଶ୍ରେଷ୍ଠ ମୂଲ୍ୟ:** ଟ.୧୨,୦୪, ୧୦୦/-। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ୨୨.୦୮.୨୦୨୫ ଦିନ ୧୫.୦୦ ଟା। ୱେବସାଇଟ୍ ବିବରଣୀ: www.ireps.gov.in. (PR-462)



## AFFIDAVIT

By virtue of an affidavit sworn before the Executive Magistrate, Keonjhar, dated: 28.07.2025, I Latamani Mahanta, Address: village- Jamuposi, Post-Palaspanga, Ps- Sadar, Dist- Keonjhar, Odisha, PIN-758031, declare that I have changed my name from Pratima Mahanta to Latamani Mahanta. Henceforth, I shall be known as Latamani Mahanta for all purposes.

**Sd/- Latamani Mahanta**


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ବୃକ୍ଷରୋପଣରେ...

କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକସଶକ୍ତି କରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଏହି ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହିତ ପିଏସୟୁ, ଏନ୍.ଜି.ଓ ସଂସ୍ଥା, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଛି । ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ। ପ୍ରଚାର ପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ହେବା ଉଚିତ ବୋଲି ସେ ମତ ଦେଇଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୃକ୍ଷ ରୋପଣ ପରେ ଏହାର ରକ୍ଷଣା ବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ ହେବା ଆବଶ୍ୟକ। ଗୋଷ୍ଠୀ-ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ପଥପାର୍ଶ୍ୱ ଚାରା ରୋପଣ ଏବଂ ବ୍ୟକ୍ତିଗତ ବୃକ୍ଷ ରୋପଣ ପାଇଁ ନିମ୍ବ, କରଞ୍ଜ, ତେନ୍ତୁଳି, ଫାସୀ, ଅର୍ଜୁନ, ହରିଡା, ବାହାଡା, ପଣସ, ତାଳ, ପିଜୁଳି, କୃଷ୍ଣଚୁଡା, ପିପଳ, ବରବଛା, ଅଶୋକ, ଜାମୁ, କଦମ୍ବ, ଅଁଳା, ଦେବଦାରୁ, ସୁନାରୀ, କରଞ୍ଜ, ଚାକୁଣ୍ଡା ଇତ୍ୟାଦି ଗଛ ଚୟନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥି ସହିତ ବୃକ୍ଷ ରୋପଣର ଫଟୋ ଓ ଡାଟା ମେରି ଲାଇଫ ପୋର୍ଟାଲରେ ଅପଲୋଡ କରାଯିବା ପାଇଁ ସେ କହିଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀ ମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଏହାର ତଦାରଖ କରିବେ। ଭଲପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହିତ ଯେଉଁ ଅଞ୍ଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି ସେହିଭଳି ଚାରା ଲୋକମାନଙ୍କୁ ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପି.କେ ଝା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଏସ.ଏନ ଗିରିଶ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତ-ରୁଷ୍‌ର...

ନିକଟତମ ସହଯୋଗୀ ତଥା ପୂର୍ବତନ ରୁଷ ରାଷ୍ଟ୍ରପତି ଦିମିତ୍ରି ମେଦଭେଦେବଙ୍କୁ ମଧ୍ୟ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଶୁଳ୍କ ଲାଗୁ ପରେ ସେୟାର ବଜାର ହାଲ ବେହାଲ ହୋଇପଡ଼ିଛି। ଷ୍ଟକ ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ନିଫଟି ୨୦୦ ପଏଣ୍ଟରୁ ଅଧିକ ହ୍ରାସ ପରେ ଖୋଲିଥିବାବେଳେ ସେନସେକ୍ସ ୭୫୦ ପଏଣ୍ଟରୁ ଅଧିକ ହ୍ରାସ ପାଇଥିଲା। ନିଫଟି ବ୍ୟାଙ୍କ ପ୍ରାୟ ୩୦୦ ପଏଣ୍ଟ ହ୍ରାସ ପାଇଥିବାବେଳେ ନିଫଟି ଆଇଟି ୨୧୫ ପଏଣ୍ଟ ଏବଂ ଏଫଏମସିଜି ୩୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଥିଲା। ମାର୍କେଟ ଖୋଲିଲାବେଳେ ବିଏସ୍‌ଇ ସେନସେକ୍ସ ୫୦୦ ପଏଣ୍ଟ ହ୍ରାସ ପାଇ ୮୧,୦୦୬.୬୫ରେ ଏବଂ ନିଫଟି ୧୬୦ ପଏଣ୍ଟ ହ୍ରାସ ପାଇ ୨୪୬୮୮ରେ କାରବାର କରୁଥିଲା। ବିଏସଇର ଶ୍ରେଷ୍ଠ ୩୦ଟି କମ୍ପାନୀ ମଧ୍ୟରୁ ୨୬ଟି ସେୟାରରେ ହ୍ରାସ ଘଟିଥିଲା।

## ପୁଣି ଫୁଲୁଛି ବୈତରଣୀ

ଭୁବନେଶ୍ୱର/ଭଦ୍ରକ/ଯାଜପୁର (ଭାସ୍କର ନ୍ୟୁଜ): ପୁଣି ଫୁଲୁଛି ବୈତରଣୀ। ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ତେବେ ବୈତରଣୀରେ ବଡ଼ ବନ୍ୟା ଆଶଙ୍କା ନାହିଁ ବୋଲି କହିଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ। ସେ କହିଛନ୍ତି, ଆଖୁଆପଦାଠାରେ ସତର୍କ ସଂକେତ ୧୭.୮୩ ମିଟର ରହିଥିବାବେଳେ ସେଠାରେ ଜଳସ୍ତର ବର୍ତ୍ତମାନ ୧୮.୨୯ ମିଟର ରହିଛି। ତେବେ ଏହା ବିପଦ ସଂକେତଠାରୁ ଟିକେ କମ୍ ବୋଲି ଶ୍ରୀ ପାଢୀ କହିଛନ୍ତି। ସେ କହିଛନ୍ତି, କେନ୍ଦ୍ରୀୟ ଜଳ ଆୟୋଗଙ୍କ ସୂଚନା ଅନୁଯାୟୀ ବୈତରଣୀରେ ଆଉ ଜଳସ୍ତର ବୃଦ୍ଧି ପାଇବ ନାହିଁ। ତେଣୁ ବଡ଼ ବନ୍ୟା ହେବାର କୌଣସି ସମ୍ଭାବନା ନାହିଁ। ତଥାପି ଆମେ ପ୍ରସ୍ତୁତ ରହିଛୁ। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତେ ସଜାଗ ରହିଛନ୍ତି। ଅନ୍ୟ କେଉଁଠାରେ ବି ବନ୍ୟା ପରିସ୍ଥିତି ନାହିଁ। ଶ୍ରୀ ପାଢୀ ପୁଣି କହିଛନ୍ତି ଯେ ବ୍ରାହ୍ମଣୀ, ବୁଢାବଳଙ୍ଗ ଓ ମହାନଦୀରେ ବିପଦସଂକେତ ତଳେ ଜଳସ୍ତର ରହିଛି। ଏବେ ହୀରାକୁଦର ୮ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ହୀରାକୁଦ ଡ୍ୟାମକୁ ୪ଲକ୍ଷ ୩ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସେହିପରି ରେଙ୍ଗାଲିରେ ୨ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ବୁଧବାରଠାରୁ ଭଦ୍ରକରେ ଲଗାଣ ବର୍ଷା ଲାଗି ରହିଥିବାରୁ ବୈତରଣୀ ଜଳସ୍ତର ବୃଦ୍ଧି ପାଇଛି। ନଦୀ ବଢୁଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

## ହାତୀ ଆକ୍ରମଣରେ ୩ ମୃତ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ହାତୀ-ମଣିଷ ଭିତରେ ଏବେ ବି ଲଢେଇ ଜାରି ରହିଛି। କେତେବେଳେ ମଣିଷ ହାତରେ ହାତୀଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ହାତୀ ଆକ୍ରମଣରେ ମଣିଷଙ୍କ ଅମୂଲ୍ୟ ଜୀବନ ହଜିଯାଉଛି। ସେସବୁ ଭିତରେ ଓଡ଼ିଶାରେ ପ୍ରତିଦିନ ହାତୀ ଆକ୍ରମଣରେ ଲୋକଙ୍କର ମୃତ୍ୟୁ ଘଟୁଥିବା ଭଳି ଅଭିଯୋଗ ଆସୁଛି। ଗୁରୁବାର ସକାଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଅଧୀନ ବାଗଝରିଆ ଗାଁରେ ଏକ ଦନ୍ତାହାତୀର ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଦନ୍ତା ଆକ୍ରମଣରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ବ୍ୟକ୍ତିମାନେ ଶୌଚପାଇଁ ଯାଉଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ଦନ୍ତାଟି ଜଣକ ପରେ ଜଣକୁ ଶୁଣ୍ଢରେ କଚାଡ଼ି ମାରି ଦେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ସାତମାଇଲ ଛକରେ ତିନୋଟି ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ତେବେ ଏହି ଘଟଣାରେ ବନବିଭାଗ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ରାସୋଳ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରାଯାଇଛି। ୩ ମୃତକଙ୍କ ପରିବାରକୁ ନିୟମ ଅନୁଯାୟୀ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ କହିଛନ୍ତି। ସେ କହିଛନ୍ତି, କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୃତକଙ୍କ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ କରିବାରକୁ ମନ୍ତ୍ରୀ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ହାତୀ ଆକ୍ରମଣ ଘଟଣା ଜାରି ରହିଛି। କେଉଁଠି ଘର ଭିତରେ ପଶି ହାତୀ ମଣିଷ ମାରୁଛି ତ ପୁଣି ବ୍ୟାପକ ଜମିରେ ଫସଲ ନଷ୍ଟ କରୁଛି। ଏହାକୁ ନେଇ ଲୋକେ ମଧ୍ୟ ଚିନ୍ତାପ୍ରକଟ କରୁଛନ୍ତି। ଏପରିକି ବହୁ ସ୍ଥାନରେ ସଞ୍ଜ ପୂର୍ବରୁ ଲୋକେ ତାଟିକବାଟ ପକାଇ ଦେଉଥିବା ଦେଖିବାକୁ ମିଳୁଛି।

### ■ ପୁରୀ ଦଳାଚକଟା ଘଟଣା ■

## ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଲେ ଉନ୍ନୟନ କମିଶନର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣା ଘଟଣାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉନ୍ନୟନ କମିଶନର ଅନୁ ଗର୍ଗ ରିପୋର୍ଟ ପ୍ରଦାନ କରିଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉନ୍ନୟନ କମିଶନର ଏହି ରିପୋର୍ଟ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିଥିବା ବେଳେ ଏବେ କ'ଣ କାର୍ଯ୍ୟାନୁଷ୍ଠାନ ନେବେ ସରକାର ସେ ନେଇ ଚିନ୍ତା କରିବେ। ଜୁନ ୨୯ ତାରିଖ ଭୋର ସକାଳୁ ଶରଧାବାଲିରେ ଦଳାଚକଟା ହୋଇଥିଲା। ଏହି ଅପ୍ରୀତିକର ଘଟଣାରେ ମୋଟ ୩ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା। ଅନେକ ଶ୍ରଦ୍ଧାଳୁ ଆହତ ହୋଇଥିଲେ।




## AFFIDAVIT

By virtue of an affidavit sworn before the Executive Magistrate, Puri, dated: 19.04.2025, I Sunil Sethi, Address: At-Charinala, Po-Gopinathpur, Ps- Puri Sadar, Dist- Puri, Odisha, PIN-752002, declare that I have changed my son's name from Permit Sethi to Soumya Ranjan Sethi. Henceforth, He shall be known as Soumya Ranjan Sethi for all purposes.

**Sd/- Sunil Sethi**



## कार्यपालक अभियंता का कार्यालय
### ग्रामीण विकास विशेष प्रमंडल, खूँटी

ई–निविदा आमंत्रण सूचना संख्या– RDD/SD/KHUNTI/05/2024-25

Re-tender 4th Call

PR. No.- 357656(Rural Development)25-26(D)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | खूँटी जिलान्तर्गत तोरपा प्रखण्ड के जिलिंगबुरू में स्थानीय नाला पर पुल निर्माण। | 3,26,17,600/– | 6,52,500/– | 10,000/– | 18 माह |

2. वेबसाइट में निविदा प्रकाशन की तिथि – 04.08.2025
3. ई–निविदा प्राप्ति की तिथि एवं समय–दिनांक 05.08.2025 से दिनांक 25.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, खूँटी
5. ई–निविदा खोलने की तिथि एवं समय –26.08.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, खूँटी
7. ई–निविदा प्रकोष्ठ का दूरभाष सं० 8102171790
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, खूँटी

PR 358688 Rural Development (25-26)_D



Government of Jharkhand
## Department of Agriculture, Animal Husbandry & Co-Operative
(Animal Husbandry Division)
Jharkhand Ranchi

"Corrigendum"

*e-Tender No. 01/2025-26 Published by PR No. 357505 Animal Husbandry (2025-26)_D*

This is with reference to Tender notice published for ***Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).*** In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

Director,
Animal Husbandry

PR 358645 Animal Husbandry (25-26)_D



## OFFICE OF THE MUNICIPAL COUNCIL: RAYAGADA

DIST-RAYAGADA
PIN CODE-765001, ODISHA
E-mail ID - raygadam.hud@od.gov.in,
web-www.rayagadamunicipality.in
Phone- 06856-235052

Letter No. 5170 Date: 30.07.2025

C-787

"e" - TENDER NOTICE
Bid Identification No. RGDA-MUN- 03/2025-26

Bid documents consisting of 12(Twelve) no of Civil Works with their Estimated Cost (Work Value) Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

| | | |
|---|---|---|
| 1 | Name of the Work | Civil Works as mentioned in the website. |
| 2 | No of the work | 12(Twelve) no's |
| 3 | Estimated costs | As mentioned in the DTCN |
| 4 | Periods of the completion | As mentioned against the work in the NIT / DTCN. |
| 5 | Date & Time of Availability of Bid Documents on the Portal | From Dated 01.08.2025 , 11:30 A.M hrs To Dated 20.08.2025 , 05:30 P.M hrs |
| 6 | Bids received online to be opened on | Dated 21.08.2025 , 11:30 P.M hrs |
| 7 | Name and Address of the Officer inviting the Bid | The Executive Officer, Rayagada Municipality, Rayagada |

*Further details can be seen from the Procurement Portal* http://tendersorissa.gov.in.

Sd/- Executive Officer
Rayagada Municipality

OIPR 13150/11/0076/2526



GOVERNMENT OF ODISHA
(PANCHAYATI RAJ & DRINKING WATER DEPARTMENT)
OFFICE OF THE PANCHAYAT SAMITI NANDAPUR, KORAPUT
E-mail-ori-nandapur@nic.in

i-253

No. 2691 /2025 Dated.30.07.2025

NOTICE INVITING TENDER
Bid Identification No. - NDP02 of 2025-26 of B.D.O, Nandapur

The Block Development Officer, Nandapur, Dist- Koraput, Pin-764037(Odisha) invites **Percentage Rate Bids in Single Cover System** on behalf of Governor of Odisha in electronic tendering system **(www.tendersodisha.gov.in)** for the construction of **4 (Four)**nos of works from the eligible civil contractors from Date- 14.08.2025 to Dt- 30.08.2025. The bidders may participate for any bids or all the following works.

| Sl. No | Name of the Work | Amount put to Tender (Approx. In Rupees) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional class room at Netaji High School, Thuba | 13,55,184/- | "C" & "D" | 6,000/- | 13,550/- | 06 Months |
| 2 | Construction of Additional class room at Mangrel PS | 14,55,260/- | "C" & "D" | 6,000/- | 14,550/- | 06 Months |
| 3 | Construction of Additional class room at Kukudaput PS | 14,52,665/- | "C" & "D" | 6,000/- | 14,530/- | 06 Months |
| 4 | Construction of Additional class room at Talakondapalli PS | 14,54,669/- | "C" & "D" | 6,000/- | 14,550/- | 06 Months |

For more details visit the web site- www.tendersodisha.gov.in

Sd/-Block Development Officer
Nandapur

OIPR 19118/11/0002/2526



GOVERNMENT OF ODISHA, DEPARTMENTOF WATER RESOURCES
Office of the Addl. Chief Engineer, Mechanical Circle, Bhubaneswar

A-453

Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDC-32/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDC-32/2025-26
5. Estimated Cost : Rs. 11,53,131/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.01.08.2025(10.00 AM) to dt.11.08.2025(5.30 PM)
8. Last date/ time for receipt of bid in the Portal : dt.11.08.2025 (up to 5.30 PM)
9. Date and Place of opening of Bid : dt.12.08.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer,
Mechanical Circle Bhubaneswar

OIPR 32405/11/0084/2526



GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDINGENGINEER,
PURI (R&B) DIVISION, PURI

B-352

WORKS DEPARTMENT
Short Tender Call Notice

E-mail: eerbpuri@yahoo.co.in

Bid Identification No. SE (R&B) Puri-19/2025-26

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Single cover/** Double cover **system** in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Civil & Electrical Works.
2. No of Work : 4 Nos
3. Tender Cost : Rs. 10,000.00 / Rs. 6000.00 (On-Line)
4. Class of bidders: : Specialized agency having MOU with Electrical contractor having valid license issued from ELBO( MV/HT)/ B Class
5. Available of Bid document in of the Website : From 10.00 AM of Dt.01.08.2025 to 05.00 PM Dt.11.08.2025
6. Last Date of receipt of tender : Dt.11.08.2025 up to 05.00 PM
7. Date of opening of Bid : Dt.12.08.2025 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer,
Puri (R&B) Division, Puri

OIPR 34064/11/0030/2526



GOVERNMENT OF ODISHA

C-750

OFFICE OF THE ADDITIONAL CHIEFENGINEER, PUBLIC HEALTH CIRCLE, BERHAMPUR
E-Mail ID- acephcbam@gmail.com

NATIONAL COMPETITIVE BIDDING THROUGH e-Procurement

### Invitation For Bids (IFB)

| Sl. No | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Laying of CWRM in connection with improvement of water supply to Kodala NAC under AMRUT 2.0, (SWAP-III) | Identification No. ACEPHCBAM 08/2025-26 Dt. 25.07.2025 | 636.07 | 12 (Twelve) Calendar Months | 11.00 Hrs. of 05.08.2025 | 17.30 Hrs. of 20.08.2025 | Chief Engineer, P.H. Circle, Berhampur |

The technical bid shall be opened on dt. 26.08.2025 at 12.30 P.M

Further details can be seen from the e-Procurement portal *http://tendersodisha.gov.in*

CHIEF ENGINEER (PH)

OIPR 13004/11/0021/2526



## ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ

IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)

**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨

**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧

ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

### ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୯୦୫୨୧୫୯୪ ଏବଂ ୧୩୮୧୨୬୨୯୪ | ସମ୍ପତ୍ତି ବଦଳରେ ଋଣ | ୩୦.୦୬.୨୦୨୫ | ୧୦,୪୧,୪୨୧.୩୮/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. କିଶୋର ମେହେର, ୨. ତପସ୍ୱିନୀ ମେହେର

ସମ୍ପତ୍ତି ଠିକଣା: ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ ଯାହାକି ଖାତା ନଂ ୧୦୨/୫୩, ପ୍ଲଟ ନଂ ୨୨୯/୪୮୪, ଏରିଆ- ଏ.୦.୦୪୦ ଡିସିମିଲ, କିସମ- ଘରବାରୀ, ମୌଜା-ବଡ଼ତୁରଙ୍ଗ, ପିଏସ୍-ସମ୍ବଲପୁର ସଦର, ତହସିଲ- ଯୁଯୁମରା, ଜିଲ୍ଲା-ସମ୍ବଲପୁର, ଓଡ଼ିଶା-୭୬୮୧୧୨, ବାଉଣ୍ଡରୀ ଯଥା- ପୂର୍ବ- ଗୟା ମେହେର, ପଶ୍ଚିମ-୧୮ଫୁଟ ଚଉଡ଼ାର ରାସ୍ତା, ଉତ୍ତର- ୧୮ଫୁଟ ଚଉଡାର ରାସ୍ତା, ଦକ୍ଷିଣ- ଅଶ୍ୱିନୀ ମେହେର।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୨ | ୮୨୬୭୬୨୪୮ ଏବଂ ୧୨୬୪୩୩୧୦୪ | ଗୃହ ଋଣ | ୨୧.୦୬.୨୦୨୫ | ୩୬,୨୧,୯୯୯.୧୮/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ପୁଷ୍ପାଞ୍ଜଳି ଦାସ, ୨. ମନୋଜ ଦାସ

ସମ୍ପତ୍ତି ଠିକଣା: ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ ଯାହାକି ଖାତା ନଂ ୧୨୨୮/୫୪୭, ପ୍ଲଟ ନଂ ୧୫୬୭/୪୨୧୧, ଜମି ଏରିଆ- ୦.୧୧ ଏକର କିମ୍ବା ୪୭୯୨ ବର୍ଗଫୁଟ, ମୌଜା ଅବସ୍ଥିତି: କାଶିବାହାଲ, ତହସିଲ- ଧର୍ମଗଡ଼, ଜିଲ୍ଲା- କଳାହାଣ୍ଡି, ଓଡ଼ିଶା-୭୬୬୦୧୫ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ରାସ୍ତା, ପଶ୍ଚିମ- ବିକ୍ରେତା, ଉତ୍ତର- ସଦାନନ୍ଦ ଭଇଁସାଲ, ଦକ୍ଷିଣ- ବିକ୍ରେତା।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ

**ତାରିଖ:** ୦୧.୦୮.୨୦୨୫
**ସ୍ଥାନ:** ଓଡ଼ିଶା

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)



ମାଙ୍ଗାଲୁରୁ: କର୍ଣ୍ଣାଟକର ମାଙ୍ଗାଲୋରସ୍ଥିତ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ଛାତ୍ରୀ ରେମୋନା ଏଭେଟ ପେରେରା ୧୭୦ ଘଣ୍ଟା ପର୍ଯ୍ୟନ୍ତ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଗୋଲଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ତାଙ୍କର ନାମ ସ୍ଥାନ ପାଇଛି। ଏହାସହ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ଭାବେ ଭୌଗିସି ଶାସ୍ତ୍ରୀୟ ଭାରତୀୟ ନୃତ୍ୟ ପ୍ରଦର୍ଶନ କରିବାରେ ରେମୋନା ପ୍ରଥମ ବ୍ୟକ୍ତି ହୋଇପାରିଛନ୍ତି। ବିଏ ଶେଷ ବର୍ଷର ଛାତ୍ରୀ ରେମୋନା ଜୁଲାଇ ୨୧ ପୂର୍ବାହ୍ନ ୧୦ଟାରେ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ରୋବର୍ଟ ସେକ୍ୱେରା ହଲ୍‌ରେ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ଜୁଲାଇ ୨୮ ମଧ୍ୟାହ୍ନ ୧୨ଟାରେ ସେ ତାଙ୍କ ଅନବରତ ନୃତ୍ୟ ପ୍ରଦର୍ଶନକୁ ସମାପ୍ତ କରି ବିଶ୍ୱ ରେକର୍ଡ ହାସଲ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗୋଲଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସର ଭାରତ ପ୍ରତିନିଧି ମନୀଷ ବିଷ୍ଣୋଇ ରେମୋନାଙ୍କୁ ବିଶ୍ୱ ରେକର୍ଡର ପ୍ରମାଣପତ୍ର ପ୍ରଦାନ କରିଥିଲେ। ରେମୋନା ମାତ୍ର ୩ ବର୍ଷ ବୟସରୁ ପ୍ରସିଦ୍ଧ ଗୁରୁ ଶାରଦ୍ୱା ମୁରଲୀଧରଙ୍କଠାରୁ ଭାରତନାଟ୍ୟମ୍ ନୃତ୍ୟର ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ।

## ୬ ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ



### ଦେଶକୁ ମିଳିବ ଚାରି ନୂଆ ରେଳ ନେଟୱର୍କ
### ପିଏମ୍‌କେଏସ୍‌ୱାଇ ପାଇଁ ୬୫୨୦ କୋଟି ଟଙ୍କା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ୟାବିନେଟ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି। ସରକାରୀ ଯୋଜନାର ବଜେଟ୍ ବଢ଼ାଇବାଠୁ ଆରମ୍ଭ କରି ଭାରତୀୟ ରେଳର ଅନେକ ପ୍ରକଳ୍ପକୁ ମୋଦୀ କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏହାସହ ଏହି ବୈଠକରେ ଅନେକ ବଡ଼ ବଡ଼ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ କୃଷି ସମ୍ପଦ ଯୋଜନାକୁ ଆହୁରି ଅଧିକ ସଶକ୍ତ କରିବାକୁ ଏହାର ବଜେଟରେ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ଆର୍ଥିକ ମାମଲାର କ୍ୟାବିନେଟ୍ କମିଟି (ସିସିଇଏ) ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡରେ ଚାରି ରେଲୱେ ପରିଯୋଜନାକୁ ମଞ୍ଜୁରି ଦିଆଯାଇଛି। ଏହି ଯୋଜନାଗୁଡ଼ିକ ଉପରେ ପ୍ରାୟ ୧୧,୧୬୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ଇଟାରସୀ-ନାଗପୁର ଚତୁର୍ଥ ଲାଇନ୍, ଔରଙ୍ଗାବାଦ-ପରଭଣୀ ଦୋହରୀକରଣ, ଆଲୁଆବାରୀ ରୋଡ୍-ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ୍ ଓ ଡାଙ୍ଗୋଆପୋସି-ଜାରୋଲି ତୃତୀୟ ଓ ଚତୁର୍ଥ ଲାଇନ୍ ସାମିଲ ଅଛି। କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନା ପାଇଁ ୬୫୨୦ କୋଟି ଟଙ୍କାର ମଞ୍ଜୁରି ଦେଇଛି। ଏଥିରେ ୧୯୨୦ କୋଟି ଟଙ୍କା ଅତିରିକ୍ତ ଆବଣ୍ଟନ କରାଯାଇଛି। ଏହି ଟଙ୍କା ୧୫ତମ ଅର୍ଥ କମିଶନ ଚକ୍ର (ଏଫସିସି) ଅର୍ଥାତ୍ ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ଖର୍ଚ୍ଚ କରାଯିବ। ଏହି ଯୋଜନାରେ ଦୁଇଟି ମୁଖ୍ୟ ବିଷୟକୁ ସାମିଲ କରାଯାଇଛି। ପ୍ରଥମ ହେଉଛି ୧୦୦୦ କୋଟି ଟଙ୍କାରେ ୫୦ ମଲ୍ଟି ପ୍ରଡକ୍ଟ ଫୁଡ୍ ଇରାଡିଏସନ୍ ୟୁନିଟ୍ ନିର୍ମାଣ କରାଯିବ। ଏହାକୁ ଇଣ୍ଟିଗ୍ରେଟେଡ୍ କୋଲ୍ଡ ଚେନ୍ ଆଣ୍ଡ ଭାଲ୍ୟୁ ଆଡିସନ୍ ଇନଫ୍ରାଷ୍ଟ୍ରକ୍ଚର (ଓଉଓଉଓ) ଅଧୀନରେ ନିର୍ମାଣ କରାଯିବ। ଅନ୍ୟପଟେ ୧୦୦ଟି ଫୁଡ୍ ଟେଷ୍ଟିଂ ଲ୍ୟାବ ନିର୍ମାଣ କରାଯିବ। ଏହି ଲ୍ୟାବକୁ ଘରୋଇ ମାନ୍ୟତା ଦିଆଯିବ। ଏହି କାମ ଫୁଡ୍ ସେଫ୍ଟି ଆଣ୍ଡ କ୍ୱାଲିଟି ଆସ୍ୟୋରାନ୍ସ ଇନଫ୍ରାଷ୍ଟ୍ରକ୍ଚର ଅଧୀନରେ କରାଯିବ। ୯୨୦ କୋଟି ଟଙ୍କା ପିଏମ୍‌କେଏସୱାଇର ବିଭିନ୍ନ ଯୋଜନା ପାଇଁ ଖର୍ଚ୍ଚ କରାଯିବ।

## ଟ୍ରମ୍ପଙ୍କ ବୟାନକୁ ରାହୁଲଙ୍କ ସମର୍ଥନ



ନୂଆଦିଲ୍ଲୀ: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେହି ବୟାନକୁ ସମର୍ଥନ କରିଛନ୍ତି, ଯେଉଁଥିରେ ସେ ଭାରତର ଅର୍ଥନୀତିକୁ 'ମୃତ' ବୋଲି କହିଥିଲେ। ଟ୍ରମ୍ପଙ୍କ ବୟାନକୁ ସଠିକ୍ ଦର୍ଶାଇ ରାହୁଲ ଗାନ୍ଧୀ ପିଏମ୍ ମୋଦୀ ଓ ଶିଳ୍ପପତି ଗୌତମ ଆଦାନୀଙ୍କୁ ଟାର୍ଗେଟ୍ କରିଛନ୍ତି। କଂଗ୍ରେସ ସାଂସଦ ଦାବି କରିଛନ୍ତି ଯେ ଭାରତ ଏକ ମୃତ ଅର୍ଥନୀତି (ଭୁଶୁଡ଼ି ପଡ଼ିଥିବା ଅର୍ଥ ବ୍ୟବସ୍ଥା) ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଛାଡ଼ି ସମସ୍ତେ ଜାଣିଛନ୍ତି। ସେ ଏହା ବି ଦାବି କରିଛନ୍ତି ଯେ ଆମେରିକା ସହ ବାଣିଜ୍ୟ ବୁଝାମଣା ଟ୍ରମ୍ପଙ୍କ ସର୍ତ୍ତରେ ହେବ ଓ ପ୍ରଧାନମନ୍ତ୍ରୀ ମୋଦୀ ସେୟା କରିବେ, ଯାହା ଆମେରିକା ରାଷ୍ଟ୍ରପତି କରିବେ। ଏହା ବ୍ୟତୀତ ଏକ୍ସରେ ପୋଷ୍ଟ କରି ରାହୁଲ ଗାନ୍ଧୀ ଲେଖିଛନ୍ତି, 'ଭାରତୀୟ ଅର୍ଥନୀତି ମରି ସାରିଛି। ମୋଦୀ ଏହାକୁ ହତ୍ୟା କରିଛନ୍ତି।' ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଘୋଷଣା କରିବାର କିଛି ଘଣ୍ଟା ପରେ ସୋସିଆଲ୍ ମିଡିଆ ପୋଷ୍ଟରେ ଭାରତ ଓ ରୁଷକୁ ଟାର୍ଗେଟ୍ କରିଥିଲେ। ଦୁଇ ଦେଶ ନିଜର ମୃତ ଅର୍ଥନୀତିକୁ ଏକାସଙ୍ଗରେ ବୁଡ଼ାଇ ପାରନ୍ତି ଓ ଏଥିରେ ତାଙ୍କୁ କୌଣସି ଫରକ ପଡ଼ୁନାହିଁ ବୋଲି କହିଥିଲେ। ଆମେରିକା ରାଷ୍ଟ୍ରପତିଙ୍କ ଏହି ଟିପ୍ପଣୀ ଉପରେ ଏକ ପ୍ରଶ୍ନର ଜବାବରେ ରାହୁଲ କହିଥିଲେ, 'ସେ ଠିକ୍ କହୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଓ ଅର୍ଥମନ୍ତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏକଥା ଜାଣିଛନ୍ତି। ମୁଁ ଖୁସି ଯେ ରାଷ୍ଟ୍ରପତି ଟ୍ରମ୍ପ ଏହି ତଥ୍ୟାକୁ ସାମନାରେ ରଖିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ କେବଳ ଜଣେ ବ୍ୟକ୍ତିଙ୍କ ପାଇଁ କାମ କରୁଛନ୍ତି। ସବୁ ଛୋଟ ବ୍ୟବସାୟକୁ ଶେଷ କରିଛନ୍ତି। ଏହା ସହ ବିଦେଶ ମନ୍ତ୍ରୀଙ୍କ ଏକ ଟିପ୍ପଣୀକୁ ଉଲ୍ଲେଖ କରି କହିଛନ୍ତି, 'ବିଦେଶ ମନ୍ତ୍ରୀ କହୁଛନ୍ତି ଯେ ଆମର ବିଦେଶ ନୀତି ସବୁଠୁ ଭଲ। ଗୋଟିଏ ପଟେ ଆମେରିକା ଆପଣଙ୍କୁ ଗାଳି ଦେଉଛି, ଅନ୍ୟପଟେ ଚୀନ ଆପଣଙ୍କ ପଛରେ ପଡ଼ିଛି।'

## ଦିଲ୍ଲୀରେ ଗଡକରୀଙ୍କୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଏକ ମୁଖ୍ୟ ପଦକ୍ଷେପ ସ୍ୱରୂପ ଗୁରୁବାର ଛତିଶଗଡର ସଡ଼କ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତୀନ ଗଡକରୀଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ ଛତିଶଗଡର ଯୋଗାଯୋଗ ବିକାଶ କ୍ଷେତ୍ରରେ ବହୁ ରାସ୍ତା ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଆଲୋଚନା ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡକରୀ ଛତିଶଗଡରେ ଭିତ୍ତିଭୂମିର ବିକାଶ ପାଇଁ ୭ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ଦେଇଥିଲେ। ଏଥିସହ ଅତିରିକ୍ତ ଭାବେ କେନ୍ଦ୍ରୀୟ ରାସ୍ତା ପାଣ୍ଠିରୁ ୬୦୦କୋଟି ଟଙ୍କା ଦିଆଯାଉଥିବା ପ୍ରକାଶ କରିଥିଲେ। ଛତିଶଗଡରେ ଟ୍ରାଫିକ ନିୟନ୍ତ୍ରଣ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟ ପୋଲଗୁଡିକର ନିର୍ମାଣ ନିମନ୍ତେ ଖୁବ ଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବାକୁ କହିଥିଲେ। ଅନ୍ୟ ଜିଲ୍ଲାରୁ ଛତିଶଗଡ ଜିଲ୍ଲାକୁ ରାୟପୁରକୁ ସଂଯୋଗ କରିବାକୁ ୨ଲେନ୍‌ରୁ ୪ଲେନ କରାଯିବକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହାଫଳରେ ଟ୍ରାଫିକ ବ୍ୟବସ୍ଥାରେ ପରିବର୍ତ୍ତନ ଘଟିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ କହିଥିଲେ କେନ୍ଦ୍ରର ଗତିଶକ୍ତି ପୋର୍ଟାଲରେ ଛତିଶଗଡର କେଉଁ କେଉଁ ରାସ୍ତାକୁ ସ୍ଥାନ ଦିଆଯାଇଛି ସେ ନେଇ ସଂପୂର୍ଣ୍ଣ ବିବରଣୀ ମିଳିପାରିବ। ଏଥିନେଇ ୬ଲେନ୍ ରାସ୍ତା ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ଶ୍ରୀ ଗଡକରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ରାସ୍ତା କେବଳ ଯାତାୟାତ ପାଇଁ ନୁହେଁ ଏହା ସହ ବିକାଶ ନିଯୁକ୍ତି ଓ ସାମାଜିକ ପରିବର୍ତ୍ତନ ମଧ୍ୟ ଯୋଡି ହୋଇ ରହିଛି। ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ସୁବୋଧ ସିଂ ଏବଂ ପୂର୍ତ୍ତ ବିଭାଗର ସଚିବ କମଳପ୍ରୀତି ସିଂ ଉପସ୍ଥିତ ଥିଲେ।

## ଅଗଷ୍ଟ-ସେପ୍ଟେମ୍ବରରେ ଅଧିକ ବର୍ଷା: ଆଇଏମ୍‌ଡି

ନୂଆଦିଲ୍ଲୀ: ଦେଶରେ ମୌସୁମୀର ଦ୍ୱିତୀୟାର୍ଦ୍ଧ ଅଗଷ୍ଟ ଓ ସେପ୍ଟେମ୍ବରରେ ସ୍ୱାଭାବିକରୁ ଅଧିକ ବର୍ଷା ଆଶଙ୍କା କରାଯାଉଛି। ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦୁଇ ସପ୍ତାହ ହାଲୁକା ବର୍ଷା ହେବ, ହେଲେ ସେପ୍ଟେମ୍ବରରେ ବର୍ଷା ସ୍ୱାଭାବିକରୁ ଅଧିକ ହୋଇପାରେ। ତେବେ ପୂର୍ବୋତ୍ତର ଓ ପୂର୍ବ ଭାରତକୁ ଛାଡିଦେଲେ ଦେଶର ଅଧିକାଂଶ ଅଞ୍ଚଳରେ ଅଗଷ୍ଟରେ ସ୍ୱାଭାବିକ ବର୍ଷା ଆଶା କରାଯାଉଛି। ଗୁରୁବାର ଏକ ଅନଲାଇନ ପ୍ରେସ୍ କନଫରେନ୍ସକୁ ସମ୍ବୋଧିତ କରି ଡ. ମହାପାତ୍ର କହିଛନ୍ତି ଯେ ଦେଶରେ ମୌସୁମୀ ଋତୁର ପ୍ରଥମ ଭାଗ ଜୁନ ଓ ଜୁଲାଇ ମାସରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇଛି। ଏହି ସମୟରେ କିଛି ରାଜ୍ୟ ବିଶେଷ କରି ହିମାଚଳ ପ୍ରଦେଶରେ ଅଚାନକ ବନ୍ୟା ଆସିଯାଇଥିଲା। ସେ କହିଛନ୍ତି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁର ଦ୍ୱିତିୟାର୍ଦ୍ଧରେ ସାରା ଦେଶରେ ସ୍ୱାଭାବିକରୁ ଅଧିକ ବର୍ଷା (୪୨୨.୮ ମିମିରେ ଦୀର୍ଘ କାଳୀନ ହାରାହାରିର ୧୦୬%) ହେବାର ସମ୍ଭାବନା ରହିଛି। ତେବେ ଜୁନ ମାସରେ ଦେଶକୁ ମୌସୁମୀ ଆଗମନ କାଳରେ ବେଶ ବର୍ଷା ହୋଇଥିଲା। ୧ ଜୁନରୁ ୩୧ ଜୁଲାଇ ମଧ୍ୟରେ ସ୍ୱାଭାବିକ ୪୪୫.୮ ମିଲିମିଟର ବର୍ଷା ତୁଳନାରେ ୪୭୪.୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ଠାରୁ ହାରାହାରି ୬% ଅଧିକ ବୋଲି ଡ. ମହାପାତ୍ର କହିଛନ୍ତି। ଏଥିରେ ଅଗଷ୍ଟମାସରେ ବର୍ଷା ସ୍ୱାଭାବିକ ହେବାକୁ ଥିବା ବେଳେ ଜୁନ-ସେପଟ୍ଟେମ୍ବର ମୌସୁମୀ ଋତୁର ଶେଷ ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରହିବ ବୋଲି ପୂର୍ବାନୁମାନ କରିଛନ୍ତି।

## ଅବସର ନେଲେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ



ମୁମ୍ବାଇ: ମହାରାଷ୍ଟ୍ର ପୋଲିସର ଏନକାଉଣ୍ଟର ସ୍ପେଶାଲିଷ୍ଟ ତଥା ମୁମ୍ବାଇ ପୋଲିସର ଦବଙ୍ଗ ପୋଲିସ ଅଫିସର ଦୟା ନାୟକ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ତେବେ ସେବା ନିବୃତ୍ତିର ଦୁଇ ଦିନ ପୂର୍ବରୁ ମୁମ୍ବାଇ ପୋଲିସ ମଙ୍ଗଳବାର ତାଙ୍କୁ ସହାୟକ ପୋଲିସ କମିଶନର (ଏସିପି) ପଦକୁ ପଦୋନ୍ନତୀ ଦେଇଥିଲା। ଦୟା ନାୟକଙ୍କ ରିଟାୟାର୍ଡକୁ ମୁମ୍ବାଇ ଅଣ୍ଡରୱାର୍ଲଡ ସମାପ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ପୋଲିସ ଅଧିକାରୀମାନଙ୍କ ଏକ ଯୁଗର ଅବସାନ ବୋଲି ଏବେ କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଦୟା ନାୟକଙ୍କୁ ମହାରାଷ୍ଟ୍ର ପୋଲିସର ଜଣେ ଜଣାଶୁଣା ଅଧିକାରୀ ଭାବେ ଦେଖାଯାଏ। ତେବେ ମୁମ୍ବାଇ ପୋଲିସରେ ତାଙ୍କୁ ଏନକାଉଣ୍ଟର ସ୍ପେଶାଲିଷ୍ଟ ଭାବେ ଦେଖାଯାଏ। ମୁମ୍ବାଇ ଅଣ୍ଡରୱାର୍ଲଡ ସମାପ୍ତିରେ ତାଙ୍କ ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଏ। ଦୟା ୧୯୯୫ ମସିହାରେ ମୁମ୍ବାଇ ପୋଲିସରେ ଯୋଗ ଦେଇଥିଲେ। ସେ ଅନେକ ବର୍ଷ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଆତଙ୍କବାଦୀ ନିରୋଧୀ ସ୍କ୍ୱାର୍ଡ (ଏଟିଏସ)ରେ ସେବା ଦେଇଛନ୍ତି। ଦୟା ସେହି ଟିମରେ ଥିଲେ ଯେଉଁ ଟିମ୍ ୨୦୨୧ ମସିହାରେ ମୁକେଶ ଅମ୍ବାନୀଙ୍କ ଘର ନିକଟରେ ଏକ ବାହନରୁ ମିଳିଥିବା ବିସ୍ଫୋରକ ଓ ଏହା ପରେ ଠାଣେ ବ୍ୟବସାୟୀ ମନସୁଖ ହିରେନଙ୍କ ହତ୍ୟାର ରହସ୍ୟ ସମାଧାନ କରିଥିଲା। ରିଟାୟାର୍ଡ ବେଳକୁ ନାୟକ ମହାରାଷ୍ଟ୍ର ଅପରାଧ ଶାଖାର ବାନ୍ଦ୍ରା ୟୁନିଟ୍ ରେ କାମ କରୁଥିଲେ। ୧୯୯୦ ଦଶକରେ ଦୟା ନାୟକ ସେହି ପୋଲିସ ଅଧିକାରୀଙ୍କ ମଧ୍ୟରେ ଥିଲେ ଯେଉଁମାନେ ମୁମ୍ବାଇ ଗ୍ୟାଙ୍ଗଷ୍ଟରମାନଙ୍କୁ ଏନକାଉଣ୍ଟରରେ ହତ୍ୟା କରିଥିଲେ। ଏଥି ଲାଗି ଦୟା ନାୟକ ରାତାରାତ ମୁମ୍ବାଇରେ ପ୍ରସିଦ୍ଧ ହୋଇଯାଇଥିଲେ। ଦୟା ନାୟକ ଜଣେ ହାଇ ପ୍ରୋଫାଇଲ ଅଧିକାରୀ ଯିଏ ତାଙ୍କ ଚାକିରୀ କାଳରେ ୮୦ଟି ଏନକାଉଣ୍ଟର କରିଛନ୍ତି।

### ଇମ୍ରାନ ଖାଁଙ୍କୁ ଝଟକା
## ପିଟିଆଇର ୧୬୬ ସଦସ୍ୟଙ୍କୁ ଜେଲ୍


ଲାହୋର: ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କୁ ଏକ ବଡ଼ ଝଟକା ଲାଗିଛି। ଗୁରୁବାର ଦିନ ଲାହୋରର ଏକ କୋର୍ଟ ଇମ୍ରାନଙ୍କ ଦଳ ପିଟିଆଇର କିଛି ସାଂସଦଙ୍କ ସମେତ ୧୬୬ ଜଣ ସଦସ୍ୟଙ୍କୁ ୧୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ୯ ମଇ ୨୦୨୩ରେ ପିଟିଆଇ କର୍ମୀମାନେ ପଞ୍ଜାବ ପ୍ରଦେଶରେ ଆଇଏସଆଇ କୋଠା ଏବଂ ଅନ୍ୟାନ୍ୟ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲେ। ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ) ନେତାମାନଙ୍କୁ ଦଣ୍ଡ ଦିଆଯିବାର ଏହି ଖବର ଏପରି ସମୟରେ ଆସିଛି ଯେତେବେଳେକି ଆସନ୍ତା ଅଗଷ୍ଟ ୫ରେ ଦଳ ପକ୍ଷରୁ ଇମ୍ରାନଙ୍କ ମୁକ୍ତି ପାଇଁ ଏକ ଅଭିଯାନ ଲାଗି ଯୋଜନା କରାଯାଉଛି। ପିଟିଆଇ ଫୈସଲାବାଦ ଆତଙ୍କବାଦ ନିରୋଧୀ କୋର୍ଟ (ଏଟିସି)ର ନିଷ୍ପତ୍ତିକୁ କଡ଼ା ନିନ୍ଦା କରିଛି। ଖାଁଙ୍କ ଦଳ ଏହାକୁ ସଂସଦରୁ ତାଙ୍କ ସାଂସଦମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାରୁ ଦଳକୁ ରୋକିବାର ଷଡ଼ଯନ୍ତ୍ରର ଅଂଶ ଭାବରେ ବର୍ଣ୍ଣନା କରିଛି।

## ଏନ୍‌ଡିଏ ଛାଡ଼ିଲା ଏଆଇଏଡିଏମ୍‌କେ



ନୂଆଦିଲ୍ଲୀ: ବିଜେପି ହାତ ଛାଡ଼ିଲା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନୀରସେଲଭମଙ୍କ ନେତୃତ୍ୱାଧୀନ ଏଆଇଏଡିଏମକେ ଦଳ। ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସହିତ ଦଳ ସମସ୍ତ ସମ୍ପର୍କ ଛିନ୍ନ କରିବା ନେଇ ଗୁରୁବାର ଘୋଷଣା କରାଯାଇଛି। ଏଆଇଏଡିଏମକେ କ୍ୟାଡର୍ସ ରାଇଟ୍ସ ରିଟ୍ରିଭାଲ କମିଟିର ଉପଦେଷ୍ଟା ପନରୁଟି ଏସ. ରାମଚନ୍ଦ୍ରନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି। ଏହା ପରଠାରୁ କମିଟି ଏନଡିଏର ଆଉ ଅଂଶ ହୋଇ ରହିବ ନାହିଁ ବୋଲି ରାମଚନ୍ଦ୍ରନ କହିଛନ୍ତି। ରାମଚନ୍ଦ୍ରନ କହିଛନ୍ତି, ପନୀରସେଲଭମ ଖୁବଶୀଘ୍ର ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗସ୍ତ କରିବେ। ଏହି ସମୟରେ ସେ ଦଳର ସ୍ଥିତିକୁ ମଜଭୁତ କରିବା ଲାଗି ଜନତାଙ୍କ ସହିତ ସିଧାସଳଖ ମିଶିବେ। ଦଳର ଏହି ଘୋଷଣା ପରେ ଆଗାମୀ ବିଧାନସଭା ନିର୍ବାଚନରେ ଏଆଇଏଡିଏମକେ ଏକାକୀ ମଇଦାନକୁ ଓହ୍ଲାଇବ ବୋଲି ସ୍ପଷ୍ଟ ହୋଇଛି।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତର ରପ୍ତାନି ଉପରେ ୨୫% ଟାରିଫ୍ ଲାଗୁ କରିନ୍ତି ଆମେରିକା ରାଷ୍ଟ୍ରପତି ଡେନାଲ୍ଡ ଟ୍ରମ୍ପ। ଆମେରିକାର ଘୋଷଣା ଗୁରୁବାର ସକାଳେ ଭାରତୀୟ ସେୟାର ବଜାର ଉପରେ ଗଭୀର ପ୍ରଭାବ ପକାଇଛି। କାରବାର ଆରମ୍ଭରୁ ସେନସେକ୍ସ ୮୦୦ ପଏଣ୍ଟ ହ୍ରାସ ପାଇଥିଲା। ନିଫ୍ଟି ୫୦ ମଧ୍ୟ ୨୪,୬୫୦ ତଳକୁ ଖସିଯାଇଥିଲା, ଯାହା ନିବେଶକଙ୍କ ଚିନ୍ତାକୁ ଆହୁରି ବୃଦ୍ଧି କରିଥିଲା। ଗୁରୁବାର ବିଏସଇ ସେନସେକ୍ସ ୮୦,୬୯୫.୫୦ରେ କାରବାର ଆରମ୍ଭ କରିଥିଲା, ଯାହା ଏହାର ପୂର୍ବ ବନ୍ଦ ୮୧,୪୮୧.୮୬ ଠାରୁ ପ୍ରାୟ ୭୮୬ ପଏଣ୍ଟ କମ ଥିଲା। କିଛି ମିନିଟ ମଧ୍ୟରେ, ଏହି ହ୍ରାସ ଆହୁରି ତଳକୁ ଖସିଥିଲା ଏବଂ ସେନସେକ୍ସ ଦିନର ସର୍ବନିମ୍ନ ୮୦,୬୯୫.୧୫ରେ ପହଞ୍ଚିଗଲା, ଅର୍ଥାତ୍ ପ୍ରାୟ ୮୦୦ ପଏଣ୍ଟ ହ୍ରାସ ପାଇଲା। ଏନଏସଇ ନିଫ୍ଟି ୫୦ ମଧ୍ୟ ଏକ ଦୁର୍ବଳ ଆରମ୍ଭ କରିଥିଲା। ଏହା ୨୪,୬୪୨.୨୫ରେ ଖୋଲିଥିଲା, ଯାହା ଏହାର ପୂର୍ବ ବନ୍ଦ ୨୪,୮୫୫.୦୫ ତୁଳନାରେ ପ୍ରାୟ ୨୧୩ ପଏଣ୍ଟ ହ୍ରାସ ପାଇଥିଲା। ଆରମ୍ଭ ଘଣ୍ଟାରେ ଏହା ୨୪,୬୩୫.୦୦କୁ ଖସି ଆସିଥିଲା। ଉଭୟ ପ୍ରମୁଖ ସୂଚକାଙ୍କ ପ୍ରାୟ ୧% ହ୍ରାସ ସହିତ କାରବାର କରୁଥିଲେ।

### ଝାଡ଼ଖଣ୍ଡ ସିଏସ୍‌ଆର ସମ୍ମିଳନୀ
## ସାମାଜିକ ଦାୟିତ୍ୱ ଓ ସ୍ଥାୟୀ ବିକାଶ ଉପରେ ହେବ ଆଲୋଚନା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାଡ଼ଖଣ୍ଡ ରାଜ୍ୟ ପୁଣିଥରେ ସାମାଜିକ ଦାୟିତ୍ୱ (ସିଏସଆର) କ୍ଷେତ୍ରରେ ଦେଶକୁ ଏକ ନୂଆ ଦିଗ ଦେବା ଲାଗି ପ୍ରୟାସ ଆରମ୍ଭ କରିଛି। ଏହି ପ୍ରୟାସର ଅଂଶ ଭାବେ ଆସନ୍ତା ୨୨ ଓ ୨୩ ଅଗଷ୍ଟରେ ରାଞ୍ଚିରେ ଦୁଇଦିନିଆ ଝାଡ଼ଖଣ୍ଡ ସିଏସଆର ସମ୍ମିଳନୀ ୨୦୨୫ ଆୟୋଜିତ ହେବ। ଏହି ବର୍ଷର ବିଷୟ ରହିଛି 'ସ୍ଥାୟୀ ବିକାଶ ପାଇଁ ସିଏସଆର: ପ୍ରଭାବ ଓ ନବପ୍ରବର୍ତନର ସଂଯୋଗ'। ଏହି ସମ୍ମିଳନୀରେ ରାଜ୍ୟ ସରକାର, କମ୍ପାନୀ, ଶିକ୍ଷା ପ୍ରତିଷ୍ଠାନ, ସେବା ସଂଗଠନ ଓ ସାମାଜିକ କର୍ମୀମାନେ ମିଶି ଏକ ସଂଯୁକ୍ତ ମଞ୍ଚ ଗଠନ କରିବେ, ଯେଉଁଠି ଝାଡ଼ଖଣ୍ଡ ଓ ଦେଶର ସମାନ୍ତର ବିକାଶ ସମ୍ଭାବନା ଉପରେ ଗଭୀର ଆଲୋଚନା ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ, ମହିଳା ସଶକ୍ତିକରଣ ଓ ସାମାଜିକ ନବପ୍ରବନ୍ଧନ ଭଳି ବିଷୟ ଉପରେ ବିଚାରବିମର୍ଶ ହେବ। ଏସମ୍ପର୍କରେ ମିଶନ ବ୍ଲୁ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡା. ପଙ୍କଜ ସୋନୀ କହିଛନ୍ତି, 'ସିଏସଆର କେବଳ ଏକ ଆଇନଗତ ଦାୟିତ୍ୱ ନୁହେଁ, ବରଂ ଏହା ସାମାଜିକ ପରିବର୍ତନ ଆଣିବାର ଏକ ଶକ୍ତିଶାଳୀ ଉପାୟ। ଝାଡ଼ଖଣ୍ଡର ସାମାଜିକ ଓ ଆର୍ଥିକ ଗଠନ ଏହାକୁ ସମାନ୍ତର ବିକାଶ ପାଇଁ ଉପଯୁକ୍ତ ସ୍ଥାନ କରିଛି। ଏହି ଅନୁଷ୍ଠାନରେ ଓଏନଜିସି, କୋଲ୍ ଇଣ୍ଡିଆ, ସେଲ୍ ଓ ଏନଟିପିସି ପରି ମୁଖ୍ୟ ସାର୍ବଜନୀନ ବିକାଶ ଉପକ୍ରମମାନେ ସହଯୋଗ କରୁଛନ୍ତି। ବିଭିନ୍ନ କମ୍ପାନୀ, ବିଶ୍ୱବିଦ୍ୟାଳୟ, ଟ୍ରଷ୍ଟ ଓ ବ୍ୟକ୍ତିଗତ ପରିବର୍ଲନକାରୀମାନେ ଏହି ସମ୍ମିଳନୀରେ ଅଂଶ ନେବେ। ଏହି କାର୍ଯ୍ୟକ୍ରମ ସମୟରେ ସଫଳ ସିଏଆର ପ୍ରୟାସ, ଅନୁଭବ ବାଣ୍ଟିବା ଓ ଝାଡ଼ଖଣ୍ଡର ଜନଜାତିୟ ସଂସ୍କୃତି ଓ ନିବେଶ ସମ୍ଭାବନା ବିଷୟରେ ଉପସ୍ଥାପନ କରାଯିବ।

## ଇମ୍ଫାର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ହେଲେ ବି କେ ମିଶ୍ର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା), ଦେଶର ପ୍ରମୁଖ ଫେରୋ ଆଲୟଜ୍ ଉତ୍ପାଦକ ଡକ୍ଟର ବି.କେ ମିଶ୍ରଙ୍କୁ କମ୍ପାନିର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିଛି। ଶ୍ରୀ ମିଶ୍ର ଏନଆଇଟି ରାଉରକେଲାର ଜଣେ ମେଟାଲ୍‌ଲୁରଜିକାଲ ଇଞ୍ଜିନିୟର ଏବଂ ଯୁକ୍ତରାଷ୍ଟ୍ରର ଉଟାହ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲକରିଛନ୍ତି ସେ ଆଇଆଇ କାନପୁରରେ ପାଠ ପଢ଼ା କରିଥିଲେ ଏବଂ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପ୍ରମୁଖ ପଦବୀରେ ରହିଥିଲେ ଏବଂ ମାର୍ଚ୍ଚ ୨୦୨୪ରେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ବୋର୍ଡରେ ଯୋଗ ଦେଇଥିଲେ। ଡକ୍ଟର ମିଶ୍ର ଧାତୁ ବିଜ୍ଞାନ, ବସ୍ତୁ ବିଜ୍ଞାନ ଏବଂ ଶିଳ୍ପ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଅନେକ ପୁରସ୍କାର ପାଇଛନ୍ତି। ଯେଉଁଥିବରେ ଶିକ୍ଷା, ଗବେଷଣା ଏବଂ ସମାଜରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠିତ ଆଇଇଇଆଇଏଏସ୍ ଗ୍ଲୋବାଲ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ମଧ୍ୟ ଅନ୍ତର୍ଭୁକ୍ତ। ଡକ୍ଟର ମିଶ୍ରଙ୍କ ନିଯୁକ୍ତି ଏନ୍‌ଆର ମହାନ୍ତି, ପଦ୍ମଶ୍ରୀଙ୍କ ଅବସର ପରେ, ଯିଏ ତାଙ୍କ କାର୍ଯ୍ୟକାଳ ସମାପ୍ତ କରିବା ପରେ ପଦରୁ ଇସ୍ତଫା ଦେଇଥିଲେ। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ଏକ ବିଶିଷ୍ଟ କ୍ୟାରିୟର ପରେ ଶ୍ରୀ ମହାନ୍ତି ୨୦୦୫ରେ ଜଣେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ଜୁଲାଇ, ୨୦୨୧ରେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ଏହି ବିକାଶ ବିଷୟରେ ମତାମତ ଦେଇ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଚନ୍ତି, ମୁଁ ପରିଚାଳନା ପକ୍ଷରୁ ଡକ୍ଟର ବି.କେ ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

## ଚଳିତ ତ୍ରୈମାସିକରେ ୧୨୪୯ ଟନ୍‌ରେ ପହଞ୍ଚିଛି ସୁନା ଚାହିଦା

WORLD GOLD COUNCIL

ନୂଆଦିଲ୍ଲୀ: ଚଳିତବର୍ଷ ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୪୯ ଟନରେ ପହଂଚିଛି ଯାହା ଉଚ୍ଚ ମୂଲ୍ୟ ପରିବେଶରେ ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର କ୍ୟୁ୨ ୨୦୨୫ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟରୁ ଏହି ତଥ୍ୟ ଜଣାପଡ଼ିଛି। ସୁଦୃଢ ସୁନା ନିବେଶ ପ୍ରବାହ ତ୍ରୈମାସିକ ଅଭିବୃଦ୍ଧିକୁ ବହୁମାତ୍ରାରେ ପ୍ରୋତ୍ସାହିତ କରିଛି। ଗୋଲ୍ଡ ଇଟିଏଫ ନିବେଶ ମୋଟ ଚାହିଦାର ଏକ ପ୍ରମୁଖ ପରିଚାଳକ ଭାବେ ବଜାୟ ରହିଥିବା ବେଳେ, ୨୦୨୪ର ୨ୟ ତ୍ରୈମାସିକରେ ସ୍ୱଳ୍ପ ରପ୍ତାନୀ ତୁଳନାରେ ଚଳିତ ବର୍ଷ ୨ୟ ତ୍ରୈମାସିକରେ ୧୭୦ ଟନର ସୁନା ଆମଦାନୀ ହୋଇଛି। ପ୍ରଥମ ତ୍ରୈମାସିକରେ ରେକର୍ଡ ଇନଫ୍ଲୋ ସହ ମିଳିତ ହୋଇ ଗ୍ଲୋବାଲ ଗୋଲ୍ଡ ଇଟିଏଫ ଚାହିଦା ୩୯୭ଟନରେ ପହଂଚିଛି ଯାହାକି ୨୦୨୦ ପରଠାରୁ ପ୍ରଥମ ୬ ମାସରେ ସର୍ବାଧିକ ଅଟେ। ୨୦୨୫ର ୨ୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକର କ୍ରୟ ୧୬୬ଟନ ରହିଛି। ଏହି ହ୍ରାସ ସତ୍ୱେ କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ବର୍ତମାନ ଜାରି ରହିଥିବା ଅର୍ଥନୈତିକ ଓ ଭୂରାଜନୈତିକ ଅନିଶ୍ଚିତତା କାରଣରୁ ଯଥେଷ୍ଟ ଉଚ୍ଚ ସ୍ତରରେ ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ ଷ୍ଟ୍ରିଟ କହିଛନ୍ତି ଯେ, '୨୦୨୫ର ପ୍ରଥମ ଅର୍ଦ୍ଧ ଭାବରେ ଆମେ ଦେଖିଥିବା ମଜବୁତ ନିବେଶ ଗତିବିଧି, ଏକ ଅର୍ଥନୈତିକ ଓ ଭୂରାଜନୈତିକ ବିପଦ ବିରୋଧରେ ଏକ ସୁରକ୍ଷାକବଜ ଭାବେ ସୁନାର ଭୂମିକାକୁ ସୂଚିତ କରୁଛି। ସେହିଭଳି ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ, ଇଣ୍ଡିଆ, ରିଜିଓନାଲ ସିଇଓ ସଚିନ ଜୈନ କହିଛନ୍ତି ଯେ, 'ଭାରତରେ ଗତବର୍ଷର ୧୪୯.୭ ଟନ ତୁଳନାରେ ଚଳିତ ବର୍ଷ ସୁନା ଚାହିଦା ପରିମାଣରେ ୧୦%ର ହ୍ରାସ ହୋଇ ୧୩୪.୯ ଟନ ରହିଥିବା ସତ୍ୱେ ଏହି ଚାହିଦାର ମୂଲ୍ୟ ୩୦% ବୃଦ୍ଧି ପାଇଛି। ସୁନାର ହାରାହାରି ତ୍ରୈମାସିକ ଆନ୍ତର୍ଜାତୀୟ ମୂଲ୍ୟ ପ୍ରତି ଆଉନ୍ସ ୩୨୮୦.୪ ଡଲାରରେ ପହଂଚିଛି ଏବଂ ଘରୋଇ ମୂଲ୍ୟ ୧୦ ଗ୍ରାମ ପିଛା ୯୦,୩୦୬.୮ ଟଙ୍କା ରହିଛି, ଯାହା ଏକ ସୁରକ୍ଷିତ ସମ୍ପତି ଭାବେ ସୁନାର ସ୍ଥାୟୀ ଆକର୍ଷଣ ସ୍ପଷ୍ଟ ସୂଚକ ଅଟେ। ନିବେଶ ଦୃଷ୍ଟିରୁ ଚାହିଦା ପରିମାଣ ୭% ବୃଦ୍ଧି ହୋଇ ୪୬.୧ ଟନରେ ପହଂଚିଛି ଏବଂ ମୂଲ୍ୟ ୫୪% ବୃଦ୍ଧି ହୋଇ ୪୧୬୫୦ କୋଟି ଟଙ୍କା ରହିଛି। ସେହିପରି ଭାରତକୁ ଆମଦାନୀ ହୋଇଥିବା ସୁନା ପରିମାଣ ୩୪% ହ୍ରାସ ହୋଇ ୧୦୨.୫ ଟନ ରହିଥିବା ବେଳେ ସୁନା ରିସାଇକ୍ଲିଙ୍ଗ ସ୍ଥିର ରହିଛି ଯାହା ୧% ବୃଦ୍ଧି ହୋଇ ୨୩.୧ ଟନରେ ପହଂଚିଛି। ସାମଗ୍ରିକ ଭାବେ ୨୦୨୫ର ୨ୟ ତ୍ରୈମାସିକ ଭାରତରେ ସୁନାର ମୌଳିକ ଭୂମିକାକୁ ଶକ୍ତିଶାଳୀ କରିଛି। ଜାନୁଆରୀରୁ ଜୁନ ମଧ୍ୟରେ ମୋଟ ସୁନା ଚାହିଦା ହାରାହାରି ୨୫୩ ଟନ ରହିଥିବା ବେଳେ ଆମେ ସମ୍ପୂର୍ଣ୍ଣ ବର୍ଷର ଚାହିଦା ୬୦୦ରୁ ୭୦୦ ଟନ ମଧ୍ୟରେ ରହିବ ବୋଲି ଆକଳନ କରାଯାଉଛି।

## ଟାଟା ଷ୍ଟିଲ୍‌ର ତ୍ରୈମାସିକ ଫଳାଫଳ ଘୋଷଣା

ନୂଆଦିଲ୍ଲୀ: ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନିର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୧୮ ପ୍ରତିଶତ ବୃଦ୍ଧି ପାଇ ୨୦୦୭ କୋଟି ଟଙ୍କା ହୋଇଥିବା ବେଳେ ରାଜସ୍ୱ ପରିମାଣ ୫୩,୧୭୮ କୋଟି ଟଙ୍କା ଏବଂ ଇବିଟ୍‌ଡିଏ ୧୪% ମାର୍ଜିନ୍ ସହ ୭୪୮୦ କୋଟି ଟଙ୍କା ହୋଇଛି। ଭାରତରେ କମ୍ପାନିର ରାଜସ୍ୱ ଓ ଇବିଟ୍‌ଡିଏ ଯଥାକ୍ରମେ ୩୧,୧୩୭ କୋଟି ଏବଂ ୭୪୮୬ କୋଟି ଟଙ୍କାହୋଇଛି। ଭାରତ ଟିକସ ପରବର୍ତୀ ଲାଭ ୩୪୫୪ କୋଟି ଟଙ୍କା ଓ ଟନ୍ ପିଛା ଇବିଟ୍‌ଡିଏ ୨୫୧୦ ଟଙ୍କା ବୃଦ୍ଧି ପାଇ ୧୫,୭୬୦ ଟଙ୍କାହୋଇଛି। ଅଶୋଧିତ ଇସ୍ପାତ ଉତ୍ପାଦନ ୫.୨୪ ନିଯୁତ ଟନ୍ ଓ ଡେଲିଭରି ୪.୭୫ ନିଯୁତ ଟନ୍ ରହିଛି। ଜାମସେଦପୁର ଓ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ରେ ରକ୍ଷଣାବେକ୍ଷଣ ଜନିତ ସଟ୍‌ଡାଉନ୍ ପାଇଁତ୍ରୈମାସିକ ଉତ୍ପାଦନ ଓ ଡେଲିଭରି ପ୍ରଭାବିତ ହୋଇଥିଲା ଏବଂ ଆଗାମୀତ୍ରୈମାସିକରେ ସେଥିରେ ଉନ୍ନତି ଆଶା କରାଯାଉଛି। ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ୍ କହିଛନ୍ତି ଯେ, 'ଅସ୍ଥିର ବିଶ୍ୱ ପରିସ୍ଥିତି ଏବଂ ବଢୁଥିବା ଅନିଶ୍ଚିତତା ସତ୍ୱେ ଟାଟାଷ୍ଟିଲ୍ ବିଭିନ୍ନ ଅଂଚଳରେ ମଜଭୁତ ଲାଭ ପ୍ରଦର୍ଶନ କରିଛି। ଆମର କ୍ୟୁ-୧ ପ୍ରଦର୍ଶନରେ ତ୍ରୈମାସିକ ଓ ବାର୍ଷିକ ଆଧାରରେ ଦୃଢ୍ ସୁଧାର ହୋଇଛି ଯାହା ରିଆଲାଇଜେସନ୍ ବଢ଼ାଇବା ଓ ଯୋଜନା ଅନୁସାରେ ଖର୍ଚ୍ଚ କାଟ ଦ୍ୱାରା ସମ୍ଭବ ହୋଇଛି। ଭାରତରେ ୨୫,୦୦୦ରୁ ଅଧିକ ଡିଲର୍ ଏବଂ ବିତରକଙ୍କ ସହିତ ଆମର ବୃହତ୍ ବିତରଣ ନେଟୱାର୍କ ଏବଂ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଉପରେ ଧ୍ୟାନ ଦେଇ ଆମେ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ବିକ୍ରୟ ଏବଂ ଆମେ କାର୍ଯ୍ୟକ୍ଷମ କରିଥିବା ନୂତନ ସୁବିଧାଗୁଡ଼ିକରୁ ମୂଲ୍ୟ ସୃଷ୍ଟି କରିବାରେ ସଫଳ ହୋଇଛୁ। କଳିଙ୍ଗନଗରରେ ଉତ୍ପାଦନ ବୃଦ୍ଧି ହେଉଛି ଏବଂ କଂଟିନିଉଅସ୍ ଆନିଲିଂ ଲାଇନ୍ ସୁବିଧା ଆରମ୍ଭ ହେବାର ଛଅ ମାସ ମଧ୍ୟରେ ଆମେ ଉଚ୍ଚ ଶକ୍ତି ଏବଂ ଅତ୍ୟଧିକ ଶକ୍ତିଶାଳୀ ଇସ୍ପାତ ପାଇଁ ଗ୍ରେଡ୍ ଅନୁମୋଦନ ହାସଲ କରିବାରେ ସଫଳ ହୋଇଛୁ। ଟାଟା ଷ୍ଟିଲ୍ ବର୍ତମାନ ପରବର୍ତ୍ତୀ ପିଢ଼ିର ହାଲୁକା ସମାଧାନ ଏବଂ ଉନ୍ନତ ଗମନାଗମନ ପ୍ରୟୋଗଗୁଡ଼ିକୁ ସେବା ପ୍ରଦାନରେ ବିଶ୍ୱର ଅଗ୍ରଣୀ ମାନଙ୍କ ସହ ସମକକ୍ଷ ହୋଇଛି। ଆମେ ଆଶିଆନା ଏବଂ ଡିଜିଇସିଏ ଭଳି ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ ଉପସ୍ଥିତି ବିସ୍ତାର କରି ବଢୁଥିବା ଡିଜିଟାଲ୍ ମାର୍କେଟପ୍ଲେସ୍‌ରୁ ଲାଭ ଉଠାଉଛୁ। ଏହି ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ ମୋଟ୍ ମର୍ଚେଣ୍ଡାଇଜ୍ ମୂଲ୍ୟ ବାର୍ଷିକ ଆଧାରରେ ବର୍ତମାନ ୫,୪୦୦ କୋଟି ଟଙ୍କା ଅଟେ, ଯାହା ବାର୍ଷିକ ଭିତ୍ତିରେ ୫୨% ବୃଦ୍ଧି ପାଇଛି।

## ସ୍କ୍ରାମ୍ବଲର୍ ୬୫୦ ଏବଂ ବାଣ୍ଟାମ୍ ୩୫୦ର ଶୁଭାରମ୍ଭ



ନୂଆଦିଲ୍ଲୀ: ବିଏସ୍‌ଏ ମୋଟରସାଇକେଲ୍ ପକ୍ଷରୁ ସମ୍ପୂର୍ଣ୍ଣ ନୂତନ ବିଏସଏ ସ୍କ୍ରାମ୍ବଲର ୬୫୦ ଏବଂ ବିଏସଏ ବାଂଟାମ୍ ୩୫୦ର ଶୁଭାରମ୍ଭ କରାଯାଇଛି। ସମ୍ପୂର୍ଣ୍ଣ ନୂତନ ବିଏସଏ ସ୍କ୍ରାମ୍ବଲର ୬୫୦ ସମସାମୟିକ ଇଞ୍ଜିନିୟରିଂ ସହିତ କ୍ଲାସିକ୍ ବ୍ରିଟିଶ ଡିଜାଇନ୍ ମିଶ୍ରଣ କରୁଛି ଏବଂ ଡୁଆଲ୍-ପର୍ପଜ୍ ମୋଟରସାଇକେଲ୍ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏକ ଦୃଢ଼ ୬୫୨ ସିସି, ତରଳ-ଥଣ୍ଡା ସିଙ୍ଗଲ୍-ସିଲିଣ୍ଡର୍ ଡିଓଏଚସି ଇନ୍ ଦ୍ୱାରା ପରିଚାଳିତ, ସ୍କ୍ରାମ୍ବଲର ୬୫୦୦ ଆରପିଏମରେ ୪୫ପିଏସ ଏବଂ ୪୦୦୦ ଆରପିଏମ ରେ ଏକ କମାଣ୍ଡିଂ ୫୫ ଏନଏମ ଉତ୍ପନ୍ନ କରେ। ଏହାର ୫-ସ୍ପିଡ୍ ଟ୍ରାନ୍ସମିସନ୍, ସ୍ଲିପ୍-ଏଣ୍ଡ-ଆସିଷ୍ଟ କ୍ଲଚ୍, ୪୧ ମିମି ଟେଲିସ୍କୋପିକ୍ ଫର୍କ ଏବଂ ୫-ଷ୍ଟେପ୍ ଆଡଜଷ୍ଟେବଲ୍ ପ୍ରିଲୋଡ୍ ସହିତ ଟ୍ୱିନ୍ ସକ୍ ଅବଜର୍ବରଗୁଡ଼ିକ ଚଲାଇବା ସମୟରେ ସର୍ବୋତମ ଆରାମ ଏବଂ ନିୟନ୍ତ୍ରଣ ପ୍ରଦାନ କରେ। ଏହା ୭୭୫୦ ଆରପିଏମରେ ୨୯ପିଏସ ଏବଂ ୬୦୦୦ ଆରପିଏମରେ ୨୯.୬୨ ଏନଏମ ପ୍ରଦାନ କରେ, ଏକ ୬-ସ୍ପିଡ୍ ଗିଅରବକ୍ସ ସହିତ ଯୋଡା ହୋଇଛି। ଡୁଆଲ୍-ଚ୍ୟାନେଲ୍ ଏବିଏସ୍, ଟେଲିସ୍କୋପିକ୍ ହାଇଡ୍ରୋଲିକ୍ ଫର୍କ, ଟ୍ୱିନ ସକ୍ ଅବଜର୍ବର ଏବଂ ଏକ ସହଜ ୮୦୦ ମିମି ସିଟ୍ ଉଚ୍ଚତା ସହିତ, ବାଂଟାମ୍ ୩୫୦ ସହଜ ଦୈନନ୍ଦିନ ଗତିଶୀଳତା ପାଇଁ ଡିଜାଇନ୍ କରାଯାଇଛି। ଶୁଭାରମ୍ଭ ବିଷୟରେ ମତବ୍ୟକ୍ତ କରି କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଆମେ ଆଶା କରୁଛୁ ଯେ ଚାଳକମାନେ ଏହି ବେସ୍ପୋକ୍ ବାଇକ୍ ସହିତ 'କିଛି ଭିନ୍ନ ଚେଷ୍ଟା' କରିବାକୁ ଉତ୍ସାହିତ ହେବେ। ବିଏସଏ ସ୍କ୍ରାମ୍ବଲର ୬୫୦ ରୋମାଂଚକର, ସୁଗମ ଏବଂ ସହରାଂଚଳ, ଜଙ୍ଗଲ କିମ୍ବା ପ୍ରଶସ୍ତ ଖୋଲା ରାସ୍ତାରେ ଦୈନନ୍ଦିନ ଯାତ୍ରା ପାଇଁ ଉପଯୁକ୍ତ। ସେହିଭଳି କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ନୂତନ ବିଏସଏ ବାଂଟାମ୍ ୩୫୦ ସେହି ଆଗ୍ରହକୁ ପୁନଃଜୀବିତ କରିବା ପାଇଁ ନିର୍ମିତ, ବିଶେଷକରି ପରବର୍ତୀ ପିଢ଼ିରେ। ଏକ ମୂଲ୍ୟ ସହିତ ଯାହା ସମସ୍ତଙ୍କୁ ନିଜର ଦୁଇ-ଚକିଆ କାହାଣୀ ଆରମ୍ଭ କରିବାକୁ ଆମନ୍ତ୍ରଣ କରେ, ଏହା ଏକ ମୋଟରସାଇକେଲ୍ ଅପେକ୍ଷା ଅଧିକ।'

## ଏନଏସ୍‌ଇରେ ନିବେଶକ ଆକାଉଣ୍ଟ ୨୩ କୋଟିକୁ ବୃଦ୍ଧି

ନୂଆଦିଲ୍ଲୀ: ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ (ଏନଏସଇ) ଜୁଲାଇ, ୨୦୨୫ରେ ଆଉ ଏକ ବଡ ସଫଳତାରେ ପହଂଚିଛି। ଏନଏସଇର ମୋଟ ୟୁନିକ୍ ଟ୍ରେଡିଂ ଆକାଉଂଟ ସଂଖ୍ୟା, ଏପ୍ରିଲ ୨୦୨୫ରେ ୨୨ କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିଥିବା ବେଳେ କେବଳ ୩ ମାସ ମଧ୍ୟରେ ଜୁଲାଇରେ ଏହା ୨୩ କୋଟି (୨୩୦ ମିଲିୟନ) ଅତିକ୍ରମ କରିଛି। ଅନ୍ୟପକ୍ଷରେ ଏହାର ସ୍ୱତନ୍ତ୍ର ପୀକୃତ ନିବେଶକଙ୍କ ସଂଖ୍ୟା ୧୧.୮ କୋଟି (ଜୁଲାଇ ୨୮ ତାରିଖ ୨୦୨୫ ସୁଦ୍ଧା) ରହିଛି। ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡିଶା ଅନ୍ୟତମ ଦ୍ରୁତ-ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭା ହୋଇଛି, ଯାହାକି ଜୁନ ୩୦ ତାରିଖ ୨୦୨୫ ସୁଦ୍ଧା ଏନଏସଇରେ ୨୫.୪ ଲକ୍ଷ ନିବେଶକ ପୀକରଣ ସହିତ ଦେଶରେ ୧୭ତମ ସ୍ଥାନରେ ରହିଛି। ସେହିପରି ଓଡିଶା ୩୭%ର ଏକ ଆକର୍ଷଣୀୟ କମାଉଣ୍ଡ ଆନୁଆଲ ଗ୍ରୋଥ ରେଟ (ସିଏଜିଆର) ହାସଲ କରିଛି, ଯାହା ରାଜ୍ୟରେ ବଢୁଥିବା ଆର୍ଥିକ ସଚେତନତା ଓ ପୁଁ ବଜାରରେ ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି। ଏନଏସଇର ଇନଭେଷ୍ଟର ପ୍ରୋଟେକ୍ସନ ଫଣ୍ଡ (ଆଇପିଏଫ) ଜୁନ ୩୦ ତାରିଖ ୨୦୨୫ ସୁଦ୍ଧା ବାର୍ଷିକ ଆଧାରରେ ୨୨% ବୃଦ୍ଧି ହୋଇ ୨୫୭୩ କୋଟି ଟଙ୍କାରେ ପହଂଚିଛି। ଗତ ୫ ବର୍ଷରେ ନିଫ୍ଟି ୫୦ ଓ ନିଫ୍ଟି ୫୦୦ ଯଥାକ୍ରମେ ୧୭% ଓ ୨୦%ରୁ ଅଧିକର ମଜବୁତ ବାର୍ଷିକ ରିଟର୍ଣ୍ଣ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଏନଏସଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, 'ଏନଏସଇ ଏପ୍ରିଲ ୨୦୨୫ରେ ୨୨ କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିବାର ମାତ୍ର ୩ ମାସ ପରେ ଆଉ ଏକ କୋଟି ନିବେଶକ ଆକାଉଂଟ ଯୋଡି ଏକ ବଡ ସଫଳତା ହାସଲ କରିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର



ନୂଆଦିଲ୍ଲୀ: କ୍ରିକେଟ ଜଗତରେ ଶାନ୍ତ ସ୍ୱଭାବ ଏବଂ ରଣନୈତିକ ଚିନ୍ତାଧାରା ପାଇଁ ଲୋକପ୍ରିୟତା ପାଇଥିବା କ୍ରିକେଟର ଏମଏସ ଧୋନିଙ୍କ ପ୍ରଶଂସକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଧୋନି ତାଙ୍କର ଘନିଷ୍ଠ ବନ୍ଧୁ ଉତ୍କର୍ଷ ସଂଘଭି ଏବଂ ଧ୍ୱାନି କାନୁନଗୋଙ୍କ ବିବାହ ଉତ୍ସବକୁ ଯୋଗ ଦେବା ପାଇଁ ଯାଇଥିଲେ। 'କ୍ୟାପ୍‌ଟେନ କୁଲ' ମଞ୍ଚ ଉପରେ ଚଢ଼ି ନବଦମ୍ପତିଙ୍କୁ ବୈବାହିକ ଜୀବନର ଶୁଭକାମନା ଜଣାଇବା ସହିତ କେବଳ ଭାଷଣ ଦେଇଥିଲେ। ଧୋନିଙ୍କ ଭାଷଣ ଶୁଣି ବିବାହ ମଣ୍ଡପରେ ଥିବା ସମସ୍ତ ଅତିଥି ଠୋଠୋ ହୋଇ ହସିବାକୁ ଲାଗିଥିଲେ। ଧୋନି ଖୁବ ମଜାଳିଆ ଶୈଳୀରେ ବର ଉତ୍କର୍ଷଙ୍କୁ ବିବାହ ବିଷୟରେ ଏକ ଚମତ୍କାର 'ଚେତାବନୀ' ଦେଇ କହିଥିଲେ, ବିବାହ ଏକ ବହୁତ ଭଲ ଜିନିଷ... କିନ୍ତୁ ତୁମକୁ ଶୀଘ୍ର ଥିଲା। କିଛି ଲୋକ ନିଆଁ ସହିତ ଖେଳିବାକୁ ପସନ୍ଦ କରନ୍ତି, ସେମାନଙ୍କ ମଧ୍ୟରୁ ଇଏ ହେଉଛି ଜଣେ। ମୋ ମତରେ ପ୍ରତ୍ୟେକ ସ୍ୱାମୀ ସମାନ ଢଙ୍ଗାରେ ବସିଥାଆନ୍ତି। ତୁମେ ବିଶ୍ୱକପ୍ ଜିତିଛ କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦି ସ୍ତ୍ରୀ ରାଗି ଥାଏ, ତେବେ ସେହି ସମୟରେ ଚୁପ ରହିଯିବା ଶିଖି ନିଅନ୍ତୁ। ଆମେ ପୁରୁଷମାନେ ୫ ମିନିଟ୍ ମଧ୍ୟରେ ଥଣ୍ଡା ହୋଇଯାଇଥାଉ। କାରଣ ଆମେ ଆମର ଶକ୍ତି ଜାଣିଥାଉ।' ଧୋନିଙ୍କ ଭାଷଣ ବିବାହ ଭୋଜିକୁ ଏକ କମେଡି ଶୋରେ ପରିଣତ କରିଦେଲା। ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେଲା।



ଭାରତ-ଇଂଲଣ୍ଡ ୫ମ ଟେଷ୍ଟ

## କର-ମର ସ୍ଥିତିରେ ଉଭୟ ଦଳ



### ଭାରତର ବ୍ୟାଟିଂ ଜାରି

ଲଣ୍ଡନ: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଗୁରୁବାର ଓଭାଲରେ ଆରମ୍ଭ ହୋଇଛି ଅନ୍ତିମ ଟେଷ୍ଟ। ଏହି ଟେଷ୍ଟ ମ୍ୟାଚ୍ ଦୁଇ ଦଳଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଇଂଲଣ୍ଡ ଏହି ମ୍ୟାଚ୍‌କୁ ଜିତି ସିରିଜ ବିଜୟ ଲକ୍ଷରେ ଥିବା ବେଳେ ଭାରତ ଏହାକୁ ଜିତି ଡ୍ର ରଖିବାକୁ ଚେଷ୍ଟା କରିବ। ଅଧିନାୟକ ଶୁବମନ ଗିଲ୍ ଗୁରୁବାର ମଧ୍ୟ ଟସ୍ ହାରିଛନ୍ତି। ଚଳିତ ଟେଷ୍ଟ ସିରିଜ୍‌ରେ ସେ ପଞ୍ଚମ ଥର ପାଇଁ ଟସ୍ ହାରିଛନ୍ତି। ଏଥିସହିତ ସେ ଭାରତୀୟ କ୍ରିକେଟ୍ ଇତିହାସରେ ଏକ ବିରଳ ଓ ଅଲୋଡ଼ା କ୍ଲବରେ ସାମିଲ ହୋଇଛନ୍ତି। ଟସ ଜିତି ଘରୋଇ ଦଳ ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିବାବେଳେ ଭାରତ ବ୍ୟାଟିଂ ଜାରି ରଖିଛି। ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖିନ ହୋଇ ଅଡୁଆରେ ପଡିଛି। ଆଜି ଷ୍ଟାର ବ୍ୟାଟ୍ସମ୍ୟାନଙ୍କ ବ୍ୟାଟିଂ ଚାଲି ନଥିଲା। ଓପନର ଜୟସ୍ୱାଲ ମାତ୍ର ୨ରନ୍ କରି ଆଉଟ ହୋଇଥିବା ବେଳେ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ୍ କେଏଲ୍ ରାହୁଲ ୧୪ରନ୍ କରି ଆଉଟ ହୋଇଯାଇଥିଲେ। ସେହିପରି ସାଇ ସୁଦର୍ଶନ ୩୮ରନ୍, ଅଧିନାୟକ ଶୁଭମନ ଗିଲ୍ ୨୧ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଚତୁର୍ଥ ଟେଷ୍ଟରେ ଦମ୍‌ଦାର ଶତକ କରିଥିବା ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ମାତ୍ର ୯ରନ୍ କରିବାକୁ ସକ୍ଷମ ହୋଇଥିଲେ। ସେହିପରି ଧ୍ରୁବ ଜୁରେଲ ୧୯ରନ୍ କରିଥିଲେ। ରିପୋଟ ଲେଖା ହେଲା ବେଳକୁ କରୁନ୍ ନାଏର ୪୯ ଓ ୱାଶିଂଟନ ସୁନ୍ଦର ୧୭ରନ୍ କରି ବ୍ୟାଟିଂ କରୁଛନ୍ତି। ଭାରତ ୬ୱିକେଟ ହରାଇ ୧୯୯ରନ୍ କରି ନେଇଛି। ଇଂଲଣ୍ଡ ପକ୍ଷରୁ ଖ୍ରୀସ୍ ୱୋକ୍ସ ୧ୱିକେଟ୍ ନେଇଥିବା ବେଳେ ଗୁସ୍ ଅଟିକସନ୍, ଜୋସ୍ ଟଙ୍ଗ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ସୂଚନାଯୋଗ୍ୟ ଯେ, ୫ ମ୍ୟାଚ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଆଗୁଆ ଥିବାବେଳେ ଗୋଟିଏ ମ୍ୟାଚ ଅମୀମାଂଶିତ ରହିଛି। ସିରିଜ ବରାବର ରଖିବା ଲାଗି ଭାରତକୁ ଏହି ମ୍ୟାଚରେ ବିଜୟ ହାସଲ କରିବା ଜରୁରୀ ହୋଇପଡ଼ିଛି। ଶେଷ ମ୍ୟାଚ ଅମୀମାଂଶିତ ରହିଲେ ଇଂଲଣ୍ଡ ସିରିଜ ବିଜୟ ହେବ।

## କାର୍ଯ୍ୟସୂଚୀ ନେଇ ଗିଲ୍, ଷ୍ଟୋକ୍ସ ଅସନ୍ତୋଷ




ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ କ୍ରିକେଟ ଟିମ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି। ତେବେ ଲମ୍ବା ସିରିଜରେ ମ୍ୟାଚ ମଧ୍ୟରେ କମ ଦିନ ବ୍ୟବଧାନ ରହିବା ନେଇ ଶୁଭମନ ଗିଲ ଓ ବେନ ଷ୍ଟୋକ୍ସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଶେଷ କରି ବୋଲରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗିଲ କହିଛନ୍ତି । ଆଘାତ ସମସ୍ୟା ଯୋଗୁ ୫ମ ଟେଷ୍ଟରେ ଷ୍ଟୋକ୍ସ ଖେଳୁ ନ ଥିବା ବେଳେ ଭାରତର କେତେକ ବୋଲର ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଥମ ଟେଷ୍ଟ ଓ ତୃତୀୟ ଟେଷ୍ଟ ପରେ ଏକ ସପ୍ତାହର ବ୍ୟବଧାନ ଥିଲା । ମାତ୍ର ଦ୍ୱିତୀୟ, ଚତୁର୍ଥ ଓ ୫ମ ଟେଷ୍ଟ ମଧ୍ୟରେ ମାତ୍ର ୩ ଦିନର ବ୍ୟବଧାନ ରହିଛି। ଖେଳାଳିମାନେ ଆବଶ୍ୟକ ତୁଳନାରେ ବିଶ୍ରାମ ପାଇ ପାରୁ ନାହାନ୍ତି । ଏହା ସେମାନଙ୍କ ପ୍ରଦର୍ଶନକୁ ପ୍ରଭାବିତ କରୁଛି ବୋଲି ଷ୍ଟୋକ୍ସ କହିଛନ୍ତି । ଉଭୟ ଟିମ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତା ଲାଗି ରହିଥିମବାରୁ ମ୍ୟାଚ ଶେଷ ଦିନ ପର୍ଯ୍ୟନ୍ତ ଖେଳାଯାଇଛି । ଯାହାକି ଏବେ ଖୁବ କମ ଦେଖିବାକୁ ମିଳୁଛି ବୋଲି ଷ୍ଟୋକ୍ସ କହିଛନ୍ତି । ଚଳିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିରେ ଓଭରାଲ ୫ଟି ମ୍ୟାଚ ଖେଳାଯିବ । ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି । ୫ମ ଟେଷ୍ଟରେ ବିଜୟ ହାସଲ କରି ଭାରତ ସିରିଜ ବରାବର କରିବା ଲକ୍ଷ୍ୟରେ ରହିବ ।

## ସିରିଜ ଡ୍ର ହେଲେ ବି ଇଂଲଣ୍ଡକୁ ମିଳିବ ଟ୍ରଫି

ଲଣ୍ଡନ : ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ରୋମାଞ୍ଚକର ସ୍ଥିତିରେ ପହଞ୍ଚିଯାଇଛି। ଏହି ସିରିଜରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଥିବାବେଳେ ଶେଷ ମ୍ୟାଚ ଆସନ୍ତା ୩୧ ତାରିଖରୁ କେନିଙ୍ଗଟନ ଓଭାଲଠାରେ ଆରମ୍ଭ ହେବ। ଏହି ମ୍ୟାଚ ଯଦି ଡ୍ର ହୁଏ କିମ୍ବା ଭାରତ ହାରେ ତେବେ ଇଂଲଣ୍ଡ ସିରିଜ ବିଜୟୀ ହେବ। ଯଦି ଏହି ମ୍ୟାଚରେ ଭାରତ ବିଜୟୀ ହୁଏ ତେବେ ସିରିଜ ଡ୍ର ହେବ। ଏପରି ହେଲେ ଟ୍ରଫି ଇଂଲଣ୍ଡ ପାଖରେ ରହିବ। ସୂଚନାଯୋଗ୍ୟ ଯେ, ଯେତେବେଳେ ଦୁଇଟି ଦଳ ମଧ୍ୟରେ ଟେଷ୍ଟ ସିରିଜ୍ ଡ୍ର ହୁଏ, ସେତେବେଳେ ଗତ ଥର ଏହି ଟ୍ରଫି ଜିତିଥିବା ଦଳକୁ ଟ୍ରଫି ଦିଆଯାଏ। ଯେହେତୁ ପୂର୍ବରୁ ଏହି ମ୍ୟାଚ୍ ଜିତି ଇଂଲଣ୍ଡ ଟ୍ରଫି ରଖିଛି, ତେଣୁ ଇଂଲଣ୍ଡ ପାଖରେ ଏହି ଟ୍ରଫି ରହିବ।

## ଆଇଏଲ୍ ଟି ୨୦ ଖେଳାଳି ନିଲାମ ସେପ୍ଟେମ୍ବର ୩୦ରେ



ନୂଆଦିଲ୍ଲୀ: ଏସିଆ କପ୍ ଫାଇନାଲର ମାତ୍ର ଦୁଇ ଦିନ ପରେ ସିଜିନ୍ ୪ ପାଇଁ ଅନ୍ତର୍ଜାତୀୟ ଲିଗ୍ ଟି୨୦ ର ଖେଳାଳି ନିଲାମ ସେପ୍ଟେମ୍ବର ୩୦ ରେ ଦୁବାଇରେ ଅନୁଷ୍ଠିତ ହେବ। ଛଅଟି ଦଳ ପ୍ରତ୍ୟେକ ନିଲାମରେ ସେମାନଙ୍କର ସିଜିନ୍ ୪ ଦଳରେ ୧୩ ଜଣ ଖେଳାଳି (ମୋଟ ୭୮ ଜଣ ଖେଳାଳି) ଯୋଡ଼ିବାର ସୁଯୋଗ ପାଇବେ। ଖେଳାଳି ନିଲାମରେ ଉପସ୍ଥିତ ହେବାକୁ ଆଗ୍ରହୀ ଖେଳାଳିମାନେ ସେପ୍ଟେମ୍ବର ୧୦ ପୂର୍ବରୁ ପଞ୍ଜୀକରଣ କରିପାରିବେ। ଏହା ପ୍ରଥମ ଥର ଯେ ଆଇଏଲ୍‌ଟି ୨୦ ଖେଳାଳି ନିଲାମ ଆୟୋଜନ କରୁଛି। ନିଲାମରେ ଖର୍ଚ୍ଚ କରିବା ପାଇଁ ଛଅଟି ଫ୍ରାଞ୍ଚାଇଜି ପାଖରେ ମିଳିତ ଭାବରେ ୟୁଏସ୍‌ଡି ୪.୮ ମିଲିୟନ ଟଙ୍କା ରହିବ। ଆଇଏଲ୍‌ଟି ୨୦ ସିଇଓ ଡେଭିଡ୍ ହ୍ୱାଇଟ୍: 'ଆମେ ଡିପି ୱାର୍ଲ୍ଡ ଇଣ୍ଟରନ୍ୟାସନାଲ୍ ଲିଗ୍ ସିଜିନ୍ ୪ ଖେଳାଳି ନିଲାମ ତାରିଖ - ମଙ୍ଗଳବାର, ୩୦ ସେପ୍ଟେମ୍ବର ନିଶ୍ଚିତ କରି ଖୁସି। ଏହି ନିଲାମ ଲିଗ୍ ପାଇଁ ଏକ ବଡ଼ ମାଇଲଖୁଣ୍ଟ କାରଣ ଆମେ ଏକ ବିଶ୍ୱସ୍ତରୀୟ ଟି୨୦ ଟୁର୍ନାମେଣ୍ଟ ଭାବରେ ବୃଦ୍ଧି ପାଇବା ଜାରି ରଖିଛୁ। ଏହି ନିଲାମ ଆମର ଫ୍ରାଞ୍ଚାଇଜିଗୁଡ଼ିକ ପାଇଁ ସେମାନଙ୍କର ସିଜିନ୍ ୪ ଦଳରେ ସ୍ଥାନୀୟ ଏବଂ ଆନ୍ତର୍ଜାତୀୟ ଶକ୍ତି ଯୋଡିବା ପାଇଁ ଏକ ମହାନ ସୁଯୋଗ ହେବ। 'ୟୁଏଇ ଖେଳାଳିମାନଙ୍କ ପାଇଁ, ଏସିସି ଏସିଆ କପ୍ ୨୦୨୫ - ସେପ୍ଟେମ୍ବର ୯-୨୮ ୟୁଏଇରେ - ଖେଳାଳି ନିଲାମ ପୂର୍ବରୁ ବିଶ୍ୱ ସ୍ତରରେ ଏକ ପ୍ରଭାବ ପକାଇବା ପାଇଁ ଏକ ବଡ଼ ସୁଯୋଗ।' ଖେଳାଳିମାନେ ମହାଦେଶୀୟ ଚାମ୍ପିଅନସିପରେ ଅବିଶ୍ୱସନୀୟ ପ୍ରଦର୍ଶନ ପାଇବେ ଯେଉଁଠାରେ ସେମାନେ କିଛି ଶୀର୍ଷ ର୍‍ୟାଙ୍କିଂ ଟି-୨୦ ଦଳ ବିପକ୍ଷରେ ଖେଳିବେ।' ଦଳଗୁଡିକ ହେଲେ- **ଆବୁ ଧାବି ନାଇଟ୍ ରାଇଡର୍ସ:** ଆଲେକ୍ସ ହେଲ୍ସ, ଆଲିଶାନ ଶରାଫୁ, ଆଣ୍ଡ୍ରେ ରସେଲ, ଚାରିଥ୍ ଅସଲାଙ୍କା, ଲିଆମ୍ ଲିଭିଂଷ୍ଟୋନ୍, ଫିଲ୍ ସଲ୍ଟ, ଶେରଫେନ୍ ରଥରଫୋର୍ଡ ଏବଂ ସୁନୀଲ ନାରିନ୍। **ଡେଜର୍ଟ ଭାଇପର୍ସ:** ଆଣ୍ଡ୍ରିସ୍ ଗୌସ୍, ଡାନ୍ ଲରେନ୍ସ, ଡେଭିଡ୍ ପେନ୍, ଖୁଜାଇମା ବିନ୍ ତନବୀର, ଲକି ଫର୍ଗୁସନ୍, ମ୍ୟାକ୍ସ ହୋଲଡ୍ରେନ, ସାମ୍ କରାନ ଏବଂ ୱାନିନ୍ଦୁ ହାସାରାଙ୍ଗା। **ଦୁବାଇ କ୍ୟାପିଟାଲ୍ସ:** ଦାସୁନ୍ ଶାନାକା, ଦୁଷ୍ମନ୍ତୁ ଚାମୀରା, ଗୁଲବାଦିନ୍ ନାଇବ୍, ଲୁକ୍ ଉଡ୍, ମହମ୍ମଦ ଜୱାଦୁଲ୍ଲା, ରୋଭମାନ ପାୱେଲ୍, ଶାଇ ହୋପ୍ ଏବଂ ୱାକାର ସଲାମଖାଇଲ୍। **ଗଲ୍ଫ ଜାଏଣ୍ଟ୍ସ:** ଆୟାନ ଅଫଜଲ୍ ଖାନ, ଆଜମାତୁଲ୍ଲା ଓମାରଜାଇ, ବ୍ଲେସିଂ ମୁଜାରାବାନି, ଗେରହାର୍ଡ ଇରାସମସ୍, ଜେମ୍ସ ଭିନ୍ସ, ମାର୍କ ଆଡାୟାର, ମୋଇନ୍ ଅଲି ଏବଂ ରହମାନୁଲ୍ଲା ଗୁରୁବାଜ। **ଏମ୍‌ଆଇ ଏମିରେଟ୍ସ:** ଏମ୍ ଗଜାନଫର, କ୍ରିସ୍ ୱୋକସ୍, ଫଜଲହକ୍ ଫାରୁକି, କାମିଣ୍ଡୁ ମେଣ୍ଡିସ୍, କୁସାଲ ପେରେରା, ରୋମାରିଓ ଶେଫର୍ଡ, ଟମ୍ ବଣ୍ଟନ୍ ଏବଂ ମହମ୍ମଦ ୱାସିମ୍। **ଶାରଜା ୱାରିଅର୍ସ:** ଜନସନ ଚାର୍ଲ୍ସ, ମହେଶ ଥେକ୍ସାନା, ଟିମ ସାଉଥୀ, ଟମ କୋହଲର-କ୍ୟାଡମୋର, ମହେଶ ଥେକ୍ସାନା, ସ ବଙ୍କ୍ସ ରଭ ନେଟ୍ରାଭାଲକର, ସିକନ୍ଦର ରଜା ଏବଂ ଟିମ ଡେଭିଡ।

## ଆର୍‌ଏସ୍‌ପିରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍



ରାଉରକେଲା (ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ନୂତନ ପ୍ଲେଟ୍ ମିଲ୍ (ଏନପିଏମ) ଏବଂ ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଣ୍ଟ (ଏସପିପି) ର ଅଧିକାରୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଜୁଲାଇ ୨୭ ତାରିଖ ଦିନ ସେକ୍ଟର-୯ ସ୍ଥିତ ବିକାଶ ପବ୍ଲିକ୍ ସ୍କୁଲ୍ ଖେଳପଡିଆ ଠାରେ ଆୟୋଜିତ ହୋଇଯାଇଛି। ଫ୍ଲଡ୍ ଲାଇଟ୍ ତଳେ ଖେଳାଯାଇଥିବା ଏହି ମ୍ୟାଚ୍ ରେ ଅଧିକାରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍ ଦୁଇଟି ଦଳ ଯଥାକ୍ରମେ ଟିମ୍ ୱାନ୍ ମିଲିୟନ୍ ଟନ୍ ଏବଂ ଟିମ୍ ନିୟର୍ ମିସ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯାହାର ନେତୃତ୍ୱ ଏନପିଏମ ଓ ଏସପିପି ବିଭାଗର ସିଜିଏମ ଆର. କେ. ବିସାରେ ଏବଂ ଏସପିପି ବିଭାଗର ଜିଏମ ପି. କେ. ପାଢ଼ୀ କରିଥିଲେ। ଉଭୟ ଦଳ ପ୍ରଶଂସନୀୟ କ୍ରୀଡା ଦକ୍ଷତା ପ୍ରଦର୍ଶନ କରିଥିଲେ, ଯାହା ଖେଳକୁ ବେଶ ରୋମାଞ୍ଚକର କରିଥିଲା। ଏହି ମ୍ୟାଚ୍‌ଟି ସୌହାର୍ଦ୍ଦ୍ୟପୁର୍ଣ୍ଣ ଓ କୌତୁହଳ ସହକାରେ ଡ୍ର ହୋଇଯାଇଥିଲା। ଏନପିଏମ ବିଭାଗର ଜିଏମ ଏସ୍. ସୁଧାକର, ଏଜିଏମ ଆର. ନବୀନ, ସିନିୟର ମ୍ୟାନେଜର ଏମ୍. ପି. ପ୍ରସାଦ ଏବଂ ଅଭିଜିତ ପଟ୍ଟନାୟକ ଯୁଗ୍ମ ଭାବରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଏନପିଏମ ବିଭାଗର ସିନିୟର ମ୍ୟାନେଜର ଏସ. ଗୌଡ ନିୟର ମିସ୍ ଟିମ ପକ୍ଷରୁ ଖେଳି ଶ୍ରେଷ୍ଠ ଗୋଲକିପର ଘୋଷିତ ହୋଇଥିଲେ । ଏହି ପୁରସ୍କାରଗୁଡ଼ିକ ଆର. କେ. ବିସାରେଙ୍କ ଦ୍ୱାରା ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏନପିଏମ ବିଭାଗର ଏଜିଏମ କେ. ସି. ମହାନ୍ତି, ଡ଼ିଏସଓ ଅଭିଜିତ ପଟ୍ଟନାୟକ ଏବଂ ସୁମନ କୁମାର ସଂଯୋଜନା କରିଥିଲେ। ଏନପିଏମ ଓ ଏସପିପି ବିଭାଗର ଏଏସଓ ସୁମନ କୁମାର ଏବଂ ସୁଶ୍ରୀ ପି. ନାଥ ମ୍ୟାଚ୍‌ର ପରିଚାଳନା କରିଥିଲେ। ମ୍ୟାଚ୍‌ଟି ଦୈନନ୍ଦିନ କାର୍ଯ୍ୟରୁ ଏକ ସ୍ୱାଗତଯୋଗ୍ୟ ବିରତି ଭାବରେ କାର୍ଯ୍ୟ କରିଥିଲା ଏବଂ ଅଧିକାରୀମାନଙ୍କ ମଧ୍ୟରେ ଦଳଗତ ମନୋଭାବକୁ ଦୃଢ଼ କରିଥିଲା।

କେଏଲ୍ ରାହୁଲଙ୍କୁ ନେଇ ଚର୍ଚ୍ଚା ଜୋରଦାର

## ୨୫ କୋଟିରେ କିଣିବ କେକେଆର୍ !



ନୂଆଦିଲ୍ଲୀ: କେଏଲ ରାହୁଲଙ୍କ ବ୍ୟାଟରୁ ଇଂଲଣ୍ଡରେ ଜୋରଦାର ରନ ବର୍ଷା ହେଉଛି। ସେ ସିରିଜରେ ଦୁଇଟି ଶତକ ହାସଲ କରିଛନ୍ତି। ଏହା ମଧ୍ୟରେ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ମିଡିଆ ରିପୋର୍ଟ ଅନୁସାରେ, ଆଇପିଏଲ ୨୦୨୬ରେ ରାହୁଲ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ି କୋଲକାତା ନାଇଟ ରାଇଡର୍ସ (କେକେଆର) ପାଇଁ ଖେଳିପାରନ୍ତି। କେକେଆର ରାହୁଲଙ୍କୁ ଟ୍ରେଡ ଜରିଆରେ ଦଳରେ ସାମିଲ କରିବାକୁ ଚାହୁଁଛି। ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୧୪ କୋଟି ଟଙ୍କାରେ କିଣିଥିଲା। ରାହୁଲ ୧୩ଟି ଇନିଂସରେ ୫୩୯ ରନ ସଂଗ୍ରହ କରିଥିଲେ। କେକେଆର ତାଙ୍କୁ ଏକ ଅଭିଜ୍ଞ ଅଧିନାୟକ ଭାବେ ଚାହୁଁଛି। ଗତ ସିଜନରେ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଦଳ ପ୍ଲେ-ଅଫରେ ପହଞ୍ଚି ପାରି ନଥିଲା। ଦଳର ପ୍ରଦର୍ଶନ ମଧ୍ୟ ଖରାପ ଥିଲା। ମିଡିଆ ରିପୋର୍ଟ ଅନୁଯାୟୀ, କେକେଆର ରାହୁଲଙ୍କ ପାଇଁ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପ୍ରସ୍ତୁତ। ରାହୁଲ କେବଳ ଜଣେ ଭଲ ବ୍ୟାଟସମ୍ୟାନ ନୁହଁନ୍ତି। ସେ ଅଧିନାୟକ ଓ ଉଇକେଟ କିପର ଭାବେ ମଧ୍ୟ ଦକ୍ଷ। ତେଣୁ କେକେଆର ତାଙ୍କ ପାଇଁ ବଡ଼ ରକମ ଖର୍ଚ୍ଚ କରିବାକୁ ରାଜି। ଆଇପିଏଲ ୨୦୨୫ ନିଲାମ ପୂର୍ବରୁ କେକେଆର ବଡ଼ ଭୁଲ କରିଥିଲା। ଦଳକୁ ତୃତୀୟ ଆଇପିଏଲ ଟାଇଟଲ ଜିତାଇଥିବା ଅଧିନାୟକ ଶ୍ରେୟସ ଆୟାରଙ୍କୁ ରିଟେନ କରି ନଥିଲା। ଫଳରେ ଆୟାର ପଞ୍ଜାବ କିଙ୍ଗ୍ସର ଅଧିନାୟକ ହୋଇଛନ୍ତି। ଏହା କେକେଆର ପାଇଁ ବଡ଼ କ୍ଷତି ହୋଇଥିଲା। ଚଳିତ ସିଜିନରେ ୧୪ ମ୍ୟାଚରୁ ମାତ୍ର ୫ଟି ଜିତିଥିଲା। ଆଇପିଏଲ ୨୦୨୬ ପୂର୍ବରୁ କେକେଆର ହେଡ କୋଚ ଚନ୍ଦ୍ରକାନ୍ତ ପଣ୍ଡିତଙ୍କୁ ହଟାଇଛି। ଦଳର ବୋଲିଂ ୟୁନିଟକୁ ମଜବୁତ କରିଥିବା ଭରତ ଅରୁଣ ଲକ୍ଷ୍ନୌ ସୁପର ଜାୟାଣ୍ଟସରେ ଯୋଗ ଦେଇଛନ୍ତି। ଏବେ କେକେଆର ରାହୁଲଙ୍କୁ ଦଳରେ ସାମିଲ କରି ଟିମର ସନ୍ତୁଳନ ଆଣିବାକୁ ଚାହୁଁଛି।


ASIRVAD MICRO FINANCE LTD

CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

ସୁନା ନିଲାମ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.08.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବାକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ

ବନ୍ଧକ ସୂଚୀ :

ଓଡ଼ିଶା ଅନୁଗୁଳ ବୋଇଣ୍ଡା – ଜିଏଲ୍ 329050700002252 329050730007842 7821, ଛେଣ୍ଡିପଦା – ଜିଏଲ୍ 325270730044329 44235, କୋସଳା – ଜିଏଲ୍ 325600700003581 325600730035936 35742, 35102, 35767, 35934, 35490, 35964, 35959, 35661, 35309, 35082, 35741, 35935, ସୋନପୁର ଡୁଙ୍ଗୁରିପାଲି – ଜିଏଲ୍ 325580700005527 5402, 5507, 325580730024559 ବାଲେଶ୍ୱର ବସ୍ତା – ଜିଏଲ୍ 325380700005184 5219, 5116, 5141, 5173, 5118, 5160, 5162, 5230, 5125, 5123, 5211, 5214, 5153, 5221, 5232, 5142, 5204, 5107, 5247, 325380730041879 41775, 41837, 41525, 41809, 41528, 42053, 41959, 40765, 41742, 41798, 41640, 42098, 42099, 41915, 41872, 41641, 41810, 42191, 41773, 41878, ଗୋପାଳପୁର – ଜିଏଲ୍ 329040700003344 3291, 3271, 3326, 3331, 3325, 3254, 3272, 3348, 329040730014714 15080, 14784, 15081, 15079, ମାର୍କୋଣା – ଜିଏଲ୍ 325620700002492 2501, 2505, 2498, 2516, 2533, 2509, 2530, 2520, 2511, 2531, 325620730014816 14712, 14691, 14782, 14872, ଥାନାଛକ – ଜିଏଲ୍ 328280700002970 328280730034335 34358, ବାଲେଶ୍ୱର ବାଲିଆପାଳ – ଜିଏଲ୍ 325210700004222 4197, 4190, 4234, 4246, 4226, 325210730022611 22585, 22741, 22522, 22619, 22636, 22591, 22514, 22624, 22792, 22793, 22612, 22740, 22618, 22684, ବରଗଡ଼ ସୋହେଲା – ଜିଏଲ୍ 328960700003174 ଭଦ୍ରକ 42 ମଉଡା – ଜିଏଲ୍ 325550700003516 3551, 3520, 3514, 3505, 3519, 3522, 3500, 3533, 325550730011087 ତିହିଡ଼ା – ଜିଏଲ୍ 325010700007084 7019, କଟକ ଚାନ୍ଦୋଳ – ଜିଏଲ୍ 325800700003874 3913, 3866, 325800730034422 34280, ନରସିଂହପୁର – ଜିଏଲ୍ 328970700002819 2752, 2810, 2781, 2753, 2799, 2865, 2778, 2821, 3050, 328970730019357 ନୂଆପାଟଣା – ଜିଏଲ୍ 328140700003469 3537, 3556, 328140730045383 ଦେବଗଡ଼ ଦେବଗଡ଼ – ଜିଏଲ୍ 325990700004179 4208, 4169, 4183, 4124, 4177, 4202, 4119, 4181, 4212, 3571, 4085, 4121, 4153, 4074, 4176, 4185, 4184, 4200, 4197, 3935, 4086, 4209, 4271, 4126, 4133, 4131, 4178, 4180, 4109, 325990730016110 15572, 15823, 15716, 16062, 15609, 15888, 15629, ଢେଙ୍କାନାଳ ଗଁଦିଆ – ଜିଏଲ୍ 325910700003630 3612, 3561, 3604, 3558, 3580, 3611, 3631, 3615, 3629, 3620, 3637, 325910730042139 42089, 42581, 48685, ରସୋଲ – ଜିଏଲ୍ 325930700002619 2627, 2678, 325930730012713 12711, 12682, ଗଞ୍ଜାମ ବେଗୁନିଆପଡ଼ା – ଜିଏଲ୍ 328290700002230 2234, 2258, 2280, 2416, 2407, 2411, 2410, 2406, 1954, 2405, 328290730014095 ହିଞ୍ଜିଳିକାଟୁ – ଜିଏଲ୍ 327720700002570 ରମ୍ଭା – ଜିଏଲ୍ 326580700003978 326580730013508 13533, 13375, 13590, 13947, 13523, 13907, ଯାଜପୁର ଜାରକା – ଜିଏଲ୍ 325370700003246 3228, 3240, 3237, 325370730021187 21133, 21225, 21448, 21405, 21251, 21541, ମଙ୍ଗଳପୁର – ଜିଏଲ୍ 325000700007697 7730, 7732, 7683, 7640, 7695, 7737, 7713, 7635, 7646, 7705, 7662, 7724, 7708, 325000730041259 41278, 41486, 41484, 41275, 41260, 41555, 41698, 41388, 41551, 41280, 41249, 41279, 41223, 41708, ଯାଜପୁର ସିଂହପୁର – ଜିଏଲ୍ 327730700006035 6007, 6006, 6084, 6077, 6090, 327730730032089 32590, 32069, କେନ୍ଦ୍ରାପଡ଼ା ଆଳି – ଜିଏଲ୍ 325300730046170 46224, 46415, 45519, ରାଜନଗର – ଜିଏଲ୍ 325140700008517 8576, 8553, 8461, 8518, 8600, 8595, 325140730073745 74496, 74628, 73292, 74433, 73325, 74608, 73332, 72797, 72505, 72754, 74595, କେନ୍ଦୁଝର ଚମ୍ପୁଆ – ଜିଏଲ୍ 326000700003334 3288, 3328, 3358, 3338, 3287, 3314, 326000730017980 18269, 18268, 18270, 18267, 18266, ଢେଙ୍କାନାଳ – ଜିଏଲ୍ 327830700003709 3688, 3634, 3694, 3693, 3684, 3678, 3726, 3615, 3621, 3685, 3605, 3653, 3755, 3735, 3731, 3700, 3723, 3614, 3751, 3696, 327830730015265 5180, 5512, 5350, ଝୁମ୍ପୁରା – ଜିଏଲ୍ 341800700001458 341800730005683 5925, 5281, 5830, କେନ୍ଦୁଝର ଛେନାପଦି – ଜିଏଲ୍ 325490700005612 5536, 5512, 5634, 5613, 5625, 5497, 5616, 5522, 5628, 5632, 5555, 5594, 5571, 5539, 5626, 5545, 5530, 5615, 5558, 5503, 5561, 325490730064760 64647, 64761, ଖୋର୍ଦ୍ଧା ନିରାକାରପୁର – ଜିଏଲ୍ 325680700006925 6866, 6767, 6861, 6883, 6875, 8057, 325680730100968 99634, 100181, 99635, 99644, 97591, 99024, 97620, 100500, 99636, 99500, 99495, 100594, 99911, 97789, 97515, 97931, 99944, 100556, 100899, ମୟୂରଭଞ୍ଜ ଖୁଣ୍ଟା – ଜିଏଲ୍ 325390700002888 2863, 2862, 325390730011947 ନୟାଗଡ଼ ଦସପଲ୍ଲା – ଜିଏଲ୍ 341140730004518 341140700001287 ବାଲେଶ୍ୱର ଖଇରା – ଜିଏଲ୍ 325220700003015 3071, 325220730044035 325220730043330 3868, 3866, 3329, 3830, 3558, 3859, 3867, ପୁରୀ ଅସ୍ତରଙ୍ଗ – ଜିଏଲ୍ 325090700003491 3510, 3478, 325090730072798 ଗୋପ – ଜିଏଲ୍ 325030700008578 8583, 8411, 8439, 8652, 8515, 8468, 8532, 8665, 8440, 8418, 8497, 8445, 8417, 8428, 325030730082381 କାକଟପୁର – ଜିଏଲ୍ 325180700006175 6121, 6191, 6187, 6188, 325180730018798 18795, 18302, 18193, 18194, 18192, 18797, 18796, ମାଲୁଦ – ଜିଏଲ୍ 328270700004676 4649, 4632, 4690, 4756, 4711, 4748, 4675, 328270730082387 84003, 84545, 82872, 83856, ସୋନପୁର ଚନ୍ଦନପୁର – ଜିଏଲ୍ 325920700004135 4161, 4141, 4191, 325920730053088 52398, 52400, ସୋନପୁର – ଜିଏଲ୍ 325240700004241 4230, 4174, 4172, 4212, 325240730024844 25000,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :– ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/– ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍।



ଗାଢ଼ ଶରୀର ପାଇଁ ନିହାତି ଆବଶ୍ୟକ । ଏହା ଆମ ଶରୀରକୁ ରିପାୟାର୍ କରିବାରେ ସହାୟକ ହୋଇଥାଏ । ନିଦ ଦ୍ୱାରା କେବଳ ମୋଟାପଣ, ହୃଦରୋଗ ଭଳି ରୋଗରୁ ମୁକ୍ତି ମିଳେନି ବରଂ ରୋଗ ହେଲେ ଖୁବ୍ ଶୀଘ୍ର ଠିକ୍ ହେବାରେ ମଧ୍ୟ ସାହାଯ୍ୟ ମିଳିଥାଏ । ନିଦର ଚାରୋଟି ଷ୍ଟେଜ୍ ରହିଛି । ଯଦି ଆପଣ ୮ଘଣ୍ଟା ଶୋଉଛନ୍ତି ତାହେଲେ ଏଥିରେ ୨୦ ପ୍ରତିଶତ ଅର୍ଥାତ୍ ୯୬ ମିନିଟ୍ ଗାଢ଼ ନିଦ ବା ଆରଇଏମ୍ ଆବଶ୍ୟକ । ଏନେଇ ବୈଜ୍ଞାନିକ ମାନେ ମତ ପ୍ରକାଶ କରିଛନ୍ତି । ସେଲ୍ ଫୋନ୍, କମ୍ପ୍ୟୁଟର ପରି ଇଲେକ୍ଟ୍ରୋନିକ୍ ଉପକରଣ ଗୁଡ଼ିକରୁ ସ୍ୱଳ୍ପ ୱେଭ୍ ଲେନ୍ଥ ନିର୍ଗତ ହୋଇଥାଏ । ଏହି ବ୍ଲୁ ଲାଇଟ୍ ସନ୍ଧ୍ୟାରେ ଆସୁଥିବା ନିଦ ହରମୋନ୍ ମେଲାଟୋନିନ୍ କୁ କମ୍ କରିଥାଏ । ଏହି ସ୍ଲୋ ୱେଭ ଓ ନିଦ୍ରା ଯିବା ସମୟକୁ କମ୍ କରିଥାଏ । ପ୍ରଥମ ଚକ୍ର: ନନ୍ ରାପିଡ୍ ଆଇ ମୁଭମେଣ୍ଟ୍ ଅର୍ଥାତ୍ ଏନଆରଇଏମ୍ ଷ୍ଟେଜ୍ ଆପଣ ଶୋଇବା ମାତ୍ରେ ଏହି ଅବସ୍ଥା ଆରମ୍ଭ ହୁଏ । ଏହି ପର୍ଯ୍ୟାୟ ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥାଏ । ଦ୍ୱିତୀୟ ଚକ୍ର: ଏନଆରଇଏମ୍ ଷ୍ଟେଜ୍-୨- ନିଦର ଏହି ଅବଧି ସାରାରାତିର ନିଦର ୫୦ ପ୍ରତିଶତ ହୋଇଥାଏ । ଏଥିରେ ସ୍ଲୋୱେଭ ଅର୍ଥାତ୍ ଡେଲଟା ତରଙ୍ଗ ଛାଡ଼ିବା ଆରମ୍ଭ କରିଥାଏ । ତୃତୀୟ ଚକ୍ର: ଏନଆରଇଏମ୍ ଷ୍ଟେଜ୍-୩- ନିଦର ଏହି ଷ୍ଟେଜ୍ କୁ ଗାଢ଼ ନିଦ କୁହାଯାଇଥାଏ । ଏହା ଶରୀରର ରିକଭରୀ ଏବଂ ବିକାଶ ପାଇର୍ ଖୁବ୍ ମହତ୍ୱପୂର୍ଣ୍ଣ ।



## ନିୟମିତ ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ଦୂର ହୁଏ କ୍ରୋଧ-ଚିନ୍ତା

*ଶାସ୍ତ୍ରରେ ଗାୟତ୍ରୀ ମନ୍ତ୍ରକୁ ଖୁବ ଶକ୍ତିଶାଳୀ ବୋଲି ବର୍ଣ୍ଣନା କରାଯାଇଛି । ଶିକ୍ଷାରେ ସଫଳତା ଓ ସ୍ମରଣଶକ୍ତିରେ ବିଦ୍ୟାର୍ଥୀଙ୍କ ପାଇଁ ଏହାକୁ ମହାମନ୍ତ୍ର ମଧ୍ୟ କୁହାଯାଏ ।*
*ଗାୟତ୍ରୀ ମନ୍ତ୍ର :ଓଁ ଭୂର୍ଭୁବଃ ସ୍ୱଃ,ତତ୍ସବିତୁର୍ବରେଣ୍ୟଂ । ଭର୍ଗୋ ଦେବସ୍ୟଃ ଧୀମହି,ଧୀୟୋ ଯୋ ନଃ ପ୍ରଚୋଦୟାତ ।।*

### ଗାୟତ୍ରୀ ମନ୍ତ୍ରର ଅର୍ଥ

ଭଗବାନ ସୂର୍ଯ୍ୟଙ୍କର ସ୍ତୁତିରେ ଗାୟନ କରାଯାଉଥିବା ଏହି ମନ୍ତ୍ରର ଅର୍ଥ ହେଉଛି ପ୍ରାଣସ୍ୱରୂପ, ଦୁଃଖନାଶକ, ସୁଖସ୍ୱରୂପ, ଶ୍ରେଷ୍ଠ ତେଜସ୍ୱୀ, ପାପନାଶକ, ଦେବସ୍ୱରୂପ ପରମାତ୍ମାଙ୍କୁ ଆମେ ଅନ୍ତଃ କରଣରେ ଧାରଣ କରିବା, ସେହି ପରମାତ୍ମା ଆମର ବୁଦ୍ଧିକୁ ସତ୍ୟ ମାର୍ଗରେ ପ୍ରେରିତ କରନ୍ତୁ ।

ଗାୟନ୍ତ୍ରୀଙ୍କ ମନ୍ତ୍ରରେ ୨୪ ଟି ଅକ୍ଷର ମିଶି ଏହା ହୋଇଛି । କୁହାଯାଏ ଏହି ୨୪ ଅକ୍ଷରରେ ଚବିଶ ଅବତାର, ୨୪ ଋଷି, ୨୪ ଶକ୍ତି, ୨୪ ଭକ୍ତି, ୨୪ ସିଦ୍ଧି ଆଦି ରହିଛି । ଏହାକୁ ଗାନ କରିବା ଦ୍ୱାରା ଜୀବନରେ ଥିବା ସମସ୍ତ ବାଧା ଦୂର ହୋଇଥାଏ ।

### ଗାୟତ୍ରୀ ମନ୍ତ୍ର ଜପ କରିବାର ଲାଭ..

ନିୟମିତ ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା କ୍ରୋଧ ଶାନ୍ତ ହୋଇଥାଏ । ଚିନ୍ତା ଦୂର ହୋଇଥାଏ । ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ । ଜାତକରେ ସୂର୍ଯ୍ୟଙ୍କ ଶକ୍ତି ଖୁବ ଭଲ ରହିଥାଏ । କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିଥାଏ । ମାନସମ୍ମାନ ବୃଦ୍ଧି ହୋଇଥାଏ । ନକରାତ୍ମକ ଶକ୍ତି ଦୂର ହୋଇଥାଏ । ରୋଗରୁ ମୁକ୍ତି ମିଳିଥାଏ । ଏକାଗ୍ରତା ବୃଦ୍ଧି ହୋଇଥାଏ । ଜୀବନରେ ଥିବା ଅନେକ ସମସ୍ୟାର ସମାଧାନ ହୋଇଥାଏ ।





## ଫାତିମା-ବିଜୟଙ୍କ ଡେଟିଂ ଗୁଜବ !

ଫାତିମା ସନା ଶେଖ ବିଜୟ ବର୍ମାଙ୍କୁ ଡେଟ୍ ନେଇ ଚର୍ଚ୍ଚା ଚାଲିଛି । ତେବେ ଏନେଇ ଉଭୟ କୌଣସି ମନ୍ତବ୍ୟ ଦେଇନଥିବାବେଳେ ଫାତିମାଙ୍କର ଏକ ଫଟୋ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଫଟୋରେ ଫାତିମାଙ୍କୁ ତମାନାଙ୍କ ସହିତ ଦେଖିବାକୁ ମିଳିଛି, ଯାହା ଫ୍ୟାନଙ୍କୁ ଟିକେ ଅଡୁଆ ଲାଗିଛି । ତମନା ଓ ବିଜୟ ବର୍ମାଙ୍କର କିଛି ମାସ ତଳେ ବ୍ରେକଅପ ହୋଇଥିଲା । ଉଭୟଙ୍କର ସମ୍ପର୍କ ଖୁବ ଆଗକୁ ଯାଇଥିଲା, କଥା ବିବାହ ପାଇଁ ଭାଙ୍ଗିଥିବା ଆଲୋଚନା ହେଉଥିଲା । ଉଭୟ ନିଜ ରିଲେସନକୁ ଅଫିସିଆଲ ମଧ୍ୟ କରିଥିଲେ । ହେଲେ ସୂଚନାନୁସାରେ ତମନ୍ନା ବିବାହ କରିବାକୁ ଚାହୁଁଥିବାବେଳେ ବିଜୟ କିନ୍ତୁ ଚାହୁଁନଥିଲେ । ଯେଉଁ କାରଣରୁ ଉଭୟଙ୍କର ବ୍ରେକଅପ ହୋଇଥିବାନେଇ ସୂଚନା ରହିଛି । ତେବେ ବର୍ତ୍ତମାନ ବିଜୟଙ୍କ ନାଁ ଫାତିମାଙ୍କ ସହ ଯୋଡା ଯାଉଛି । ତେଣୁ ଫାତିମା ଓ ତମନାଙ୍କୁ ଏକାଠି ଦେଖି ଫ୍ୟାନସ୍ ଟିକେ ଅଡୁଆରେ ଅଛନ୍ତି । ବର୍ତ୍ତମାନ ଫ୍ୟାନ୍‌ମାନେ ଫାତିମା ଓ ବିଜୟଙ୍କ ଡେଟିଂ ଖବରକୁ ଗୁଜବ କହିବା ଆରମ୍ଭ କଲେଣି ।



## ଚିନାବାଦାମ ଖାଇଲେ ମିଳେ ଫାଇଦା

*ଶରୀର ପାଇଁ ଉପକାରୀ ଚିନାବାଦାମ । ଏହାକୁ ଖାଇବା ଦ୍ୱାରା ମିଳେ ଅନେକ ଫାଇଦା । ଏହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ତେବେ ଜାଣିନିଅନ୍ତୁ ଏହାର ଉପକାରିତା ବିଷୟରେ...*

ଖାଇବା ଅନେକଙ୍କର ପସନ୍ଦ । ତେବେ ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମ ଖାଇଲେ ଶରୀରକୁ ଅନେକ ଉପକାର ମିଳିଥାଏ ପ୍ରଥମତଃ ଭଜା ଚିନାବାଦାମ ତୁଳନାରେ ଏହା ସେତେ ବେଶୀ ଗ୍ୟାସ ସମସ୍ୟା ସୃଷ୍ଟି କରେନାହିଁ ।

- ଦ୍ୱିତୀୟତଃ ଚିନାବାଦାମକୁ ସିଝାଇ ଖାଇଲେ ଏହା କମ୍ପ୍ଲିଟ୍ ମିଲ୍‌ର କାମ ଦେଇଥାଏ । ଅର୍ଥାତ୍ ସିଝା ଚିନାବାଦାମରୁ କିଛି ଖାଇଦେଲେ କିଛି ସମୟ ପାଇଁ ଏହା ଭୋକକୁ ନିୟନ୍ତ୍ରଣ କରିଥାଏ ।
- ତା'ଛଡ଼ା ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଟିକେ ଅଧିକ ରହୁଥିବାରୁ, ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୋଇଥାଏ ।
- ତା'ଛଡ଼ା ଶରୀରର ଓଜନ କମ୍ କରାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ । କୁହାଯାଏ, ଗୁଡ଼ ସହିତ ସିଝା ଚିନାବାଦାମ ଖାଇଲେ ଏହା ଆଣ୍ଠୁଗଣ୍ଠି ଦରଜ ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ । ଦୃଷ୍ଟିଶକ୍ତିକୁ ପ୍ରଖର କରିବା ଓ ହାର୍ଟ ପାଇଁ ବି ଏହାକୁ ଖାଇଲେ ଉପକାର ମିଳିଥାଏ ।
- ଶରୀରରେ ରକ୍ତର ପରିମାଣ କମ୍ ଥିଲେ କିମ୍ବା ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣରେ ରଖେ




### ବଡ଼ ପରଦାରେ ଆସିବ ରାଜା ରଘୁବଂଶୀ-ସୋନମଙ୍କ କାହାଣୀ
## 'ହନିମୁନ୍ ଇନ୍ ସିଲଂ'

ଏବେ ବଡ଼ ପରଦାରେ ଆସିବାକୁ ଯାଉଛି ରାଜା ରଘୁବଂଶୀ ଏବଂ ସୋନମଙ୍କ କାହାଣୀ । ଯାହା କଥିତ ବିଶ୍ୱାସଘାତକତାର ସତ୍ୟ ଘଟଣା । ଏହି ସତ୍ୟ ଘଟଣାର କାହାଣୀଟିକୁ 'ହନିମୁନ୍ ଇନ୍ ସିଲଂ' ଭାବେ ଦର୍ଶକଙ୍କ ନିକଟରେ ପହଞ୍ଚିବ । ଯାହାର ଘୋଷଣା ରାଜାଙ୍କ ପରିବାର ଏବଂ ଫିଲ୍ମର ନିର୍ଦ୍ଦେଶକ ଏକ ସାମ୍ବାଦିକ ସମ୍ମିଳନୀରେ କରିଛନ୍ତି । ମୁମ୍ବାଇର ଫିଲ୍ମ ନିର୍ଦ୍ଦେଶକ ଏସ୍‌ପି ନିମ୍ବାଭଟ୍ ନିଜେ ରାଜା ରଘୁବଂଶୀଙ୍କ ପରିବାରକୁ ଭେଟି ଏହି ଫିଲ୍ମର ପ୍ରସ୍ତୁତି ଆରମ୍ଭ କରିଥିଲେ । ଏହି ଫିଲ୍ମଟି ସତ୍ୟ କାହାଣୀ ଉପରେ ଆଧାରିତ ଥିବାରୁ ଲୋକଙ୍କୁ ଖୁବ୍ ପସନ୍ଦ ଆସିବ । ଯେଉଁଥିରେ ରାଜା ରଘୁବଂଶୀଙ୍କ ଜୀବନ, ବୈବାହିକ ସମ୍ପର୍କ ପରେ ହତ୍ୟା ସମ୍ବନ୍ଧୀତ ଜଡିତ ଘଟଣା ଏହି ଫିଲ୍ମରୁ ଦେଖିବାକୁ ପାଇବେ ଦର୍ଶକ । ଫିଲ୍ମ ସମ୍ପର୍କରେ କହିବାକୁ ଯାଇ ନିର୍ଦ୍ଦେଶକ କହିଛନ୍ତି ଯେ, ଏହା ଏକ ସସ୍ପେନ୍ସ ଫିଲ୍ମ । ଯାହା ଖୁବ୍ ରହସ୍ୟପୂର୍ଣ୍ଣ । ତେଣୁ ଏହି ଫିଲ୍ମଟି ଯଥା ସମ୍ଭବ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରିବୁ ବୋଲି ମଧ୍ୟ ସେ କହିଥିଲେ । ଏଭଳି ଫିଲ୍ମ ପାଇଁ ଜଣେ ପ୍ରତିଭାଶାଳୀ ଅଭିନେତାଙ୍କୁ କାଷ୍ଟ କରାଯିବା ସହିତ ଇନ୍ଦୋର ଏବଂ ସିଲଂରେ ସୁଟିଂ କରାଯିବ । ଏହା ସହିତ 'ହନିମୁନ୍ ଇନ୍ ସିଲଂ' ଫିଲ୍ମର ପ୍ରଥମ ପୋଷ୍ଟର ମଧ୍ୟ ରିଲିଜ୍ ହୋଇଛି । ରିଲିଜ ପୋଷ୍ଟରରେ ନିର୍ଦ୍ଦେଶକ, ପ୍ରଯୋଜକ ଏବଂ କାଷ୍ଟିଂ ନିର୍ଦ୍ଦେଶକଙ୍କ ନାମ ରହିଛି । ଯେଉଁ ଫିଲ୍ମଟି ରାଜା ରଘୁବଂଶୀଙ୍କ ଜୀବନର ଅସ୍ପୃଶ୍ୟ ଦିଗ ଉପରେ ଧ୍ୟାନ ଦେବ । ରାଜା ରଘୁବଂଶୀ ତାଙ୍କ ସ୍ତ୍ରୀ ସୋନମଙ୍କ ସହ ହନିମୁନ୍ ପାଇଁ ସିଲଂ ଯାଇଥିଲେ । ଯାହା ପରେ ହଠାତ୍ ଉଭୟ ନିଖୋଜ ହୋଇଯାଇଥିଲେ । ପରେ ତାଙ୍କ ମୃତଦେହ ସିଲଂର ଏକ ଗଭୀର ଘାଇରୁ ଉଦ୍ଧାର କରାଯାଇଥିଲା । ଏହି ପୁରା ମାମଲାରେ ପୋଲିସ ୮ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ମଧ୍ୟ ଜାମିନ୍ ମିଳିଛି । ଯାହା ବର୍ତ୍ତମାନ କୋର୍ଟରେ ବିଚାରଧୀନ ରହିଛି । ଏଭଳି ଏକ ସତ୍ୟ ଉପରେ ଆଧାରିତ ଏହି ଫିଲ୍ମଟିକୁ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଛନ୍ତି ଫିଲ୍ମର ନିର୍ଦ୍ଦେଶକ ଏସ୍ ପି ନିମ୍ବାଭଟ୍ । ଯାହାକୁ ନେଇ ରାଜାଙ୍କ ପରିବାର ବିଶ୍ୱାସ କରନ୍ତି ଯେ ଫିଲ୍ମ ମାଧ୍ୟମରେ ହୁଏ ତ ରାଜାଙ୍କ ମୃତ୍ୟୁର ସତ ଘଟଣା ସାଧାରଣ ଲୋକ ଜାଣିବାକୁ ପାଇପାରିବେ । ଯାହା ଦ୍ୱାରା ନ୍ୟାୟ ପ୍ରକ୍ରିୟାକୁ ମଧ୍ୟ ଗୋଟିଏ ଗତି ମିଳିପାରିବ ।



## ମୌନୀ ରାୟଙ୍କ କମବ୍ୟାକ୍

ଧାରାବାହିକ କୁଁ କି ସାସ୍ ଭି କଭି ବହୁ ଥୀ ଧାରାବାହିକକୁ ନେଇ ଅନେକ ଚର୍ଚ୍ଚା ଲାଗିରହିଛି । ଏଥିରେ ପ୍ରଥମ ଭାଗର ଅନେକ କଳାକାର କମବ୍ୟାକ କରୁଥିବାନେଇ ସୂଚନା ରହିଛି । ଏହି ତାଲିକାରେ ପ୍ରଥମେ ସ୍ମୃତିଇରାନି ସାମିଲ ହୋଇଥିଲେ । ବର୍ତ୍ତମାନ ଏହି ତାଲିକାରେ ମୌନୀ ରୟ ସାମିଲ ହୋଇଥିବା ଜଣାପଡିଛି । ମୌନୀଙ୍କୁ ପ୍ରଥମ ସିରିଜରେ ଦର୍ଶକ ଖୁବ ଭଲପାଇବା ଦେଇଥିଲେ । ତେଣୁ ବର୍ତ୍ତମାନ ମଧ୍ୟ ଦର୍ଶକ ତାଙ୍କର କମବ୍ୟାକ ନେଇ ଖୁବ ଖୁସି ଅଛନ୍ତି । ନୂଆ ସିରିଜ୍ ବା ସିକ୍ୟୁଏଲଟି ମଧ୍ୟ ଖୁବ ଲୋକପ୍ରିୟ ହେବ ଏବଂ ଦର୍ଶକ ଏହାକୁ ଖୁବ ଭଲପାଇବା ଦେବେ ବୋଲି ମେକର୍ସ ଆଶା ରଖୁଛନ୍ତି । ଏଥିରେ ଆହୁରି ଏଭଳି ଅଭିନେତାଙ୍କୁ ମଧ୍ୟ ଦେଖିବାକୁ ମିଳିବ ଯେଉଁମାନେ ପୂର୍ବ ଭାଗରେ ନଜର ଆସିଥିଲେ । ଏହି ପ୍ରୋଜେକ୍ଟ ବିଷୟରେ ଜଣା ପଡିବାପରେ ସମସ୍ତ ଫ୍ୟାନ୍ ଖୁବ ଖୁସି ଥିବା ସହ ସୋସିଆଲ ମିଡିଆରେ ଏନେଇ ଆଲୋଚନା କରିବାରେ ଲାଗିଛନ୍ତି ।



## ଯୋଦ୍ଧା ଭୂମିକାରେ ରିଷଭ

ଅଭିନେତା ରିଷଭ ଶେଟ୍ଟୀଙ୍କର ପରବର୍ତ୍ତୀ ଫିଲ୍ମର ଘୋଷଣା କରାଯାଇଛି । ଅଶ୍ୱିନ ଗଙ୍ଗାରାଜୁଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଏକ ଐତିହାସିକ ଆକ୍ସନ ଡ୍ରାମା ଫିଲ୍ମରେ ରିଷଭ ମୁଖ୍ୟ ଭୂମିକାରେ ନଜରକୁ ଆସିବେ । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି ଫିଲ୍ମର ଏକ ପୋଷ୍ଟର ଜାରି କରାଯାଇଛି । ଏହି ପୋଷ୍ଟରରେ ଫିଲ୍ମର ଟାଇଟଲ ସମ୍ପର୍କରେ ଘୋଷଣା କରାଯାଇ ନାହିଁ । ପୋଷ୍ଟରରେ ଜଣେ ଯୋଦ୍ଧା ମୁହଁରେ କପଡ଼ା ବାନ୍ଧିଥିବା ସହ ପିଠିରେ ୨ଟି ଖଣ୍ଡା ଧରିଥିବାର ଦେଖିବାକୁ ମିଳିଛି । ଏହାସହ ଅନେକ ହଜାର ସୈନିକ ଯୁଦ୍ଧକ୍ଷେତ୍ରରେ ଲଢ଼ିବାକୁ ଆଗ୍ରହୀ ରହିଛନ୍ତି । ସୈନିକମାନଙ୍କୁ ସାମ୍ନା କରିବା ପାଇଁ ଏକ ତୋପ ଏବଂ ଅନେକ ବନ୍ଧୁକ ମଧ୍ୟ ଉକ୍ତ ପୋଷ୍ଟରରେ ଦୃଶ୍ୟମାନ ହେଉଛି । କ୍ୟାପ୍ସନରେ ଲେଖାହୋଇଛି ଜଣେ ଯୋଦ୍ଧାଙ୍କ କାହାଣୀ ଖୁବ୍ ଶୀଘ୍ର ଆପଣମାନଙ୍କ ପାଇଁ ଆସୁଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଣାସ, (ଭାସ୍କର ନ୍ୟୁଜ): କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡାଗ୍ରାମ ଏବଂ ସତ୍ୟବାଦୀ ବ୍ଲକର ୪ଟି ଗ୍ରାମପଞ୍ଚାୟତକୁ ପାନୀୟଜଳ ଯୋଗାଇଦେବା ପାଇଁ କଣାସ ବ୍ଲକ ଚୁପୁରିଙ୍ଗି ଗ୍ରାମପଞ୍ଚାୟତ ନିକଟରେ ଏକ ପାନୀୟଜଳ ମେଗା ପ୍ରକଳ୍ପ ୨୦୧୮ମସିହା ଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପାଇପ୍ ଯୋଗେ ପ୍ରତି ଗ୍ରାମ ଓ ବଜାରରେ ପିଇବା ପାଣି ଯୋଗାଇବା ପାଇଁ ରାସ୍ତାର ଦୁଇପାର୍ଶ୍ୱରେ ସରକାରୀ ଜମି ଥିଲେ ମଧ୍ୟ ତାହା ଖୋଳା ନଯାଇ ଗ୍ରାମ୍ୟ ରାସ୍ତା ମଝିରେ ରାସ୍ତା ଖନନ କରାଯାଇ ପାଇପ ବିଛାଯାଉଛି। ସେହିପରି ମୁଖ୍ୟରାସ୍ତା ମାନଙ୍କରେ ରାସ୍ତା କଡରେ ସରକାରୀ ଜମି ଥିଲେ ମଧ୍ୟ କଂକ୍ରିଟ୍ ରୋଡ଼ଗୁଡିକୁ ଖୋଳି ଦିଆଯାଉଛି। ପାଇପ ପକାଇ ଦିଆଯିବା ପରେ ମଧ୍ୟ ଖୋଳା ଯାଇଥିବା ରାସ୍ତା ମରାମତି ନ ହୋଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ସହାକାରୀ ଯନ୍ତ୍ରୀ ରଂଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଖନନ କରାଯାଉଥିବା ରାସ୍ତା ଶୀଘ୍ର ମରାମତି କରାଯିବ।



# କାରଖାନା ଯୋଗୁ ବରପଦାରେ ବଢୁଛି ବାୟୁ-ଜଳ ପ୍ରଦୂଷଣ

କେନ୍ଦୁଝର, (ଭାସ୍କର ନ୍ୟୁଜ): ବଡବିଲ ତହସିଲ ଗୁଆଲି ପଞ୍ଚାୟତ ଅନ୍ତର୍ଗତ ବରପଦାସ୍ଥିତ କେଜେଏସ୍ ଆଲୁୱାଲିଆ ଷ୍ଟିଲ ଏଣ୍ଡ ପାୱାର କାରଖାନା ଯୋଗୁଁ ବାୟୁ ଓ ଜଳ ପ୍ରଦୂଷଣ ବଢୁଛି। କାରଖାନା ନିକଟବର୍ତ୍ତୀ ଅଞ୍ଚଳରେ କଳାଗୁଣ୍ଡ ଉଡି ଚାରଣଭୂଇଁ, ଗଛପତ୍ର, ପୋଖରୀରେ ପଡି ବ୍ୟାପକ ପ୍ରଦୂଷଣ କରୁଛି। କଳାଗୁଣ୍ଡ ପଡୁଥିବାରୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି। ପ୍ରଦୂଷଣ ମାତ୍ର ଏତେ ବଢିଯାଇଛି ଯେ ବର୍ଷା ଦିନକୁ ଛାଡିଦେଲେ ଅନ୍ୟଦିନରେ ଲୋକମାନେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ପ୍ରଦୂଷଣ ଯୋଗୁଁ ଲୋକମାନେ କିଡନୀ, ଯକ୍ଷ୍ମା, ପେଟ ଏବଂ ଆଖି ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବାୟୁ ପ୍ରଦୂଷଣ ଯୋଗୁଁ ପରିବେଶ ନଷ୍ଟ ତଥା ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ବିଗିଡିବାରେ ଲାଗିଛି, ତା'ର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ କିମ୍ବା ପ୍ରଶାସନ ପକ୍ଷରୁ ଏହାର ଆକଳନ ମଧ୍ୟ କରାଯାଉ ନାହିଁ। କନସେଣ୍ଟ ଅର୍ଡର ୨୦୩୫ ପାଇଁ ନବୀକରଣ କରାଯିବା ପରେ ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ତ୍ତ ନ ମାନି କାରଖାନା ବେଧଡକ ଚାଲିଥିବା ଅଭିଯୋଗ ହୋଇଛି। ଜଳ ଏବଂ ବାୟୁ ପ୍ରଦୂଷଣରେ କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମର ଲୋକ ଅଣନିଃଶ୍ୱାସୀ ହୋଇ ପଡିଛନ୍ତି। ଚିଠି ନମ୍ବର ୪୪୬୧ ରେ ୩୧/୦୩/୨୦୨୪ ଠାରୁ ୩୧/୦୩/୨୦୨୬ ମସିହା ପର୍ଯ୍ୟନ୍ତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ କନସେଣ୍ଟ ଅର୍ଡର ମିଳିଛି। କମ୍ପାନୀ କନସେଣ୍ଟ ଅର୍ଡରରେ ରହିଥିବା ସର୍ତ୍ତ ଖିଲାପ କରି ଜଳବାୟୁ ପ୍ରଦୂଷଣ କରୁଥିବା ଅଭିଯୋଗ ହୋଇଛି। କାରଖାନାର ୧୮.୮୩ ହେକ୍ଟର ଜମିରେ ଥିବା ଡମ୍ପିଂୟାର୍ଡ ସଠିକ୍ ଭାବେ ପରିଚାଳନା କରାଯାଇ ନଥିବାରୁ ବର୍ଜ୍ୟପାଣି ନିକଟସ୍ଥ ଚାଷ ଜମିକୁ ପ୍ରଦୂଷିତ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ତ୍ତ ମୁତାବକ ଡମ୍ପିଂୟାର୍ଡ ପରିଚାଳନା କରାଯାଉ ନଥିବାରୁ ଏହା ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ଡମ୍ପିଂୟାର୍ଡର ଉଚ୍ଚତା ଅଧିକ ଥିବାରୁ ବର୍ଷାରେ ଅନେକ ପାଶ୍ୱର୍ରେ ଧସି ଯାଇ ବର୍ଜ୍ୟଜଳ ସିଧାସଳଖ ନିକଟସ୍ଥ ନିକଟସ୍ଥ ବିଲରେ ମିଶୁଛି। ଡମ୍ପିଂୟାର୍ଡ ପାଇଁ କରାଯାଇଥିବା ରିଟେନିଂ ୱାଲ, ଗାରଲାଣ୍ଡ ଡ୍ରେନ ଭାଙ୍ଗିଯାଇଛି। ଫଳରେ ଡମ୍ପିଂୟାର୍ଡରୁ ବାହାରୁ ଥିବା ବର୍ଜ୍ୟଜଳ ବାହାରକୁ ପ୍ରଭାବିତ ହେଉଛି। ଡମ୍ପିଂୟାର୍ଡ ନ ଧସିବା ପାଇଁ ତା ଉପରେ ମାଟି ପକାଇ ଘାସ, ଗଛ ଲଗାଇବା ଏବଂ ଅନ୍ୟ ବ୍ୟବସ୍ଥା କରାଯାଇନଥିବାରୁ ପ୍ରବଳ ବର୍ଷାରେ ବର୍ଜ୍ୟ କଳାଗୁଣ୍ଡ (ସଲିଡ ୱେଷ୍ଟ) ଧୋଇ ଯାଉଛି। ଶିଳ୍ପ ବର୍ଜ୍ୟଜନିତ ପରିବେଶ କ୍ଷତିର ଭରଣା କିଏ କରିବ ଏବଂ କିପରି ହେବ ତାହାକୁ ନେଇ ପ୍ରଭାବିତ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସେହିପରି କାରଖାନା ପରିସର ମଧ୍ୟରେ ଲୁହାଗୁଣ୍ଡ, କୋଇଲା ଗୁଣ୍ଡ ଏବଂ ଅନ୍ୟ କଞ୍ଚାମାଲ ଗୁଡିକ



ଖୋଲା ଆକାଶ ତଳେ ରଖାଯାଉଥିବାରୁ ବର୍ଷା ଜଳ ସଂସ୍ପର୍ଶରେ ଆସି ନିକଟବର୍ତ୍ତୀ ମୃତ୍ତିକା ପ୍ରଦୂଷିତ କରୁଛି। କାରଖାନା କର୍ତ୍ତୃପକ୍ଷ ଏହାକୁ ରୋକି ଟ୍ରିଟମେଣ୍ଟ ନକରି ଜଳ ବାହାରକୁ ଛାଡୁଥିବାରୁ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଜମି ପ୍ରଦୂଷଣ ହେଉଛି। କୋଇଲା ଷ୍ଟକୟାର୍ଡ ନିକଟରେ ଆବଶ୍ୟକତା ଅନୁଯାୟୀ ସରଫେସ ରନ ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ (ଏସ୍‌ଆରଟିଏସ୍) କରାଯାଇ ନଥିବାରୁ ବର୍ଜ୍ୟଜଳ ବାହାରକୁ ଯାଉଥିବାରୁ ଭୂତଳ ଜଳ ପ୍ରଦୂଷିତ ହୋଇ ଉର୍ବରତା ହରାଉଛି। କୋଇଲା ଷ୍ଟକୟାର୍ଡ ନିକଟରେ ପାଣି ସିଞ୍ଚନ ଏବଂ ଫଗ କାନନ ବ୍ୟବସ୍ଥା ନଥିବାରୁ ବାୟୁ ପ୍ରଦୂଷଣ ହେଉଛି। କାରଖାନା ପରିସରରେ ମାଲ ପରିବହନ ପାଇଁ ସମ୍ପୂର୍ଣ୍ଣ ରାସ୍ତା କଂକ୍ରିଟ ହୋଇନଥିବାରୁ ଗାଡି ଚଳାଚଳ ସମୟରେ ବାୟୁ ପ୍ରଦୂଷଣ ହେଉଛି। କାରଖାନା ପରିସରରେ ରାସ୍ତାକୁ ନିୟମିତ ସଫେଇ ଏବଂ ଜଳ ସିଞ୍ଚନ ବ୍ୟବସ୍ଥା କରାଯାଉ ନଥିବାରୁ ଗାଡି ଚଳାଚଳ ସମୟରେ ବାୟୁ ପ୍ରଦୂଷଣ ହେଉଛି। କମ୍ପାନୀ ପରିସରରେ ଗାଡି ଚକା ଧୋଇବା ପାଇଁ ହୁଇଲ ୱାସିଂ ସୁବିଧା ନଥିବାରୁ ଗାଡି ଚଳାଚଳ ହେଲେ ବାୟୁ ପ୍ରଦୂଷଣ ହେଉଛି। ଇଏସ୍ପି ଏବଂ ବ୍ୟାଗ ଫିଲଟର ନିୟମିତ ରକ୍ଷଣାବେକ୍ଷଣ ହେଉ ନଥିବାରୁ କଳାଗୁଣ୍ଡ ଉଡି ଆଖପାଖ ଅଞ୍ଚଳରେ ପଡୁଛି। କମ୍ପାନୀର ମୋଟ ଜମିର ୨୫ ପ୍ରତିଶତ ଜମିରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ନିୟମ ଥିଲେ ମଧ୍ୟ ସବୁଜ ବଳୟ ସୃଷ୍ଟି କରାଯାଇ ନାହିଁ। ଫଳରେ ବାୟୁ ପ୍ରଦୂଷଣ ପ୍ରତିହତ କରିବାରେ କମ୍ପାନୀ ବିଫଳ ହୋଇଛି। ଏପରିକି କମ୍ପାନୀ ପରିସରରେ ଖାଲି ଥିବା ଜମିରେ ବିଭିନ୍ନ ନୂତନ ପ୍ରୋଜେକ୍ଟ କରାଯାଉଛି ଏବଂ ଏହାର ବିଭିନ୍ନ ବିଭାଗର ଅନୁମତି କିପରି ମଧ୍ୟ ମିଳୁଛି ତାହା ତଦନ୍ତ ସାପେକ୍ଷ। କମ୍ପାନୀକୁ ବାହାରୁଥିବା ଫାଏ ଆସ କିପରି ପରିଚାଳନା ହେଉଛି ତାହାର ମଧ୍ୟ ସଠିକ୍ ଯାଞ୍ଚ ହେଉନାହିଁ। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ନୋଟିଫିକେସନ ନମ୍ବର ଏସଓ ୨୫୪(ଇ) ଅନୁଯାୟୀ ଫାଏ ଆସ ପରିଚାଳନା ହେଉ ନାହିଁ। ଜଳ ଓ ବାୟୁ ପ୍ରଦୂଷଣରେ ସ୍ଥାନୀୟ ଗ୍ରାମବାସୀ ଜର୍ଜରିତ ହେଉଥିବାବେଳେ କମ୍ପାନୀ କୋଟି କୋଟି ଟଙ୍କା ଲାଭ କରି ଲୋକଙ୍କୁ ମରଣମୁହଁକୁ ଠେଲିଦେଇଛି। ସିଏସ୍‌ଆର୍ ପାଣ୍ଠି କେବଳ କାଗଜକଲମରେ ଖର୍ଚ୍ଚ ହେଉଛି। ଆର୍ପିଡିଏସି ବୈଠକ ୭ବର୍ଷ ଧରି ବସିନଥିବାରୁ ଏହାର ସମୀକ୍ଷା ମଧ୍ୟ ହେଉନାହିଁ। କୁଶଳୀ ଶ୍ରମିକମାନଙ୍କୁ ଅଣ କୁଶଳୀ ଭାବେ ରଖାଯାଇ କମ ଦରମା ଦିଆଯାଉଛି। କାରଖାନା ପରିସରରେ ମାତ୍ରାଧିକ ଗଭୀର ବୋରୱେଲ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜଳସ୍ତର କମି ଯାଉଛି। ପାଖଆଖ ଗ୍ରାମରେ ଥିବା ନଳକୂପରେ ଆବଶ୍ୟକ ମାତ୍ରାରେ ଜଳ ନଳକୂପରେ ବାହାରୁ ନାହିଁ। ଫଳରେ ଲୋକମାନେ ନାନା ସମସ୍ୟାରେ ପଡୁଛନ୍ତି। ସେହିପରି କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉନାହିଁ। କାରଖାନା ପରିସରରେ ବ୍ୟବସ୍ଥିତ ଶୌଚାଳୟ, ପରିସ୍ରାଗାର, ସଫେଇ ଘର, ସାଇକେଲ/ଗାଡି ଷ୍ଟାଣ୍ଡ, ବିଶ୍ରାମ କକ୍ଷ, ଭୋଜନ କକ୍ଷ, ଶିଶୁ ସଦନ କରାଯାଇ ନଥିବାରୁ ଅନେକ ଶ୍ରମିକ ହଇରାଣ ହେଉଛନ୍ତି। ପ୍ରଶାସନ ଆଗୁଆ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏ ଅଞ୍ଚଳରେ ଜୀବନ ନିର୍ବାହ କରିବା କଷ୍ଟକର ହୋଇପଡିବ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଶ୍ରମ ବିଭାଗ ଏବଂ ଫାକ୍ଟ୍ରି ଏଣ୍ଡ ବଏଲର, ବନ ବିଭାଗ ଏହାର ଯାଞ୍ଚ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କରଙ୍କୁ ପଚାରିବାରୁ ଖୁବଶୀଘ୍ର ପ୍ଲାଣ୍ଟ ପରିଦର୍ଶନ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି ଘଟଣା

## ୨ ଗିରଫ, ଚୋରି ସମାଗ୍ରୀ ଜବତ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ନୂଆନନ୍ଦ ପଞ୍ଚାୟତ ଅଧୀନ ହାଟୁଆର ପ୍ରାଥମିକ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର-୨ରୁ ସୋମବାର ରାତିରେ ଚୋରି ହୋଇ ଥିଲା। ଏହି ଘଟଣାରେ ପୁଲିସ ୨୬୦/୨୫ରେ ଏକ ମକଦ୍ଦମା ରଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ବୁଧବାର ଏହି ଘଟଣାରେ ସମ୍ପୃକ୍ତ ଥିବା ସାବରଙ୍ଗଥାନା ଅଧୀନ ଗୋରାମାଟି ଗ୍ରାମର କୃଷ୍ଣଚନ୍ଦ୍ର ମଲିକ ଓ ସୁରେଶ ସେଠୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ନୂଆନନ୍ଦ ଗ୍ରାମ ନିକଟସ୍ଥ ଏକ ବଣୁଆ ସ୍ଥାନରୁ ଚୋରି ହୋଇଥିବା ୨ଟି ଗ୍ୟାସ୍ ସିଲିଣ୍ଡର ଓ ଅକ୍ୱାଗାର୍ଡ଼କୁ ପୁଲିସ ଜବତ କରିଥିବା ବେଳେ ପାଣି ମୋଟରଟି ମିଳି ପାରିନଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ସ୍କୁଲ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସୋମବାର ସ୍କୁଲ ଛୁଟି ହେବା ପରେ ଅପରାହ୍ନ ୫ଟା ବେଳେ ସ୍କୁଲ ଓ ଗେଟ୍‌ରେ ତାଲା ପକାଇ ଯାଇଥିଲେ। ମଙ୍ଗଳବାର ସ୍କୁଲ ଗେଟ୍ ଖୋଲିବା ପରେ ସ୍କୁଲ କାର୍ଯ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ପରେ ପ୍ରଧାନ ଶିକ୍ଷକ ସ୍କୁଲ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀଙ୍କୁ ଚୋରି ସମ୍ପର୍କରେ ଜଣାଇଥିଲେ। ସ୍କୁଲ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚି ଦେଖିଥିଲେ ଯେ ସ୍କୁଲରେ ଥିବା ପାଣି ମୋଟର ଓ ଆକ୍ୱାଗାର୍ଡ଼ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରୁ ୨ଟି ଗ୍ୟାସ୍ ଟାଙ୍କି ଓ ତାଲା ଚୋରି ହୋଇଛି। ପରେ ପ୍ରଧାନ ଶିକ୍ଷକ ସେକ୍ ଫଜଲୁର ରହେମାନ ଓ ଅଙ୍ଗନୱାଡ଼ି କର୍ମୀ ରଶ୍ମିତା ଦାସ ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ତିହିଡ଼ି ଥାନା ଏସଆଇ ଅସ୍ମିତା ପ୍ରଧାନ ଓ ଏଏସଆଇ ଲକ୍ଷ୍ମଣ ମାରାଣ୍ଡି ତଦନ୍ତ କରିଥିଲେ। ମାତ୍ର ବୁଧବାର ତିହିଡ଼ି ଥାନା ଏଏସଆଇ ମାନସ ଶତପଥି ନୂଆନନ୍ଦ ଗ୍ରାମକୁ ଯାଇ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଚୋରି ସାମଗ୍ରୀକୁ ଜବତ କରିଥିଲେ।

## ଭାଗହେବ ୧୧ ଶହରୁ ଅଧିକ ଭୋଟର ଥିବା ବୁଥ୍

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ୪୦ ମତଦାନ କେନ୍ଦ୍ରରେ ୧୧ଶହରୁ ଅଧିକ ଭୋଟର ଥିବାର ସୋଗୁଡିକୁ ଭାଗ ଭାଗ କରାଯିବ ବୋଲି ଜଣାଯାଇଛି। ପୂର୍ବରୁ ୧୨ ଶହ ମତଦାତା ଥିବା ବୁଥଗୁଡିକୁ ଭାଗ କରାଯିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଥିଲା। ସଦ୍ୟ ନିର୍ଦ୍ଦେଶାବଳୀ ଅନୁଯାୟୀ ୧୧ଶହରୁ ଅଧିକ ମତଦାତା ଥିବା ବୁଥ ଭାଗ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ବିଷ୍ଣୁପର, ବିଷ୍ଣୁପୁର-୧, ଚିଙ୍ଗୁଡ଼ିପୁର, କରଞ୍ଜିଗୁଣ୍ଡପୁର, ପଦ୍ମିନାରାୟଣପୁର, ନିର୍ଗୁଣ୍ଡି, ରାଜେନ୍ଦ୍ରପୁର, ମହୁରା, ଉତ୍ତରବାଡ, ଉତ୍ତରବାଡ-୧, ନଗୁଆ, ନଗୁଆ-୧, ବଡଶାସନ, ନାଆମୀ, ସାତଶୋଳା, ବନ୍ଦାଳୋ, ଦେଓପଦା, ଥଇଳା, ସାରୋ, ମୋବାରକପୁର, ପିରିପୁର, ସଂପୋଇ, ଓଳା, କୁଲଣା, ଝୁଟୁଣା, ନେରଡା, ଆଖୁଆପଦା, ନିଳାଦ୍ରି, ରାଢୋ, ରହଣିଆ, କୁରିଗା, କୁରିଗା-୧, ନୌରଙ୍ଗପୁର, ମାଳଦା, ବଡନପଙ୍ଗ, କୁମ୍ଭାରିଆ, କୋରକୋରା, ରଘୁନାଥପୁର, ଜଳହରୀ ଓ ମଣିନାଥପୁର ମତଦାନ କେନ୍ଦ୍ରଗୁଡିକ ଭାଗ କରାଯିବ। ସେହିପରି ଏକାଧିକ ପଞ୍ଚାୟତରେ ଥିବା ନର୍ଦ୍ଦିଷ୍ଟ ମତଦାନ କେନ୍ଦ୍ରକୁ ମଧ୍ୟ ପଞ୍ଚାୟତ ଓ୍ୱାରୀ ଭାଗ କରାଯିବ। ଏହି ମାନଦଣ୍ଡ ଅନୁଯାୟୀ ବାଘମର, ଓଳା, ଦେଉଳପଦୀ ଓ ବାଙ୍କମୁହାଁ ମତଦାନ କେନ୍ଦ୍ର ଭାଗ କରାଯାଇ ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯିବ ବୋଲି ଜଣାଯାଇଛି।

## ଡ. ଅନନ୍ତଚରଣ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

କଟକ, (ଭାସ୍କର ନ୍ୟୁଜ): ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦର ପ୍ରତିଷ୍ଠାତା ସଭାପତି, ରେଭେନ୍ସା କଲେଜର ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ଼ଃ ଅନନ୍ତ ଚରଣ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ଼ାକ୍ତର ରବି ରନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ସୌମ୍ୟରନ ପଟ୍ଟନାୟକ ମୁଖ୍ୟ ଅତିଥି, ଡ଼ଃ ପ୍ରମୋଦକୁମାର ମହାପାତ୍ର ମୁଖ୍ୟବକ୍ତା, ପ୍ରଫେସର ସହଦେବ ପାତ୍ର-ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଐତିହାସିକ ପ୍ରଫେସର ଖାରବେଳ ମହାନ୍ତିଙ୍କୁ ଆଦର୍ଶ ଶିକ୍ଷାବିତ୍ ସମ୍ମାନ-୨୦୨୫ ଭାବେ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ 'ସ୍ମରଣିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶିକ୍ଷାବିତ୍ ଡ଼ଃ ସିଦ୍ଧାର୍ଥ କୁମାର ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଇଂ ଆନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସହକାରୀ ଦୌରାଜଜ୍‌ଙ୍କ କୋର୍ଟରେ ୩ ଦୋଷୀ ସାବ୍ୟସ୍ତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସହକାରୀ ଦୌରାଜଜ୍‌ଙ୍କ କୋର୍ଟରେ ଏକାଧିକ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଥିବା ଜଣାପଡ଼ିଛି। ସାକ୍ଷୀମାନଙ୍କ ବୟାନ୍‌କୁ ଆଧାର କରି ଆସାମୀ ମାନଙ୍କୁ ଦୋଷୀ ସାବ୍ୟସ୍ତ କୋର୍ଟ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା କୋଣାର୍କ ଫେଷ୍ଟିଭାଲ୍ ତା.୦୫.୧୨.୨୦୧୦ରିଖରେ ଚାଲୁଥିବା ସମୟରେ ଅଭିଯୁକ୍ତ ବିଜୁ ନିଶଙ୍କ ଓ ତା'ର ସହଯୋଗୀ ମାନେ ନିଶାଶକ୍ତ ଅବସ୍ଥାରେ ରାତ୍ର ପ୍ରାୟ ୧୧.୪୦ମି. ସମୟରେ ଭୂଜାଲି ଓ ଅନ୍ୟ ମାରଣାସ୍ତ୍ର ସାହାଯ୍ୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମାଧିପୁର ଛକ ନିକଟରେ ଜଗି ରହିଥିଲେ। ସେହି ସମୟରେ ସେଠାରେ ପାନ ଦୋକାନ କରିଥିବା ରାମଚନ୍ଦ୍ର ଜେନା ପାନ ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରିବା ସମୟରେ ଆସାମୀ ବିଜୁ ନିଶଙ୍କ ଓ ତା'ର ସହଯୋଗୀମାନେ ରାମଚନ୍ଦ୍ର ଜେନାଙ୍କୁ ଅଟକାଇ ମାଡ଼ ମାରିବା ସହ ମାଡ଼ି ବସି ତାଙ୍କ ଠାରୁ ୫ ହଜାର ଟଙ୍କା ଓ ତାଙ୍କ ବେକରେ ପିନ୍ଧିଥିବା ସୁନା ଚେନ୍ ନେଇ ଯାଇଥିଲେ। ଶେଷରେ ବିଜୁ ନିଶଙ୍କ ଏକ ଭୂଜାଲିରେ ଏକ ଚୋଟ ଦେବାରୁ ରାମଚନ୍ଦ୍ର ଜେନାଙ୍କର ବାମପଟ କାନ ସମ୍ପୂର୍ଣ୍ଣ ଅଲଗା ହୋଇ ଯାଇଥିଲା ଏବଂ ସେହି କଟା କାନକୁ ବିଜୁ ଅନ୍ୟତ୍ର ଫୋପାଡ଼ି ଦେଇଥିଲା । ଏ ସମ୍ପର୍କରେ ରାମଚନ୍ଦ୍ର ଜେନାଙ୍କ ଭାଇ ରୁଦ୍ର ଜେନା କୋଣାର୍କ ଥାନାରେ ଏତଲା କରିଥିଲେ। ଏତଲାର ଆଧାରରେ ପୋଲିସ ୧୦୦/୨୦୧୦ରେ ଏକ ମାମଲା ରୁଜୁ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ମୋକଦ୍ଦମାରେ ଏସ୍.ଟି ନଂ-୧୮୦/୫୨୪, ଜିଆର ନଂ-୭୯୨/୧୦ରେ ନିମାପଡ଼ା ସହକାରୀ ଦୌରାଜଜ୍ ସଂଘମିତ୍ରା ବିଶ୍ୱାଳ ୧୧ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରିବା ପରେ ଗୁରୁବାର ଅପରାହ୍ନରେ ରାୟ ପ୍ରକାଶ କରିଥିଲେ। ଅଭିଯୁକ୍ତ ବିଜୁ ନିଶଙ୍କ, ରଂଜନ କୁମାର ନିଶଙ୍କ, ଗୁନ ଓରଫ ଶରତ ଚନ୍ଦ୍ର ଦାସ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆହୁରି ୩ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଏହି କେସ୍‌ଟିକୁ ଅତିରିକ୍ତ ପି.ପି. ପ୍ରବୋଧ କୁମାର ପରିଡ଼ା ପରିଚାଳନା କରୁଥିଲେ।

## ନଦୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଗ୍ରାମପଞ୍ଚାୟତ ମାଳିଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ନଦୀରେ ବୁଡି ଜଣେ ବୃଦ୍ଧା ମୃତ୍ୟୁ ବରଣ କରିଛନ୍ତି। ମାଳିଗାଁର ସ୍ୱର୍ଗତ ମାନଗୋବିନ୍ଦ ପରିଡାଙ୍କ ପତ୍ନୀ ବାସନ୍ତୀ ପରିଡା(୭୫)ଙ୍କର ମାନସିକ ବିକୃତ ଥିଲା। ତେବେ ଆଜି ବାସନ୍ତୀ ସ୍ଥାନୀୟ ଚିତ୍ରୋତ୍ପଳା ନଦୀକୁ ଯାଇଥିଲା ବେଳେ ତାଙ୍କର ଗୋଡ ଖସିଯିବା କାରଣରୁ ସେ ନଦୀର ପ୍ରଖର ଜଳରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତି କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାର ଥାନା ଆଇଆଇସି ସୁଶିଲ କୁମାର ନାୟକଙ୍କ ସୂତ୍ରରୁ ପ୍ରକାଶ। ପୋଲିସ ତାଙ୍କର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି।

## ଦିଆଲି ପର୍ବକୁ ନେଇ ପ୍ରସ୍ତୁତି ବୈଠକ




ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ନିଳାବାଡି ମନ୍ଦିର ମଣ୍ଡପରେ ଚଳିତ ବର୍ଷ ଡ଼ମ୍ବ ସମାଜର ଦିଆଲି ପର୍ବକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ବନ୍ଧୁଗାଁ ବ୍ଲକର ୧୩ଟି ପଞ୍ଚାୟତରେ ଥିବା ସମସ୍ତ କୁଟୁମ୍ବର ମୁଖ୍ୟ ନାଇକ୍, ଧାଙ୍ଗଡା ମାଝୀ, ଗାଁର ମୁଖ୍ୟ ଓ ଯୁବକ ଶତାଧିକ ଭାବେ ଉପସ୍ଥିତ ରହି ଥିଲେ। ଅତି ସୁନ୍ଦର ଭାବରେ ଉପସ୍ଥିତ ନାଇକ୍, ଧାଙ୍ଗଡା ମାଝି ଓ ଗାଁ'ର ମୁଖ୍ୟମାନଙ୍କୁ ଫୁଲମାଳ ପିନ୍ଧାଇ ସମ୍ମାନିତ କରାଯାଇଥିଲା। ଦୀର୍ଘ ବର୍ଷ ଧରି ବ୍ଲକରେ ଡ଼ମ୍ବ ସମାଜ ସଙ୍ଗଠିତ ହୋଇ ରହିନଥିବାରୁ ସରକାରଙ୍କ ଅନେକ ସୁବିଧାରୁ ବଞ୍ଚିତ ହୋଇ ଯାଉଛୁ। ଆମ ଅଧିକାର ଗୁଡିକ ପାଇଁ ଆମେ ଏକତ୍ରିତ ହୋଇ ଆଗକୁ ବଢ଼ିବା ପାଇଁ ଉପସ୍ଥିତ ସମସ୍ତେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ବ୍ଲକର ୨୩ଟି ଗାଁରେ ଥିବା ଡମ୍ କୁଟୁମ୍ବରୁ ସକ୍ରିୟ ସଦସ୍ୟଙ୍କୁ ନେଇ ଦିଆଲି ପର୍ବ ପାଳନ କରାଯିବ ଏଥିପାଇଁ ବିଚାର ବିମର୍ଶ କରାଯାଇ ନିଷ୍ପତ୍ତି ନିଆଯିବ। ବ୍ଲକରେ ଥିବା ସମସ୍ତ ଗାଁ'ରୁ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହିଥିଲେ।

## ଟ୍ରାକ୍ଟର ଓଲଟି ଚାଷୀଙ୍କ ମୃତ୍ୟୁ

କାଳିମେଳା, (ଭାସ୍କର ନ୍ୟୁଜ୍): କାଳିମେଳା ଥାନା ଅନ୍ତର୍ଗତ ସୁଧାକୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଭୀମା ସୋଡି (୪୨) ନାମକ ଚାଷୀ ଆଜି ସକାଳେ ନିଜ ଜମିରେ ଟ୍ରାକ୍ଟର ଯୋଗେ ଚାଷ କରୁଥିଲେ। ସେହି ସମୟରେ ଟ୍ରାକ୍ଟରଟି କାଦୁଅରେ ଦବି ଯାଇଥିଲା। ଡ୍ରାଇଭର ଏବଂ ଭୀମା ସୋଡି ଦୁହେଁ ଟ୍ରାକ୍ଟରରେ ଲାଗିଥିବା କେଜୁଆଲରେ ଲମ୍ବା ବଲି ଲଗାଇ ଟ୍ରାକ୍ଟର କୁ କାଢ଼ିବାକୁ ଚେଷ୍ଟା କରୁଥିଲେ। ସେହି ସମୟରେ ଭୀମା ସୋଡି ଉପରେ ଟ୍ରାକ୍ଟର ଓଲଟି ପଡିବା ସହିତ ବଲିଟି ତାଙ୍କ ଛାତିରେ ଶକ୍ତ ଭାବେ ଆଘାତ କରିଥିଲା। ସେଠାରୁ ତାଙ୍କୁ ଉଦ୍ଧାର କରିବାର କିଛି ସମୟପରେ ସେ ମୃତ୍ୟୁ ବରଣ କରିଥିଲେ। ପୂର୍ବରୁ ମାଓଗଡ ଭାବେ ପରିଚିତ ଥିବା ସୁଧାକଣ୍ଡାର ଏହି ଚାଷୀ ଜଣକ ଲୋନରେ ଟ୍ରାକ୍ଟର ଆଣି ଅନେକ ସ୍ୱପ୍ନ ଦେଖିଥିଲେ। କିନ୍ତୁ ଅସାବଧାନତା ଫଳରେ ତାଙ୍କ ସ୍ୱପ୍ନ ଅଧୁରା ରହିଗଲା। ଚାଷବାସ ସମୟରେ ଏପରି ଦୁର୍ଘଟଣା ଘଟିବା ସହିତ ଟ୍ରାକ୍ଟର ଲୋନ କିପରି ସୁଝିବେ, ତାହା ପରିବାରରେ ଏବେ ଚିନ୍ତାର ବିଷୟ ପାଲଟିଛି। ମୃତ ଭୀମାଙ୍କ ସ୍ତ୍ରୀ ଏବଂ ଦୁଇ ଝିଅ ବର୍ତ୍ତମାନ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଥିଲା ଏବଂ ଶବ ବ୍ୟବଚ୍ଛେଦ ପାଇଁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏପରି ଅଭାବନୀୟ ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ଘରୋଇ ଜମିରେ ତାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଚ୍ଛେଦପୂର୍ବକ ଜମି ହସ୍ତାନ୍ତର ପାଇଁ ଅଦାଲତଙ୍କ ନିର୍ଦ୍ଦେଶ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ତାଟୋ ସ୍ଥିତ ଘରୋଇ ଜମିରେ ଥିବା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଚ୍ଛେଦ ପୂର୍ବକ ଜମିର ମାଲିକାନା ସତ୍ତ୍ୱ ଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର ପାଇଁ ବୁଧବାର ସ୍ଥାନୀୟ ସିଭିଲ ଜଜ(ସିନିୟର ଡିଭିଜନ) ନିର୍ଦ୍ଦେଶ ଦେଇଛନ୍ତି। କରଞ୍ଜିଆ- ଯଶିପୁର ମୁଖ୍ୟ ରାସ୍ତାପାର୍ଶ୍ୱରେ ଗତ ୨୪.୦୯.୧୯୬୨ ତାରିଖରେ ତାଟୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ସ୍ଥାପନ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୮ଟି ପଞ୍ଚାୟତର ଅଧିବାସୀ ନିର୍ଭରଶୀଳ ହୋଇପଡିବା ଯୋଗୁଁ ପରବର୍ତ୍ତୀ ସମୟରେ ସରକାର ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରିଥିଲେ। ମାତ୍ର ତାଟୋ ମୌଜାରେ ଖାତା ନଂ ୧୧୪ ଓ ପ୍ଲଟ ନଂ ୮୦୫, ୮୦୮, ୮୦୯, ୮୧୦, ୮୦୫/୯୮୬ରେ ମୋଟ ୯୦ ଡେସିମିଲ ଜମିର ମାଲିକାନା ସତ୍ତ୍ୱ ଭିକାରୀ ଚରଣ ଦାସଙ୍କ ନାମରେ ଥିବାସ୍ଥଳେ ଉକ୍ତ ଜମିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଭିକାରୀ ଚରଣ ନିଜ ପରିବାରକୁ ନେଇ ଶୀର୍ଷାରେ ବସତି ସ୍ଥାପନ କରିଥିବା ବେଳେ ତାଙ୍କର ୩ ପୁଅଙ୍କ ମଧ୍ୟରେ ବଡ଼ପୁଅ ପୁଲକିତ ବାରିପଦାରେ, ମଝିଆଁ ପୁଅ ଭୂପତି ମାର୍ଶାରେ ରହୁଥିବା ବେଳେ ସାନପୁଅ ଦେବେନ୍ଦ୍ର ନିଜ ପୈତୃକ ସମ୍ପତ୍ତି ଉପରେ ରହିବା ପାଇଁ ମନସ୍ଥ କରି ତାଟୋ ଆସିଥିଲେ। ମାତ୍ର ତାଙ୍କ ବାପାଙ୍କ ନାମିତ ଜମି ଉପରେ ସ୍ୱାସ୍ଥ୍ୟକେନ୍ଦ୍ର ଗଢି ଉଠିଥିବା ଦେଖି ୨୦୧୦ ମସିହାରେ ସେ କରଞ୍ଜିଆ ସିଭିଲ ଜଜ (ସିନିୟର ଡିଭିଜନ)ଙ୍କ ଅଦାଲତରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ତାଟୋ ମେଡ଼ିକାଲ ଅଫିସରଙ୍କୁ ପକ୍ଷଭୁକ୍ତ କରି ଦେୱାନୀ ମୋକଦ୍ଦମା ନଂ ୧୩୦/୨୧୧ ଦାୟର କରିଥିଲେ। ୨୪.୦୭.୨୦୧୭ରେ ଅଦାଲତ ଶୁଣାଣି ପରେ ଉକ୍ତ ଜମିକୁ ଖାଲି କରି ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାୟ ବିରୋଧରେ ରାଜ୍ୟ ସରକାର, ଜିଲ୍ଲା ମେଡ଼ିକାଲ ଅଫିସର ଏବଂ ତାଟୋ ମେଡ଼ିକାଲ ଅଫିସର ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟରେଭ ଅପିଲ ମୋକଦ୍ଦମା ଦାୟର କରିଥିଲେ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ଓକିଲ ଉକ୍ତ ମୋକଦ୍ଦମାରେ କୌଣସି ପଦକ୍ଷେପ ନନେବା ଯୋଗୁଁ ୨୩.୦୩.୨୦୨୩ରେ ଅଦାଲତ ଅପିଲ ମୋକଦ୍ଦମାକୁ ଖାରଜ କରିଥିଲେ। ପୁନଃ ୨୦୨୪ ମସିହାରେ ଦେବେନ୍ଦ୍ର ଦାସ ତାଙ୍କ ଡିଗ୍ରୀ ଜମିର ଦଖଲ ହସ୍ତାନ୍ତର ନିମନ୍ତେ ଅଥବା ଡିଗ୍ରୀ ଅନୁଯାୟୀ ଜମି ଅଧିଗ୍ରହଣ ଆଇନ ଅନୁସାରେ ତାଙ୍କ ଡିଗ୍ରୀ ଜମିର କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ ସିଭିଲ ଜଜ(ସିନିୟର ଡିଭିଜନ)ଙ୍କ ଅଦାଲତରେ ଡିଗ୍ରୀଜାରି ମୋକଦ୍ଦମା ନଂ୩/୨୦୨୪ ଦାଖଲ କରିଥିଲେ। ଉକ୍ତ ମୋକଦ୍ଦମାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିବାଦୀମାନଙ୍କୁ କୋର୍ଟ ନୋଟିସ ଜାରି କରିଥିଲେ ମଧ୍ୟ ସେମାନେ କ୍ଷତିପୂରଣ ରାଶି ପ୍ରଦାନ କରିବାରେ ଅସଫଳ ହୋଇଥିଲେ। ତେଣୁ ୩୦.୦୭.୨୦୨୫ ତାରିଖରେ ଉକ୍ତ ଜମିରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଚ୍ଛେଦ ପୂର୍ବକ ଡିଗ୍ରୀଦାର ଦେବେନ୍ଦ୍ର ଦାସଙ୍କୁ ଜମି ହସ୍ତାନ୍ତର ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେବେନ୍ଦ୍ର ଦାସଙ୍କ ପକ୍ଷରୁ ଅଦାଲତରେ ବରିଷ୍ଠ ଓକିଲ ବାଞ୍ଛାନିଧି ପୃଷ୍ଟି ମୋକଦ୍ଦମାକୁ ପରିଚାଳନା କରିଥିବା ଜଣାଯାଇଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପ୍ରୟାସରେ ମୁକୁଳିଲେ ଆଜୀବନ ବନ୍ଦୀ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଆଜୀବନ ବନ୍ଦୀ ଦୁଲୁ ହରିଜନ ବୟସ ୭୪ ବର୍ଷ ନବରଙ୍ଗପୁର ଉପ କାରାଗାର ଦୀର୍ଘ ୧୮ ବର୍ଷ କାଳ ଆଜୀବନ ବନ୍ଦୀ ଭାବରେ ଜୀବନ ଅତିବାହିତ କରୁଥିଲେ। ଉପ କାରାଗାର ନବରଙ୍ଗପୁର ପରିଦର୍ଶନ ସମୟରେ ଏହି ବିଷୟ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରଙ୍କ ଗୋଚରକୁ ଆସିଥିଲା। ଏ ସମ୍ପର୍କରେ ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ସହ ଆଲୋଚନା ପରେ, ଅଧକ୍ଷ ନିର୍ଦ୍ଦେଶ କ୍ରମେ ଉକ୍ତ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ, ଉପକାରାଗାର ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ବୈଠକରେ ଶ୍ରୀ ଦୁଲୁ ହରିଜନଙ୍କ ନାମକୁ ମଞ୍ଜୁର କରିବା ନିମନ୍ତେ ପ୍ରସ୍ତାଳପ କରଯାଇଥିଲା। ଛୟାଳିଶି ତମ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡରେ ତା୧୭/୦୫/୨୦୨୫ ରିଖ ବୈଠକରେ, ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଆଲୋଚନା କରଯାଇ ସର୍ବସମତି କ୍ରମେ ହରିଜନକୁ ମୁକ୍ତି କରିବା ପାଇଁ ଆଦେଶ ମଞ୍ଜୁର ହୋଇଥିଲା। ଗତ ୧୯ ଜୁଲାଇ ୨୦୨୫ ସରକାରଙ୍କ ଉପ-ସଚିବ, ଆଇନ ବିଭାଗ, ଓଡିଶା ବନ୍ଦୀ ଭାବେ ଜୀବନ କାଟୁଥିବା ଦୁଲୁ ହରିଜନକୁ ମୁକ୍ତ ନିମନ୍ତେ ଆଦେଶ ପ୍ରଦାନ କରିଥିଲେ। ତଦନୁଯାଇ ଦୁଲୁ ହରିଜନକୁ ତାଙ୍କ ଘରେ ନେଇ ଛଡା ଯାଇଥିଲା କିନ୍ତୁ ତାଙ୍କ ସମ୍ପର୍କୀୟ ମନା କରିବାରୁ ନିର୍ମଳ ଆକାଶ ବୃଦ୍ଧ ।ଶ୍ରମରେ, ତେନ୍ତୁଳିଖୁଣ୍ଟିରେ ଅସ୍ଥାୟି ରୂପେ ଥଇଥାନ କରଯାଇଥିଲା। ମାନ୍ୟବର ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପାର। ଲିଗାଲ ସ୍ୱଚ୍ଛ।ସ୍ୱୋ ହରେଶ ହରିଜନକୁ ଘର ଲୋକଙ୍କ ସହ ବୁଝାସୁଝା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଲୁ ହରିଜନକୁ ସମ୍ପର୍କୀୟ ପରିବାର ବର୍ଗଙ୍କ ଦାୟିତ୍ୱରେ ଛଡ଼ାଯାଇଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦ୍‌ନାମ କରିବା ପାଇଁ ଅପଚେଷ୍ଟା

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ପୁରୀ ଜିଲ୍ଲା ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦନାମ କରିବା ପାଇଁ ଦୀର୍ଘଦିନ ହେବ ଅପଚେଷ୍ଟା ଲାଗି ରହିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ, ବ୍ଲକ୍ ଆକାଉଣ୍ଟସ୍ ମ୍ୟାନେଜରଙ୍କ ସମେତ କର୍ମଚାରୀଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଥିବା ବେଳେ ଏହି ଅଭିଯୋଗ ଉପରେ ଅଡ଼ିଟ୍ କରାଯାଇ ଅଭିଯୋଗର ସତ୍ୟତା ନଥିବା କୁହାଯାଉଛି। ଅଡ଼ିଟ୍ ରିପୋର୍ଟରେ ସଫାସଫା ଲେଖାଯାଇଛି ଏହି ଘଟଣାର ସତ୍ୟତା ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି। ୨୦୧୮-୧୯ ମସିହାରେ ଦାୟିତ୍ୱରେ ଥିବା ବିପିଏମ୍ ଓ ଏନଏଚଏମ୍‌ର ସୁପରଭାଇଜର ନିଜ ସମ୍ପର୍କୀୟଙ୍କ ନାମରେ ଟଙ୍କା ହଡ଼ପ କରିବା ସହ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡ଼ଙ୍କ ବେତନ ଟଙ୍କାକୁ ସମ୍ପର୍କୀୟ ଠିକାଦାରଙ୍କ ଆକାଉଣ୍ଟକୁ ପଠାଇ ଲକ୍ଷାଧିକ ଟଙ୍କା ଚଳୁ କରାଯାଇଥିବା ଅଭିଯୋଗ ହୋଇଥିଲା। ରୋଗୀଙ୍କ ଖାଦ୍ୟ ବାବଦରେ ଆସୁଥିବା ଅର୍ଥ ହଡ଼ପ, ସରକାରୀ ଗାଡ଼ିର ଅପବ୍ୟବହାର, ବିଭିନ୍ନ ସାମଗ୍ରୀ ଉପରେ ବଜାର ଠାରୁ ଅଧିକ ଦାମ୍, ୫ ବର୍ଷ ଧରି ସିକ୍ୟୁରିଟି ଗାର୍ଡ଼ଙ୍କ ଘରଭଡ଼ା, ରୋଗୀ କଲ୍ୟାଣ ସମିତି ପ୍ରହସନ, କାଗଜ ପତ୍ରରେ କେତେକ ସଭ୍ୟଙ୍କୁ କାମ ଦେବା, ଦୁର୍ନୀତି ହେଉଛି ବୋଲି ଏ ସଂପର୍କରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଅଡ଼ିଟ୍ ଟିମ୍ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ତା.୩୦.୦୮.୨୦୨୪ରେ ପହଞ୍ଚି ଥିଲେ। ସେମାନେ ହେଲେ ଏଡ଼ିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ) ଡ଼ଃ ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଅଞ୍ଜଳି ତରାଇ, ପ୍ରଶାସନିକ ଅଧିକାରୀ, ଡ଼ିଏଚ୍‌ଏଚ୍, ପୁରୀ, ହିମାଦ୍ରୀ ସାମଲ ଆକାଉଣ୍ଟ ଅଫିସର, ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପିଏଚ୍‌ଓ ପୁରୀ ବିଜୟ କୁମାର ମିଶ୍ର ଆସିଷ୍ଟାଂଟ୍ (ମେଡ଼ିକାଲ-ବି ଇସଟିଟି), ମନୋଜ କୁମାର ପଣ୍ଡା ଆସିଷ୍ଟାଂଟ ମ୍ୟାନେଜର (ଟ୍ରେନିଂ) ଡ଼ିପିଏମ୍‌ୟୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ଉପସ୍ଥିତିରେ ଅଡ଼ିଟ୍ କରିବା ସହ ଅଭିଯୋଗ ହୋଇଥିବା କର୍ମଚାରୀ ବ୍ଲକ୍ ଆକାଉଣ୍ଟସ୍ ମ୍ୟାନେଜର ଆଶୁତୋଷ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କୌଣସି କାଗଜ ପତ୍ରରେ ବ୍ୟତିକ୍ରମ ନାହିଁ କି ଅର୍ଥ ବାଟ ମାରଣା ହୋଇନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯାଇଛି ବୋଲି ଜାଣିବାକୁ ପାଇଥିଲେ। ଯାହାକି ଅଡ଼ିଟ୍ ରିପୋର୍ଟରେ ସମ୍ପୂର୍ଣ୍ଣ ଭାବେ ଦର୍ଶାଯାଇଛି। ଏ ସମ୍ପର୍କରେ ଚାରିଛକ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଶାନ୍ତ ସାମନ୍ତରାୟଙ୍କ ମତ ନେବାରେ କହିଛନ୍ତି କେତେକ ବ୍ୟକ୍ତି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦନାମ କରିବା ପାଇଁ ରୀତିମତ ଲାଗି ପଡ଼ିଛନ୍ତି। ମିଛ ଅଭିଯୋଗ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦନାମ କରୁଛନ୍ତି ବୋଲି ପ୍ରକାଶ କରିଥିଲେ।

## ମହିଳା ପରିଦର୍ଶିକାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କଣାସ, (ଭାସ୍କର ନ୍ୟୁଜ୍): କଣାସ ଆଇ.ସି.ଡି.ଏସ୍ ପ୍ରୋଜେକ୍ଟ ଆନୁକୂଲ୍ୟରେ ମନ୍ଦାରବସ୍ତ ସେକ୍ଟରର କର୍ମୀମାନେ ସୃଷ୍ଟି କରିଛନ୍ତି ଏକ ନିଆରା ପରମ୍ପରା। ଚଳିତ ମାସରେ ସେକ୍ଟର ମହିଳା ପରିଦର୍ଶୀକା ଅଞ୍ଜନା ଜେନାଙ୍କର ଚାକିରୀରୁ ଅବସର ହେଉଥିବାରୁ ସେକ୍ଟର ସମସ୍ତ ୩୪ଟି ଅଙ୍ଗନବାଡି କେନ୍ଦ୍ର ଗଡବଡପୁଟ, ଗଡସାନପୁଟ, ଅଁଳାଯୋଡି ଗ୍ରାମପଞ୍ଚାୟତର କର୍ମୀ ଓ ସହାୟୀକା ମିଳିତ ଭାବେ ଏକ ସମ୍ବର୍ଦ୍ଧନା ସଭା ବାରିମଣ୍ଡଳ ଠାରେ ପ୍ରତିଷ୍ଠିତ ଗତିଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ଉତ୍ସବ ଆଜି ପାଳନ କରିଥିଲେ। କଣାସ ବ୍ଲକ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସ୍ମିତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏକତ୍ରିତ ହେବାର ହସଖୁସୀର ମହାଲଟି କ୍ଷଣିକ ପାଇଁ ଶୋକାକୁଳ ହୋଇଯାଇଥିଲା। କର୍ମୀମାନେ ପରିଦର୍ଶୀକାଙ୍କର ଶାନ୍ତ, ସରଳ, ମାତୃତ୍ୱ ପୂର୍ଣ୍ଣ ଗୁଣ ବଖାଣି ଥିଲେ। ତତ୍‌ପରେ କର୍ମୀମାନଙ୍କର ଏକ ଅଭିନବ ପ୍ରୟାସ ବିଗତ ୨୫ବର୍ଷ ମଧ୍ୟରେ କାର୍ଯ୍ୟରୁ ଅବସର ପ୍ରାପ୍ତ ସେକ୍ଟର ୫ଜଣ ସହାୟୀକା ଭଉଣୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣାସ ଆଇ.ସି.ଡି.ଏସ୍ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।



କେନ୍ଦୁଝର, (ଭାସ୍କର ନ୍ୟୁଜ): ଲଗାଣଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ କାନପୁରରୁ ବିସ୍ଥାପିତ ଚମକପୁର ପଞ୍ଚାୟତର ରୁଗୁଡ଼ି ଗ୍ରାମର ଶତାଧିକ ଆଦିବାସୀ ପରିବାରଙ୍କୁ ବିଶିଷ୍ଟ ସମାଜସେବି ତଥା ମାନ୍ୟବର ବିଧାୟକ ଚମ୍ପୁଆ ସନାତନ ମହାକୁଡ଼ଙ୍କ ଦ୍ୱାରା ପରିଚାଳିତ ମା' ଜଗତଜନନୀ ସେବା ଟ୍ରଷ୍ଟ ନମ୍ବିରା ତରଫରୁ ଦରିପାଲ ବଣ୍ଟନ କରାଯାଇଛି। କାନପୁର ଡ୍ୟାମ ନିମନ୍ତେ ପୂର୍ବରୁ ଏହି ଶତାଧିକ ଆଦିବାସୀନିମନ୍ତେ ବହୁ ହଇରାଣ ହେଉଥିବା ବେଳେ ବର୍ତ୍ତମାନ ଲଗାଣ ଲଘୁଚାପବର୍ଷା ଯୋଗୁଁ ଯୋଡ଼ାବ୍ଲକ ଚମକପୁର ପଞ୍ଚାୟତର ରୁଗୁଡ଼ି ଗ୍ରାମବାଶୀଙ୍କ ଅସୁବିଧାକୁ ଦିଗୁଣିତ କରିଛି। ଏ ସମ୍ପର୍କରେ ଖବର ପାଇ ଚମ୍ପୁଆ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ବିଧାୟକଙ୍କ ଜିଲ୍ଲା ପ୍ରତିନିଧି ତଥା ସମାଜସେବି ସଞ୍ଜୀବ ବେହେରା ଯୋଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ଚମକପୁର ସରପଞ୍ଚ ଶକୁନ୍ତଳା ନାଏକ, ସରପଞ୍ଚ ଅର୍ଜୁନ ବେହେରା, ୱାଡମେମ୍ବର ସଂଯୁକ୍ତା ଆପଟ, ନଳିନୀ ନାଏକ, ପୂର୍ବତନ ସରପଞ୍ଚ ପ୍ରଭାକର ନାଏକଙ୍କ ସମେତ କାର୍ତ୍ତିକ ନାଏକ, ବିଶୁ ଆପଟ, ଜଗନ୍ନାଥ ବାରିକ, ଦିନେଶ ଦାସ ପ୍ରମୁଖ ଉକ୍ତ ଉପାନ୍ତ ଅଞ୍ଚଳକୁ ଯାଇ ଶତାଧିକ ମୁଣ୍ଡା ସମ୍ପ୍ରଦାୟର ଆଦିବାସୀ ପରିବାରଙ୍କୁ ବର୍ଷାରୁ ରକ୍ଷା ପାଇବାପାଇଁ ଦରିପାଲ ବଣ୍ଟନ କରିଛନ୍ତି। ଏହି ମହତକାର୍ଯ୍ୟ ସମାଜସେବା ଟ୍ରଷ୍ଟ ଦ୍ୱାରା ହେଇଥିବାରୁ ଗ୍ରାମବାଶୀଙ୍କ ମନରେ ଆନନ୍ଦ ଖେଳି ଯିବା ସହ ଉକ୍ତ ପ୍ରଶଂସିତ ହୋଇଛି।

## ଦୋକାନ ଗୃହ ଭାଙ୍ଗିବାକୁ ନେଇ ମାମଲା ରୁଜୁ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବଜାରରେ ଥିବା କିଛି ଦୋକାନ ଗୃହକୁ ଭାଙ୍ଗାଯିବାକୁ ନେଇ ତିହିଡ଼ି ଥାନାରେ ୧୭ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୁଲିସ କେଶ ନଂ୨୬୧/୨୫, ଦଫା ୧୨୬(୨), ୧୧୫(୨), ୭୪, ୩୦୩(୨), ୩୨୪(୪), ୩୫୧(୨), ୩(୫) ବିଏନଏସରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଅଭିଯୋଗ କାରିଣୀ ବିଶ୍ୱମୈତ୍ରୀ ନାୟକଙ୍କ ଅଭିଯୋଗରୁ ଜଣାପଡ଼ିଛି ଯେ, ତିହିଡ଼ି ବଜାରରେ ଥିବା ମିର୍ଜାପୁର ମୌଜା ଅଧୀନ ଖାତା ନଂ.୧୦୫୩, ପ୍ଲଟ ନଂ ୨୪୬୨, ଘରବାଡ଼ି କିସମର ୮ଡିସ୍ମିଲ ଜମି ବିଶ୍ୱମୈତ୍ରୀଙ୍କ ଶଶୁର ଘରର ଅଂଶୀଦାରମାନଙ୍କ ଜଏଣ୍ଟ ସମ୍ପତ୍ତି ଅଟେ। ଏହି ସମ୍ପତ୍ତିକୁ ନେଇ ଜିଲ୍ଲା ଜଜ କୋର୍ଟଙ୍କ ଅଦାଲତରେ କେଶ ନଂ ଆର.ଏଫ.ଏ-୧୧୫/୨୦୨୪ ଏବଂ ଚକବନ୍ଦୀ ଅଦାଲତରେ କେଶ ନଂ ଆରଏଲ ନହ ୨୦/୨୦୨୫ ବିଚାରାଧୀନ ଅଛି। ଏ ସମ୍ପର୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗା ଯାଇଛି। ମାତ୍ର ଜୁଲାଇ ୨୯ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ଅଂଶୀଦାର ଦିପ୍ତୀମୟୀ ବେହୁରା, ଜ୍ୟୋତିରଂଜନ ବେହୁରା, ଦୀପକ ବେହୁରା, ରବିନାରାୟଣ ବେହୁରାଙ୍କ କଥାରେ ପରିଚାଳିତ ହୋଇ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଜେସିବି ଲଗାଇ ତାଙ୍କ ଦୋକାନ ଗୃହକୁ ଭାଙ୍ଗୁଥିଲେ। ଖବର ପାଇ ବିଶ୍ୱମୈତ୍ରୀ ଏବଂ ତାଙ୍କର ପୁଅ ତାଳଧ୍ୱଜ ଘଟଣା ସ୍ଥଳରେ ପହଞ୍ଚି ଦୋକାନ ଗୃହ ଭଙ୍ଗାକୁ ବିରୋଧ କରିଥିଲେ। ମାତ୍ର ଅପରପକ୍ଷମାନେ ଖଣ୍ଡା ଭୁଜାଲି ଧରି ତାଙ୍କୁ ଓ ତାଙ୍କ ପୁଅକୁ ଜୀବନରୁ ମାରି ଦେବା ପାଇଁ ମରଣାନ୍ତକ ଆକ୍ରମଣ କରିବା ସହିତ ବିଶ୍ୱମୈତ୍ରୀଙ୍କୁ ଅସଦାଚରଣ କରି ତଳେ ପକେଇ ଦେଇଥିଲେ। ଏଥି ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ମଧ ଗାଳି ଗୁଲଜ କରି ସେଠାରେ ଥିବା ସିସିଟିଭିକୁ ଭାଙ୍ଗି ଦେଇଥିଲେ। ଏହି ଦୋକାନ ଗୃହକୁ କେତେକ ଦୋକାନୀ ଭଡ଼ା ସୂତ୍ରରେ ନେଇଥିଲେ। ସେହି ଦୋକାନ ଗୃହରେ ଥିବା ୫ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଛି। ଆଇନର ଆଶ୍ରୟ ନେଲେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଚମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଉଦୟକଣୀରୁ ଶୁଭୁନାହିଁ ସାହାନାଇ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବାଜା, ଶଙ୍ଖ, ତୁରୀ, ମହୁରୀ ସବୁ ଯେମିତି ନିସ୍ତେଜ ଯାଇଛି। ଦୁଆର କାନ୍ଥରେ ଲେଖା ଯାଉଥିବା ମଙ୍ଗଳ ଆଲେଖ୍ୟ ବି ଯେମିତି ଲିଭିଗଲାଣି। କାରଣ କିଛିବର୍ଷ ହେବ ଗାଁରେ ଆଉ ସାହାନାଇ ବାଜୁନି। ଆଉ ଏ ସବୁ ବିପତ୍ତି ଘୋଟି ଆସିଛି ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରୂପ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯେ ସାମାଜିକ ଜୀବନ କୁ ପ୍ରଭାବିତ କରୁଛି ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଂଚାୟତ ଉଦୟକଣି ଗାଁରେ। ଗୋଟି ପାଖେ ସମୁଦ୍ର। ଆର ପାଖେ ଚାଷ ଜମିକୁ ଘେରି ଉଦୟକଣି ଗାଁ। ଏହି ଗାଁରେ ବସବାସ କରନ୍ତି ୩୦ ଗୋଟି ପରିବାର। ସାରା ଓଡିଶାକୁ ଛାରଖାର କରି ଦେଇଥିବା ୧୯୯୯ମହାବାତ୍ୟା ତାଣ୍ଡବର ସାକ୍ଷୀ ସାଜିଥିଲା ଉଦୟକଣୀ ଗାଁ। ବଙ୍ଗୋପସାଗରରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଘନ ଘନ ଲଘୁଚାପର ଅସ୍ଥିରତା କେବଳ ସ୍ଥାନୀୟ ଚାଷଜମିକୁ ପ୍ରଭାବିତ କରିନି ବରଂ ସ୍ଥାନୀୟ ଅଂଚଳରେ ଭୂତଳ ଜଳରେ ଲବଣତା ବି ବୃଦ୍ଧି ପାଇଛି। ଯାହାକି ଲୋକଙ୍କ କୃଷି ଉତ୍ପାଦନ, ଜମିର ଗୁଣବତ୍ତା, ଜୀବନଜୀବିକା ସହ ବିବାହ ଭଳି ସାମାଜିକ ଚଳଣିକୁ ବି ପ୍ରଭାବିତ କରିଛି। ଉଦୟକଣି ଗ୍ରାମର ଅକ୍ଷୟ କୁମାର ମଲ୍ଲିକ କୁହନ୍ତି, ଯେତେବେଳେ ସ୍ଥାନୀୟ ଅଞ୍ଚଳର ମୃର୍ତ୍ତିକା ଲବଣାଂସର ମାତ୍ରା ବୃଦ୍ଧି ପାଇଲା ସେତେବେଳେ ଆମର ଫସଲ ବି ନଷ୍ଟ ହୋଇଗଲା। ଧୀରେଧୀରେ ଏହା ଭୂତଳ ଜଳକୁ ପ୍ରଭାବିତ କଲା। ଆଉ ଏବେ ପରିସ୍ଥିତି ଏମିତି ହୋଇଛି କି ଆମର ପୁଅମାନଙ୍କୁ ବିବାହ କରିବା ପାଇଁ କଷ୍ଟକର ହୋଇପଡିଛି। କାରଣ ବାହାର ଗାଁର ଲୋକ ବିଭିନ୍ନ ସମସ୍ୟା ପାଇଁ ରାଜୀ ହେଉନାହାନ୍ତି। ଝିଅ ବାହା ଦେବାକୁ ଆଗ୍ରହ ଦେଖାଉ ନାହାନ୍ତି। ଗାଁର ଅନ୍ୟ ଜଣେ ମଙ୍ଗୁ କାଣ୍ଡି କୁହନ୍ତି କେବଳ ବିବାହ ନୁହେଁ ଏବେ ଆମ ଅଞ୍ଚଳର ମାଟିର ଗୁଣବତ୍ତା ଏପରିକି ପିଇବା ପାଣି ବି ଅଯୋଗ୍ୟ ହୋଇଗଲାଣି। ଯାହାକି ଜଳବାହିତ ରୋଗର କାରଣ ସାଜିଛି। ଏବେ ଘରକୁ କୁଣିଆ କିମ୍ବା ଗାଁ କୁ କୌଣସି ଉଚ୍ଚ ସ୍ତରୀୟ ଲୋକ ଆସିଲେ ଦୋକାନ ରୁ ପାଣି କିଣିବାକୁ ପଡୁଛି ଏହା ଶହ ଘରକୁ କୁଣିଆ ଆସିଲେ ମାତ୍ର ଗୋଟେ ଓଳି ରହିବାକୁ ବି ଇଚ୍ଛା କରୁନାହାନ୍ତି। କାରଣ ଆମେ ତାକୁ ପିଇବା ପାଣି ଟିକେ ଭଲ ଭାବେ ଦେଇ ପାରୁନୁ। ୨୦୨୧ରେ ଭାରତୀୟ ଅନ୍ତରିକ୍ଷ ଗବେଷଣା ସଂସ୍ଥା (ଇସ୍ରୋ)ର ରିପୋର୍ଟ ଅନୁସାରେ ଓଡିଶାର ୪୫୦ କିଲୋମିଟର ସମୁଦ୍ର ବେଳାଭୂମି କୁ ନେଇ ଏକ ବିଶ୍ଳେଷଣ କରାଯାଇଥିଲା। ଏହି ତଥ୍ୟ ଅନୁସାରେ ୧୪୪କିଲୋମିଟର ବେଳାଭୂମି ସମୁଦ୍ର ଅବକ୍ଷୟ ଯୋଗୁଁ ଗଭୀର କ୍ଷତିର ସମ୍ମୁଖୀନ ହେଉଥିବା ବେଳେ ୯୯ କିଲୋମିଟର ବେଳାଭୂମିରେ ଆଲୁଭିଆଲ ସେଡ଼ିମେ (ପଟୁ ମାଟି)ଜମା ହୋଇ ରହିଛି। ୨୦୨୩ରେ ବିଧାନସଭା ରେ ରଖାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ସରକାର କହିଥିଲେ ସମୁଦ୍ର ପତନର ବୃଦ୍ଧି ଯୋଗୁଁ ରାଜ୍ୟର ପାଖାପାଖି ୧୬ଟି ଗାଁ ସମୁଦ୍ର ଭିତରେ ଲୀନ ହୋଇ ସାରିଥିବା ବେଳେ ୨୪୭ଟି ଗାଁ ଆସନ୍ନ ବିସ୍ଥାପନ ଭଳି ସମସ୍ୟାକୁ ସାମ୍ନା କରିବା ଆଶଙ୍କା ଭିତରେ ଅଛି। ମିଳିତ ଜାତିସଙ୍ଘ ଖାଦ୍ୟ ଓ କୃଷି ସଂଗଠନ ଏଫଏଓ (ଫୁଡ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଯଶନ)ର ଏକ ଅଧ୍ୟୟନରୁ ଜଣାଯାଇଛି ଯେ ବିଶ୍ୱର ୮୩୩ ନିୟୁତ ହେକ୍ଟର ମାଟି ପୂର୍ବରୁ ଲବଣାକ୍ତ ହୋଇ ସାରିଥିବା ବେଳେ ତା ଭିତରୁ ୧୦%ଚାଷ ଜମି। ଗାଁର ବୁଧେଶ୍ୱର ନାମକ ବ୍ୟକ୍ତି କୁହନ୍ତି ଚାଷ ଜମି ପାଇଁ ଏବେ ସିନା ଗାଁରେ ପଡ଼ି ରହିଛୁ, ହେଲେ ଅମଳ ଆଉ ହେଉନି। ପୀଢ଼ି ପରେ ପୀଢ଼ି ଧରି ଆମେ ଚାଷ କରୁଥିଲୁ। ହେଲେ ଜମି ସବୁ ଉଚ୍ଚ ଜୁଆର ପାଣି ପଶି ଯାଉଛି କେତେବେଳେ ମରୁଡ଼ି ଭଳି ହୋଇଯାଉଛି। ତେଣୁ ପିଲାମାନଙ୍କୁ ଦୂରକୁ ପଠାଇ ଦେବା ଛଡ଼ା ଆମ ପାଖରେ ଆଉ କିଛି ବିକଳ୍ପ ନାହିଁ। ସ୍ଥାନୀୟ ଲୋକେ ଦାବି କରିଛନ୍ତି ରାଜ୍ୟ ସରକାର ଏହାକୁ ଦୃଷ୍ଟି ଦେଇ ବିଭିନ୍ନ ସମସ୍ୟା ଦୂରୀଭୂତ ପାଇଁ ସୁବନ୍ଦୋବସ୍ତ କରିବାକୁ।

## ନବାଗତଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧକ୍ଷ ଡ଼ଃ ସ୍ନେହାଞ୍ଜଳି ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। +୨ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ୧ମ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ନୃତ୍ୟ ଗୀତର ତାଳେ ତାଳେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରାକ୍ତନ ଅଧକ୍ଷ ସରୋଜ କୁମାର ବଳିୟାର ସିଂହ ଏଥିରେ ଯୋଗ ଦେଇ ବକ୍ତବ୍ୟରେ ଛାତ୍ର ଛାତ୍ରୀଙ୍କ କଠିନ ଅଧବସାୟ, ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧକ୍ଷା ଡ଼ଃ ମହାନ୍ତି କଠୋର ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ପ୍ରକାଶ କରି ତଦନୁଯାୟୀ ଛାତ୍ର ଛାତ୍ରୀ ମାନେ ନିଜ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଏଥିରେ ଭାଗ ନେଇ ଛାତ୍ରଛାତ୍ରୀମାନଙ୍କୁ ସମାଜରେ ସୁମଣିଷ ହେବାକୁ ପରାମର୍ଶ ଦେଇଥିଲେ।

## ଅବସର ନେଲେ ଜଳସମ୍ପଦ ବିଭାଗ ଏସଡିଓ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଆଖୁଆପଦା ଜଳସମ୍ପଦ ବିଭାଜନ ଇଷ୍ଟିମେଟର ତଥା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ କେଶବ ଚନ୍ଦ୍ର ବେହେରା ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବେହେରାଙ୍କୁ କାର୍ଯ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଖୁଆପଦା ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଉପଖଣ୍ଡ ଅଧିନ ଭଦ୍ରକ କନିଷ୍ଠ ଯନ୍ତ୍ରୀ ବିମଳ ବେହେରା, ବାରିକପୁର ସେକ୍ସନ କନିଷ୍ଠ ଯନ୍ତ୍ରୀ ନରସିଂହ ସୋରେନ, ଭଣ୍ଡାରିପୋଖରୀ ସେକ୍ସନ କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡାଙ୍କ ସମେତ ସମସ୍ତ ସେକ୍ସନର କର୍ମଚାରୀମାନେ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ରମାକାନ୍ତ ପରିଡା ଧନ୍ୟବାଦ ଦେଇଥିଲେ। ଆଖୁଆପଦାର ନୂତନ ଏସ.ଡି.ଓ ଭାବେ ବିଞ୍ଝାରପୁର ଏସ.ଡି.ଓ. ଚୈତନ୍ୟ ଜେନା ଦାଇତ୍ୱ କରିଥିବା ଜଣାଯାଇଛି।

## ନିଆଳି ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ମଣ୍ଡଳ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନା ରାଣୀ ମହାପାତ୍ର ଗୁରୁବାର ୩୧ ତାରିଖ ଦିନ ଅବସର ଗ୍ରହଣ କରିଛନ୍ତି। ଏହି ଅବସର ରେ ଯାଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅପରାହ୍ନରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସଭାପତିତ୍ୱ କରୁଥିଲେ ସହ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂ। ଅତିଥିଭାବେ ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ କୋଷାଧକ୍ଷ ଓଷ୍ଟା, ଓଡିଶା ଅଶୋକ କୁମାର ମହାପାତ୍ର, କୁମର ବାର ସାମଲ ପ୍ରଧାନଶୀକ୍ଷକ ନିଆଳି ଉଚ୍ଚ ବିଦ୍ୟାଳୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦୀକ୍ଷିତ, ନିଆଳି ମଣ୍ଡଳ ଶିକ୍ଷା ଅଧିକାରିଣୀ ପ୍ରତିମା ମହାନ୍ତି, ସହ ଶିକ୍ଷା ଅଧିକାରିଣୀ ହିରଣ୍ମୟୀ ମିଶ୍ର ଉପସ୍ଥିତ ରହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ, ସି ଆରସି ନିରଞ୍ଜନ ପ୍ରସାଦ ନାୟକଙ୍କ ଦ୍ୱାରା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ, ସହ ଶିକ୍ଷା ଅଧିକାରିଣୀ ହୀରଣ ମୟୀ ମିଶ୍ରଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ମହାପାତ୍ର ତାଙ୍କ କାର୍ଯ୍ୟକଳାପ ମଧ୍ୟରେ କିଭଳି ନିଷ୍ଠାର ସହ ତାଙ୍କ କାର୍ଯ୍ୟ ତୁଲାଇଥିଲେ ସେଥିପ୍ରତି ଆଲୋକପାତ କରାଯାଇଥିଲା। ସିଆରସି ପବିତ୍ର କୁମାର ରାଉତଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥଲା।

## ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ସଦର ମହକୁମା ନବରଙ୍ଗପୁର ଠାରେ ଆସନ୍ତା ୭୯ ତମ ସ୍ୱାଧିନତା ଦିବସ - ୨୦୨୫ ପାଳନ ଉପଲକ୍ଷେ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ୍, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ନବରଙ୍ଗପୁର ବିଧାୟକ ପ୍ରତିନିଧି ଏ ସୁରେଶଙ୍କ ସମେତ ଆମନ୍ତ୍ରିତ ବିଭିନ୍ନ ଶିକ୍ଷାନୁଷ୍ଠାନ ର କର୍ମକର୍ତ୍ତା, ଦିବସ ପାଳନ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ ତଥା ଗଣମାଧମ ପ୍ରତନିଧି ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଦିବସ ପାଳନର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ସ୍ୱାଧୀନତା ଦିବସ ଦିନ ସକାଳ ୪.୩୦ ମି ସମୟରେ ସୁଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ୍ ପରିବେଷଣ, ସକାଳ ୭ଟାରେ ସହର ସ୍ଥିତ ସମସ୍ତ ମହା ପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା, ସକାଳ ୭.୩୦ ମି. ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ଷ୍ଟାଡିୟମ ଠାରେ ସକାଳ ୦୯.୧୫ ମି. ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ ଅଭିବାଦନ ସହ ଉଦବୋଧନ କାର୍ଯ୍ୟକ୍ରମ ରହିଛି। ବ୍ୟାରିକେଡିଂ, ଟେଣ୍ଟ ଓ ଚୌକି ବ୍ୟବସ୍ଥା, ରାସ୍ତା ଓ ନାଳନର୍ଦ୍ଦମା ସଫା ସୁତୁରା, ପ୍ରତିମୂର୍ତ୍ତି ସ୍ଥଳ ସଫା, ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା, ପ୍ୟାରେଡ ଅଭ୍ୟାସ, ସାମୂହିକ ପ୍ୟାରେଡ୍, ଫଳ ଓ ମିଷ୍ଟାନ୍ନ ବଣ୍ଟନ, ବିଭିନ୍ନ ପ୍ରତିଯୋଗିତା,ଅଗ୍ନି ନିର୍ବାପନ, ପିଇବା ପାଣି, ପ୍ରାଥମିକ ଚିକିତ୍ସା ଆମ୍ବୁଲାନ୍ସ, ଅସ୍ଥାୟୀ ବିଦ୍ୟୁତ ଯୋଗାଣ, ଅସ୍ଥାୟୀ ଶୌଚାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ମାନ, ଫଳ ଓ ମିଷ୍ଟାନ୍ନ ବଣ୍ଟନ ସୂଚାରୁରୂପେ ନିର୍ବାହ କରିବା ପାଇଁ ସମ୍ପୃକ୍ତ ପୂର୍ତ୍ତ, ପୌର ପରିଷଦ, ସ୍ୱାସ୍ଥ୍ୟ ବିଭାଗ, ପୋଲିସ୍, ଉଦ୍ୟାନ ବିଭାଗ, ପିଏଚ୍ଡି, ଯୋଗାଣ ବିଭାଗ, ଶିକ୍ଷା ବିଭାଗ, ସମାଜ କଲ୍ୟାଣ, ଜିଲ୍ଲା ପରିବହନ, ସ୍ୱମନୀତ ଆଦିବାସୀ ଉନ୍ନୟନ ସଂସ୍ଥା, କୃଷି, ସଂସ୍କୃତି, ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଗଲା। ଚଳିତ ବର୍ଷ ବିଭିନ୍ନ ସ୍କୁଲ୍ କଲେଜ୍‌ରୁ ୨୭ ଟି ପ୍ଲାଟୁନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ୟାରେଡ୍ ଅଭ୍ୟାସ ପାଇଁ ପ୍ରତ୍ୟେକ ପ୍ଲାଟୁନ୍ ୧୧/୮,୧୨/୮ ଏବଂ ୧୩/୮/୨୦୨୫ ସକାଳ ୦୮.୦୦ ଘ: ସମୟରେ ନବରଙ୍ଗପୁର ଷ୍ଟାଡିୟମରେ ଉପସ୍ଥିତ ରହି ପ୍ୟାରେଡ ଅଭ୍ୟାସ କରିବେ। ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ ଅନୁଷ୍ଠାନ ନିଜ ନିଜର ଦାୟିତ୍ୱ ଠିକ୍ ରୂପେ ତୁଲାଇବାକୁ କହିବା ସହ ସ୍ୱାଧୀନତା ଦିବସକୁ ଶାନ୍ତି ଶୃଙ୍ଖଳା ସହ ମହା ସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ଦୁଇଟି ଫାଷ୍ଟଫୁଡ୍ ଦୋକାନରୁ ଚୋରି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ପ୍ରତ୍ୟେକ ଦିନ କୌଣସି ନା କୌଣସି ଅଞ୍ଚଳରୁ ଚୋରି ହୋଇଥିବା ଖବର ଶୁଣି ବାକୁ ମିଳୁଛି। ଏସବୁ ଅଞ୍ଚଳରେ ଚୋରି ରୋକିବାରେ ପୋଲିସ ବିଫଳ ହେଉଛି। ଖାଲି ରୋକିବାରେ ନୁହଁ କାଁଭାଁ କେତୋଟି ଚୋରି ଘଟଣାରେ ପୋଲିସ ଚୋରକୁ ଧରିବାରେ ସଫଳ ହେଉଥିଲେ ବାକି ଘଟଣାରେ ପୋଲିସ ହାତ ଖାଲି ରହୁଛି। ପୋଲିସ ଡାଳେଡାଳେ ଗଲେ ଚୋର ପତ୍ରେ ପତ୍ରେ ଯାଉଛନ୍ତି। ଏହିଭଳି ଏକ ଘଟଣାକୁ ନେଇ ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି। ଦଶମନ୍ତପୁର ବ୍ଲକ ପଦଗଡ଼ ପଞ୍ଚାୟତ ସଦର ବଜାର ଉପରେ ଥିବା ଏକ ଗ୍ରୋସରୀ ଦୋକାନରୁ କିଛି ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରି ପୋଲିସ ହାତରେ ଧରା ପଡ଼ିଥିବା ବେଳେ ଗୁରୁବାର ପୁଣି ୩୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଦୁଇଟି ଫାଷ୍ଟଫୁଡ ଦୋକାନରୁ ଚୋରି ହୋଇଥିବା କୋରାପୁଟ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ଉଭୟ ଦୁଇଟି ଦୋକାନରୁ କିଛି ଗ୍ରୋସରୀ ଜିନିଷ ସହ ୨୦ ହଜାର ଟଙ୍କା ଡ୍ର ଭାଙ୍ଗି କେହି ନେଇଯାଇଥିବା ଜଣାପଡିଛି। ଏନେଇ ସଦର ପୋଲିସ ଘଟଣା ସ୍ଥଳ ପହଞ୍ଚି ତଦନ୍ତ କରି ଫେରି ଯାଇଥିବା ବେଳେ ପୋଡ଼ଗଡ଼ ଠାରେ ପୋଲିସର ଏକ ଆଉଟ ପୋଷ୍ଟ କରିବାକୁ ସାଧାରଣରେ ଦାବି ହୋଇଛି।

## ଅସଦାଚରଣ ଓ ଦୁଷ୍କର୍ମ ଉଦ୍ୟମ କରି ହାବିଲଦାର ଗିରଫ



ବାଙ୍କୀ, (ଭାସ୍କର ନ୍ୟୁଜ୍): ବାଙ୍କି ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ରତାଗଡ ପଞ୍ଚାୟତ ସ୍ଥିତ ଗୋବିନ୍ଦ ପୁର ଗ୍ରାମର ନିଶିକାନ୍ତ ରାଉତ ଜଣେ ମହିଳା ଙ୍କ ଘରେ ପଶି ଅସଦାଚରଣ କରିବା ସହିତ ରେପ୍ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ଉକ୍ତ ଯୁବକ କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଗୋବିନ୍ଦ ପୁର ଗ୍ରାମର ନିଶିକାନ୍ତ ରାଉତ ଜଣେ ପୋଲିସ ହାବିଲଦାର ଭାବେ କଟକ ୬ ବାଟାଲିୟନରେ କାର୍ଯ୍ୟ କରନ୍ତି। ପୋଲିସ ଚାକିରି କରିଥିବାରୁ ଗ୍ରାମ କୁ ଆସିଲେ ଭାରି ଖାତିର ଦେଖାନ୍ତି ବୋଲି ଗ୍ରାମର ଲୋକମାନେ କୁହନ୍ତି। ଗତ ୨୭ ତାରିଖ ଦିନ ଗ୍ରାମକୁ ଆସିଥିବା ବେଳେ ସନ୍ଧ୍ୟା ସମୟରେ ସେହି ଗ୍ରାମର ପ୍ରମୋଦ ମହାରଣାଙ୍କ ଘର ଭିତରକୁ ମନ୍ଦ ଉଦ୍ଦେଶ୍ୟ ରଖି ପଶି ଯାଇଥିଲା। ପ୍ରମୋଦଙ୍କ ପତ୍ନି ନଳିନୀ ମହାରଣା ସନ୍ଧ୍ୟା ଧୂପ ଦେଉଥିବା ସମୟରେ ନିଶିକାନ୍ତ ନଳିନୀଙ୍କୁ କୁଣ୍ଢାଇ ଧରିଥିଲା। ନିଶିକାନ୍ତ ନିଜେ ଉଲଗ୍ନ ହୋଇ ନଳିନୀଙ୍କ ଲୁଗା ଟାଣି ଉଲଗ୍ନ କରିବା ପାଇଁ ଉଦ୍ୟମ କରିଥିବା ବେଳେ ନଳିନୀଙ୍କୁ ଜୋର ଜବରଦସ୍ତ କୁଣ୍ଢାଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବା ବେଳେ ନଳିନୀ ଜୋରରେ ଚିତ୍କାର କରିବାରୁ ପାଟି କଲେ ଜୀବନରୁ ମାରିଦେବା ପାଇଁ ଧମକ ଦେଉଥିବା ସମୟରେ ନଳିନୀଙ୍କ ଚିତ୍କାର ଶୁଣି ଘର ଲୋକ ଓ ପଡ଼ୋଶୀ ଲୋକେ ଧାଇଁ ଆସି ନଳିନୀଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତିକିରେ ସନ୍ତୁଷ୍ଟ ହୋଇ ନଥିଲେ ପୋଲିସ ବାବୁ ନିଶିକାନ୍ତ। ପୋଲିସରେ ଚାକିରି କରିଛି ମୁଁ ଯାହା କହିବି ମୋତେ ଧରିବାକୁ କେହି ନାହାନ୍ତି। ଯଦି ଏ ବିଷୟରେ ବାହାରେ ପରିପ୍ରକାଶ କରିବୁ ତେବେ ତୋ ସହ ତୋ ସ୍ୱାମୀ, ପୁଅ ଓ ପରିବାର ଲୋକଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ମଧ ଦେଇଥିବା ନଳିନୀ ଅଭିଯୋଗ ରେ ପ୍ରକାଶ କରିଛନ୍ତି। ସୂଚନା ଥାଉ କି ଗତ ୨୭ ତାରିଖ ସନ୍ଧ୍ୟା ସମୟରେ ଏଭଳି ଅମାନୁଷିକ ଘଟଣା ଘଟିଥିବା ବେଳେ ମାନସିକ ଚାପରେ ଭୟଭିତ ଥିବା ସତ୍ତ୍ୱେ ୨୮ ତାରିଖ ଦିନ ବାଙ୍କୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ ନଳିନୀ। ଅଭିଯୁକ୍ତ ନିଶିକାନ୍ତ ଏଭଳି ଅମାନୁଷିକ ଘଟଣା ଘଟାଇ ଖୁଲମ ଖୋଲା ବୁଲୁଥିବା ବେଳେ ନିଶିକାନ୍ତ ପୋଲିସ ରେ ଚାକିରି କରିଛି ବୋଲି ବାଙ୍କି ପୋଲିସ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ଜାରି ରଖିଥିଲେ ବୋଲି ଅଭିଯୋଗ କରିଛନ୍ତି ନଳିନୀଙ୍କ ପରିବାର। ଏଭଳି ଘଟଣା ସମ୍ପର୍କରେ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁଙ୍କୁ ପଚାରିବାରୁ କହିଲେ ଥାନା କେସ ନଂ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି ଥାନରେ ଅଟକ ରଖାଯାଇଛି ବୋଲି ସୂଚନା ଦେଇଛନ୍ତି ଆଇଆଇସି ଭୂୟାଁ।

## ଛାତ୍ରୀ ଉତ୍ପୀଡନ ସଚେତନତା

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱରର ସର୍ବ ପୁରାତନ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର ମାନଙ୍କ ଉତ୍ପିଡନ ବିରୋଧି ସଚେତନତା ଓ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧକ୍ଷା ମାମୀରାଣୀ ମହାନ୍ତି ସଭାପତିତ୍ୱ କରି ସାମ୍ପ୍ରତିକ ସମାଜରେ ଏହାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅଧ୍ୟାପିକା ଅଞ୍ଜଳି ଚକ୍ରବର୍ତ୍ତୀ, ସୁରତି ଦେ, ଚନ୍ଦ୍ର ଲେଖା ମହାକୁଡ଼, ଉଦୟ କୁମାର ଗିରି, ସନ୍ଧ୍ୟାରାଣୀ ସିଦାର ପ୍ରମୁଖ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଛାତ୍ରୀ ମାନଙ୍କ କର୍ତ୍ତବ୍ୟ ସଚେତନତା, ସତର୍କତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶାସନିକ କ୍ଷେତ୍ରରେ ଶୃଙ୍ଖଳା, ତତ୍ପରତା, ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ସମ୍ପର୍କରେ ବକ୍ତବ୍ୟ ରଖି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।

## ୭ରେ ହେବ ମାପ ଚିହ୍ନଟ ଓ ଜବରଦଖଲ ଉଚ୍ଛେଦ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଅଗଷ୍ଟ ୭ ତାରିଖ ଦିନ ୧୧ ଘଟିକା ସମୟରେ ମାପ ଚ଼ିହ୍ନଟ ହୋଇ ବୋଲଗଡ ତହସିଲ ଅଧିନ ରାସୋଳ ଗ୍ରାମରେ ଜବରଦଖଲ ହୋଇଥିବା ରାସ୍ତା ଉଚ୍ଛେଦ ହେବବୋଲି ତହସିଲ କାର୍ଯ୍ୟାଳୟରୁ ନୋଟିସ ଜାରି ହୋଇଛି। ପୂର୍ବରୁ ଏହି ସରକାରୀ ରାସ୍ତାର ମାପ ଚ଼ିହ୍ନଟ ହୋଇଥିବାବେଳେ ଜବରଦଖଲକାରୀ ମାନେ ସନ୍ତୁଷ୍ଟ ନଥିଲେ ବୋଲି ତହସିଲଦାରଙ୍କୁ କହିଥିଲେ। ସେମାନେ ପୁନର୍ବାର ମାପ ଚିନ୍ହଟ କରିବା ପାଇଁ ବୋଲଗଡ ତହସିଲଦାର ବିଜୟ ସେଠୀଙ୍କୁ ଅନୁରୋଧ କରିଥିଲେ। ତହସିଲଦାର ସେଠୀ ସେମାନଙ୍କ ଅନୁରୋଧ ରକ୍ଷା କରି ପୁନର୍ବାର ରାସୋଳ ଗ୍ରାମବାସୀଙ୍କ ଉପସ୍ଥିତରେ ମାପ ଚିହ୍ନଟ ହୋଇ ଜବରଦଖଲ ଉଚ୍ଛେଦ ହେବ ବୋଲି ଗଣମାଧମ ଏବଂ ଜବରଦଖଲକାରୀଙ୍କୁ ସୂଚନା ଦେଇ ଆଜି ନୋଟିସ ଜାରି କରିଛନ୍ତି। ସାନପଦର ସରପଞ୍ଚ, ସରକାରୀ ଅମିନ, ପୋଲିସ ଏବଂ ଗ୍ରାମବାସୀଙ୍କ ଉପସ୍ଥିତରେ ମାପହେବ ବୋଲି ସୂଚନା ରହିଛି। ପୂର୍ବରୁ ଏହି ବାବଦରେ ବହୁବାର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଦୀର୍ଘ ତିନିବର୍ଷ ହେବ ଏହି ସରକାରୀ ରାସ୍ତାର ମାପ ଚିହ୍ନଟ ଥରେ ହେଇଥିବା ବେଳେ ଜବରଦଖଲ ଉଚ୍ଛେଦ ହୋଇପାରୁ ନାହିଁ। ନୂତନ ତହସିଲଦାର ବିଜୟ କୁମାର ସେଠୀ ଯୋଗଦେବା ପରଠୁ ଏବେ ପୁନର୍ବାର ମାପ ଚିହ୍ନଟ ହୋଇ ଜବରଦଖଲ ଉଚ୍ଛେଦ କରି ଗ୍ରାମବାସୀଙ୍କୁ ରାସ୍ତା ପ୍ରଦାନ କରିବା ସହିତ ଏଠାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ତହସିଲଦାର ବିଜୟ ସେଠୀ କହିଛନ୍ତି। ଅପରପକ୍ଷେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁକ୍ରମେ ସରକାରୀ ରାସ୍ତାରୁ ଗଛ କଟାଯିବ ନଚେତ ସରପଞ୍ଚ ଓ ତହସିଲଦାର ଏହି ରାସ୍ତାରୁ ଗଛ କଟାଇବେ ବୋଲି ସୂଚନା ମଧ ରହିଛି। ତେଣୁ ଜବରଦଖଲକାରୀ ମାନେ ସେମାନେ ନିଜର ଅକ୍ତିଆରରେ ଥିବା ସ୍ଥାନକୁ ମୁକ୍ତ କରି ରାସ୍ତା ପ୍ରଦାନ କରିବେ ନଚେତ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ନୋଟିସ ଜାରି ହୋଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିନ ଡ଼ମୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସରୋଜିନୀ ପ୍ରଧାନ ୧୯୮୮ ମସିହାରେ କର୍ମମୟ ଜୀବନ ଆରମ୍ଭ କରି ୩୧-୦୭-୨୦୨୫ ତାରିଖରେ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପରିଚାଳନା କମିଟି ସଭାନେତ୍ରୀ ବବିତା ମହାନ୍ତି, ୱାର୍ଡ ସଭ୍ୟା ସୁମିତ୍ରା ବଳ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ଶକୁନ୍ତଳା ପଣ୍ଡା, ପ୍ରମିଳା ସାହୁ, ଚିତ୍ରା ମହାନ୍ତି, ଜଗବନ୍ଧୁ ଦାସ, ପ୍ରବୀଣ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଅଙ୍ଗନୱାଡ଼ି କର୍ମୀ, ଅଭିଭାବକ, ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଦୀର୍ଘ ୩୭ ବର୍ଷ ଧରି ଶିକ୍ଷକତାର ଅନୁଭୂତି ଉପରେ ବିଦାୟୀ ପ୍ରଧାନ ବକ୍ତବ୍ୟ ରଖି ଥିବା ବେଳେ, ସେ ଅତି ସରଳ, ନମ୍ର, ଛାତ୍ର ବତ୍ସଳ, ଭଦ୍ର ଓ ସହନଶୀଳତା ଭାବେ ପରିଚିତ ଥିଲେ ବୋଲି ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ମାନେ ପ୍ରଧାନଙ୍କ ଉପରେ ଗୁଣଗାନ କରିଥିଲେ। ତତ୍‌ସହିତ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ପରିଶେଷରେ ବିଦାୟୀ ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢ଼ୌକନ ଓ ବିଭିନ୍ନ ପ୍ରକାରର ଉପହାର ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀମାନେ ଅନେକ ଗୁଡ଼ିଏ ଉପହାର ପ୍ରଦାନ କରିଥିଲେ।

## ଷ୍ଟାଫ୍ କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଗୁରୁବାର ଦିନ ଅପରାହ୍ନ ୦୫.୩୦ ଘଟିକା ସମୟରେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା ଓ ଏହି ବୈଠକରେ ଜିଲ୍ଲାପାଳ ରଘୁରାମ୍ ଆର ଆୟର୍ ଅଧକ୍ଷତା କରିଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟିର ସଭାପତି ଶୈଳେନ୍ଦ୍ର ନାରାୟଣ ପଧାନ ସଭାପତିତ୍ୱ କରିଥିଲେ। ଅବସର ଗ୍ରହଣ କରିଥିବା ଗୋବିନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ଡ୍ରାଇଭରଙ୍କ ଅମାୟିକ ବ୍ୟକ୍ତିତ୍ୱ, ସରକାରୀ କାର୍ଯ୍ୟ ସମ୍ପାଦନର ପ୍ରତିବଦ୍ଧତା ସମସ୍ତ କର୍ମଚାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଷ୍ଟାଫ୍ କମିଟିର ସଭାପତି ଶୈଳେନ୍ଦ୍ର ନାରାୟଣ ପଧାନ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ୧୮.୦୨.୧୯୯୭ ରୁ ୩୧.୦୭.୨୦୨୫ ଦୀର୍ଘ ୨୮ ବର୍ଷ ସରକାରୀ ସେବା ମଧ୍ୟରୁ ୧୦ ବର୍ଷ ଧରି ଜିଲ୍ଲାପାଳଙ୍କ ଡ୍ରାଇଭର ଭାବେ ସେ ନିଷ୍ଠାର ସହ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଜିଲ୍ଲାପାଳ ପ୍ରଶଂସା କରିବା ସହ ସମସ୍ତ ଷ୍ଟାଫ୍ ମାନଙ୍କ ନିଷ୍ଠାପର ଭାବେ ଜନସାଧାରଣ ମାନଙ୍କୁ ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପରିସ୍ତ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ତାଙ୍କ ଉପରେ ନ୍ୟସ୍ତ ସରକାରୀ କାର୍ଯ୍ୟକୁ ନିଷ୍ଠା ଓ ନମ୍ରତାର ସହିତ ସମ୍ପାଦନ କରିଥିଲେ ବୋଲି ଶୁକାନ୍ତ କୁମାର ଜେନା ମତବ୍ୟକ୍ତ କରିଥିଲେ। ସରକାରୀ ସେବାକୁ ଅଗ୍ରାଧିକାର ଭିତ୍ତିରେ ଉପରିସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଆଇନ ଅନୁଯାୟୀ କାର୍ଯ୍ୟ କରିବା ସହ ସମସ୍ତଙ୍କୁ ଉତ୍ତମ ବ୍ୟବହାର ସହିତ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ସାହୁ ସମସ୍ତ କର୍ମଚାରୀମାନଙ୍କୁ ଉପଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ସାହୁଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ତାଙ୍କ ଅବସର ପରବର୍ତ୍ତୀ ଜୀବନ ସୁସ୍ଥ ଓ ନିରାମୟ କାମନା କରିଥିଲେ। ଏହି ଅବସରରେ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ଭାଗବତ ଗୀତା ପୁସ୍ତକ ସହ ବିଭିନ୍ନ ଉପହାର ଦେଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଳିକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଷ୍ଟାଫ୍ କମିଟିର ସଦସ୍ୟା/ ସଦସ୍ୟ ଉପସ୍ଥିତ ଥିଲେ ଓ ପରିଶେଷରେ ଷ୍ଟାଫ୍ କମିଟିର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।



# ଆମ କଳାହାଣ୍ଡି



## ବଦଳିଲା ହିଲ୍ ଟାଉନ୍ ଡେଭଲପମେଣ୍ଟ୍ କମିଟିର ରୂପରେଖ

### ଗଣେଶ ହେଲେ ସଭାପତି, ଦୁଃଖୀଶ୍ୟାମ ହେଲେ ସାଧାରଣ ସମ୍ପାଦକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସହର ଅନ୍ତର୍ଗତ ହିଲ୍ ଟାଉନ୍ (ପଶ୍ଚିମ)ର ଲେନ୍ ନଂ.୧ ଓ ଲେନ୍ ନଂ.୨ ବାସିନ୍ଦା ମାନଙ୍କୁ ନେଇ ୨୦୦୩ ମସିହା ଗଠିତ ହୋଇଥିବା 'ହିଲ୍‌ଟାଉନ୍ ଡେଭଲପମେଣ୍ଟ୍ କମିଟି'ର ସଂପ୍ରତି ପୁନର୍ଗଠନ କରାଯାଇ ନୂତନ କର୍ମକର୍ତ୍ତା ମନୋନୀତ କରାଯିବା ସହିତ ଦୁଇଟି ଲେନ୍ ବାସିନ୍ଦାଙ୍କ ସର୍ବାଙ୍ଗୀନ ଉନ୍ନତି ଓ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା ନିମନ୍ତେ ଉଦ୍ୟମ ଆରମ୍ଭ କରାଯାଇଛି। ଡେଭଲପମେଣ୍ଟ୍ କମିଟିର ପୂରାତନ କର୍ମକର୍ତ୍ତା ଓ ସଦସ୍ୟ ତଥା ନୂତନ ବୟୋଜ୍ୟେଷ୍ଠ ସଦସ୍ୟ ମାନଙ୍କୁ ନେଇ ହିଲ୍ ଟାଉନର ଅଙ୍ଗନୱାଡ଼ି କେନ୍ଦ୍ର ଠାରେ ଏକ ବୈଠକର ଆୟୋଜନ କରା ଯାଇଥିଲା। ଏହି ବୈଠକରେ ସଭାପତି ପ୍ରମୋଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ ଓ ଡେଭଲପମେଣ୍ଟ୍ କମିଟିକୁ ଏକ ଆଦର୍ଶ କମିଟିରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ରଖିଥିଲେ। ପୂରାତନ କର୍ମକର୍ତ୍ତା ଓ ନୂତନସଦସ୍ୟମାନଙ୍କ ପ୍ରସ୍ତାବ କ୍ରମେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଗଣେଶ ପଟ୍ଟନାୟକ, ଉପ ସଭାପତି ଭବାନୀ ଶଙ୍କର ପରିଚ୍ଛା, ସାଧାରଣ ସମ୍ପାଦକ ଦୁଃଖିଶ୍ୟାମ ପ୍ରଧାନ, ଯୁଗ୍ମ ସମ୍ପାଦକ କେ.ସୁନିଲ ଓ କୋଷାଧକ୍ଷ ଭାବେ ସଂଗ୍ରାମ କେଶରୀ ରଥଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟପକ୍ଷରେ କାର୍ଯ୍ୟକାରିଣୀ ସଭ୍ୟ ଭାବେ ସୁଜିତ କୁମାର ଦାସ, ଶିବ ପ୍ରସାଦ ପଣ୍ଡା, ଦୁର୍ଗା ପ୍ରସାଦ ରଥ, ବୀରଭଦ୍ର ବାଡତିଆ, ସୁରୁ ନନ୍ଦ, ଅରୁଣ ଭୋଇ ଓ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ଡାକ୍ତର ଭାରତବନ୍ଧୁ ପଣ୍ଡା, ପ୍ରମୋଦ କୁମାର ପଟ୍ଟନାୟକ, ଉମା ଶଙ୍କର ମୁଣ୍ଡ, ରବିନ୍ଦ୍ର ରାଉତ, ସରୋଜ ପାତ୍ର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ନୂତନ ସମ୍ପାଦକ ଦୁଃଖିଶ୍ୟାମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କମିଟିର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ବର୍ଷା ପାଇଁ ଇନ୍ଦ୍ରଦେବଙ୍କୁ ପୂଜା କଲେ ଚାଷୀ



ନର୍ଲା, (ଭାସ୍କର ନ୍ୟୁଜ୍) : ଚଳିତ ଖରିଫ୍ ଋତୁର ପ୍ରାରମ୍ଭରେ ଭଲ ବର୍ଷା ହେବା ଯୋଗୁଁ କଳାହାଣ୍ଡି ଜିଲ୍ଲା ନର୍ଲାବ୍ଲକ୍ ଅଧିନ ରୁପ୍ରା ସମେତ ମୁସ୍କୁଟି, କର୍ମେଗାଁ, ଗିଗିନା, ଟକର୍ଲା, ଭୀମକେଲା, ରୁପ୍ରାରୋଡ, ମାଣ୍ଡେଲ ଗ୍ରାମ ପଞ୍ଚାୟତ ଅଧିନ ସମସ୍ତ ଗ୍ରାମରେ ଚାଷୀ ମାନେ ତତ୍ପରତା ସହ କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ସେହିପରି ଧାନ ବୁଣାବୁଣି କରିବା ସହିତ ଧାନପଲା ପକାଇ ଥିଲେ। ସେହିପରି ଅର୍ଥକାରୀ ଫସଲ ଭାବରେ କପାଚାଷ ସହିତ ମକା ଓ ହରଡ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି ଶେଷ ହୋଇଥିଲା। ଏହିସବୁ ଅଞ୍ଚଳ ଅଣଜଳସେଚିତ ହୋଇଥିବା ବେଳେ ଇନ୍ଦ୍ର ଦେବତାଙ୍କ କୃପାହେଲେ ଚାଷ ହୋଇଥାଏ। ତେବେ ଧାନ ବୁଣିବାର ଦୁଇମାସ ପରେ ମଧ ଭଲ ବର୍ଷା ନହେବା ଯୋଗୁଁ ବୁଣା ହୋଇଥିବା ଧାନ ବେଉଷଣ ହୋଇନପାରି ଗଛ ବୁଢା ହେବା ସହ ହଳଦିଆ ଦେଖା ଯାଉଛି। ସ୍ୱଳ୍ପବୃଷ୍ଟି ଯୋଗୁଁ ଧାନ ଜମିରେ ଅନାବନା ଘାସ ମାଡି ଯାଇଛି। ତେବେ ସ୍ୱଳ୍ପବୃଷ୍ଟି ଯୋଗୁଁ କପା, ମକା ଓ ହରଡ ଫସଲ ଠିକ୍ ଥିବା ବେଳେ ଧାନ ଚାଷ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ଜମିରେ ଧାନ ରୁଆ ଓ ବେଉଷଣ ହୋଇଥିବା ଜଣାପଡ଼ିଛି। ଏଥିପାଇଁ ଚାଷୀ କୂଳ ଭଲ ବର୍ଷା ଆଶାରେ ଆଧ୍ୟାତ୍ମିକ ଭରସାରେ ରହି ଇନ୍ଦ୍ରପୂଜାର ଆୟୋଜନ କରୁଥିବା ଦେଖାଯାଏ। ରୁପ୍ରା ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ପୁରାଣ ପାଠ ଓ 'ଇନ୍ଦ୍ରପୂଜା' ବୁଧବାର ସକାଳୁ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଥିବା ବେଳେ ରୁପ୍ରା (ଖମ୍ବପଡା) ଶ୍ରୀ ବିଶେଶ୍ୱର ଶୈବପୀଠ ଠାରେ ଧ୍ୟାନମଗ୍ନରେ ଥିବା ଋଷ୍ୟଶୃଙ୍ଗ ଋଷିଙ୍କୁ ଆଣିବା ନିମନ୍ତେ ଶ୍ରଦ୍ଧାଳୁ ମାନେ ଯାଇଥିଲେ। ସେଠାରୁ ଋଷ୍ୟଶୃଙ୍ଗ ଋଷି ଆସି ଘୃତ ଆହୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂଜକ ଭାବରେ ପଣ୍ଡିତ ବୃନ୍ଦାବନ ମିଶ୍ର ଓ ଆଦିତ୍ୟ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜାକର୍ତ୍ତା ଭାବରେ ସମାଜସେବୀ ପ୍ରିୟରଞ୍ଜନ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଋଷ୍ୟଶୃଙ୍ଗ ଋଷି ଭାବରେ ରଜନୀକାନ୍ତ ମିଶ୍ର ରହିଥିଲେ । ଜଗନ୍ନାଥ ମନ୍ଦିର ପୂଜକ ବିନୋଦ ବିହାରୀ ମିଶ୍ର ପୁରାଣ ପାଠ କରିଥିଲେ। ରୁପ୍ରା ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ମହେଶ୍ୱର ସାହୁ, ସମ୍ପାଦକ ଗୌରଚନ୍ଦ୍ର ଭୋଇ ନାଏବ ସରପଞ୍ଚ ଚନ୍ଦ୍ରମଣି ଗୌଡଙ୍କ ସମେତ ଗ୍ରାମବାସୀ ଓ ମହିଳା ମାନେ ସହଯୋଗ କରିଥିଲେ।

## ବ୍ଲକ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ନିଯୁକ୍ତି, ଶିକ୍ଷକଙ୍କୁ ମୋବାଇଲ ଫୋନ ପ୍ରଦାନ, ନେଟ ପ୍ୟାକ୍, କମ୍ପୁଟର ଶିକ୍ଷକ ପ୍ରଭୃତି ଭିତ୍ତିଭୂମି ପୂରଣ ନ ହେବା ପର୍ଯ୍ୟନ୍ତ ୟୁଏଏସ୍ (ୟୁନିଫାଏଡ଼ ଅଟୋମେସନ ସିଷ୍ଟମ) ଲାଗୁ ନ କରାଯାଉ ବୋଲି ଶିକ୍ଷକ ସଂଘ ଦାବି କରିବା ସହ ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧୀ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାଶ, ଉପ ସଭାନେତ୍ରୀ ତୁଳାମତି ସାହୁଙ୍କ ସମେତ ସଂଘର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଅଭିଯୁକ୍ତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଜଣେ ନାବାଳିକାକୁ ଦୁଷ୍କର୍ମ ଓ ଅପହରଣ ଅଭିଯୋଗ ମାମଲାର ଶୁଣାଣି କରି ପୋକ୍‌ସୋ ସ୍ୱତନ୍ତ୍ର ବିଚାରପତି ରାଜୀବ ଲୋଚନ ସାହୁ ଅଭିଯୁକ୍ତ ଦୁଷ୍ମନ୍ତ ନିଆଲଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଯୋଗ୍ୟ ଗତ ୨୦୨୫ ମସିହା ମାର୍ଚ୍ଚ ମାସ ୧୨ ତାରିଖରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ଅପହରଣକୁ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସେତେବେଳେ ଏହି ଘଟଣାଟି ବେଶ୍ ଚର୍ଚ୍ଚାର ବିଷୟ ହୋଇ ଥିଲାବେଳେ ସଦର ଥାନା ପୋଲିସ ଅଭିଯୁକ୍ତ ଦୁଷ୍ମନ୍ତ ନିଆଲକୁ ଗିରଫ କରି ଭାରତୀୟ ନ୍ୟାୟ ସଂହିତାର ଧାରା ୧୩୭ (୨), ଧାରା ୬୪ (୨)(ଏମ୍), ଧାରା ୬୫ (୧) ଏବଂ ପୋକ୍‌ସୋ ଆଇନର ଧାରା ୬ ଅନୁଯାୟୀ କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ରାଜିବ ଲୋଚନ ସାହୁ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ଦୁଷ୍ମନ୍ତ ନିଆଲଙ୍କ ପକ୍ଷରୁ ଆଇନଜୀବୀ ପ୍ରକାଶ ଚନ୍ଦ୍ର ସାହୁ ମାମଲା ପରିଚାଳନା କରୁଥିଲେ ବୋଲି ଜଣାପଡିଛି।

## ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ ପାଳନ ଉପଲକ୍ଷେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାଧୀନତା ଦିବସ ଉତ୍ସବ ମହାସମାରୋହରେ ପାଳନ କରିବା ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ସରକାରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କର ପୂର୍ଣ୍ଣ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ନିମନ୍ତେ ଆଲୋଚନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ତା. ୧୪.୦୮.୨୦୨୫ ମଧ୍ୟ ରାତ୍ରିରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ମଶାଲ ଶୋଭାଯାତ୍ରା, ତା. ୧୫.୦୮.୨୦୨୫ ପ୍ରାତଃ ୪:୩୦ ସମୟରେ ସହରରେ ରାମଧୁନ ପରିବେଷଣ, ସକାଳ ୭:୩୦ ସମୟରେ ସମସ୍ତ ସରକାରୀ/ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମାଲ୍ୟାର୍ପଣ, ସ୍ଥାନୀୟ ଲାଲ୍ ବାହାଦୁର ଷ୍ଟାଡିୟମ ଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ୯:୧୫ ସମୟରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଜିଲ୍ଲାସ୍ତରୀୟ ପ୍ୟାରେଡ ଉତ୍ସବ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗୀତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଜିଲ୍ଲା ଚିକିତ୍ସାଳୟ, ଜିଲ୍ଲା କାରାଗାର, ରେଡକ୍ରସ ଦିବ୍ୟାଙ୍ଗ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ ଠାରେ ରକ୍ତଦାନ ଶିବିର, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଶିକ୍ଷାବିତ୍, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ ବୈଠକର କାର୍ଯ୍ୟସୂଚୀ ପଠନ କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ କାମୁଡ଼ାରେ ବ୍ୟବସାୟୀଙ୍କ ମୃତ୍ୟୁ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସରଗୁଲ ମାଲପଡ଼ା ଗ୍ରାମ ପଞ୍ଚାୟତର ବାଗବୁରାଇ ଗ୍ରାମର ସୁରେଶ ସାହୁଙ୍କୁ ସାପକାମୁଡ଼ାରେ ମୃତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ରାତିରେ ଶୋଇଥିବା ଅବସ୍ଥାରେ କଲେର ସାପ କାମୁଡିଥିଲା କିନ୍ତୁ ବ୍ୟକ୍ତି ଜଣକ ଜାଣି ପାରି ନଥିଲେ। କିଛି ସମୟ ଗଲାପରେ ଦେହ ଅସୁସ୍ଥ ହେବାରୁ ତାଙ୍କୁ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ତାଙ୍କ ଅବସ୍ଥା ସଙ୍କଟପନ୍ନ ହେବାରୁ ବଲାଙ୍ଗୀର ଭୀମଭୋଇ ହସ୍ପିଟାଲକୁ ସ୍ଥାନନ୍ତର କରିଥିଲେ। କିନ୍ତୁ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ଓ ଏ ଖବର ଶୁଣିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କ୍ରୀଡା ସାମଗ୍ରୀ କିଣାରେ ଦୁର୍ନୀତି : ଭିଜିଲାନ୍ସ ଟିମର ଚଢ଼ାଉ



ଧର୍ମଗଡ଼/ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବଳଦିଆମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଦିନ କଳାହାଣ୍ଡି ଭିଜିଲାନ୍ସ ଟିମ ଚଢ଼ାଓ କରିଛି। ସୂଚନା ଥାଉ କି ବିଗତ ନବୀନ ସରକାରଙ୍କ ସମୟରେ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଗ୍ରାମାଞ୍ଚଳରେ କ୍ରୀଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଖେଳାଳିଙ୍କୁ ପ୍ରୋତ୍ସାହନ ଯୋଗେଇବା ପାଇଁ ସରକାର ପ୍ରତି ପଞ୍ଚାୟତକୁ ୨ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ଦେଇଥିଲେ। ଜୁନାଗଡ଼ ବ୍ଲକର ୩୪ଟି ପଞ୍ଚାୟତକୁ ପ୍ରାୟ ୮୩ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ହେଲେ କିଛି ପଞ୍ଚାୟତରେ ଫେକ ବିଲ କରିଥିବା ବେଳେ କିଛି ପଞ୍ଚାୟତରେ ନିମ୍ନମାନର ଖେଳ ସାମଗ୍ରୀ କିଣିଥିବା ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। । ଅଭିଯୋଗକୁ ଭିତ୍ତି କରି କଳାହାଣ୍ଡି ଭିଜିଲାନ୍ସର ଏକ ଟିମ ମଙ୍ଗଳବାର ଦିନ ବଣିଜରା, ମାଟିଗାଁ, ତଳ ଜାରିଙ୍ଗ ପଞ୍ଚାୟତରେ ଚଢ଼ାଉ କରିଥିବା ବେଳେ ବୁଧବାର ବଳଦିଆମାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅଚାନକ ଚଢ଼ାଉ କରିଥିବା ସୂଚନା ମିଳିଛି। ଭିଜିଲାନ୍ସ ହାତରେ ଅନେକ କ୍ରୀଡା ସାମଗ୍ରୀ ମଧ ଠାବ ହୋଇଥିବା ନଜିର ଆସିଛି। ତେବେ କ୍ରୀଡ଼ା ସାମଗ୍ରୀ କିଣାରେ ଦୁର୍ନୀତି ହୋଇଛି ନା ନାହିଁ ତାହା ଏବେ ତଦାରଖ ଭିତରେ ରହିଥିବା ସୂଚନା ମିଳିଛି। ଜୁନାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ ଚଢ଼ାଉ ହେବା ସମ୍ଭାବନା ଥିବା ବେଳେ ଗ୍ରାମପଞ୍ଚାୟତ ମାନଙ୍କରେ ଛନକା ପସିଛି।

### ଅଭିଭାବକ ଶିକ୍ଷକ, ପରିଚାଳନା କମିଟି ବୈଠକ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ସରକାର ବାଳିକା ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ବୈଠକ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କେସିଙ୍ଗା ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଝସକେତନ ସାହୁ ଯୋଗଦାନ କରି ଗୁଣାତ୍ମକ ଓ ସମନ୍ୱିତ ସାମଗ୍ରିକ ବିକାଶରେ ସୁସ୍ଥ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଉପସ୍ଥିତ ପିତାମାତା, ଅଭିଭାବକ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶିବ ପ୍ରସାଦ ସାହୁ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ବିଷୟ ବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର

- ୟୁଏଏସ୍ ବନ୍ଦ କରିବାକୁ ଦାବି
- ସମସ୍ତ ପ୍ରାଥମିକ ଶିକ୍ଷକ ମାନଙ୍କୁ ବିନା ଓଟିଇଟିରେ ପଦୋନ୍ନତି
- ପ୍ରାଥମିକ ଶିକ୍ଷକ ମାନଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନଥାଇ ୟୁଏଏସ୍ ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟିର ଅଭାବ ବୋଲି ଦାବି କରିଛି କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ। ପ୍ରକାଶ ଥାଉ କି କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ଓସେପା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ୟୁଏଏସ୍ ପ୍ରଚଳନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯଥା –ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ ପ୍ରଦାନ, ନେଟ ପ୍ୟାକ, କମ୍ପ୍ୟୁଟର ଶିକ୍ଷକ ନ ଯୋଗାଇବା ପର୍ଯ୍ୟନ୍ତ ୟୁଏଏସ୍ ପ୍ରଚଳନ ନିଷ୍ପତିକୁ ସ୍ଥଗିତ ରଖିବା ପାଇଁ ଦାବି କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶିଶୁ ବାଟିକା ପାଇଁ ଶ୍ରେଣୀଗୃହ ଅଭାବ, ଅଣ ଶିକ୍ଷାଦାନ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ଉପରେ ବୋଝ। ଏତଦ୍ ବ୍ୟତୀତ ଓଡିଶା ପ୍ରାଥମିକ ବିଦ୍ୟାଳୟ ସମୂହକୁ ଆକଳନ କଲେ ଜଣାଯାଏ ଯେ ସମଗ୍ର ରାଜ୍ୟରେ ୬୦% ବିଦ୍ୟାଳୟରେ ୪୦ ରୁ ୫୦ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସରକାରୀ ନିୟମ ଅନୁଯାୟୀ ଅନ୍ୟୁନ ଗୋଟିଏ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ରହନ୍ତି। ଏଭଳି ମଧ ବିଦ୍ୟାଳୟ ଅଛି ଯେଉଁଥିରେ ୩୦୦ ରୁ ୭୦୦ ପର୍ଯ୍ୟନ୍ତ ମଧ ପିଲା ଅଛନ୍ତି। ସେଠାରେ ମଧ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି। ଏହି ପରିସ୍ଥିତିରେ ୟୁଏଏସ୍ ଲାଗୁ କରିବା ଆଦୌ ସମ୍ଭବ ନୁହେଁ। ଏଣୁ ନିବେଦନ ତୁରନ୍ତ ବିଭିନ୍ନ ବର୍ଗର ପଦବୀକୁ ପୂରଣ କରିବା ସହିତ ଶିକ୍ଷକମାନଙ୍କୁ ବୋଝ ମୁକ୍ତ କରାଇଲେ ୟୁଏଏସ୍ ତଥା ଶିଶୁ ବାଟିକା ବ୍ୟବସ୍ଥା ସାକାର ହୋଇପାରିବ। ଯେ ପର୍ଯ୍ୟନ୍ତ ଉପଯୁକ୍ତ ଭିତ୍ତିଭୂମି ନ କରାଯାଇଛି, ୟୁଏଏସ୍ ବନ୍ଦ କରିବାକୁ ଗୋଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରମେଶ କୁମାର ସାହୁ ଓ ସଂପାଦକ ସୁନିଲ କୁମାର ଖାନସମା ପୁନର୍ବାର ସରକାରଙ୍କୁ ଅନୁରୋଧ କରୁଛନ୍ତି। ନଚେତ୍ ପରବର୍ତ୍ତୀ ସମୟରେ ଶିକ୍ଷକ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ଏଥିରେ ସନ୍ଦେହ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ଧାରଣା





ନର୍ଲା, (ଭାସ୍କର ନ୍ୟୁଜ) : ନର୍ଲା ବ୍ଲକ୍ ଗିଗିନା ଗ୍ରାମ ପଞ୍ଚାୟତ ଅଧିନ ଶ୍ରୀପୁର୍ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରିଜଣ ଶିକ୍ଷକ (ପ୍ରଧାନଶିକ୍ଷକ ଫକୀର ମହାନନ୍ଦ, ସହ ଶିକ୍ଷକ ମୋହନ ସାହୁ, ଶିକ୍ଷୟତ୍ରୀ ସରିତା ରାଉତରାୟ ଓ ସସ୍ମିତା ନାୟକ) ଥିବାବେଳେ ବାଲ୍ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ କିଛିଦିନ ତଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫକୀର ମହାନନ୍ଦଙ୍କୁ ଅନ୍ୟତ୍ର ବଦଳି ହୋଇଥିବାରୁ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଛାତ୍ରଛାତ୍ରୀ, ଅଭିଭାବକ ତଥା ଗ୍ରାମବାସୀ। ଗିଗିନା ସରପଞ୍ଚ ସୁଧାମୟୀ କୁମାର, ବିଜେପିର ପୂର୍ବ ମଣ୍ଡଳ ସଭାପତି କିର୍ତ୍ତୀଚନ୍ଦ୍ର ମାହାର, ଛାତ୍ରଛାତ୍ରୀ, ପରିଚାଳନା କମିଟିର କର୍ମକର୍ତ୍ତା ତଥା ଗ୍ରାମବାସୀ ମାନଙ୍କ କହିବା ଅନୁସାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫକୀର ମହାନନ୍ଦଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ନଥାଇ କାହିଁକି ବଦଳି କରାଗଲା। ଶ୍ରୀ ମହାନନ୍ଦ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ ଯୋଗଦାନ କରିବା ପରେ ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ବହୁତ ଉନ୍ନତି ହୋଇଛି। ତାଙ୍କୁ ଆକ୍ରୋଶ ମୂଳକ ଭାବେ ବଦଳି କରାଯାଇଛି। ଏଣୁ ଉକ୍ତ ବଦଳିକୁ ବାତିଲ୍ କରାଯାଇ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଦାବି ନେଇ ସୋମବାର ଦିନ ଛାତ୍ରଛାତ୍ରୀ ମାନେ ସ୍କୁଲ୍ ଗେଟରେ ତାଲା ମାରି ପ୍ଲା କାର୍ଡ୍ ଧରି ଧାରଣାରେ ଗେଟ୍ ସମ୍ମୁଖରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଆମର ପ୍ରଧାନ ଶିକ୍ଷକ ଆମକୁ ଫେରେଇ ଦିଅ' ବୋଲି ଛାତ୍ରଛାତ୍ରୀ ମାନେ ନାରାବାଜି କରିଥିଲେ। ସେହିପରି ଛାତ୍ରଛାତ୍ରୀ ମାନଙ୍କ ଧାରଣାକୁ ସମର୍ଥନ କରି ଗିଗିନା ପଞ୍ଚାୟତର ସରପଞ୍ଚ ସୁଧାମୟୀ କୁମାର, ବିଜେପି ପୂର୍ବ ମଣ୍ଡଳ ସଭାପତି କିର୍ତ୍ତୀଚନ୍ଦ୍ର ମାହାର, ପରିଚାଳନା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ପଧାନ, ସଭ୍ୟ ରାମବିଲାସ ପଧାନ, ଶମ୍ଭୁଶଙ୍କର ପଧାନ, ସଭ୍ୟା ନମିତା ନାଏକ, ରତିକା ମାଝୀ, ସୁଭଦ୍ରା କୁମାର ଓ ସୂର୍ଯ୍ୟକାନ୍ତୀ ଘିଭେଲା, ଅଭିଭାବକ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଖବର ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ଓ ଏବିଇଓ ଗୋବର୍ଦ୍ଧନ ମାଝୀ ପାଇବା ପରେ ଦିନ ୧୨ଟାରେ ପହଞ୍ଚିଥିଲେ। ସେହିପରି ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପଲମ ଫାଣ୍ଡିରୁ ପୋଲିସ୍ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ବିଇଓ ଶ୍ରୀ ଜାନୀ ବହୁତ୍ ବୁଝାଇବା ପରେ ମଧ ଧାରଣାରୁ ଛାତ୍ରଛାତ୍ରୀ ମାନେ ଉଠି ନଥିଲେ। ତେବେ ଘଟଣା ବାବଦରେ ଲିଖିତ ଆକାରରେ ଦେବାପାଇଁ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ କହିବା ପରେ ଦୁଇଟି ଦରଖାସ୍ତ ବିଇଓଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଘଟଣାର ଶିଘ୍ର ସମାଧାନ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ବିଇଓ ଶ୍ରୀ ଜାନୀ କହିବା ପରେ ଅପରାହ୍ନ ୧ଟା ସମୟରେ ଛାତ୍ରଛାତ୍ରୀ ମାନେ ଗେଟ୍ ଖୋଲି ବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ସେହିପରି ସାତଦିନ ମଧ୍ୟରେ ଘଟଣାର କୌଣସି ସମାଧାନ ନହେଲେ ପୁଣି ଥରେ ତାଲାବନ୍ଦ୍ ଚେତାବନୀ ଦେଇଛନ୍ତି।

## ରାଶିଫଳ

ଶୁକ୍ରବାର, ୦୧ ଅଗଷ୍ଟ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଦିନଟି ଭଲ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ।




**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ। ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଚିନ୍ତିତ ରହିବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**ସିଂହ:** ମାନସିକ ଟେନ୍‌ସନ୍ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ।



**କନ୍ୟା:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



**ତୁଳା:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। କାର୍ଯ୍ୟ ସହିତ କଠିନ ପରିଶ୍ରମ ପରେ ଭଲ ଫଳାଫଳ ହାସଲ ହେବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ ସକାରାତ୍ମକ ରହିବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ। ଆପଣଙ୍କ ପ୍ରିୟ କିଛି ବିଷୟରେ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଆଳି (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ସଡ଼କ ନିରାପତ୍ତା ବୈଠକ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ରବୀନ୍ଦ୍ର କୁମାର ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, ରାସ୍ତା ଓ କୋଠାବାଡି ବିଭାଗ (୧) ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଜେନା, ଘରୋଇ ବସ ସଂଘର ଆର.ଆର ଦାସ, ଓଡିଶା ରାଜ୍ୟ ସଡକ ପରିବହନର ଆସିଷ୍ଟାଣ୍ଟ ମ୍ୟାନେଜର ଶଶୀକାନ୍ତ ସାହୁ,ଡିଏସପି ଟ୍ରାଫିକ ଲକ୍ଷ୍ମୀ ନାରାୟଣ ଓଝା,କେନ୍ଦ୍ରାପଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜାତୀୟ ରାଜପଥ ସୁଜିତ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ )ଡ.ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବୈଠକରେ ମତ ରଖିଥିଲେ । ବୈଠକରେ ଦ୍ରୁତ ଗାଡି ଚାଳନା, ଓଭର ଲୋଡିଂ, ହେଲମେଟ ଚେକିଂ, ହମ୍ପ୍ ନିର୍ମାଣ, ସାଇନ ବୋର୍ଡ ଇତ୍ୟାଦି ବିଷୟରେ ଆଲୋଚନା ହେବା ସହିତ ଜନସାଧାରଣ ଭୟ ନ କରି ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଛି । ବିଦ୍ୟାଳୟ, ମହାବିଦ୍ୟାଳୟ ବ୍ୟତୀତ ସାଧାରଣ ଜନତାଙ୍କୁ ସଡକ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଅନିୟମିତ ଗାଡି ଚାଳକଙ୍କ ପ୍ରତି ଦୃଷ୍ଟି ରଖି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପରିବହନ ବିଭାଗର ସୂଚନା ମୁତାବକ ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ ମାସ ମଧ୍ୟରେ ଦ୍ରୁତ ଗାଡି ଚାଳନା ପାଇଁ ୩୮୨ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ।

# ଦୁର୍ଘଟଣାରେ ୩ ଆହତ

ବୋଲଗଡ଼(ଭାସ୍କର ନ୍ୟୁଜ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବାଘମାରୀ-ବେଗୁନିଆ ମଧ୍ୟରେ ଗୋଟିଏ ପିକ୍ଅପ୍ ନିକଟରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ କାର ଚାଳକ ସହ ବାଇକ ଆରୋହୀ ଦୁଇ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ କର୍ମଚାରୀଙ୍କ ସହଯୋଗରେ ଉଦ୍ଧାର କରି ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ପରେ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ପୋଲିସ ହେପାଜତରେ ରହିଛିବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି ।

# ବ୍ରାହ୍ମଣୀରେ ବନ୍ୟା ସ୍ଥିତି ଗମ୍ଭୀର

## ■ ଗାଁକୁ ପଶିଲା କୁମ୍ଭୀର, ଲୋକେ ଆତଙ୍କିତ

ଆଳି (ଭାସ୍କର ନ୍ୟୁଜ): ବ୍ରାହ୍ମଣୀ ନଦୀ ବନ୍ୟାରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କୋଡିନ୍ଦ୍ରିହ ପଞ୍ଚାୟତର ବିଜଳନଗର, ତଅଁଳାଡିହା, ବିଡିଆରା, ଇଛାପୁର, ଜାମୁଦଣ୍ଡା ଗ୍ରାମର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ତେବେ କୁମ୍ଭୀରକୁ ଗାଁ ରାସ୍ତାରେ ଦେଖି ଲୋକମାନେ ଆତଙ୍କିତ ଅବସ୍ଥାରେ ଘରୁ ପଦାକୁ ବାହାରିବା ପାଇଁ ଭୟ କରୁଛନ୍ତି । ମୁଖ୍ୟତଃ ପଞ୍ଚାୟତର ଗ୍ରାମର ମୁଖ୍ୟ ରାସ୍ତା ଉପରେ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାବେଳେ ଗ୍ରାମବାସୀମାନେ ଇଛାପୁର ରାସ୍ତା ଦେଇ ଯାତାୟାତ କରୁଥିଲେ। କିନ୍ତୁ ଚିନ୍ତାର ବିଷୟ ବନ୍ୟା ଜଳସ୍ତର ବୃଦ୍ଧି ପାଇବା ହେତୁ ସେହି ରାସ୍ତା କିଛି ସ୍ଥାନରେ ବୁଡ଼ିଯାଇ ରାସ୍ତା ଉପରେ ଜଳ ପ୍ରବାହିତ ହେବାକୁ ଲାଗିଛି । ବୁଡ଼ି ଯାଇଥିବା ସେହି ସ୍ଥାନ ମଧ୍ୟରୁ ମଙ୍ଗଳା ମନ୍ଦିର ନିକଟରେ ରେ ଆଜି ସନ୍ଧ୍ୟାରେ ଏକ ବଉଳା କୁମ୍ଭୀର ଭାସୁଥିବାର ଦେଖି ଲୋକମାନେ ଆତଙ୍କିତ ଅବସ୍ଥାରେ ଘରୁ ପଦାକୁ ବାହାରୁ ନ ଥିବା ଦେଖିବାକୁ ମିଳିଛି । ସୂଚନା ସୂତ୍ରରୁ ପ୍ରକାଶ ଯେ ଗତ ଜୁନ ମାସ ତଅଁଳାଡିହା ଗ୍ରାମର କୈଳାଶ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦) ଖରସ୍ରୋତା ନଦୀ ସହିତ ସଂଲଗ୍ନ ତଅଁଳାଡିହା ପାନିଆ ନାମକ




ଜୋରକୁ ଗାଧୋଇବାକୁ ଯାଇ ଗାଧୋଇ ସାରିବା ପରେ ଲୁଗା ସଫା କରୁଥିବା ସମୟରେ ତାଙ୍କୁ କୁମ୍ଭୀର ଆକ୍ରମଣ କରିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

# ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ

- ◆ ତଞ୍ଚକତା କରି ହାତେଇଲେ, ଆରମ୍ଭରୁ ଝୁଣ୍ଟିଲେ
- ◆ ପ୍ୟାକେଟ୍ରେ ନାହିଁ ମାନୁଫାକ୍ଚରିଂ ତାରିଖ

କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ୧୪ ଗୋଟି ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ଶିଶୁ, କିଶୋରୀ ଓ ମାତୃତ୍ୱ ଲାଭ କରିଥିବା ମା'ମାନଙ୍କୁ ଯୋଗାଉଛନ୍ତି ଛତୁଆ ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀ। କଣ୍ଟାପଡା ବ୍ଲକରେ ଛତୁଆ ଦେଉଥିବା ସଂସ୍ଥା ଠାରୁ ତଞ୍ଚକତା କରି ଛଡ଼ାଇଲେ ଓ ଟେଣ୍ଡରରେ ଗୋଟିଏ ଏସଏଚ୍‌ଜି ଗ୍ରୁପ ଭାଗ ନେଇ ଟେଣ୍ଡର ହାତେଇଥିବା ବେଳେ ସମ୍ପୃକ୍ତ ଏସଏଚ୍‌ଜି ଗ୍ରୁପକୁ ଦାୟିତ୍ୱ ହସ୍ତାନ୍ତର କରାଗଲା। ଛତୁଆ ପ୍ରସ୍ତୁତି ନିମନ୍ତେ ପାଇଥିବା ଏସଏଚ୍‌ଜି ଗ୍ରୁପ ଟେଣ୍ଡରରେ ଥିବା ବିଭିନ୍ନ ସର୍ତ୍ତ ଗୁଡ଼ିକୁ ପାଳନ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଏମିତକ ଟେଣ୍ଡର ପକାଇବାରେ ଯେଉଁ ନିୟମ ରହିଥିଲା ତାହା ମଧ ସମ୍ପୃକ୍ତ ଏସଏଚ୍‌ଜି ଗ୍ରୁପରେ ନାହିଁ। ଏହା ସତ୍ୱେ କିଭଳି ସମ୍ପୃକ୍ତ ଗ୍ରୁପ କୁ ଟେଣ୍ଡର ଦିଆଗଲା। ଏବେ ଛତୁଆ ଯୋଗାଉଥିବା ସଂସ୍ଥା ପ୍ରସ୍ତୁତି ସମୟର ତାରିଖ ପକାଉନାହିଁ। ରଙ୍ଗ ବେରଙ୍ଗର ଜରିରେ ଟଲିରେ ଷ୍ଟିକର ପକାଇ ଛତୁଆ ବଦଳରେ ଚୋକଡ଼ ଭଳି ନିମ୍ନମାନର ଖାଦ୍ୟ ଯୋଗାଉଥିବା ଅଭିଯୋଗ




ହେଉଛି।ସମ୍ପୃକ୍ତ ସଂସ୍ଥା କେଉଁଠି ପ୍ରସ୍ତୁତ କରୁଛି ଓ ଏହି ଛତୁଆ ତିଆରି କରୁଥିବା ସଂସ୍ଥାକୁ କିଏ ତଦାରଖ କରୁଛି ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହେଉଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ସାଂସଦପ୍ରତିନିଧି ଓ ବିଜେପିକର୍ମୀ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବିଜେପି ପକ୍ଷରୁ ବୁଧବାର ରଘୁନାଥପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଗଗନ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ପ୍ରଭଞ୍ଜନ ମଲ୍ଲିକ,ସରିତ ମହାପାତ୍ର, ନିର୍ମଳ ମହାପାତ୍ର,ଗଣେଶ୍ୱର ସାହୁ, ପ୍ରଭାତ ପଣ୍ଡା,ସୌମ୍ୟରଞ୍ଜନ ଭୂୟାଁ, ଶୁଭେନ୍ଦୁ ଦାସ, ଅଜୟ ସ୍ୱାଇଁ, ଜ୍ଞାନେନ୍ଦ୍ର ସ୍ୱାଇଁ,ବିନୋଦବିହାରୀ ପଟ୍ଟନାୟକ, ହିମାଂଶୁ ପ୍ରଧାନ, ଅଜୟ ସାହୁ, ଅମୂଲ୍ୟ ମଲ୍ଲିକ, ଦିପ୍ତିରଞ୍ଜନ ସାହୁ, ବିଶ୍ୱଜିତ ସ୍ୱାଇଁ, ମନୋଜ ରାଉତ,ପ୍ରମୁଖ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳାଇଙ୍କ ସହ ବିଭିନ୍ନ ସମସ୍ୟା ବୁଝିବା ସହିତ ରୋଗୀମାନେ କିପରି ସହଜ ଓ ସୁବିଧା ରେ ସେବା ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ଗ୍ରିଲ୍ ଭାଙ୍ଗି ସାମ୍ବାଦିକଙ୍କ ବାଇକ୍ ନେଇଗଲେ ଦୁର୍ବୃତ୍ତ

ଗୋପ (ଭାସ୍କର ନ୍ୟୁଜ୍): ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଗୋପ ଥାନା ନିକଟସ୍ଥ ଜୈନିକ ସାମ୍ବାଦିକଙ୍କ ଘର ଗ୍ୟାରେଜ ଗ୍ରିଲ୍ ଭାଙ୍ଗି କେହି ଦୁର୍ବୃତ୍ତ ତାଙ୍କର ଏକ ୟୁନିକନ୍ ଗାଡି ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗୋପ ଥାନା ନିକଟସ୍ଥ ଜୈନିକ ସାମ୍ବାଦିକ ସଚ୍ଚିଦାନନ୍ଦ ଗୋଚ୍ଛାୟତ ପ୍ରତିଦିନ ପରି କାଲି ରାତିରେ ତାଙ୍କ ବାଇକ୍ ନମ୍ବର ଓଆର୦୨ଏପି ୪୦୭୩କୁ ତାଙ୍କ ଘର ଗ୍ୟାରେଜରେ ରଖି ଶୋଇଥିଲେ । ସକାଳୁ ଉଠି ଦେଖନ୍ତି ତ ଗ୍ୟାରେଜ ଗ୍ରିଲ୍ ଭାଙ୍ଗି କେହି ଦୁର୍ବୃତ୍ତ ତାଙ୍କ ବାଇକ୍‌କୁ ଚୋରି କରିନେଇଯାଇଛି। ଚାରିଆଡ଼େ ଖୋଜାଖୋଜି କରି ନପାଇବାରୁ ସେ ଏନେଇ ଗୋପ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ଗାଡିର କୌଣସି ପତ୍ତା ମିଳିନାହିଁ। ଏଠାରେ ସୂଚନା ଥାଉକି କିଛିଦିନ ହେଲା ଗୋପ ଥାନା ଅଞ୍ଚଳରେ ଚୋରି, ଡକାୟତି, ରାହାଜାନୀ ସହ ଛେଳି ମେଣ୍ଢା ଚୋରି ବୃଦ୍ଧି ପାଇବାରେ ଲାଗିଛି। ହେଲେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି।

# ୯ଲକ୍ଷ ଟଙ୍କାର ସୁନା ଗହଣା ସହ ନଗଦ ୧ଲକ୍ଷ ଟଙ୍କା ଚୋରି ଅଭିଯୋଗ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ଥାନା ଅନ୍ତର୍ଗତ ଶେଖ୍ ସରାଇ ଗାଁର ସତ୍ୟନାରାୟଣ ମହାନ୍ତିଙ୍କ ଘରୁ ଦିନ ଦ୍ୱିପ୍ରହରରେ କବାଟ ତାଲା ଓ ଲୁହା ହୁକ୍ ଭାଙ୍ଗି ଚୋରି ହୋଇଥିବା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଶ୍ରୀ ମହାନ୍ତି ବାଲେଶ୍ୱରରେ ଚାକିରୀ କରୁଥିବାରୁ ଆଜି ସକାଳ ୭ଟାରେ ଯାଇଥିବାବେଳେ ଦୁଇପୁତ୍ର ମଧ୍ୟ ବାଲେଶ୍ୱରରେ ଅବସ୍ଥାନ କରୁଛନ୍ତି । ଆଜି ତାଙ୍କ ସ୍ତ୍ରୀ ରୀତାରାଣୀ ମହାନ୍ତି ନିକଟସ୍ଥ ବାପଘରକୁ ୧୨ଟା ସମୟରେ ଖାଇବାକୁ ଯାଇଥିବାବେଳେ ଘରେ କେହି ନଥିଲେ । ସେ ଅପରାହ୍ନ ୪ଟାରେ ଘରକୁ ଫେରି କବାଟ ଚାବି ଭଙ୍ଗାଯାଇଥିବା, ଲୁହା ହୁକ୍ ଭଙ୍ଗାଯିବା ସହିତ ସମସ୍ତ ଆଲମାରୀ ଭଙ୍ଗା ଅବସ୍ଥାରେ ପଡିଥିବା ଦେଖି ପୋଲିସ୍‌କୁ ଖବର ଦେଇଥିଲେ । ନଗଦ ୧ଲକ୍ଷ ଟଙ୍କା ସହିତ ପ୍ରାୟ ୯ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ କେତେକ ରୂପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଜଳେଶ୍ୱର ପୋଲିସ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ବେଳେ ଦିନ ଦ୍ୱିପ୍ରହରରେ ଏପରି ଚୋରି ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି ।

# ବସ୍‌ଷ୍ଟାଣ୍ଡ ରାସ୍ତା ଅବସ୍ଥା ଶୋଚନୀୟ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ବସଷ୍ଟାଣ୍ଡ ରାସ୍ତା ମରଣାନ୍ତକ ସାଜି ବିପଦକୁ ସ୍ୱାଗତ କରୁଛି। ଜାତୀୟ ରାଜପଥ ୩୫୩ରୁ ବସ ଷ୍ଟାଣ୍ଡ ଯିବା ରାସ୍ତା ଅତି ଶୋଚନୀୟ ଅବସ୍ଥାରେ। ରାସ୍ତାରେ ମେଟାଲ ଉପୁଡି ଖାଲ ଖମାଲରେ ଭର୍ତ୍ତି ସହ କାଦୁଅ ପାଣି ଜମି ରହିଛି। ଫଳରେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ସାଧାରଣ ଜନତାଙ୍କୁ। ଯାତ୍ରୀବାହୀ ବସ୍ ବିପଦକୁ ଧରି ଖାଲରେ ଯିବା ଆସିବା କରୁଛି। ପ୍ରତ୍ୟେକ ଦିନ ଛୋଟ ବଡ ଘଟଣା, ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଏକ ସାର୍ବଜନୀନ ରାସ୍ତା ଅଟେ। ସାର୍ବଜନୀନ ରାସ୍ତାର ଅବସ୍ଥା ଦେଖି ଏନ୍ଏସି କର୍ତ୍ତୃପକ୍ଷ ମଧ ଦୃଷ୍ଟି ଦେଉନାହାନ୍ତି। ଯେଉଁଠି ଦରକାର ନାହିଁ ସେହି ଜାଗା ରେ ରାସ୍ତା ଚକାଚକ ହେଉଥିବାବେଳେ ସାର୍ବଜନୀକ ଜାଗାର ରାସ୍ତା ବେହାଲ। କିଏ କହୁଛି ଖଡ଼ିଆଳ ଏନ୍ଏସିକୁ ରାଜ୍ୟ ସରକାର ଅନୁଦାନ ଦେଉନାହାନ୍ତି, ଆଉ କିଏ କିଏ କହୁଛନ୍ତି ଯେଉଁଠି ରାସ୍ତା ଦରକାର ଅଛି ସେଇଠି ରାସ୍ତା କାମ ନ ହୋଇ ଅନ୍ୟ ଜାଗାମାନଙ୍କରେ ରାସ୍ତା ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ କାର୍ଯ୍ୟନିର୍ବାହୀ



ଅଧିକାରୀ ଖଡ଼ିଆଳ ଏନଏସି ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ଶୂନ୍ୟ ଶୂନ୍ୟରେ ଚାଲିଛି ଖଡ଼ିଆଳ ଏନଏସି। ମୁଁ ଜାଣିଛି ଖଡ଼ିଆଳ ଏନଏସିର ରାସ୍ତାଘାଟ ଅତି ଶୋଚନୀୟ ହେଲେ ମୋ ହାତରେ କିଛି ନାହିଁ। ଚେୟାରମ୍ୟାନ ସହ କଥା ହେଉଛି ବୋଲି କହିଥିଲେ। ଏହି ରାସ୍ତା ସ୍ପଷ୍ଟ ଭାବେ ପରିଚୟ ଦେଉଛି ଯେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ କିଭଳି ଭାବେ ଅଛି ବୋଲି। ତେଣୁ ସର୍ବସାଧାରଣରେ ଦାବିହେଉଛି ଯେ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ।

# ଜଳିଆପଡ଼ା ଗ୍ରାମ୍ୟ ବିବାଦ ଆପୋଷ ସମାଧାନ

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ଜଳିଆପଡା ଗ୍ରାମେର କିଛିଦିନ ହେଲା ଏକ ପୋଖରୀ ପୋତାକୁ ନେଇ ବିବାଦ ଲାଗିରହିବା ତାହା ଉତଜନା ପ୍ରକାଶ ପାଇବା ଜେଣ ଯୁବକର କାରକୁ ପୋଡଦେବା, ପାନୀୟଜଳ ଯୋଗାଣ ହେଉଥିବା ପାଇପିକୁ କାଟଦେବାକୁ ନେଇ ଧିରେ ଧିରେ ଗ୍ରାମେର ଉତଜନା ବଢିବାକୁ ଲାଗିଥିଲା । ପ୍ରକାଶ ଥାଉକି ଉକ୍ତ ଗ୍ରାମେର ଥିବା ମା ମଙ୍ଗଳାଙ୍କ ପୀଠ ରାଜ୍ୟର ପର୍ଯ୍ୟଟନସ୍ଥଳ ଭାବେ ମାନ୍ୟତା ପାଇବା ପ୍ରେତକ ପୂଜାପାବର୍ଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମେର ଓଡିଶାର ବିଭିନ୍ନ ପାନ୍ତରରୁ ହଜାର ହଜାର ଭକ୍ତ ସମାଗମ ହେଉଥିବା ଗ୍ରାମବାସୀ ଚଳିବା ପାଇଁ ରାସ୍ତା ନ ଥିବା, ପୋଖରୀ ନ ଥିବାକୁ ନେଇ ତିବ୍ର ବିବାଦ ଲାଗିରହିଥିଲା। ଆଜି କଣାସ ତହସିଲଦାର ହେମାଂଶଶେଖର ଗିରିଙ୍କ ଅଧ୍ୟକ୍ଷତାରେ ତହସିଲ କାର୍ଯ୍ୟାଳୟ ସଭାଗୃହେର ଏକ ବୈଠକ ବସିଥିଲା। ଏହି ବୈଠକେର କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀପ୍ରସାଦ ଲେଙ୍କା, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ପଞ୍ଚାୟତ ସମିତି ଉପାଧକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ଅଂଚଳର ସମାଜେସବୀ ହାଡିବନ୍ଧୁ ପାଢୀ, ଶ୍ରୀକାନ୍ତ ପ..ଯୋଷୀ, ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସଂଜୟ କୁମାର ଭୋଳ, ସମାଜେସବୀ ହରିବନ୍ଧୁ ଭୋଳ, କାହ୍ନୁ ଜୟସିଂହ, ଜଳିଆପଡା ମା ମଙ୍ଗଳାଙ୍କ କାଳେସୀ ସୁରେନ୍ଦ୍ର



ପଣ୍ଡା, ଜଳିଆପଡା ଓ୍ୱାର୍ଡ ସଭ୍ୟ ଶ୍ୟାମସୁନ୍ଦର ମହାରଣା ଓ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ। ଉଭୟ ପକ୍ଷଙ୍କ ବୟାନ ଶୁଣିବା ପେର କାଳେସୀ ଶ୍ରୀପଣ୍ଡା ଓ ଗ୍ରାମବାସୀମାନେ ଏକତ୍ରିତ ଗ୍ରାମେର ବସି ଗ୍ରାମର କିପରି ଉନ୍ନତି ହେବ ଓ ମା ମଙ୍ଗଳାଙ୍କ ପୀଠ କିପରି ଚଳଚଞ୍ଚଳ ହୋଇ ଉଠିବ ସେଥିପାଇଁ ଅଲୋଚନା କରିବାକୁ ସରକାରୀ ଅଧିକାରୀ ଓ ଭଦ୍ରବ୍ୟକ୍ତିମାନେ କହିବାପେର କାଳେସୀ ଗ୍ରାମବାସୀଙ୍କ ସହିତ ବସି ଅଲୋଚନା କରି ସମସ୍ତ କାର୍ଯ୍ୟ ସହମତୀ ରେ କରିବାପାଇଁ ସୂଚନା ଦେବାପେର ଉଭୟ ପକ୍ଷଙ୍କ ମଧ୍ୟେର ମିଳାମିଶା ହୋଇଥିଲା।

# ୨ରେ ଡାକସେବା ବନ୍ଦ

ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ମୁଖ୍ୟ ଡାକ ଘର ସମେତ ଏହାର ଅଧୀନରେ ଥିବା ସମସ୍ତ ଉପ ଡାକ ଘର ଓ ଶାଖା ଡାକ ଘର ଆସନ୍ତା ୨ ଅଗଷ୍ଟ ଶନିବାର ଦିନ ସମସ୍ତ ଡାକ ସେବା ବନ୍ଦ ରହିବ । କେନ୍ଦ୍ରାପଡ଼ା ଡାକ ମଣ୍ଡଳର ଡାକ ଅଧିକ୍ଷକ ଦେବ ପ୍ରସାଦ ଶତପଥୀଙ୍କ ସୂଚନା ମୁତାବକ, ପୂର୍ବରୁ ବ୍ୟବହାର କରାଯାଉଥିବା ସାପ ସଫ୍ଟୱେର ବଦଳରେ ଡାକ ବିଭାଗ ନିଜସ୍ୱ ଜ୍ଞାନକୌଶଳରେ ଆଇଟି ୨.୦ ସଫ୍ଟୱେର ପ୍ରଚଳନ କରିବାକୁ ଯାଉଛି । ଆସନ୍ତା ୪




ଅଗଷ୍ଟରେ ଏହି ସଫ୍ଟୱେର କେନ୍ଦ୍ରାପଡ଼ା ମୁଖ୍ୟ ଡାକଘର ସମେତ ଏହାର ଅନ୍ତର୍ଗତ ସମସ୍ତ ଉପ ଡାକଘର ଏବଂ ଶାଖା ଡାକ ଘରରେ ପ୍ରଚଳିତ କରିବାକୁ ବିଭାଗ ନିର୍ଦ୍ଦେଶନାମା ଜାରୀ କରିଛି । ଏ ନେଇ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ପକ୍ଷରୁ ସମସ୍ତ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି । ଆସନ୍ତା ୪ ଅଗଷ୍ଟ ରୁ ଆଇଟି ୨.୦ ସଫ୍ଟୱେର କାର୍ଯ୍ୟକ୍ଷମ ହେବ । ଏଣୁ ବିଭାଗର ନିର୍ଦ୍ଦେଶକ୍ରମେ ବୈଷୟିକ କାରଣରୁ ଆସନ୍ତା ୨ ଅଗଷ୍ଟ ଅର୍ଥାତ ଶନିବାର ଦିନ ଡାକ ସେବା ବନ୍ଦ ରହିବ । ଜନସାଧାରଣ ସମେତ ସମସ୍ତ ଗ୍ରାହକ,ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ସହଯୋଗ କରିବାକୁ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ତରଫରୁ ଅନୁରୋଧ କରାଯାଇଛି ।

# କେବେ ଚାଲୁ ହେବ ମସିଣାଯୋଡି ଜଳ ପ୍ରକଳ୍ପ ?

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ବିନିଦା ପଞ୍ଚାୟତ ମସିଣାଯୋଡ଼ି ହାଟ ପଡ଼ିଆ ଛକ ନିକଟରେ ଥିବା ଆରଡବ୍ଲୁଏସ୍ଏସ୍ ଜଳ ପ୍ରକଳ୍ପଟି ଆଜକୁ ତିନି ମାସ ହେବ ବନ୍ଦ ହେବା ଯୋଗୁଁ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ସ୍ଥାନୀୟ ମହାନ୍ତ ସାହି, ଜୁଆଙ୍ଗ ସାହି, ମୁଣ୍ଡା ସାହି, ଗୋପାଳ ସାହିର ଶତାଧିକ ପରିବାର ପିଇବା ପାଣି ପାଇଁ ତହଳ ବିକଳ ହୋଇ ଏଣୁତେଣୁ ପାଣି ଯୋଗାଡ କରି ବିକଳରେ ଚଳିବାକୁ ପଡୁଛି। ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ବାଧ ହୋଇ ପରିତ୍ୟକ୍ତ ଭଗ୍ନ କୂପରୁ ପାଣି ପିଉଛନ୍ତି ଲୋକେ। ନିକଟରେ ନୂତନ ଭାବେ ବୋରୱେଲ ଖୋଳାଯାଇଛି। ମାତ୍ର ଆଜକୁ ତିନି ମାସ ବିତି ଯାଇଥିଲେ ସୁଦ୍ଧା ସେଥିରେ ଲାଇନ୍ ସମସ୍ୟା ତୁଟୁନଥିବାରୁ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀଗଣ ତୁରନ୍ତ ପ୍ରକଳ୍ପ ଚାଲୁକରାନଗଲେ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଦାବି କରାଯିବ ବୋଲି ଗ୍ରାମର ଓ୍ୱାର୍ଡମେମ୍ବର କ୍ଷେତ୍ରବାସୀ ବାରିକ, ମଧୁ ମୁଣ୍ଡା, ଚନ୍ଦ୍ର ମୁଣ୍ଡା, ଖଟୁଆ ଜୁଆଙ୍ଗ, ଚନ୍ଦ୍ର ଜୁଆଙ୍ଗ, ମଦନା ଜୁଆଙ୍ଗ, କୁନା ଜୁଆଙ୍ଗ, ଅର୍ଜୁନା ଜୁଆଙ୍ଗ, ଈଶ୍ୱର ଜୁଆଙ୍ଗ, କ୍ଷେତ୍ର ମହାନ୍ତ, ଗିରିଧାରୀ ମହାନ୍ତ, ସୁନି ମହାନ୍ତ, ପ୍ରତାପ ମହାନ୍ତ, ଜାଗା ବାରିକ, ଦିପୁ ବାରିକ, ଶୁଭବ୍ରତ ବାରିକ, କରୁଣାକର ବାରିକ, ଭାଗବତ ପରିଡ଼ା, ଶରତ ବାରିକ ଦାବି କରିବେ ବୋଲି କହିଛନ୍ତି।



# ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହେଲେ ପୂର୍ବତନ ଜିଲ୍ଲାପାଳ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରିର ପୂର୍ବତନ ଜିଲାପାଳ ମନିଷ ଅଗ୍ରୱାଲ ଓ ଅନ୍ୟ ୩ ଜଣ ଅଭିଯୁକ୍ତ ବୁଧବାର ମାଲକାନଗିରି ଏସ୍‌ଡିଜେଏମ୍ ଙ୍କ କୋର୍ଟରେ ହାଜର ହୋଇଥିଲେ। ଏହି କେସ୍‌କୁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟକୁ ସ୍ଥାନାନ୍ତର ପାଇଁ ଦିନଧାର୍ଯ୍ୟ ହୋଇଥିଲା। ମନିଷଙ୍କ ସମେତ ଭି.ବେଣୁ ଓ ଭଗବାନ ପାଣିଗ୍ରାହୀ ହାଜର ହୋଇଥିଲେ। ଏସ୍‌ଡିଜେଏମ୍ ମାମଲାର ଶୁଣାଣି ଲାଗି ଉକ୍ତ କେସ୍‌କୁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟକୁ ସ୍ଥାନାନ୍ତର କରାଯାଇଥିବା ରାୟ ଶୁଣାଇଥିଲେ। ସୂଚନା ଅନୁଯାୟୀ, ତତ୍କାଳୀନ ଜିଲାପାଳ ଶ୍ରୀ ଅଗ୍ରୱାଲ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କର ପିଏ ଦେବ ନାରାୟଣ ପଣ୍ଡା ୨୦୧୯ଡିସେମ୍ବର ୨୭ ରେ ନିଖୋଜ ହୋଇଯାଇଥିଲେ। ନିଖୋଜର ଦିନକ ପରେ ତାଙ୍କର ମୃତଦେହ ସତୀଗୁଡା ଡ୍ୟାମରୁ ଉଦ୍ଧାର କରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିବା ବେଳେ ତାଙ୍କ ସ୍ତ୍ରୀ ବନଜା ପଣ୍ଡା ବର୍ଷକ ପରେ ଜିଲାପାଳ ମନିଷ ଓ ଅନ୍ୟ ୩ ଜଣ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପରିବାର ପକ୍ଷରୁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୱାନ୍‌ସିସି ମାମଲା ରୁଜୁ କରାଯାଇଥିଲା ।

# ଚାରାରୋପଣ ଅଭିଯାନ-୨୦୨୫

# 'ମା ପାଇଁ ଗଛଟିଏ-୨.୦' କାର୍ଯ୍ୟକ୍ରମ

ବାରିପଦା(ଭାସ୍କର ନ୍ୟୁଜ୍): ବାରିପଦାସ୍ଥିତ ରିଜର୍ଭ ପୋଲିସ ପ୍ୟାରେଡ ପଡିଆ ଠାରେ ଜିଲ୍ଲା ଆରକ୍ଷୀ ବିଭାଗ ଏବଂ ଜିଲ୍ଲା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ ଅଭିଯାନ-୨୦୨୫ (ମା' ପାଇଁ ଗଛଟିଏ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗ ଦେଇଥବାବେଳେ ସମ୍ମାନିତ ଅତିଥି ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ଏହି ପବିତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଗୁଣ୍ଟୁପାଲ୍ଲୀ କହିଥିଲେ ଯେ ଏହି ବୃକ୍ଷରୋପଣ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୟୁରଭଞ୍ଜକୁ ଏକ ସବୁଜ ସୁନ୍ଦର ଜିଲ୍ଲା ଭାବେ ଗଢିବା ତୋଳିବା ସହିତ ସ୍ୱାସ୍ଥ୍ୟ ଉପଯୋଗୀ ସୁନ୍ଦର ପରିବେଶ ସୃଷ୍ଟି କରିବା। ସେହିପରି ବନଖଣ୍ଡ ଅଧିକାରୀ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନରେ ସାରା ଭାରତ ବର୍ଷକୁ ସବୁଜ ବଳୟ ଭିତରେ ରଖି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଜାରି ରହିଛି। ଏବର୍ଷ ୭୬ ତମ ବନ ମହୋତ୍ସବ ଅବସରରେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଚାଲିଛି। ବୃକ୍ଷରୋପଣର



ମୁଖ୍ୟ ଲକ୍ଷ୍ୟ ହେଉଛି ଜଙ୍ଗଲ ସୃଷ୍ଟି ସହିତ ଉତ୍ତମ ପରିବେଶ ସୃଷ୍ଟି କରିବା। ବଞ୍ଚିବା ପାଇଁ ପ୍ରାଣୀ ଜଗତର ମୌଳିକ ଆବଶ୍ୟକତା ଅମ୍ଳଜାନ ବୃକ୍ଷ ହିଁ ଯୋଗାଇ ଥାଏ। ଏନ୍ତୁଡ଼ି ଶାଳରୁ ଜୁଇ ପର୍ଯ୍ୟନ୍ତ କାଠର ଆବଶ୍ୟକତା ବିଷୟରେ ସମସ୍ତେ ଜାଣିଥିବେ। ତେଣୁ ପ୍ରକୃତିକୁ ସଂରକ୍ଷଣ କରି ଶକ୍ତି ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ।ଏହା ଛଡା ଯଦି ଧର୍ମ ଆଧାରରେ ବିଚାର କରିବା ତେବେ ଆମେ ବୃକ୍ଷକୁ 'ବୃକ୍ଷ ଦେବୋ ଭବ' ବୋଲି କହି ତୁଳସୀ, ବେଲ, ବର,ଅଶ୍ୱସ୍ତ ଅଶୋକା,ଅଁଳା ଆଦି ବିଭିନ୍ନ ବୃକ୍ଷକୁ ପୂଜା କରିଥାଉ। ପ୍ରତ୍ୟେକ ଲୋକର ଜନ୍ମ ସହିତ ଗୋଟିଏ ରାଶି ରହିଥାଏ ଏବଂ କେଉଁ ରାଶିର ଲୋକ କେଉଁ ଗଛ ଲଗାଇଲେ ଏହାର ପ୍ରଭାବରେ ତା'ଙ୍କ ଜୀବନର ଗତିପଥ ସୁଗମ ହୋଇଥାଏ ସେ ବିଷୟରେ ଉପସ୍ଥାପନ କରିଥିଲେ ।ସେହିପରି ପରିବେଶବିତ୍ ଶ୍ୟାମ ସୁନ୍ଦର ଦାଶ, ଗଛଟିଏ ଲଗାଇବା ସହିତ ଗଛଟିକୁ ବଞ୍ଚାଇ ରଖିବା ପାଇଁ ଉପଯୁକ୍ତ ଯତ୍ନ ସହ ଏହାର ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ସୁନ୍ଦର ବାୟୁମଣ୍ଡଳ ସୃଷ୍ଟି କରିବା ପାଇଁ ଗଛ ଲଗାଇବା ତଥା ପରିବେଶକୁ ଦୂଷିତ ନକରିବା ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତେ ସାମୂହିକ ଶପଥ ପାଠ କରିଥିଲେ। ଏହାପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଅନ୍ୟାନ୍ୟମାନଙ୍କ ଦ୍ୱାରା ରିଜର୍ଭ ପୋଲିସ ପଡିଆ ପରିସରରେ କିଛି ବୃକ୍ଷରୋପଣ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ ବିଭାଗର ଓ ବନ ବିଭାଗର ବିଭିନ୍ନ ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନେକ ସମାଜସେବୀ, ପରିବେଶବିତ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ତିନିଦିନିଆ ଗଣଧାରଣା ଶେଷ

କେନ୍ଦୁଝର(ଭାସ୍କର ନ୍ୟୁଜ୍):ଆଜି ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ପକ୍ଷରୁ ଚାଲିଥିବା ତିନି ଦିନିଆ ଗଣଧାରଣା ସାମୟିକ ଭାବେ ସମାପ୍ତ ହୋଇଛି। ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏହି ଗଣଧାରଣା ଚାଲିଥିଲା ଜିଲ୍ଲା ସାରାରୁ ବୁଦ୍ଧିଜୀବୀ ଆସି ଏଥିରେ ସାମିଲ ହୋଇଥିଲେ। ଉଦ୍ଦେଶ୍ୟ ଥିଲା ଜିଲ୍ଲାର ସ୍ୱାଭିମାନ ତଥା ଅସ୍ମିତା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ଥିତି ରକ୍ଷା କରି ପୂର୍ବ ଗୌରବ ଫେରାଇ ଆଣିବା। ସୁରକ୍ଷା ମଞ୍ଚ ଆଜି ଗଣଧାରଣ ବନ୍ଦ କରିଥିଲେ ମଧ ଜିଲ୍ଲାର ସ୍ୱାଭିମାନ ରକ୍ଷା ଲାଗି ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ରକ୍ଷା ଲାଗି ଜିଲ୍ଲା ସାରାର ସବୁ କଲେଜ ଯାଇ ପିଲାଙ୍କୁ ବୁଝାଇବା ସହ ବିଭିନ୍ନ ଅଂଚଳରେ ଏହି କଥା ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ପୁରୁଣା ବଜାରର ସୁଲେଇ ଖମାରରେ ବିଶ୍ୱବିଦ୍ୟାଳୟ କୋଠା ଓ ଜମିରେ ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ଥାୟୀ ମୁଖ୍ୟ ଦପ୍ତର ଅବିଳମ୍ବେ ଖୋଲିବାକୁ ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ବିଭିନ୍ନ ନାଗରିକ କମିଟି ସହଯୋଗରେ ଶ୍ରୀ ବଳଦେବ ଜୀଉ ମନ୍ଦିର ସାମନାରେ ଗଣଧାରଣା କରିବ ବୋଲି ନିଷ୍ପତ୍ତି ଆଜି ଦୋହରାଇଛି। ତେବେ ସେଥିଲାଗି ସୁରକ୍ଷା ମଞ୍ଚ ଅଗଷ୍ଟ ୩ ଓ ୬ ତାରିଖକୁ ସତର୍କତା ସହ ଅପେକ୍ଷା କରିଛି ଧରଣୀଧର କଲେଜକୁ ମାଗଣା ଜମି ଦାନ କରିଥିବା ଲୋକଙ୍କୁ ନେଇ କଲେଜ ସମ୍ମୁଖରେ ନିଜ ପ୍ରିୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ରକ୍ଷା ଲାଗି ମଧ ଗଣଧାରଣା ଦେବ ବୋଲି ସୂଚନା ମିଳିଛି। ସେଥିଲାଗି ବିଭିନ୍ନ ରାଜନୈତିକ ଦଳ,ଛାତ୍ର ସଂଗଠନ, ଗଣ ସଂଗଠନ ଆଗେଇ ଆସିବାକୁ ସୁରକ୍ଷା ମଞ୍ଚର ଆବାହକ ଚକ୍ରଧର ସାହୁ ଆହ୍ୱାନ ଦେଇଛନ୍ତି। ଆଜି ଗଣ ଧାରଣା ନ୍ୟାୟ ମଞ୍ଚରେ ସଭାର ସଂଯୋଜନା ତଥା ପରିଚାଳନା ବରିଷ୍ଠ ସଦସ୍ୟ ଭରତ ପାତ୍ର କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ନିରଞ୍ଜନ ବାରିକ, ସତ୍ୟନାରାୟଣ ମିଶ୍ର,ଆଲୋକ ମିଶ୍ର, ଆଶିଷ ଚକ୍ରବର୍ତ୍ତୀ, ପ୍ରାଚୀବାଳା ସାହୁ, ସଂଗୀତା ସିଂହ, କୃଷ୍ଣଚନ୍ଦ୍ର ମହାନ୍ତି,ମାଧବ ସର୍ଦ୍ଦାର,ଡ. ବନବିହାରୀ ମିଶ୍ର,ଦିଲୀପ କୁମାର ସାହୁ,ଡ. କ୍ଷୀରୋଦ ଚନ୍ଦ୍ର ମିଶ୍ର,ନବ କିଶୋର ସାହୁ,ଲାଲ ମୋହନ ରାଉତ,ଦୀପକ ରାଜ,ସତ୍ୟଜିତ ମିଶ୍ର,ଶରତ ଚନ୍ଦ୍ର ପାତ୍ର ରମେଶ ମହାନ୍ତ,ବାବାଜୀ ପାତ୍ର,ସୁପାଇ ମୁର୍ମୁ,ଇଂ ପ୍ରଶାନ୍ତ ଦଳେଇ ଆଦି ନିଜ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ,ଅଧ୍ୟାପକ ରଞ୍ଜନ ପଣ୍ଡା, ପ୍ରତିଭା ମଞ୍ଜରୀ ନାୟକ,ରେବତୀ ସାହୁ, ପୂର୍ଣ୍ଣ ଦାସ,ଅଲେଖ ପାତ୍ର, ଜନାର୍ଦ୍ଦନ ନାୟକ,ସଞ୍ଜୟ ସାହୁ ଆଦି ଉପସ୍ଥିତ ରହିଥିଲେ।

# ମୁଦୁଲିପଡ଼ା ଓ ଅନନ୍ତ୍ରାହାଲର ହାଲଚାଲ ବୁଝିବେ ମୁଖ୍ୟମନ୍ତ୍ରୀ



ଖଇରପୁଟ(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଗସ୍ତ କାର୍ଯ୍ୟକ୍ରମ ରହିଛି । ଖଇରପୁଟ ବ୍ଲକ ଅଧୀନ ମୁଦୁଲିପଡ଼ା ଓ ଅଣ୍ଡରାହାଲ ବୁଲିବେ। ଏହି ଅଞ୍ଚଳରେ ଥିବା ୩୨ଟି ଗାଁର ଲୋକଙ୍କର ହାଲଚାଲ ବୁଝିବେ । ବଣ୍ଡାଘାଟିର ଯୁବତୀ ଚମ୍ପା ଧାଙ୍ଗଡ଼ା ମାଝିର ଅନୁରୋଧ ରକ୍ଷା କରି ମୁଖ୍ୟମନ୍ତ୍ରୀ ମାଲକାନଗିରି ଆସିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଲକାନଗିରି ଜିଲ୍ଲାକୁ ଏପର୍ଯ୍ୟନ୍ତ ୨ ଥର ଗସ୍ତ କରିଛନ୍ତି। ବନ୍ୟା ସମୟରେ ବନ୍ୟାଞ୍ଚଳ ବୁଲିଛନ୍ତି। ମାଲ୍ୟବନ୍ତ ଉତ୍ସବରେ ମଧ ଶ୍ରୀ ମାଝୀ ଯୋଗ ଦେଇଛନ୍ତି। ଆକାଂକ୍ଷା ହାଟ କାର୍ଯ୍ୟକ୍ରମ ଅଭିଯାନରେ ଚମ୍ପା ଧାଙ୍ଗଡ଼ା ମାଝୀ ଭୁବନେଶ୍ୱର ଜାଇଥିଲେ। ସେ ବଣ୍ଡା ଘାଟିର ଝିଅ ହୋଇଥିବା ହେତୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଫଟୋ ଉଠାଇଥିଲେ ଓ ଦିନେ ବଣ୍ଡାଘାଟିକୁ ଯିବା ପାଇଁ ଚମ୍ପା ଧାଙ୍ଗଡାମାଝୀଙ୍କୁ କଥା ମଧ ଦେଇଥିବାର ସୂଚନା ମିଳିଛି। ମାଲକାନଗିରିର ତତକାଳୀନ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ପଚାରିଥିଲେ ସେ କେତେଥର ବଣ୍ଡାଘାଟି ଯାଇଛନ୍ତି। ବଣ୍ଡାଘାଟିରେ ରାସ୍ତାଘାଟ କେମିତି ଅଛି ସେନେଇ ଜିଲ୍ଲାପାଳଙ୍କ ଠାରୁ ଅବଗତ ହୋଇଛନ୍ତି । ପଛୁଆ ଅଞ୍ଚଳର ବିକାଶ ନେଇ ଗଣମାଧମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବିଭିନ୍ନ ଥର ରାସ୍ତା ଖରାପ ଥିବାହେତୁ ଭାରରେ ରୋଗୀ ବୋହିବା ର ଦୃଶ୍ୟ କାହିଁକି ଦେଖିବାକୁ ମିଳୁଛି ତାହା ପ୍ରତି ତୁରନ୍ତ ଏହାର ସମାଧାନ କରାଯିବ ବୋଲି ଶ୍ରୀ ମାଝୀ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି ଓ ଏହାକୁ ପ୍ରାଥମିକତା ଦିଆଯାଉ ଏବଂ ରାସ୍ତା ମରାମତିର ତୁରନ୍ତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।